# ଧରିତ୍ରୀ DHARITRI

52 Years

ଭୁବନେଶ୍ୱର, ସୋମବାର, ଫେବୃଆରୀ ୧୬/୨୦୨୬ (୧୪ ପୃଷ୍ଠା) | Bhubaneswar, Monday, February 16/2026 | Page 14 | ₹ 7.00 | BERHAMPUR

୫୨ଶ ଭାଗ ୮୪ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 52 ISSUE 84 | ମୂଲ୍ୟ ₹୭/-






ନେପାଳର କାଠମାଣ୍ଡୁଠାରେ ୨୬୩ତମ ସେନା ଦିବସ ଏବଂ ମହାଶିବରାତ୍ରି ପାଳନ ଅବସରରେ ନେପାଳୀ ସେନାର ଜଣେ ପାରାଟ୍ରୁପର ଆକାଶଛତା ସାହାଯ୍ୟରେ ଖସୁଛନ୍ତି।

# ଆଜି ଇଣ୍ଡିଆ ଏଆଇ ଇମ୍ପାକ୍ଟ ପ୍ରଦର୍ଶନୀ ଉଦ୍‌ଘାଟନ କରିବେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ,୧୫।୨(ପି.ଟି.)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋମବାର ଅପରାହ୍ଣ ୫ଟାରେ ଦିଲ୍ଲୀର ଭାରତ ମଣ୍ଡପମ୍‌ଠାରେ ଇଣ୍ଡିଆ ଏଆଇ ଇମ୍ପାକ୍ଟ ଏକ୍ସପୋ ୨୦୨୬କୁ ଉଦ୍‌ଘାଟନ କରିବେ। ଏହା ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି। କାର୍ଯ୍ୟରେ କୃତ୍ରିମ ବୁଦ୍ଧିମତ୍ତା (ଏଆଇ)ର ଜାତୀୟ ପ୍ରଦର୍ଶନ ଭାବେ ଉକ୍ତ ପ୍ରଦର୍ଶନୀ କାର୍ଯ୍ୟ କରିବ, ଯେଉଁଠି ସରକାରୀ ନୀତି କାଗଜପତ୍ରରେ ନ ରହି କାର୍ଯ୍ୟକାରୀ ହେବା ସହ ନୂତନ ଚିନ୍ତାଧାରା ସାରା ଦେଶରେ ଲାଗୁ ହେବ ଏବଂ ଆଧୁନିକ ପ୍ରଯୁକ୍ତି ବିଦ୍ୟା ପ୍ରତ୍ୟେକଙ୍କ ନିକଟରେ ପହଞ୍ଚିବ। ୭୦,୦୦୦ ବର୍ଗଫୁଟ୍‌ରୁ ଅଧିକ ସ୍ଥାନରେ ଅନୁଷ୍ଠିତ ହେବାକୁ ଥିବା ଏହି ପ୍ରଦର୍ଶନରେ ବୈଶ୍ୱିକ ପ୍ରଯୁକ୍ତିବିଦ୍ୟା କମ୍ପାନୀ, ଷ୍ଟାର୍ଟଅପ୍, ଶିକ୍ଷାବିତ୍ ଓ ଗବେଷଣା ପ୍ରତିଷ୍ଠାନଗୁଡ଼ିକ ଭାଗନେବେ। ଏଥିସହିତ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ମନ୍ତ୍ରଣାଳୟ ଏବଂ ଅନ୍ତର୍ଜାତୀୟ ସହଯୋଗୀମାନେ ଉପସ୍ଥିତ ରହିବେ। ଏକ୍ସପୋରେ ୧୩ଟି ଦେଶର ମଞ୍ଚ ରହିବ, ଯେଉଁଠି ଏଆଇ ବ୍ୟବସ୍ଥାରେ ଅନ୍ତର୍ଜାତୀୟ ସହଯୋଗ ପ୍ରଦର୍ଶନ କରଯିବ। ସେହି ଦେଶଗୁଡ଼ିକ ମଧ୍ୟରେ ଅଷ୍ଟ୍ରେଲିଆ, ଜାପାନ, ରୁଷିଆ, ବ୍ରିଟେନ, ଫ୍ରାନ୍ସ, ଜର୍ମାନୀ, ଇଟାଲୀ, ନେଦରଲାଣ୍ଡସ୍, ସୁଇଜରଲାଣ୍ଡ, ସର୍ବିଆ, ଇଷ୍ଟୋନିଆ, ତାଜିକିସ୍ତାନ ଏବଂ ଆଫ୍ରିକା ରହିଛନ୍ତି। ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କ ବରିଷ୍ଠ ସହଯୋଗୀ ମାକ୍ସିମ୍ ଓରେଷ୍କିନ୍ ଏକ ବୃହତ୍ ପ୍ରତିନିଧି ଦଳର ନେତୃତ୍ୱ ନେଇ ଏଆଇ ଇମ୍ପାକ୍ଟ ସମିଟ୍‌ରେ ସାମିଲ ହେବେ ବୋଲି ଜଣାପଡ଼ିଛି।

# ଏପ୍ରିଲରୁ କାର୍ଯ୍ୟକାରୀ ହୋଇପାରେ ଭାରତ-ବ୍ରିଟେନ୍ ମୁକ୍ତ ବାଣିଜ୍ୟ ଚୁକ୍ତିନାମା

ନୂଆଦିଲ୍ଲୀ,୧୫।୨(ପି.ଟି.)

ଗତବର୍ଷ ଜୁଲାଇରେ ସ୍ୱାକ୍ଷରିତ ହୋଇଥିବା ଭାରତ-ବ୍ରିଟେନ୍ ମୁକ୍ତ ବାଣିଜ୍ୟ ଚୁକ୍ତିନାମା ଆସନ୍ତା ଏପ୍ରିଲରୁ କାର୍ଯ୍ୟକାରୀ ହୋଇପାରେ ବୋଲି ସରକାରୀ ସୂତ୍ରରୁ ଜଣାପଡ଼ିଛି। ଜୁଲାଇ ୨୪ରେ ଭାରତ ଏବଂ ବ୍ରିଟେନ୍ ବିସ୍ତୃତ ଅର୍ଥନୀତି ଓ ବାଣିଜ୍ୟ ଚୁକ୍ତିନାମା (ସିଇଟିଏ)ରେ ସ୍ୱାକ୍ଷର କରିଥିଲେ। ତଦନୁଯାୟୀ ଭାରତୀୟ ରପ୍ତାନିର ୯୯ ପ୍ରତିଶତ ବ୍ରିଟେନ୍‌ରେ ବିନା ଶୁଳ୍କରେ ପ୍ରବେଶ କରିବ। ସେହିପରି ବ୍ରିଟେନରୁ ଆସିବାକୁ ଥିବା କାର୍, ହ୍ୱିସ୍କି ସମେତ ଅନ୍ୟାନ୍ୟ ସାମଗ୍ରୀ ଉପରେ ଭାରତ ଶୁଳ୍କ ହ୍ରାସ କରିବ।

ଏଥିସହିତ ଅସ୍ଥାୟୀ କର୍ମଚାରୀମାନଙ୍କୁ ଯେପରି ଉଭୟ ଦେଶରେ ସାମାଜିକ ସୁରକ୍ଷା ଶୁଳ୍କ ଦେବାକୁ ନ ପଡ଼େ, ସେଥିପାଇଁ ଭାରତ ଓ ବ୍ରିଟେନ ମଧ୍ୟରେ ଦ୍ୱିତୀୟ ଅବଦାନ ଚୁକ୍ତିନାମା (ଡିସିସି) ସ୍ୱାକ୍ଷରିତ ହୋଇଥିଲା। ଉଭୟ ଚୁକ୍ତିନାମାକୁ ଏକସଙ୍ଗେ ଲାଗୁ କରାଯିବ ବୋଲି ଜଣେ ସରକାରୀ ଅଧିକାରୀ କହିଛନ୍ତି। ତେବେ କାର୍ଯ୍ୟକାରିତା ପୂର୍ବରୁ ଉକ୍ତ ଚୁକ୍ତି ଉପରେ ବ୍ରିଟେନ୍ ପାର୍ଲାମେଣ୍ଟର ଅନୁମୋଦନ ଆବଶ୍ୟକ। ଭାରତରେ କେନ୍ଦ୍ର କ୍ୟାବିନେଟ ଉକ୍ତ ଚୁକ୍ତିନାମାକୁ ଅନୁମୋଦନ କରିଛି। ଏହା ବ୍ରିଟେନ ପାର୍ଲାମେଣ୍ଟରେ ଗୃହୀତ ହେବା ପରେ ଲାଗୁ କରାଯିବ।

# ମେଡିକାଲ କଲେଜରେ ଛାତ୍ରଙ୍କ ଆତ୍ମହତ୍ୟା

କୋଲକାତା,୧୫।୨


ପଶ୍ଚିମବଙ୍ଗର ଦୁର୍ଗାପୁରସ୍ଥିତ ଏକ ଘରୋଇ ମେଡିକାଲ କଲେଜ ହସ୍ପିଟାଲ ହଷ୍ଟେଲରେ ଜଣେ ୨୨ ବର୍ଷୀୟ ଡାକ୍ତରୀ ଛାତ୍ରଙ୍କ ମୃତଦେହ ଶନିବାର ରାତିରେ ମିଳିଛି। ଲାବଣ୍ୟ ପ୍ରତାପ ନାମକ ଉକ୍ତ ଛାତ୍ର ହେଷ୍ଟେଲ ବାଥ୍‌ରୁମ୍ ଛାତରୁ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ତାଙ୍କ ଘର ବିହାରର ପାଟନାରେ ବୋଲି ଜଣାପଡ଼ିଛି। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି। ବିଭିନ୍ନ ସେମିଷ୍ଟର ପରୀକ୍ଷାରେ ଖରାପ ପ୍ରଦର୍ଶନ ପାଇଁ ଛାତ୍ର ଜଣକ ବିଚଳିତ ଥିଲେ ବୋଲି ପୋଲିସର ପ୍ରାରମ୍ଭିକ ତଦନ୍ତରୁ ଜଣାପଡ଼ିଛି। ବ୍ୟବଚ୍ଛେଦ ରିପୋର୍ଟରୁ ମୃତ୍ୟୁ କିପରି ହେଲା, ତାହା ସ୍ପଷ୍ଟ ହେବ ବୋଲି ଜଣେ ପୋଲିସ ଅଧିକାରୀ କହିଛନ୍ତି। ଘଟଣାକୁ ନେଇ ହସ୍ପିଟାଲ କ୍ୟାମ୍ପସ୍‌ରେ ଉତ୍ତେଜନା ଦେଖାଦେଇଛି।

# କଟକଣା ହଟିଲେ ସାଲିସ ପାଇଁ ଇରାନ୍ ରାଜି

ତେହରାନ୍,୧୫।୨

ଇରାନ ନିଜର ଆଣବିକ କାର୍ଯ୍ୟକ୍ରମକୁ ନେଇ ଆମେରିକା ସହ ସାଲିସ କରିବାକୁ ପ୍ରସ୍ତୁତ ରହିଛି। କିନ୍ତୁ ଏଥିପାଇଁ ନିର୍ଦ୍ଦିଷ୍ଟ ସର୍ତ୍ତ ରଖିଛି। ଯଦି ଆମେରିକା କଟକଣା ହଟାଇବ ତେବେ ଇରାନ ନିଜର ଆଣବିକ କାର୍ଯ୍ୟକ୍ରମକୁ ସାଲିସ କରିବା ସହିତ ଆଲୋଚନା ପାଇଁ ରାଜି ବୋଲି ରବିବାର ଉପ ବହିର୍ବ୍ୟାପାର ମନ୍ତ୍ରୀ ମାଜିଦ୍ ତାକତ୍ ରାଭାଞ୍ଚି ବିବିସିକୁ ସାକ୍ଷାତ୍‌କାର ଦେବା ଅବସରରେ କହିଛନ୍ତି। ଆଣବିକ କାର୍ଯ୍ୟକ୍ରମକୁ ନେଇ ଇରାନ ଏବଂ ଆମେରିକା ମଧ୍ୟରେ ଆରମ୍ଭ ହୋଇଥିବା ଆଲୋଚନା ଆଗକୁ ବଢି ନ ପାରିବାରୁ ଏଥିପାଇଁ ଉଭୟ ଦେଶ ପରସ୍ପରକୁ ଦୋଷାରୋପ କରିଥିଲେ। ସପ୍ତାହ ତଳେ ଓମାନ ମଧ୍ୟସ୍ଥତାରେ ମସ୍କାଟ୍‌ଠାରେ


ଡୋନାଲ୍ଡ ଟ୍ରମ୍ପ୍


ଆୟାତୋଲ୍ଲା ଖାମ୍‌ନେଇ

ଆଲୋଚନା ଆରମ୍ଭ ହୋଇଥିଲା ବେଳେ ଦ୍ୱିତୀୟ ପର୍ଯ୍ୟାୟ ଆଲୋଚନା ତୁର୍କୀ କିମ୍ବା ଇଜିପ୍ଟରେ ହେବାର ସମ୍ଭାବନା ଥିଲା। କିନ୍ତୁ ମସ୍କାଟ୍ ବୈଠକ ପରେ ଇରାନ ନିଜର ଆଣବିକ ଏବଂ କ୍ଷେପଣାସ୍ତ୍ର କାର୍ଯ୍ୟକ୍ରମରେ କୌଣସି ପରିବର୍ତ୍ତନ ଆଣିବ ନାହିଁ ବୋଲି କହିବା ପରେ ଇରାନ ସହ ଆଉ ବୁଝାମଣା ସମ୍ଭବ ନୁହେଁ ବୋଲି ଆମେରିକା ସ୍ଥିର କରିନେଇଥିଲା। ଇରାନ ଉପରେ ଆକ୍ରମଣ ଏକମାତ୍ର ବିକଳ୍ପ ଭାବେ ନିଷ୍ପତ୍ତି ନେଇ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଶନିବାର ଇରାନ ଅଭିମୁଖେ ଦ୍ୱିତୀୟ ବୃହତ ଯୁଦ୍ଧଜାହାଜ ସମେତ ଅନେକ ହଜାର ସେନା ପ୍ରେରଣ କରିଥିଲେ। ଏପରିକି ଇରାନର ସର୍ବୋଚ୍ଚ ଧର୍ମଗୁରୁ ଆୟାତୋଲ୍ଲା ଖାମ୍‌ନେଇଙ୍କୁ ଟାର୍ଗେଟ କରି ତାଙ୍କୁ କ୍ଷମତାଚ୍ୟୁତ କରିବା ସବୁଠୁ ଭଲ ବିକଳ୍ପ ବୋଲି କହିଥିଲେ। ଏହି ଘଟଣାକୁ କିଛି ଘଣ୍ଟା ନ ପୂରୁଣୁ ଇରାନ ପକ୍ଷରୁ ଉପରୋକ୍ତ ବୟାନ ଜାରି କରାଯାଇଛି। କିନ୍ତୁ ଇରାନ ଉପରୁ ଆମେରିକା କଟକଣା ହଟାଇବ କି ନାହିଁ ସେ ସମ୍ପର୍କରେ ଟ୍ରମ୍ପ୍ ପ୍ରଶାସନ ପକ୍ଷରୁ କିଛି ସ୍ପଷ୍ଟ କରାଯାଇନାହିଁ। ଅପରପକ୍ଷେ ଏବେ ନିଷ୍ପତ୍ତି ନେବା ଦାୟିତ୍ୱ ଆମେରିକା ହାତରେ ରହିଛି ବୋଲି କହି ଇରାନ ନିଜ ମୁଣ୍ଡରୁ ଦୋଷ ଛଡ଼ାଇବାକୁ ଉଦ୍ୟମ କରିଛି। ଯଦି ଆମେରିକା ଇରାନ ସର୍ତ୍ତକୁ ନ ମାନେ ତେବେ ପରବର୍ତ୍ତୀ ପଦକ୍ଷେପ କ'ଣ ହେବ ତାହା ଏବେ ଆଲୋଚନାର ମୁଖ୍ୟ ବିଷୟ ହୋଇଛି।

# ବିର୍ଲାଙ୍କ ବିରୋଧରେ ମାର୍ଚ୍ଚ ୯ରେ ଅନାସ୍ଥା ଭୋଟ

ତାୱାଙ୍ଗ,୧୫।୨ (ପି.ଟି.)

ଲୋକ ସଭା ବାଚସ୍ପତି ଓମ୍ ବିର୍ଲାଙ୍କୁ ପଦବୀରୁ ହଟାଇବା ପାଇଁ ବିରୋଧୀ ଆଣିଥିବା ଅନାସ୍ଥା ପ୍ରସ୍ତାବ ଉପରେ ମାର୍ଚ୍ଚ ୯ରେ ବିତର୍କ ହେବା ସହ ଭୋଟ ନିଆଯିବ ବୋଲି ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ ରିଜିଜୁ ରବିବାର କହିଛନ୍ତି। ସେହିଦିନଠାରୁ ପାର୍ଲାମେଣ୍ଟରେ ବଜେଟ ଅଧିବେଶନର ଦ୍ୱିତୀୟ ପର୍ଯ୍ୟାୟ ଆରମ୍ଭ ହେବାକୁ ଯାଉଛି। ଉକ୍ତ ଅଧିବେଶନ ମାର୍ଚ୍ଚ ୯ରୁ ଏପ୍ରିଲ ୨ ପର୍ଯ୍ୟନ୍ତ ଚାଲିବ, ଯେଉଁଥିରେ ବହୁ ଗୁରୁତ୍ୱପୂର୍ଣ୍ଣ ବିଲ୍ ଉପରେ ଆଲୋଚନା ହେବ। ବଜେଟ ଅଧିବେଶନର ପ୍ରଥମ ପର୍ଯ୍ୟାୟ ଭଳି ଯଦି ବିରୋଧୀ ହଇଗୋଳ ଜାରି ରଖନ୍ତି, ତେବେ ଏହା ସେମାନଙ୍କ ପାଇଁ କ୍ଷତିକାରକ ସାବ୍ୟସ୍ତ ହେବ ବୋଲି ରିଜିଜୁ କହିଛନ୍ତି।


ମାର୍ଚ୍ଚ ୯ରେ ଲୋକ ସଭାରେ ବାଚସ୍ପତିଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଉପରେ ବିତର୍କ ହେବ। ପ୍ରଥମ ଦିନରେ ଏଭଳି ପ୍ରସ୍ତାବକୁ ବିଚାରକୁ ନେବାର ନିୟମ ରହିଛି। ପରେ ଏହା ଉପରେ ଭୋଟ ନିଆଯିବ ବୋଲି ନିଜ ନିର୍ବାଚନ ମଣ୍ଡଳୀ ଗସ୍ତରେ ଥିବା ରିଜିଜୁ ଗଣମାଧ୍ୟମକୁ କହିଛନ୍ତି। ସୂଚନାଯୋଗ୍ୟ, ପାର୍ଲାମେଣ୍ଟର ବଜେଟ ଅଧିବେଶନ ଜାନୁଆରୀ ୨୮ରୁ ରାଷ୍ଟ୍ରପତିଙ୍କ ଅଭିଭାଷଣ ସହ ଆରମ୍ଭ ହୋଇ ଫେବୃଆରୀ ୧୨ରୁ ବିରତ ରହିଛି। ଫେବୃଆରୀ ୧ରେ କେନ୍ଦ୍ର ବଜେଟ ଉପସ୍ଥାପନ ହୋଇଥିଲା।

# ଇମ୍ରାନ୍‌ଙ୍କୁ ଗୋପନରେ ହସ୍ପିଟାଲ ସ୍ଥାନାନ୍ତର କରିଛି ପାକିସ୍ତାନ

## ପୂର୍ବତନ ପ୍ରଧାନମନ୍ତ୍ରୀଙ୍କ ଜୀବନ ପ୍ରତି ବିପଦ ଆଶଙ୍କା କଲା ତାଙ୍କ ଦଳ

ଇସ୍‌ଲାମାବାଦ,୧୫।୨

ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ପାକିସ୍ତାନ ତେହରିକ୍-ଇ-ଇନ୍‌ସାଫ୍ (ପିଟିଆଇ) ମୁଖ୍ୟ ଇମ୍ରାନ୍ ଖାନ୍‌କୁ ଗୋପନରେ ଜେଲରୁ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଉଥିବା ଦଳ ଅଭିଯୋଗ କରିଛି। ଏହା ତାଙ୍କର ମୌଳିକ ଅଧିକାରର ସମ୍ପୂର୍ଣ୍ଣ ଉଲ୍ଲଂଘନ ଏବଂ ତାଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରିପାରେ ବୋଲି ଦଳ ଆଶଙ୍କା ବ୍ୟକ୍ତ


ଇମ୍ରାନ୍ ଖାନ୍

କରିଛି। ୭୩ ବର୍ଷୀୟ ଇମ୍ରାନ୍‌ଙ୍କୁ ହସ୍ପିଟାଲ ନିଆଯିବା ସମ୍ପର୍କରେ ତାଙ୍କ ପରିବାରକୁ ଜଣାଯାଇ ନାହିଁ। ଇମ୍ରାନ୍‌ଙ୍କ ବ୍ୟକ୍ତିଗତ ଡାକ୍ତର ଏବଂ ପରିବାରର ଅନ୍ୟୂନ ଜଣେ ସଦସ୍ୟଙ୍କ ଉପସ୍ଥିତିରେ ତାଙ୍କର କୌଣସି ଡାକ୍ତରୀ ପରୀକ୍ଷା କରାଇବା କିମ୍ବା ଔଷଧ ଦେବାକୁ ଦଳ ଦାବି କରିଛି। ପୂର୍ବତନ ପ୍ରଧାନମନ୍ତ୍ରୀଙ୍କ ଡାହାଣ ଆଖିର ଦୃଷ୍ଟିଶକ୍ତି ୮୫ ପ୍ରତିଶତ ହ୍ରାସ ପାଇବା ସହ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ରହିଥିଲାବେଳେ ଜେଲ କର୍ତ୍ତୃପକ୍ଷ ଉପଯୁକ୍ତ ସ୍ୱାସ୍ଥ୍ୟଗତ ଯତ୍ନ ନେଉ ନ ଥିବା ତାଙ୍କ ପରିବାର ଏବଂ ଓକିଲ ଟିମ୍ ବାରମ୍ବାର ଅଭିଯୋଗ କରିଆସୁଛନ୍ତି।

# ବିଏଲ୍ଏ କବ୍‌ଜାରେ ୧୭ ପାକ୍ ସୈନ୍ୟ



କ୍ୱେଟା,୧୫।୨

ବେଲୋଚ ଲିବରେଶନ ଆର୍ମି (ବିଏଲ୍ଏ) ପାକିସ୍ତାନର ୧୭ ଜଣ ସୈନ୍ୟଙ୍କୁ ଅଟକ ରଖିଥିବା ରବିବାର ଦାବି କରିଛି। ସେମାନଙ୍କ ମଧ୍ୟରୁ ୧୦ ଜଣ ବେଲୁଚିସ୍ତାନର ହୋଇଥିବାରୁ ସେମାନଙ୍କୁ ଛାଡ଼ିଦିଆଯାଇଥିବାବେଳେ ଅନ୍ୟ ୭ ଜଣଙ୍କ ମୁକ୍ତି ପାଇଁ ବିଏଲ୍ଏ ବନ୍ଦୀ ବଦଳ ନିମନ୍ତେ ପାକିସ୍ତାନ ସରକାରଙ୍କୁ ଗୋଟିଏ ସପ୍ତାହ ସମୟ ଦେଇଛି। ଅପରେଶନ ହେରୋଫ୍‌ର ଏହା ଦ୍ୱିତୀୟ ପର୍ଯ୍ୟାୟ ବୋଲି ବିଏଲ୍ଏ ଗଣମାଧ୍ୟମ ବିଭାଗ ହକ୍କାଲର ମୁଖପାତ୍ର ଜିୟାନ୍ଦ ବେଲୋଚ କହିଛନ୍ତି। ବିଏଲ୍ଏ ପାଖରେ ଯେଉଁ ୭ ଜଣ ସୈନ୍ୟ ଅଟକ ଅଛନ୍ତି, ସେମାନେ ପାକ୍ ସେନାର ନିୟମିତ ଶାଖା ସଦସ୍ୟ। ସାଧାରଣ ନାଗରିକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଏବଂ ବେଲୋଚ ଲୋକଙ୍କୁ ହତ୍ୟା ଘଟଣାରେ ସେମାନେ ସମ୍ପୃକ୍ତ ଥିବା ନେଇ ବେଲୋଚ ଜାତୀୟ ଅଦାଲତରେ ବିଚାରର ସମ୍ମୁଖୀନ ହୋଇଛନ୍ତି। ଏହା ସତ୍ତ୍ୱେ ୭ ଦିନ ମଧ୍ୟରେ ବନ୍ଦୀ ବଦଳ ପାଇଁ ପ୍ରସ୍ତୁତ ଥିବା ଜଣାଇବାକୁ ବିଏଲ୍ଏ ଇସ୍‌ଲାମାବାଦକୁ କହିଛି। ଇସ୍‌ଲାମାବାଦ ଏଥିପାଇଁ ଆଗ୍ରହ ପ୍ରକାଶ କଲେ, ବେଲୋଚ ବନ୍ଦୀଙ୍କ ବଦଳରେ ସେମାନଙ୍କୁ ଛାଡ଼ିଦିଆଯାଇପାରିବ। ସୂଚନାଯୋଗ୍ୟ, ପୂର୍ବରୁ ପାକ୍ କର୍ତ୍ତୃପକ୍ଷ ଏକ ବନ୍ଦୀ ବିନିମୟ ପ୍ରସ୍ତାବରେ ପଦକ୍ଷେପ ନେବାରେ ବିଫଳ ହୋଇଥିଲେ। ତେଣୁ ସପ୍ତାହେ ମଧ୍ୟରେ ଇସ୍‌ଲାମାବାଦ ଯଦି କୌଣସି ପଦକ୍ଷେପ ନ ନିଏ, ତେବେ ଅଦାଲତ ଦ୍ୱାରା ଦଣ୍ଡିତ କରାଯିବବୋଲିବିଏଲ୍ଏସ୍ପଷ୍ଟକରିଦେଇଛି।

# ଇସ୍ରାଏଲ ଆକ୍ରମଣରେ ୧୧ ପାଲେଷ୍ଟିନୀୟ ମୃତ

ତେଲ୍ ଆଭିବ୍,୧୫।୨

ଇସ୍ରାଏଲ ସେନା ରବିବାର ସକାଳେ ଗାଜା ଉପରେ ବୋମାମାଡ଼ କରିବାରୁ ୧୧ ପାଲେଷ୍ଟିନୀୟଙ୍କ ମୃତ୍ୟୁ ଘଟିଛି। ଉତ୍ତର ଗାଜାସ୍ଥିତ ଏକ ଆଶ୍ରୟ ଶିବିର ନିକଟରେ ହମାସ୍ ଠିକଣାକୁ ଟାର୍ଗେଟ କରି ଇସ୍ରାଏଲ୍ ଆକ୍ରମଣ କରିଥିଲା। ଏଥିରେ ୬ ଜଣଙ୍କ ମୃତ୍ୟୁ ହେବା ସହ ୪ ଜଣ ଆହତ ହୋଇଥିଲେ। ଦକ୍ଷିଣ ଗାଜାରେ ବୋମାମାଡ଼ ଯୋଗୁ ୫ ଜଣଙ୍କ ମୃତ୍ୟୁ ଘଟିଛି। ଏବେ ଗାଜାର ଯେଉଁ ଅଞ୍ଚଳ ଆଇଡିଏଫ୍ ନିୟନ୍ତ୍ରଣରେ ରହିଛି, ସେଠାରେ ହମାସ୍ ଦ୍ୱାରା ଯୁଦ୍ଧବିରତି ନିୟମ ଉଲ୍ଲଂଘନ କରାଯିବାରୁ ଇସ୍ରାଏଲ ସେନା ପକ୍ଷରୁ ଆକ୍ରମଣ କରାଯାଇଛି ବୋଲି ଆଇଡିଏଫ୍ କହିଛି।

# ହାୱାଲା ର୍‌ୟାକେଟ୍‌ର ୮ ହଜାର ଆକାଉଣ୍ଟ ରଦ୍ଦ

ଶ୍ରୀନଗର,୧୫।୨

ଜମ୍ମୁ- କଶ୍ମୀରରେ ବେଆଇନ ଭାବେ ଅର୍ଥ କାରବାର କରିବା ସହିତ ବିଦେଶରୁ ହାୱାଲା ମାଧ୍ୟମରେ ବିପୁଳ ଅର୍ଥ ସଂଗ୍ରହ କରାଯିବା ଘଟଣା ଏବେ ମଧ୍ୟ ବନ୍ଦ ହୋଇନାହିଁ। ବିଚ୍ଛିନ୍ନତାବାଦୀ ଗୋଷ୍ଠୀଙ୍କୁ ଆର୍ଥିକ ସହାୟତା ଯୋଗାଇ ଦେବା ଲକ୍ଷ୍ୟରେ ଏଠାକାର ଅନେକ ସ୍ଥାନୀୟ ଲୋକ ମଧ୍ୟସ୍ଥ ଜରିଆରେ ଏଭଳି କାରବାର ଚଳାଇଛନ୍ତି ବୋଲି ଜଣାପଡ଼ିବା ପରେ ପ୍ରଥମେ ଜାତୀୟ ଅନୁସନ୍ଧାନକାରୀ ଏଜେନ୍ସି(ଏନ୍ଆଇଏ) ପକ୍ଷରୁ ଚଢ଼ାଉ କରାଯାଇ ବହୁ ଆକାଉଣ୍ଟ ଜବତ କରାଯାଇଥିଲା।ଏହାସତ୍ତ୍ୱେଏହିଧାରା ବନ୍ଦ ହୋଇନାହିଁ। ଏବେ ହାୱାଲା ମାଧ୍ୟମରେ ବହୁ ଆକାଉଣ୍ଟରେ କାରବାର ଚାଲିଥିବା ଜଣାପଡ଼ିବା ପରେ ସୁରକ୍ଷା ଏଜେନ୍ସି ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ଏକ ବଡ଼ ହାୱାଲା ର୍‌ୟାକେଟ୍ ଧରାଯାଇଛି। ବର୍ତ୍ତମାନ ସୁଦ୍ଧା ୮ ହଜାରରୁ ଅଧିକ ଆକାଉଣ୍ଟ ରଦ୍ଦ କରିଦିଆଯାଇଥିବା ଜମ୍ମୁ-କଶ୍ମୀର ପ୍ରଶାସନ ପକ୍ଷରୁ କୁହାଯାଇଛି। ବେଆଇନ ଭାବେ ବିଭିନ୍ନ ଆକାଉଣ୍ଟରେ ଅର୍ଥ ସଂଗ୍ରହ କରାଯାଇ ସେଗୁଡ଼ିକୁ ଭାରତ ବିରୋଧୀ କାର୍ଯ୍ୟକଳାପରେ ଲଗାଯାଉଥିବାରୁ ବ୍ୟାଙ୍କଗୁଡ଼ିକ ସହ ଉତ୍ତମ ସମନ୍ୱୟ ରଖି ଏଭଳି ଆକାଉଣ୍ଟ ଉପରେ ତୀକ୍ଷ୍ଣ ନଜର ରଖିବାକୁ ସୁରକ୍ଷା ଏଜେନ୍ସିଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି।

# ରହମାନଙ୍କ ଶପଥ ଉତ୍ସବରେ ଯୋଗ ଦେବେନି ମୋଦି

ନୂଆଦିଲ୍ଲୀ,୧୫।୨

## ପ୍ରତିନିଧିତ୍ୱ କରିବେ ବାଚସ୍ପତି ଓମ୍ ବିର୍ଲା, ବିକ୍ରମ ମିଶ୍ରି

ବାଂଲାଦେଶ ନିର୍ବାଚନରେ ବିଏନ୍‌ପି ବିପୁଳ ବିଜୟ ହାସଲ କରିବା ପରେ ଦଳୀୟ ଅଧ୍ୟକ୍ଷ ତାରିକ୍ ରହମାନ ପ୍ରଧାନମନ୍ତ୍ରୀ ଭାବେ ଶପଥ ନେବେ। ଆସନ୍ତା ୧୭ ତାରିଖରେ ଏକ ଭବ୍ୟ ଉତ୍ସବରେ ରହମାନ ଶପଥ ନେବାକୁ କାର୍ଯ୍ୟକ୍ରମ ସ୍ଥିର ହୋଇଥିଲା ବେଳେ ଏଥିରେ ଭାରତ, ପାକିସ୍ତାନ, ନେପାଳ,ଚାଇନା, ଶ୍ରୀଲଙ୍କା ସମେତ ୧୩ଟି ରାଷ୍ଟ୍ରର ପ୍ରତିନିଧି ଯୋଗଦେବେ। ଏହି ଉତ୍ସବରେ ଯୋଗଦେବାକୁ ବାଂଲାଦେଶ ପକ୍ଷରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଆମନ୍ତ୍ରିତ କରାଯାଇଥିଲେ ହେଁ ଏଥିରେ ମୋଦି ଯୋଗ ଦେବେନାହିଁ। ଲୋକ ସଭା ବାଚସ୍ପତି ଓମ୍ ବିର୍ଲା ଏବଂ ବହିର୍ବ୍ୟାପାର ମନ୍ତ୍ରଣାଳୟ ସଚିବ ବିକ୍ରମ ମିଶ୍ରି ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିବେ ବୋଲି ରବିବାର ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି।


ଓମ୍ ବିର୍ଲା

ଫ୍ରାନ୍ସ ରାଷ୍ଟ୍ରପତି ଏମାନୁଏଲ୍ ମାକ୍ରନ ଭାରତ ଗସ୍ତରେ ଆସି ୧୭ ତାରିଖରେ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଭେଟି ଦ୍ୱିପାକ୍ଷିକ ଆଲୋଚନା କରିବାକୁ କାର୍ଯ୍ୟକ୍ରମ ସ୍ଥିର ହୋଇସାରିଥିବାରୁ ମୋଦି ରହମାନଙ୍କ ଶପଥ ଗ୍ରହଣ ଉତ୍ସବରେ ଯୋଗଦେବା ସମ୍ଭବ ନୁହେଁ ବୋଲି କୁହାଯାଇଛି।

# ଅଧିକ ନିବେଶ ପାଇଁ ଘରୋଇ ସେକ୍ଟରକୁ ଆହ୍ୱାନ

ନୂଆଦିଲ୍ଲୀ,୧୫।୨(ପି.ଟି.)

## 'ବିକଶିତ ଭାରତ'କୁ ପ୍ରଧାନମନ୍ତ୍ରୀଙ୍କ ଗୁରୁତ୍ୱ

କେନ୍ଦ୍ରୀୟ ବଜେଟ ଏବଂ କେନ୍ଦ୍ର ସରକାରଙ୍କ ଦ୍ୱାରା ନିକଟରେ ସ୍ୱାକ୍ଷରିତ ହୋଇଥିବା ଅନେକ ବାଣିଜ୍ୟ ଚୁକ୍ତିନାମାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ପ୍ରଶଂସା କରିବା ସହ ବିକଶିତ ଭାରତ ପାଇଁ ଏହା ମୂଳଦୁଆ ବୋଲି କହିଛନ୍ତି। ଏହି ଅବସରରେ ସେ ଘରୋଇ ସେକ୍ଟରଗୁଡ଼ିକୁ ଅଧିକ ଆଗ୍ରହ ଓ ସାହସର ସହ ପୁଞ୍ଜିନିବେଶ ପାଇଁ ଆଗେଇ ଆସିବାକୁ ନିବେଦନ କରିଛନ୍ତି। ପିଟିଆଇକୁ ସାକ୍ଷାତ୍‌କାର ଦେବା ଅବସରରେ ପ୍ରଧାନମନ୍ତ୍ରୀ ପୂର୍ବର ଉପା ସରକାରଙ୍କୁ କଡ଼ା ସମାଲୋଚନା କରିଛନ୍ତି। ସ୍ଥାୟୀ ବାଣିଜ୍ୟ ଚୁକ୍ତିନାମା କରିବାରେ କଂଗ୍ରେସ ନେତୃତ୍ୱାଧୀନ ଉପା ସରକାର ବିଫଳ ହୋଇଥିଲା ବୋଲି ସେ କହିଛନ୍ତି। ବିକଶିତ ଭାରତରେ ମହିଳାମାନେ


ନରେନ୍ଦ୍ର ମୋଦି

ବହୁତ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବେ ବୋଲି ପ୍ରଧାନମନ୍ତ୍ରୀ ଦୃଢ଼ୋକ୍ତି କରିଛନ୍ତି।

ପ୍ରଧାନମନ୍ତ୍ରୀ ଆହୁରି କହିଛନ୍ତି, ରାଜନୈତିକ ସ୍ଥିରତା ଏବଂ ପୂର୍ବାନୁମାନ ଭାରତରେ ନିବେଶକମାନଙ୍କ ଆତ୍ମବିଶ୍ୱାସକୁ ପୁନଃସ୍ଥାପିତ କରିଛି। ୩୮ ଦେଶ ସହ ମୁକ୍ତ ବାଣିଜ୍ୟ ଚୁକ୍ତିନାମା ପାଇଁ ବୁଝାମଣା କରିବାରେ ସୁଦୃଢ଼ ଉତ୍ପାଦନ ଏବଂ ସେବା କ୍ଷେତ୍ର ତଥା ଏମ୍ଏସ୍ଏମ୍ଇ ସହାୟକ ହୋଇଛି। ଆଗାମୀ ୩ ଦଶନ୍ଧି ପାଇଁ ପ୍ରଧାନମନ୍ତ୍ରୀ ୩ଟି ପ୍ରମୁଖ ପ୍ରାଥମିକତା ଉପରେ ଗୁରୁତ୍ୱ ଦେଇଛନ୍ତି। ତାହା ହେଲା ଅଧିକ ଗଠନମୂଳକ ସଂସ୍କାର, ପ୍ରଯୁକ୍ତିବିଦ୍ୟା, ଉତ୍ପାଦନ ଓ ସେବା କ୍ଷେତ୍ରରେ ନବସୃଜନର ସୁଦୃଢ଼ୀକରଣ ଏବଂ ଶାସନ ବ୍ୟବସ୍ଥାରେ ସରଳୀକରଣ। ଯାହା ଫଳରେ ନାଗରିକ ଏବଂ ବ୍ୟବସାୟୀମାନେ ଅଧିକ ସହଜରେ ଓ ବିଶ୍ୱାସର ସହ ବ୍ୟବସାୟ ଚଳାଇପାରିବେ। ସାଧାରଣ ଜୀବନ ନିର୍ଦ୍ଦିଷ୍ଟ ଗଠନମୂକ ଅସ୍ଥିରତା ଚାହେଁ ବୋଲି ସେ ବିଶ୍ୱାସ କରୁଥିବା କହିଛନ୍ତି। ଏଥିସହିତ ରିଫର୍ମ ଏକ୍ସପ୍ରେସ୍ ଯାତ୍ରାରେ ହାସଲ ହୋଇଥିବା ପ୍ରଗତିକୁ ସ୍ୱୀକାର କରିବା ଗୁରୁତ୍ୱପୂର୍ଣ୍ଣ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

ଲିଖିତ ସାକ୍ଷାତ୍‌କାରରେ ପ୍ରଧାନମନ୍ତ୍ରୀ କହିଛନ୍ତି, ପୂର୍ବ ସରକାର ଛାଡ଼ିଯାଇଥିବା ଅନେକ ଗଠନମୂଳକ ତ୍ରୁଟିକୁ ସୁଧାରିବାରେ ତାଙ୍କ ସରକାର ଆଜି ପର୍ଯ୍ୟନ୍ତ କାର୍ଯ୍ୟ କରି ଆସିଛି, ଯାହା ସାହସିକ ସଂସ୍କାର କାର୍ଯ୍ୟକାରୀ କରିବା ଏବଂ ଏକ ବିକଶିତ ଭାରତର ମୂଳଦୁଆ ପକାଇବାରେ ସହାୟକ ହୋଇଛି।

ପ୍ରତିରକ୍ଷାରେ ବ୍ୟାପକ ଆଧୁନିକୀକରଣକୁ ପ୍ରଧାନମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି। ସାମ୍ପ୍ରତିକ ବାସ୍ତବତାକୁ ଦୃଷ୍ଟିରେ ରଖି ସଶସ୍ତ୍ର ବଳକୁ ସୁଦୃଢ଼ କରିବା ସରକାରଙ୍କ ଦାୟିତ୍ୱ। ଏଥିପାଇଁ କେନ୍ଦ୍ର ବଜେଟରେ ଏହି କ୍ଷେତ୍ରକୁ ଅଧିକ ବ୍ୟୟବରାଦ କରାଯାଇଛି। ଭାରତକୁ ଅଧିକ ଶକ୍ତିଶାଳୀ ଏବଂ ସବୁ ସମୟ ପାଇଁ ପ୍ରସ୍ତୁତ ରହିବାକୁ ହେବ। ଏଥିପାଇଁ ସରକାର ଆବଶ୍ୟକ ପଦକ୍ଷେପ ନେଉଛନ୍ତି, ଯାହା ବଜେଟରୁ ପ୍ରତିଫଳିତ ହୋଇଥିବା ପ୍ରଧାନମନ୍ତ୍ରୀ କହିଛନ୍ତି।

# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ଫେବୃଆରୀ ୧୬/୨୦୨୬ | Bhubaneswar, Monday, February 16/2026 | ପୃଷ୍ଠା-୧




## ଜାସନ ହୋଲ୍ଡର ପ୍ଲେୟର ଅଫ୍ ଦି ମ୍ୟାଚ

ନେପାଳ ବିପକ୍ଷ ଟି୨୦ କ୍ରିକେଟ ବିଶ୍ୱକପ୍ ମ୍ୟାଚରେ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଛନ୍ତି ୱେଷ୍ଟଇଣ୍ଡିଜର ଜାସନ ହୋଲ୍ଡର।

୧୨

୦୨

## ଜ୍ୟାକଲିନ୍‌ଙ୍କୁ ଭାଲେଣ୍ଟାଇନ୍ସ ଡେ'ରେ ହେଲିକପ୍ଟର ଗିଫ୍ଟ

ଅଭିନେତ୍ରୀ ଜ୍ୟାକଲିନ ଫର୍ନାଣ୍ଡିଜ୍‌ଙ୍କୁ ଜେଲରେ ଥିବା ସୁକେଶ ଚନ୍ଦ୍ରଶେଖର ଭାଲେଣ୍ଟାଇନ୍ସ ଡେ' ଅବସରରେ 'ଏୟାରବସ୍ ଏଚ୍-ସିରିଜ' ହେଲିକପ୍ଟର ଉପହାର ଦେଇଥିବା ଦାବି କରିଛନ୍ତି।





ଉତ୍ତରାଖଣ୍ଡ ଡେରାଡୁନ୍‌ଠାରେ ରବିବାର ଶିବରାତ୍ରି ଉପଲକ୍ଷେ କଳାକାରମାନେ ଅଗ୍ନି କୌଶଳ ପ୍ରଦର୍ଶନ କରୁଛନ୍ତି।

## ସଅଳ ଉଠିଲା ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ମହାଦୀପ

**ପୁରୁଣା ଭୁବନେଶ୍ୱର,୧୫।୨ (ସୁବାସ ଚନ୍ଦ୍ର ପ୍ରଧାନ)**

ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ମହାଶିବରାତ୍ରି ତଥା ଜାଗର ଯାତ୍ରା ରବିବାର ସମ୍ପନ୍ନ ହୋଇଛି। ଏଥର ନିର୍ଦ୍ଧାରିତ ସମୟ ୧ ଘଣ୍ଟା ୧୯ ମିନିଟ୍ ପୂର୍ବରୁ ମନ୍ଦିର ଉପରକୁ ମହାଦୀପ ଉଠିଛି। ମନ୍ଦିର ପ୍ରଶାସନର ନୀତି ନିର୍ଘଣ୍ଟ ଅନୁଯାୟୀ, ଭୋର୍ ୩ଟାରୁ ଦ୍ୱାର ଫିଟାଯାଇ ମଙ୍ଗଳଆଳତି, ଅବକାଶ ଆଦି ବିଭିନ୍ନ ନୀତି ସମ୍ପନ୍ନ ହୋଇଥିଲା। ଏହାପରଠାରୁ ସାହାଣମେଲା ଦର୍ଶନ ଚାଲିଥିଲା। ଶ୍ରଦ୍ଧାଳୁମାନେ ସିଂହଦ୍ୱାର ବାଟେ ମନ୍ଦିର ଭିତରକୁ ପ୍ରବେଶ କରି ଆଡ଼କାଠରେ ଠାକୁରଙ୍କୁ ଦର୍ଶନ କରିଥିଲେ। ସନ୍ଧ୍ୟାରୁ ଶ୍ରଦ୍ଧାଳୁମାନେ ଜାଗର ଦୀପ ଜାଳି ଶିବ ଆରାଧନା କରିଥିଲେ। ରାତି ୧୦ଟାରେ ମହାଦୀପ ଉଠିବା ନେଇ ପୂର୍ବରୁ ସମୟ ନିର୍ଘଣ୍ଟ ହୋଇଥିଲା। ହେଲେ ରାତି ୮ଟା ୩୫ରେ ବେଢ଼ା ପରିକ୍ରମା, ୮ଟା ୪୦ରେ କଳସ ପରିକ୍ରମା ପରେ ୮ଟା ୪୧ରେ ମହାଦୀପ ଦର୍ଶନ କରିଥିଲେ ଶ୍ରଦ୍ଧାଳୁ। ଓଁ ନମଃ ଶିବାୟ ଧ୍ୱନିରେ ପ୍ରକମ୍ପିତ ହୋଇଉଠିଥିଲା ଏକାମ୍ରକ୍ଷେତ୍ର।

# ପ୍ରାତଃ ଭ୍ରମଣ ବେଳେ ଟଳିପଡ଼ିଲେ ଛାତ୍ର

## ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଉତ୍ତେଜନା

**ଖଲ୍ଲିକୋଟ,୧୫।୨ (ପ୍ରଶାନ୍ତ କୁମାର ମିଶ୍ର)**

ଗଞ୍ଜାମ ଜିଲା ଖଲ୍ଲିକୋଟ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରର ଜଣେ ଦଶମ ଶ୍ରେଣୀ ଛାତ୍ର ରବିବାର ସକାଳୁ ମର୍ନିଂ ୱାକ୍‌ରେ ଯାଇ ଫେରୁଥିବା ବେଳେ ତାଙ୍କର ରାସ୍ତାରେ ମୃତ୍ୟୁ ଘଟିଛି। ଛାତ୍ର ଜଣକ ହେଲେ ବାଗଲପୁରର ସନ୍ତୋଷ ପ୍ରଧାନଙ୍କ ପୁଅ ମିହିର ପ୍ରଧାନ। ସେ ଶ୍ରୀଅରବିନ୍ଦ ଶିକ୍ଷା କେନ୍ଦ୍ରରେ ହଷ୍ଟେଲରେ ରହି ପଢୁଥିଲେ। ଆଉ ୩ ଦିନ ପରେ ମାଟ୍ରିକ ପରୀକ୍ଷା ଦେଇଥାନ୍ତେ।

ଖବରରୁ ଜଣାପଡ଼ିଛି, ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରର ହଷ୍ଟେଲରେ ରହି ପଢୁଥିବା ଛାତ୍ରୀଛାତ୍ରମାନେ ପ୍ରତି ଛୁଟିଦିନଗୁଡ଼ିକରେ ସକାଳୁ ମର୍ନିଂ ୱାକ୍‌ରେ ଯାଇଥାନ୍ତି। ରବିବାର ହଷ୍ଟେଲରେ ରହୁଥିବା ୮୪ ଜଣ ଛାତ୍ରୀଛାତ୍ର ମର୍ନିଂ ୱାକ୍ ପାଇଁ ଯାଇଥିଲେ। ସେମାନଙ୍କ ସହ ହଷ୍ଟେଲ ସୁପରିଣ୍ଟେଣ୍ଡେଣ୍ଟ ଓ ଶାରିରୀକ ଶିକ୍ଷା ଶିକ୍ଷକ ଯାଇଥିଲେ। ଫେରୁଥିବା ବେଳେ ହଠାତ୍ ମିହିର ତଳେ ପଡ଼ି ଯାଇଥିଲେ। ସାଙ୍ଗରେ ଯାଇଥିବା ଶିକ୍ଷକ ଯେତେ ଡାକିଲେ ମଧ କୌଣସି ଉତ୍ତର ଦେଇ ନ ଥିଲେ। ତୁରନ୍ତ ଏକ ଅଟୋ ଯୋଗେ ତାଙ୍କୁ ଚିକିତ୍ସା ପାଇଁ ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡାକ୍ତର ମିହିରଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ବାଗଲପୁରରୁ ବାପା ସନ୍ତୋଷ ପ୍ରଧାନ ଓ ପରିବାରବର୍ଗ ପହଞ୍ଚିବା ପରେ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଉତ୍ତେଜନା ପ୍ରକାଶ ପାଇଥିଲା। ଖବର ପାଇ ଖଲ୍ଲିକୋଟ ଥାନା ଅଧିକାରୀ ☞ପୃଷ୍ଠା–୨

**ଆଜିର ସମ୍ପାଦକୀୟ** ପାଖି ବିଦେଶ

# ତରଳୁଛି ହିମବାହ, ବିଶ୍ୱକୁ ବିପଦ

## ପ୍ରଭାବିତ ହେବ ହିମାଳୟ କ୍ଷେତ୍ର

ବିଶ୍ୱବ୍ୟାପୀ ଦ୍ରୁତ ସହରୀକରଣ ଓ ଶିଳ୍ପାୟନର ପ୍ରତ୍ୟକ୍ଷ ପ୍ରଭାବ ଜଳବାୟୁ ପରିବର୍ତ୍ତନ ଉପରେ ପଡ଼ୁଛି। ଏହି କ୍ରମେ ବିଶ୍ୱତାପନ ଓ ଜଳବାୟୁ ପରିବର୍ତ୍ତନ ଯୋଗୁ ୩,୦୦୦ରୁ ଊର୍ଦ୍ଧ୍ୱ ହିମବାହ ସ୍ୱାଭାବିକଠାରୁ ଅଧିକ ମାତ୍ରାରେ ତରଳୁଥିବାରୁ ଏହା ଆଗାମୀ ଦିନରେ ପୃଥିବୀ ପାଇଁ ବିପଦ ସାଜିପାରେ ବୋଲି ବୈଜ୍ଞାନିକମାନେ ସତର୍କ କରାଇଛନ୍ତି। ବିଶେଷକରି ଆର୍କଟିକ୍, ହାଇ ମାଉଣ୍ଟେନ୍ ଏସିଆ, ଆଣ୍ଡେସ୍ ଏବଂ କାରାକୋରମ୍ କ୍ଷେତ୍ର ଅତିମାତ୍ରାରେ ହିମବାହ ତରଳୁଥିବାରୁ ଏହିସବୁ ଅଞ୍ଚଳରେ ସର୍ବାଧିକ ପ୍ରଭାବ ଅନୁଭୂତ ହେବା ବରଫ ତରଳି ଜଙ୍ଗଲ, ଜମି ଓ ଜନବସତିକୁ ଜଳ ପ୍ଲାବିତ କରିବା ସହ ଅନେକ ଲକ୍ଷ ଲୋକ ବାସହରା ହୋଇଯିବେ ବୋଲି 'ନେଚର ରିଭ୍ୟୁକ୍ ଆର୍ଥ ଆଣ୍ଡ୍ ଏନ୍‌ଭାଇରନ୍‌ମେଣ୍ଟ' ଜର୍ନାଲରେ ପ୍ରକାଶିତ ଏକ ସଦ୍ୟ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଜମ୍ମୁ-କଶ୍ମୀର, ଲଦାଖ, ହିମାଚଳ ପ୍ରଦେଶ, ଉତ୍ତରାଖଣ୍ଡ ଓ ସିକିମ୍ ପ୍ରତି ତରଳମାନ ହିମବାହ ବିପଜ୍ଜନକ ସ୍ଥିତି ସୃଷ୍ଟି କରିଥିବାବେଳେ ଉକ୍ତ ରିପୋର୍ଟରେ ଅଧିକ ସତର୍କତା ପାଇଁ ପରାମର୍ଶ ଦିଆଯାଇଛି।



**ଲଣ୍ଡନ/ ନୂଆଦିଲ୍ଲୀ, ୧୫।୨(ଏଜେନ୍ସି)**

ସାରା ବିଶ୍ୱରେ ପ୍ରାୟ ୩,୧୦୦ ହିମବାହ ଦ୍ରୁତଗତିରେ ତରଳୁଛି, ଯାହାକି ଅତ୍ୟନ୍ତ ବିରଳ ଘଟଣା। ବିଶ୍ୱରେ ଥିବା ମୋଟ ହିମବାହର ଏହା ମାତ୍ର ୧% ହୋଇଥିଲେ ମଧ ସେସବୁ ତରଳିବା ଯୋଗୁ ଏକ-ପଞ୍ଚମାଂଶ (୧୬-୨୦%) ହିମବାହ ଅଞ୍ଚଳ ଜଳମଗ୍ନ ହୋଇ ବିପର୍ଯ୍ୟୟର କାରଣ ସାଜିବ ବୋଲି ବୈଜ୍ଞାନିକମାନେ ସ୍ପଷ୍ଟ କରିଛନ୍ତି। ଲଣ୍ଡନ୍‌ସ୍ଥିତ ପୋର୍ଟ୍ସମାଉଥ୍ ୟୁନିଭର୍ସିଟିର ଗବେଷକମାନେ ଦ୍ରୁତଗତିରେ ତରଳୁଥିବା ହିମବାହ ଉପରେ ଏକ ଅଧ୍ୟୟନ ଚଳାଇଥିଲେ। ଏପରି କି ହିମବାହ କାହିଁକି ସ୍ୱାଭାବିକଠାରୁ ଅଧିକ ମାତ୍ରାରେ ତରଳୁଛି ଏବଂ ପୃଥିବୀ ଉପରେ ଏହାର ସମ୍ଭାବ୍ୟ ପ୍ରଭାବକୁ ନେଇ ମଧ ପରୀକ୍ଷାନିରୀକ୍ଷା କରିଥିଲେ। ହିମବାହର ଗତି ଓ ବୈଶିଷ୍ଟ୍ୟ ଉପରେ ସେମାନେ ବିଶ୍ଲେଷଣ କରି ଅନେକ ନୂଆ ତଥ୍ୟ ଜାଣିବାକୁ ପାଇଛନ୍ତି। ଏଥିରୁ ଜଣାପଡ଼ିଛି ଯେ, ଜଳବାୟୁ ପରିବର୍ତ୍ତନ ଯୋଗୁ ତାପମାତ୍ରାରେ ନାଟକୀୟ ପରିବର୍ତ୍ତନ ହେବାରେ ଲାଗିଛି। ଗବେଷଣାରେ ସାମିଲ ଥିବା ବିଶ୍ୱବିଦ୍ୟାଳୟର ଏନ୍‌ଭାଇରନ୍‌ମେଣ୍ଟ ଆଣ୍ଡ୍ ସାଇନ୍ସ ସ୍କୁଲ ବରିଷ୍ଠ ଅଧ୍ୟାପକ ତଥା ହିମବାହ ବିଜ୍ଞାନୀ ଡ. ହାରୋଲ୍ଡ ଲଭେଲ୍ କହିଛନ୍ତି, ବର୍ତ୍ତମାନ ଜଳବାୟୁ ପରିବର୍ତ୍ତନ ଯୋଗୁ ବିଶ୍ୱର ତାପମାତ୍ରା ବଢୁଛି। ଏହାର ପ୍ରଭାବରେ ହିମବାହଗୁଡ଼ିକ ଯେପରି ଅସ୍ୱାଭାବିକ ଭାବେ ତରଳିବାରେ ଲାଗିଛି, ତାହା ବିପଦ ଆଣିଦେଇପାରେ। ହିମବାହଗୁଡ଼ିକ ନ ତରଳି ବରଫ ଅବସ୍ଥାରେ ଥିଲେ ତାହା ବ୍ୟାଙ୍କ ଆକାଉଣ୍ଟ ସଦୃଶ। କିନ୍ତୁ ସାମ୍ପ୍ରତିକ ସ୍ଥିତିକୁ ଦେଖିଲେ ଦିନେ ସେଗୁଡ଼ିକ 'ବ୍ଲାକ୍ ଫ୍ରାଇଡେ' ଇଭେଣ୍ଟରେ ପରିଣତ ହେବା ଆଶଙ୍କା ଉପୁଜିଛି। ବିଶ୍ୱରେ ଥିବା ସମସ୍ତ ହିମବାହର ☞ପୃଷ୍ଠା–୨

# ପାକିସ୍ତାନକୁ ହରାଇ ସୁପର-୮ରେ ଭାରତ

**କଲମ୍ବୋ, ୧୫।୨**

### ଟି୨୦ ବିଶ୍ୱକପ

ଚଳିତ ଟି୨୦ କ୍ରିକେଟ ବିଶ୍ୱକପର ରବିବାର ଅନୁଷ୍ଠିତ ବହୁ ଚର୍ଚ୍ଚିତ ମ୍ୟାଚରେ ଭାରତ ୬୧ ରନରେ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ପରାସ୍ତ କରିଛି। ଫଳରେ ଭାରତୀୟ ଦଳ ଗ୍ରୁପ୍ 'ଏ'ରୁ ସୁପର-୮ରେ ପ୍ରବେଶ କରିଛି। ଇଶାନ କିଶନଙ୍କ ଦ୍ରୁତ ଅର୍ଦ୍ଧଶତକ ସହାୟତାରେ ଭାରତ ୨୦ ଓଭରରେ ୭ ଉଇକେଟ ହରାଇ ୧୭୫ ରନ କରିଥିଲା। ଜବାବରେ ପାକିସ୍ତାନ ୧୮ ଓଭରରେ ୧୧୪ ରନକରି ଅଲ୍‌ଆଉଟ ହୋଇ ଯାଇଥିଲା। ଏଥିସହ ଟି୨୦ ବିଶ୍ୱକପରେ ପାକିସ୍ତାନ ବିପକ୍ଷରେ ଭାରତର ବିଜୟ ରେକର୍ଡ ୮-୧ରେ ପହଞ୍ଚିଛି।

୧୭୬ ରନ ବିଜୟ ଲକ୍ଷ୍ୟରେ ପଡ଼ିଆକୁ ଓହ୍ଲାଇଥିବା ପାକିସ୍ତାନକୁ ଭାରତର ଦୁଇ ପେସର ହାର୍ଦ୍ଦିକ ପାଣ୍ଡ୍ୟା ଓ ଯଶପ୍ରୀତ୍ ବୁମ୍‌ରା ପ୍ରଥମ ଦୁଇ ଓଭରରେ ହିଁ ପରାଜୟ ବାସ୍ନା ଦେଇଥିଲେ। ହାର୍ଦ୍ଦିକ ପ୍ରଥମ ଓଭରର ୪ର୍ଥ ବଲ୍‌ରେ ଶାହିବଜାଦା ଫରହାନ (୦)ଙ୍କୁ ଏବଂ ବୁମ୍‌ରା ଦ୍ୱିତୀୟ ଓଭରର ୨ୟ ଓ ୬ଷ୍ଠ ବଲ୍‌ରେ ଯଥାକ୍ରମେ ସଇମ ଆୟୁବ (୬) ଓ ଅଧିନାୟକ ସଲମାନ ଆଘା (୪)ଙ୍କୁ ଆଉଟ କରି ପାକିସ୍ତାନକୁ ଶକ୍ତ ଝଟ୍‌କା ଦେଇଥିଲେ। ୧୩ ରନ ମଧ୍ୟରେ ପାକିସ୍ତାନର ଏହି ୩ ଉଇକେଟ ପଡ଼ି ଯାଇଥିଲା। ୫ମ ଓଭରରେ ଅଭିଜ୍ଞ ଖେଳାଳି ବାବର ଆଜମ (୫)ଙ୍କୁ ଅକ୍ଷର ପଟେଲ ପ୍ୟାଭିଲିୟନ ପଥ ଦେଖାଇଥିଲେ। ଉସମାନ ଖାଁ ୩୪ ବଲ୍‌ରୁ ୪୪ ରନକରି କିଛି ସମୟ ପାକିସ୍ତାନୀ ସମର୍ଥକଙ୍କୁ ରୋମାଞ୍ଚିତ କରିଥିଲେ ହେଁ ତାହା ମ୍ୟାଚ ଜିତିବାକୁ ପର୍ଯ୍ୟାପ୍ତ ହୋଇ ନ ଥିଲା। କୁଲଦୀପ ଯାଦବ ନିଜ ଦ୍ୱିତୀୟ ଓଭରର ୪ର୍ଥ ବଲ୍‌ରେ ମହମ୍ମଦ ନୱାଜ ☞ପୃଷ୍ଠା–୨






# ଓସ୍ୱାସରେ ଯୋଡ଼ିହେବେ ୭୦ହଜାର କର୍ମଚାରୀ

**ରାଜ୍ୟ ପ୍ରଶାସନିକ କାର୍ଯ୍ୟକୁ ଅଧିକ ଗତିଶୀଳ ଏବଂ ସ୍ୱଚ୍ଛତା କରିବା ଉଦ୍ଦେଶ୍ୟରେ ବିଭିନ୍ନ ବିଭାଗ, ନିର୍ଦ୍ଦେଶାଳୟ ଏବଂ ଜିଲା ମୁଖ୍ୟାଳୟରେ ବୈଷୟିକ ଜ୍ଞାନକୌଶଳ ଓ ଡିଜିଟାଲ ମାଧ୍ୟମରେ ସରକାରୀ କାର୍ଯ୍ୟକୁ ସ୍ୱୟଂକ୍ରିୟ ବ୍ୟବସ୍ଥା ସହ ଯୋଡ଼ିବାକୁ ଓସ୍ୱାସ(ଓଡ଼ିଶା ଷ୍ଟେଟ ୱାର୍କଫ୍ଲୋ ଅଟୋମେଶନ ସିଷ୍ଟମ) କାର୍ଯ୍ୟକାରୀ କରାଯାଉଛି। ଏହି ପେପରଲେସ୍(କାଗଜ ବିହୀନ) ବ୍ୟବସ୍ଥାରେ ସମ୍ପ୍ରତି ୧୮ହଜାରରୁ ଊର୍ଦ୍ଧ୍ୱ ବ୍ୟବହାରକାରୀ ଏବଂ ୬୨୫ରୁ ଅଧିକ କାର୍ଯ୍ୟାଳୟ ରହିଛି। ଏହାକୁ ଆହୁରି ଅଧିକ କାର୍ଯ୍ୟକ୍ଷମ କରାଇବାକୁ ସରକାର ଚିନ୍ତା କରିଛନ୍ତି। ଏବେ ଏହାକୁ ତହସିଲ୍ ଏବଂ ବ୍ଲକ କାର୍ଯ୍ୟାଳୟ ସହ ଯୋଡ଼ି ତୃଣମୂଳସ୍ତରରେ ପରିବର୍ତ୍ତନ ଆଣିବାକୁ ଲକ୍ଷ୍ୟ ରଖାଯାଇଛି। ଆସନ୍ତା ମାର୍ଚ୍ଚ ଶେଷ ସୁଦ୍ଧା ୭୦ହଜାର କର୍ମଚାରୀ ଏବଂ ଅଧିକାରୀଙ୍କୁ ଏହି ବ୍ୟବସ୍ଥାରେ ସାମିଲ ପାଇଁ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ନିର୍ଦ୍ଦେଶ ଦେଇଛନ୍ତି। ଏହାର ସୁଫଳ ସାଧାରଣ ଲୋକେ ପାଇପାରିବେ ଓ ଅଧିକାରୀମାନଙ୍କ ମଧ୍ୟରେ ତତ୍ପରତା ଏବଂ କାର୍ଯ୍ୟ ଦକ୍ଷତା ବୃଦ୍ଧି ପାଇବା ଆଶା କରାଯାଉଛି।**

## ତୃଣମୂଳସ୍ତରରେ ପହଞ୍ଚିବ ସ୍ୱୟଂକ୍ରିୟ ବ୍ୟବସ୍ଥା

**ଭୁବନେଶ୍ୱର,୧୫।୨ (ରବିନାରାୟଣ ଜେନା)**

ରାଜ୍ୟରେ ସରକାରୀ କାର୍ଯ୍ୟ ତଥା ପ୍ରଶାସନକୁ ଅଧିକ ଗତିଶୀଳ କରିବାପାଇଁ ଆଗାମୀ ଦିନରେ ତୃଣମୂଳସ୍ତରରେ ତଥା ସବୁ ବ୍ଲକ ଓ ତହସିଲରେ 'ଓସ୍ୱାସ୍' କାର୍ଯ୍ୟାନ୍ୱୟନ ହେବ। ଏହି କାର୍ଯ୍ୟକୁ ଆସନ୍ତା ମାର୍ଚ୍ଚ ୩୧ ସୁଦ୍ଧା ଶେଷ କରିବାକୁ ମୁଖ୍ୟଶାସନ ସଚିବ ଅନୁ ଗର୍ଗ ରାଜ୍ୟ ବୈଦ୍ୟୁତିକ ଓ ସୂଚନା ପ୍ରଯୁକ୍ତି(ଇଆଣ୍ଡଆଇଟି)ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି।

ଏସଂକ୍ରାନ୍ତରେ ଯୋଜନା ଓ ସଂଯୋଜନା ବିଭାଗ ଅତିରିକ୍ତ ସଚିବ ଶୁଭଶ୍ରୀ ନନ୍ଦ ଫେବୃଆରୀ ୧୦ରେ ମୁଖ୍ୟଶାସନ ସଚିବଙ୍କ ବିବରଣୀକୁ ନେଇ ଦର୍ଶାଇଛନ୍ତି, ସଚିବସ୍ତରୀୟ ବୈଠକରେ ଏନେଇ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଛି। ଏହାକୁ ଦୃଷ୍ଟିରେ ରଖି ମାର୍ଚ୍ଚ ୩୧ ସୁଦ୍ଧା ଯେପରି ସବୁ ତହସିଲ ଓ ବ୍ଲକରେ 'ଓସ୍ୱାସ୍' କାର୍ଯ୍ୟକାରୀ ହୋଇପାରିବ ସେଥିପ୍ରତି ଗୁରୁତ୍ୱ ଦେବାକୁ ହେବ ବୋଲି 'ଇଆଣ୍ଡଆଇଟି' ବିଭାଗକୁ କହିଛନ୍ତି।

ମୁଖ୍ୟଶାସନ ସଚିବଙ୍କ ନିର୍ଦ୍ଦେଶ ଅନୁଯାୟୀ, ଆଗାମୀ ଦିନରେ ସବୁ ସରକାରୀ କର୍ମଚାରୀ ଗୋଟିଏ ଛାତ ତଳକୁ ଆସିବେ। ମାର୍ଚ୍ଚ ୩୧ ସୁଦ୍ଧା 'ଓସ୍ୱାସ୍-୩.୦'ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟକାରୀ ହେବ। ଫଳରେ ସରକାରୀ କାର୍ଯ୍ୟ କାଗଜବିହୀନ ହେବା ସହିତ ୭୦ହଜାର କର୍ମଚାରୀ ଗୋଟିଏ ପ୍ଲାଟ୍‌ଫର୍ମରେ ଯୋଡ଼ି ହୋଇପାରିବେ, ଯାହାକି ସାଧାରଣ ଲୋକଙ୍କୁ ତ୍ୱରିତ ସରକାରୀ ସେବା ପ୍ରଦାନରେ ସହାୟକ ହୋଇପାରିବ। ତେବେ ରାଜ୍ୟ ସରକାରଙ୍କ ପକ୍ଷରୁ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ(ଏଆଇ)କୁ ସରକାରୀସ୍ତରରେ ତ୍ୱରାନ୍ୱିତ କରାଯିବାକୁ ଲକ୍ଷ୍ୟ ରହିଛି। ଏହାଦ୍ୱାରା ☞ପୃଷ୍ଠା–୨

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ମ୍ୟୁଜିକ୍ ଲିଜେଣ୍ଡ ପ୍ରଫୁଲ୍ଲ କର ସଂସ୍କାର ପକ୍ଷରୁ ସଙ୍ଗୀତ ସନ୍ଧ୍ୟା 'କମଳ ଦେଶ ରାଜ କୁମାର', ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୫ ।

## ଖୋର୍ଦ୍ଧା

- ଜାଗରଯାତ୍ରା ଉପଲକ୍ଷେ ଅଷ୍ଟପ୍ରହର ନାମଯଜ୍ଞ, ସ୍ଥାନ: ବାଲୁଙ୍କେଶ୍ୱର ଦେବ ମନ୍ଦିର, ସାଲତରା, ସମୟ: ସକାଳ ୬ଟା ।
- ଜାଗରଯାତ୍ରା ଉପଲକ୍ଷେ ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ବାଲୁଙ୍କେଶ୍ୱର ଦେବ ମନ୍ଦିର, ପୁଇଁଚା, ସମୟ: ସକାଳ ୭ଟା ।
- ଜାଗର ମହୋତ୍ସବ, ସ୍ଥାନ: ବଡ଼ପଦର, ସମୟ: ସନ୍ଧ୍ୟା ୬ଟା ।
- ସାଂସ୍କୃତିକ କାର୍ଯ୍ୟକ୍ରମ ବାଦୀପାଲା, ସ୍ଥାନ: ଲୋକେଶ୍ୱର ଦେବ ମନ୍ଦିର, ସୁଆଁଳ, ସମୟ: ସନ୍ଧ୍ୟା ୭ଟା ।

## ବାଲେଶ୍ୱର

- ଜମ୍ବେଶ୍ୱର ମହାବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ:ଗରସଙ୍ଗ, ଖଇରା, ସମୟ:ପୂର୍ବାହ୍ନ ୧୦ଟା ।
- ବରିଷ୍ଠ ନାଗରିକ ସଂଘର ବାର୍ଷିକ ଉତ୍ସବ, ସ୍ଥାନ:ବାଲିଖଣ୍ଡ,ସମୟ:ପୂର୍ବାହ୍ନ ୧୧ଟା ।
- କଇଁଗଡ଼ିଆ-ଗରସଙ୍ଗ ଭାୟା ଜଳଙ୍ଗ ବଉଳାଣୀ ରାସ୍ତାର ଶିଳାନ୍ୟାସ,ସ୍ଥାନ:ଜଳଙ୍ଗ, ଖଇରା,ସମୟ:ପୂର୍ବାହ୍ନ ୧୧ଟା ।
- ସାଂସ୍କୃତିକ କାର୍ଯ୍ୟକ୍ରମ,ସ୍ଥାନ:ରାଉତପଡ଼ା ବାବା ବାଲକେଶ୍ୱର ନାଥ ଶୈବପୀଠ, ରୂପ୍‌ସା,ସମୟ:ରାତି ୯ଟା ।

## ଭଦ୍ରକ

- ମିଳିତ ଜନଶୁଣାଣି ଶିବିର, ସ୍ଥାନ: ବ୍ଲକ୍ ସମ୍ମିଳନୀ କକ୍ଷ, ବନ୍ତ, ସମୟ: ପୂର୍ବାହ୍ନ ୧୦ଟା ୩୦ ।
- କୁକୁଡ଼ା ଫାର୍ମ ସଂଘର ଖବରଦାତା ସମ୍ମିଳନୀ, ସ୍ଥାନ: ନଳାଙ୍ଗ, ଭଦ୍ରକ, ସମୟ: ମଧ୍ୟାହ୍ନ ୧୨ଟା ।
- ଭାଜପାର ମିଶ୍ରଣ ପର୍ବ, ସ୍ଥାନ: ଖେରଙ୍ଗ, ଚାନ୍ଦବାଲି, ସମୟ: ମଧ୍ୟାହ୍ନ ୧୨ଟା ।

## କେନ୍ଦୁଝର

- ଶିବ ବିବାହ ଉତ୍ସବ ଅବସରରେ କଳସ ଶୋଭାଯାତ୍ରା, ସ୍ଥାନ: ଶିବ ଛକ, ବଡ଼ବିଲଠାରୁ ବିକାଶ ମହଲ, ସମୟ: ସକାଳ ୮ ଟା ୩୦ ।
- ଆନନ୍ଦପୁର ମହାବିଦ୍ୟାଳୟର ୬୨ତମ ବାର୍ଷିକ ଉତ୍ସବ, ସ୍ଥାନ: ମହାବିଦ୍ୟାଳୟ ପରିସର, ସମୟ: ଅପରାହ୍ନ ୨ ଟା ।

## ମୟୂରଭଞ୍ଜ

- ଇାବା କଖାରୁଆ ବୈଦ୍ୟନାଥଙ୍କ ସୁନାବେଶ ଦର୍ଶନ,ସ୍ଥାନ:ମାଣତ୍ରୀ ଶୈବପୀଠ, ବଡ଼ସାହି,ସମୟ: ପ୍ରାତଃ ୫ଟା ।
- ଉତ୍ତର ଓଡ଼ିଶାର ପ୍ରସିଦ୍ଧ ଜାଗରମେଳା,ସ୍ଥାନ:ମାଣତ୍ରୀ, ବଡ଼ସାହି,ସମୟ: ସକାଳ ୮ଟା ।
- ମିଳିତ ଜନଅଭିଯୋଗ ଶୁଣାଣି ଶିବିର,ସ୍ଥାନ: ଉପଜିଲାପାଳଙ୍କ ସମ୍ମିଳନୀ କକ୍ଷ, କରଞ୍ଜିଆ,ସମୟ: ପୂର୍ବାହ୍ନ ୧୦ଟା ।
- ଗୋଶାଳା କପ୍ କ୍ରିକେଟ ଟୁର୍ନାମେଣ୍ଟ,ସ୍ଥାନ: ଗୋଶାଳା ପଡ଼ିଆ, ତୁଳସୀଚଉରା, ବାରିପଦା,ସମୟ: ପୂର୍ବାହ୍ନ ୧୧ଟା ।

## ଗଞ୍ଜାମ

- ଜନଶୁଣାଣି ଶିବିର, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ, କନିଷି, ସମୟ: ପୂର୍ବାହ୍ନ ୧୦ଟା ।
- ପଞ୍ଚାୟତସ୍ତରୀୟ ଜନ ଶୁଣାଣି, ସ୍ଥାନ: ଚୌଧୁରୀ ଟିକରପଡ଼ା ପଞ୍ଚାୟତ କାର୍ଯ୍ୟାଳୟ, ଦିଗପହଣ୍ଡି, ସମୟ: ପୂର୍ବାହ୍ନ ୧୦ ଟା ।
- ପଞ୍ଚାୟତସ୍ତରୀୟ ମିଳିତ ଜନ ଶୁଣାଣି, ସ୍ଥାନ: ବିରଞ୍ଚିପୁର ପଞ୍ଚାୟତ କାର୍ଯ୍ୟାଳୟ, ବୁଗୁଡ଼ା, ସମୟ: ପୂର୍ବାହ୍ନ ୧୦ ଟା ।
- ଅର୍ଥନୀତି ବିଭାଗର ରାଜ୍ୟସ୍ତରୀୟ ସେମିନାର, ସ୍ଥାନ: ବୁଗୁଡ଼ା ପିପୁଲ୍ସ କଲେଜ , ସମୟ: ପୂର୍ବାହ୍ନ ୧୦ ଟା ।

## ଢେଙ୍କାନାଳ

- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ପରଜଙ୍ଗ ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ।

## କେନ୍ଦ୍ରାପଡ଼ା

- ଜିଲାସ୍ତରୀୟ ପ୍ରଶାସନିକ ଜନଶୁଣାଣି ଶିବିର, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଡେରାବିଶ, ସମୟ: ପୂର୍ବାହ୍ନ ୧୦ଟା ।
- ପାଟକୁରା ନିର୍ବାଚନମଣ୍ଡଳୀସ୍ତରୀୟ ମହିଳା ସମାବେଶ, ସ୍ଥାନ: କଳାବୋଦା, ଗରଦପୁର, ସମୟ: ପୂର୍ବାହ୍ନ ୧୧ଟା ।

## ଯାଜପୁର

- ଜିଲାପାଳ ଓ ଏସପିଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ : ରସୁଲପୁର ବ୍ଲକ କାର୍ଯ୍ୟାଳୟ ପରିସର, ସମୟ : ପୂର୍ବାହ୍ନ ୧୦ଟା ।
- ଏନସି ହାଇସ୍କୁଲର ପ୍ଲାଟିନମ ଜୁବିଲି ଉତ୍ସବର ଉଦ୍‌ଯାପନୀ ଦିବସ, ସ୍ଥାନ: ବ୍ୟାସନଗର ଏନସି ହାଇସ୍କୁଲ ପଡିଆ, ସମୟ: ଅପରାହ୍ନ ୪ଟା ।
- ୨୭ତମ ଜାତୀୟ ସଂହତି ଉତ୍ସବର ୪ର୍ଥ ଦିନ କାର୍ଯ୍ୟକ୍ରମ, ସ୍ଥାନ: ବ୍ୟାସନଗର ଗୋଶାଳା ପଡିଆ, ସମୟ: ସନ୍ଧ୍ୟା ୬ଟା ।

## ନୟାଗଡ଼

- ଜାମାଲାଗି ବେଶର ୨୫ତମ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ:ସକାଳ ୭ଟା ।
- ବିଜ୍ଞାନ ପ୍ରଦର୍ଶନୀ, ସ୍ଥାନ:ଖଣ୍ଡପଡା ବ୍ଲକ କୁଞ୍ଜବିହାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ସମୟ:ପୂର୍ବାହ୍ନ ୧୦.୩୦ ।
- ମହିଳା ଆତ୍ମରକ୍ଷା କୌଶଳ ଶିବିରର ୬ଷ୍ଠ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧମ ମହାବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା ।
- ଜାଗର ଯାତ୍ରାର ୨ୟ ଦିବସ, ସ୍ଥାନ: ଖଣ୍ଡପଡା ବ୍ଲକ ବେଣାଗାଡିଆ ନୀଳକଣ୍ଠେଶ୍ୱର ଶିବ ମନ୍ଦିର, ସମୟ: ଅପରାହ୍ନ ୧ଟା ।
- ଜାଗର ଯାତ୍ରା ୨ୟ ଦିବସ, ସ୍ଥାନ: ଖଣ୍ଡପଡା ବ୍ଲକ ଜଗନ୍ନାଥପ୍ରସାଦ ବାଙ୍କନାଥ ମହାଦେବ ମନ୍ଦିର, ସମୟ: ଅପରାହ୍ନ ୨ଟା ।
- ମହାଶିବରାତ୍ରୀ ଅବସରରେ ଜାଗରଯାତ୍ରାର ୨ୟ ଦିବସ, ସ୍ଥାନ:ଶରଣକୁଳ ଲଡୁବାବାଙ୍କ ପୀଠ, ସମୟ:ସନ୍ଧ୍ୟା ୬ଟା ।
- ଜାଗର ଯାତ୍ରାର ୨ୟ ଦିବସ, ସ୍ଥାନ: ଖଣ୍ଡପଡା ବ୍ଲକ ନୀଳକଣ୍ଠେଶ୍ୱର ମନ୍ଦିର, ସମୟ: ସନ୍ଧ୍ୟା ୭ଟା ।

## ନବରଙ୍ଗପୁର

- ବ୍ଲକ୍‌ସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ, ସ୍ଥାନ: ବ୍ଲକ କାର୍ଯ୍ୟାଳୟ, ଡାବୁଗାଁ, ସମୟ: ପୂର୍ବାହ୍ନ ୧୦ଟା ।

## କୋରାପୁଟ

- ଜିଲାସ୍ତରୀୟ ଜିଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି, ସ୍ଥାନ: ସଦ୍‌ଭାବନା ସଭାଗୃହ, କୋରାପୁଟ, ସମୟ: ପୂର୍ବାହ୍ନ ୧୦ଟା ।
- ପଞ୍ଚାୟତସ୍ତରୀୟ ଜନଶୁଣାଣି, ସ୍ଥାନ: ଥୁବା ପଞ୍ଚାୟତ କାର୍ଯ୍ୟଳୟ, ନନ୍ଦପୁର ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା ।
- ପଞ୍ଚାୟତସ୍ତରୀୟ ଜନଶୁଣାଣି ସଚେତନ ଶିବିର, ସ୍ଥାନ: ପଞ୍ଚାୟତ କାର୍ଯ୍ୟାଳୟ, ସେମିଳିଗୁଡ଼ା ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା ।

ପଞ୍ଚାୟତସ୍ତରୀୟ ଜନଶୁଣାଣି, ସ୍ଥାନ: ବୋରିଗୀ ପଞ୍ଚାୟତ, ନାରାୟଣପାଟଣା, ସମୟ: ପୂର୍ବାହ୍ନ ୧୦ଟା ।

## ସମ୍ବଲପୁର

- ମଞ୍ଚ କଳାକାରଙ୍କ ବୈଠକ, ସ୍ଥାନ : ସାମ୍ବାଦିକ ଭବନ, ସମୟ : ପୂର୍ବାହ୍ନ ୧୦ଟା ।
- ସ୍ୱପ୍ନେଶ୍ୱର ବାବାଙ୍କ ସ୍ୱତନ୍ତ୍ର ଶୃଙ୍ଗାର, ସ୍ଥାନ : ଗୋବିନ୍ଦଟୋଲା, ସମୟ : ମଧ୍ୟାହ୍ନ ୧୨ଟା ।
- ଜିଲା ପ୍ରଶାସନ ଆୟୋଜିତ ସୁଭଦ୍ରା ଶକ୍ତି ମେଳା, ସ୍ଥାନ : ପିଏଡି ପଡିଆ, ସମୟ : ସନ୍ଧ୍ୟା ୬ଟା ।
- ଶ୍ରୀକଣ୍ଟେଶ୍ୱର ବାବା ମନ୍ଦିର ପରିଚାଳନା କମିଟି ପକ୍ଷରୁ ଶିବରାତ୍ରୀ ଉପଲକ୍ଷେ ନଗର କିର୍ତ୍ତନ ଓ ବୈଠକୀ କାର୍ଯ୍ୟକ୍ରମ, ସ୍ଥାନ : କୁଲୁଥକାନୀ ସ୍ଥିର ମନ୍ଦିର ପରିସର, ସମୟ : ସନ୍ଧ୍ୟା ୭ଟା ।

## ରାଉରକେଲା

- ଆର୍ଯ୍ୟଭଟ୍ଟ ଟ୍ୟାଲେଣ୍ଟ ସର୍ଚ୍ଚ ଟେଷ୍ଟ, ସ୍ଥାନ: ଦିଲ୍ଲୀ ପବ୍ଲିକ ସ୍କୁଲ, ସମୟ: ସକାଳ ୮ଟା ।
- ଜାଗର ମେଳା, ସ୍ଥାନ: ବେଦବ୍ୟାସ, ସମୟ: ସକାଳ ୮ଟା ।
- ଡ୍ୟାନ୍ସ ବ୍ୟାଟେଲ, ସ୍ଥାନ: ଏନ୍‌ଆଇଟି ରାଉରକେଲା, ସମୟ: ସନ୍ଧ୍ୟା ୬ଟା ।
- ଜିଲା ପ୍ରଦର୍ଶନୀ, ସ୍ଥାନ: ବେଦବ୍ୟାସ ମେଳା ପଡିଆ, ସମୟ: ସନ୍ଧ୍ୟା ୬ଟା ।

## ବରଗଡ଼

- ମହାଶିବରାତ୍ରି ମହୋତ୍ସବ,ସ୍ଥାନ:ଧବଳେଶ୍ୱର ମନ୍ଦିର, ଭୁଟିବାହାଲ, ଗାଇସିଲେଟ,ସମୟ:ସକାଳ ୮ଟା ।
- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର,ସ୍ଥାନ:ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷ, ସୋହେଲା,ସମୟ:ପୂର୍ବାହ୍ନ ୧୦ଟା ।
- ଜିଲା ଠିକାଦାର ସଂଘର ଖବରଦାତା ସମ୍ମିଳନୀ,ସ୍ଥାନ: ସାଇକ୍ରିଷ୍ଣା ପେଲେସ, ବରଗଡ଼, ସମୟ:ପୂର୍ବାହ୍ନ ୧୧ଟା ୩୦ ।

## କଳାହାଣ୍ଡି

- ଜିଲାପାଳଙ୍କ ଅଭିଯୋଗ ଓ ଶୁଣାଣି ଓ ସମାଧାନ ଶିବିର, ସ୍ଥାନ: ଜୁନାଗଡ଼ ବ୍ଲକ ସମ୍ମିଳନୀ କକ୍ଷ,ସମୟ: ପୂର୍ବାହ୍ନ ୧୦ଟା ।
- ଇଂରାଜୀ ବିଭାଗର ଦ୍ୱିଦିବସୀୟ ଜାତୀୟ ସେମିନାର ଉଦ୍‌ଘାଟିତ, ସ୍ଥାନ: ଭବାନୀପାଟଣା ମା'ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ।

## ବୌଦ୍ଧ

- ଅଷ୍ଟପ୍ରହର ନାମଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: କପିଳେଶ୍ୱର ମନ୍ଦିର ପ୍ରାଙ୍ଗଣ, କରକଟା, ହରଭଙ୍ଗା, ସମୟ: ସକାଳ ୯ଟା ।
- ବୌଦ୍ଧ ଜିଲାପାଳଙ୍କ ଯୁଗ୍ମ ଜନଶୁଣାଣି ଶିବିର, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ କଣ୍ଟାମାଳ, ବୌଦ୍ଧ, ସମୟ: ପୂର୍ବାହ୍ନ ୧୦ଟା ।

## ଦେବଗଡ଼

- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ରିଆମାଳ ବ୍ଲକ୍ ଚୁହିଲାମାଳ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ।
- ମା'କନକଦୁର୍ଗାଙ୍କ ସନ୍ଧ୍ୟାଆଳତି, ସ୍ଥାନ: ଦେବଗଡ଼ ମଠସାହିସ୍ଥିତ ମା' କନକଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା ।

## ସୁବର୍ଣ୍ଣପୁର

- ଅଷ୍ଟ ପ୍ରହର ନାମଯଜ୍ଞର ପୂର୍ଣ୍ଣାହୁତି, ସ୍ଥାନ: ଗୌଡ଼ଗାଡ,ବୀରମହାରାଜପୁର ବ୍ଲକ, ସମୟ: ସକାଳ ୯ଟା ।
- ମା' ମଙ୍ଗଳା-ମାଉଳି କ୍ରିକେଟ କପର ଚତୁର୍ଥ ଦିବସ, ସ୍ଥାନ: କଦଳୀପାଲି, ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୧ଟା ।

## ନୂଆପଡ଼ା

- ତୃତୀୟବର୍ଷ ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ ନାମଧାରଣ ଅବ୍ୟାହତ ଓ ଆଳତି , ସ୍ଥାନ: କୋମନା ବ୍ଲକ ତରବୋଡ ଥାନାପଡ଼ା, ସମୟ: ପ୍ରାତଃ ୫ଟା ।
- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଖଡ଼ିଆଳ, ସମୟ: ପୂର୍ବାହ୍ନ ୧୦ଟା ।
- କଂଗ୍ରେସ ଦଳର ନବ ନିର୍ବାଚିତ କର୍ମକର୍ତ୍ତାଙ୍କୁ ଜିଲା କଂଗ୍ରେସ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ସଭା, ସ୍ଥାନ: ପୋଲିସ ପଡ଼ିଆ କଲ୍ୟାଣ ମଣ୍ଡପ, ନୂଆପଡ଼ା, ସମୟ: ପୂର୍ବାହ୍ନ ୧୧ଟା ।
- ଶ୍ରୀମଦ୍ ଭାଗବତ ସପ୍ତାହ ପାରାୟଣ ଉଦ୍‌ଯାପନ, ସ୍ଥାନ: କୋମନା ବ୍ଲକ ବୃଦ୍ଧିକୋମନା ପଞ୍ଚାୟତ ଡୋଙ୍ଗରିପାଲି ଗାଁ, ସମୟ: ଅପରାହ୍ନ ୧ ଟା ।
- ବର୍ଦ୍ଧିତ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ -ଖଡ଼ିଆଳ ବ୍ଲକ ଚନାବେଡ଼ା ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ଅପରାହ୍ନ ୩ଟା ।

# ଜ୍ୟାକଲିନ୍‌ଙ୍କୁ ଭାଲେଣ୍ଟାଇନ୍ସ ଡେ'ରେ ହେଲିକପ୍ଟର ଗିଫ୍ଟ



ମୁମ୍ବାଇ: ବଲିଉଡ୍ ଅଭିନେତ୍ରୀ ଜ୍ୟାକଲିନ ଫର୍ନାଣ୍ଡିଜ୍ ପୁଣି ଚର୍ଚ୍ଚାକୁ ଆସିଛନ୍ତି । ଠକେଇ ମାମଲାରେ ଜେଲରେ ଥିବା ସୁକେଶ ଚନ୍ଦ୍ରଶେଖର ଭାଲେଣ୍ଟାଇନ୍ସ ଡେ' ଅବସରରେ ଜ୍ୟାକଲିନ୍‌ଙ୍କୁ ଏକ ବିଳାସପୂର୍ଣ୍ଣ 'ଏୟାରବସ୍ ଏଚ୍-ସିରିଜ' ହେଲିକପ୍ଟର ଉପହାର ଦେଇଥିବା ଦାବି କରିଛନ୍ତି । ସୁକେଶଙ୍କ କହିବା ଅନୁଯାୟୀ, ଏହି କଳା ରଙ୍ଗର ହେଲିକପ୍ଟରରେ ଅଭିନେତ୍ରୀଙ୍କ ନାମର ସଂକ୍ଷିପ୍ତ ରୂପ 'ଜେଏଫ୍' ଲେଖାଯାଇଛି । ଏହାର ଭିତର ଏବଂ ବାହାର ପାର୍ଶ୍ୱକୁ ଜ୍ୟାକଲିନଙ୍କ ପୂର୍ବରୁ ଥିବା ଜେଟ୍ ଏବଂ ୟଟ ସହ ମେଳ ଖାଇବା ଭଳି ଡିଜାଇନ କରାଯାଇଛି । ଜେଲରୁ ଲେଖିଥିବା ଏକ ଚିଠିରେ ସୁକେଶ ଦର୍ଶାଇଛନ୍ତି ଯେ, ଏହି ହେଲିକପ୍ଟରଟି ସେ ନିଜର କଷ୍ଟଅର୍ଜିତ ଟଙ୍କାରେ କିଣିଛନ୍ତି । ଏଥିସହ ଏଥିରେ ସେ ଉଲ୍ଲେଖ କରିଛନ୍ତି, ମୁମ୍ବାଇର ଟ୍ରାଫିକ ସମସ୍ୟାରୁ ବଞ୍ଚିବା ଏବଂ ଶୁଟିଂ ପାଇଁ ଦୂର ସ୍ଥାନକୁ ସହଜରେ ଯିବା ଲାଗି ସେ ଏହି ଉପହାର ଦେଇଛନ୍ତି । ନିଜ କାର୍ଯ୍ୟ ଯୋଗୁ ଜ୍ୟାକଲିନ ଯେଉଁ ଆଇନଗତ ସମସ୍ୟା ଓ ମାନସିକ ଚାପ ଦେଇ ଗତି କରୁଛନ୍ତି, ସେଥିନେଇ ସୁକେଶ ଚିଠିରେ କ୍ଷମା ମଧ୍ୟ ମାଗିଛନ୍ତି । ତେବେ ସୁକେଶଙ୍କ ଏହି ଦାବି ଉପରେ ଜ୍ୟାକଲିନଙ୍କ ପକ୍ଷରୁ ଏପର୍ଯ୍ୟନ୍ତ କୌଣସି ପ୍ରତିକ୍ରିୟା ମିଳିନାହିଁ ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଉଡ଼ନ୍ତା ଖଇ ଗୋବିନ୍ଦାୟ ସ୍ୱାହା ।**

କେତେକ କୃପଣ ବ୍ୟକ୍ତି ନିଜ ଉପାର୍ଜିତ ଧନକୁ ଦେବଦେବୀଙ୍କ ପାଇଁ ଖର୍ଚ୍ଚ କରିବା ଲାଗି ଉଚିତ୍ ମନେ କରି ନ ଥାନ୍ତି । ନିଜ ଧନକୁ ସଞ୍ଚି ରଖିବାରେ ସେମାନେ ମହାଆନନ୍ଦ ପାଇଥାନ୍ତି । କୌଣସି କାରଣବଶତଃ ସେମାନଙ୍କ ହାତରୁ ଧନ ଚାଲିଗଲେ ସେମାନେ ବହୁତ ଦୁଃଖ ପ୍ରକାଶ କରିଥାଆନ୍ତି । ସେହି ସମୟରେ ହାତରୁ ଖସି ଯାଇଥିବା ଧନ ଗୋବିନ୍ଦ ବା ଠାକୁରଙ୍କ ଲାଗି ଖର୍ଚ୍ଚ ହୋଇଯାଇଛି ବୋଲି ମନେ କରି ନିଜକୁ ନିଜେ ପ୍ରବୋଧନା ଦେଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି ।

**ଉଦୟ ବେଳେ ଅସ୍ତ ନାହିଁ କି ଅସ୍ତ ବେଳେ ଉଦୟ ନାହିଁ ।**

ସମୟ ଓ ପରିସ୍ଥିତି କେତେବେଳେ କାହାକୁ ନେଇ କେଉଁଠି ପହଞ୍ଚାଇ ଦେଇଥାଏ ତାହା କହିହୋଇ ନ ଥାଏ । ସମୃଦ୍ଧି ବେଳେ ପତନ ଓ ପତନ ବେଳେ ସମୃଦ୍ଧିର ଅଭାବ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି ।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ରବିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର ।

# ପ୍ରଥମ ପୃଷ୍ଠାରୁ...

## ତରଳୁଛି ହିମବାହ, ...

ମାତ୍ର ୧% ତରଳିଗଲେ ପୃଥିବୀରେ ଥିବା ଏକ-ପଞ୍ଚମାଂଶ ହିମବାହ ଅଞ୍ଚଳକୁ ଜଳ ପ୍ଲାବିତ ହେବ । ଏହା ବିପର୍ଯ୍ୟୟକୁ ଡାକି ଆଣିବା ସହ ଅନେକ ହଜାର ଲୋକ ପ୍ରଭାବିତ ହେବେ । ଏପରି କି ଉଚ୍ଚ ପାର୍ବତ୍ୟ ଅଞ୍ଚଳରେ ବସବାସ କରୁଥିବା ସମୁଦାୟ ମଧ୍ୟ ଏହାର ଦୁଷ୍ପରିଣାମ ଭୋଗିବେ । ଅନେକ ଧନଜୀବନ ହାନି ହେବା ସହ ଭିତ୍ତିଭୂମିଗୁଡ଼ିକ ମଧ୍ୟ ନଷ୍ଟ ହୋଇଯିବ ବୋଲି ଉକ୍ତ ଅଧ୍ୟୟନରେ ସେ ସତର୍କ କରାଇଛନ୍ତି ।

ଗବେଷଣାରୁ ଆହୁରି ଜଣାପଡ଼ିଛି ଯେ, ଆର୍କଟିକ୍‌ରେ ୪୮.୩% ଏବଂ ହାଇ ମାଉଣ୍ଟେନ୍ ଏସିଆରେ ୫୦.୫% ହିମବାହ ତରଳୁଛି । ବିଶେଷକରି କାରାକୋରମ୍ ପାର୍ବତ୍ୟ ଅଞ୍ଚଳ ଓ ଆଣ୍ଡେସ୍‌ରେ ହିମବାହ ଅଧିକ ତରଳୁଥିବା ପରିଲକ୍ଷିତ ହୋଇଛି । ମାନବ ଜାତି ପ୍ରତି ତତ୍କାଳ ବିପଦ ସୃଷ୍ଟି କରିବାକୁ ଥିବା ତରଳମାନ ହିମବାହ ସଂଖ୍ୟା ହେଉଛି ୮୧ । କେତେକ ଅଞ୍ଚଳରେ ଏହି ତରଳିବା ପ୍ରକ୍ରିୟା ସ୍ୱାଭାବିକଠାରୁ ଅଧିକ ରହିଛି । ଏଥିଯୋଗୁ ଗ୍ଲାସିଆଲ ଲେକ୍ ଆଉଟ୍‌ବର୍ଷ୍ଟ ଫ୍ଲଡ୍ (ଜିଏଲ୍‌ଓଏଫ୍) ବା ହିମବାହଜନିତ ବାଦଲଫଟା ବର୍ଷାର ପରିମାଣ ବଢ଼ିପାରେ, ଯାହାକି ବିଗତ ଦିନଗୁଡ଼ିକରେ ଜମ୍ମୁ-କଶ୍ମୀର, ହିମାଚଳ ପ୍ରଦେଶ, ଉତ୍ତରାଖଣ୍ଡରେ ଦେଖିବାକୁ ମିଳିଛି । ୨୦୧୧ରୁ ୨୦୨୪ ମଧ୍ୟରେ ଭାରତରେ ଗ୍ଲାସିଆଲ ଲେକ୍ ଏରିଆରେ ୨୦% ବୃଦ୍ଧି ଘଟିଥିବା ନେଇ ଏକ ଉଦ୍‌ବେଗଜନକ ରିପୋର୍ଟ କେନ୍ଦ୍ରୀୟ ଜଳ କମିଶନ (ସିଡବ୍ଲ୍ୟୁସି) ପକ୍ଷରୁ ନିକଟରେ ପ୍ରକାଶିତ ହୋଇଥିଲା । ପୂର୍ବ ହିମାଳୟ କ୍ଷେତ୍ର ବିଶେଷକରି ସିକିମ୍ ଓ ଅରୁଣାଚଳ ପ୍ରଦେଶରେ ଅନେକ ଶହ ହିମବାହ ତରଳି ଭୂଭାଗକୁ ମାଡ଼ିଆସୁଥିବାରୁ ଏହା ଉପରେ ତୀକ୍ଷ୍ଣ ନଜର ରଖାଯିବା ଜରୁରୀ ହୋଇପଡ଼ିଛି ।

ଜମ୍ମୁ-କଶ୍ମୀର ଓ ଲଦାଖରେ ୬୨ଟି ବିପଜ୍ଜନକ ହିମହ୍ରଦ ରହିଛି, ଯାହାକି ଭାରତରେ ସର୍ବାଧିକ । ପୂର୍ବ କାରାକୋରମ୍‌ର ଶିୟୋକ୍ ଉପତ୍ୟକାରେ ପୂର୍ବରୁ ହିମବାହ ତରଳି ବିପଜ୍ଜନକ ସ୍ଥିତି ଉପୁଜିଥିଲା । ସେହିପରି ସିକିମ୍‌ରେ ୧୭ଟି ବିପଜ୍ଜନକ ହିମହ୍ରଦ ରହିଛି । ୨୦୨୩ରେ ସାଉଥ୍ ଲୋନାକ୍ ବାଦଲଫଟା ବର୍ଷା 'ହିମାଳୟରେ ସୁନାମି' ସଙ୍କଟ ଭଳି ସ୍ଥିତି ଉପୁଜାଇଥିଲା । ଅରୁଣାଚଳ ପ୍ରଦେଶ ଗତ ୩୨ ବର୍ଷ ମଧ୍ୟରେ ୧୧୦ଟି ହିମବାହକୁ ହରାଇଛି । ଫଳରେ ସମ୍ପୃକ୍ତ ଅଞ୍ଚଳରେ ଅସ୍ଥିର ହ୍ରଦଗୁଡ଼ିକ ସୃଷ୍ଟି ହୋଇଛି । ଏହିସବୁ ଅଞ୍ଚଳରେ ସରକାରଙ୍କ ପକ୍ଷରୁ ଜଳବିଦ୍ୟୁତ୍ ପ୍ରକଳ୍ପ ଓ ଡ୍ୟାମ୍‌ଗୁଡ଼ିକ ନିର୍ମାଣ କରାଯାଉଥିବାବେଳେ ସମ୍ଭାବ୍ୟ ବିପଦ ଏଡ଼ାଇବା ଦିଗରେ ଆବଶ୍ୟକ ପଦକ୍ଷେପ ନିଆଯାଉ ନ ଥିବାରୁ ପରିବେଶ ଉପରେ ପ୍ରଭାବ ପଡ଼ିବା ସହ ଲୋକଙ୍କ ଜୀବନ ହାନି ହେଉଛି ।

ହିମବାହଗୁଡ଼ିକ ସିନ୍ଧୁ, ଗଙ୍ଗା ଓ ବ୍ରହ୍ମପୁତ୍ର ଭଳି ବଡ଼ ନଦୀ ପାଇଁ ୱାଟର ଟାୱାର (ଜଳସ୍ତମ୍ଭ) ଭାବେ କାର୍ଯ୍ୟ କରିଥାଏ । ହିମବାହ ତରଳିଲେରେ ଏହି ବଡ଼ ନଦୀ ଓ ଏହାର ଶାଖାନଦୀଗୁଡ଼ିକ ବନ୍ୟାରେ ଫୁଲି ଉଠନ୍ତି । ଏଥିଯୋଗୁ ଭାରତୀୟ କୃଷି ଓ କୃଷିଆଧାରିତ ଅର୍ଥନୀତିକୁ ବିପୁଳ କ୍ଷତି ସହିବାକୁ ପଡ଼ିଥାଏ । ତେଣୁ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି (ଆଇଆଇଟି) ରୁର୍କି ଏବଂ ଜାତୀୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ (ଏନ୍‌ଡିଏମ୍‌ଏ) ପରି ପ୍ରତିଷ୍ଠାନ ଏସିଆର ଅତ୍ୟୁଚ୍ଚ ପର୍ବତମାଳା ଉପରେ ହାଇ-ରିଜୋଲ୍ୟୁଶନ୍ ସାଟେଲାଇଟ୍ ଡାଟା ବ୍ୟବହାର କରି ୩୧,୦୦୦ ହିମହ୍ରଦର ଗତିବିଧି ନେଇ ଗବେଷଣା ଜାରି ରଖିଛନ୍ତି ।

## ପ୍ରାତଃ ଭ୍ରମଣ ବେଳେ ...

ରମେଶ ପ୍ରଧାନ, ଭେଜିପୁଟ ଫାଣ୍ଡି ଅଧିକାରୀ ଦେବାଶିଷ ମିଶ୍ର, ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀ ଓ ତହସିଲଦାର ଡି. ମାଲେଶ୍ୱର ପାତ୍ର ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ପରିବାର ଲୋକଙ୍କୁ ବୁଝାଶୁଝା କରି ସ୍ଥିତିନିୟନ୍ତ୍ରଣକୁ ଆଣିଥିଲେ । ଏ ସମ୍ପର୍କରେ ଖଲ୍ଲିକୋଟ ଥାନାରେ ନଂ. ୯/୨୬ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି । ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ପଠାଯାଇଥିବା ଆଇଆଇସି ପ୍ରଧାନ କହିଛନ୍ତି । ଏ ସମ୍ପର୍କରେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର ଅଧ୍ୟକ୍ଷ କରୁଣାକର ପଟ୍ଟନାୟକଙ୍କୁ ପଚାରିବାରୁ ସେ କହିଲେ, ଏହା ଏକ ବଡ ଦୁଃଖର କଥା । ସବୁ ଛୁଟିରେ ପିଲାମାନେ ମର୍ଣ୍ଣିଂ ୱାକରେ ଯାଆନ୍ତି । ଆଜି ଏଭଳି ଏକ ଅଭାବନୀୟ ଘଟଣା ଘଟିବ ଆମେ କଳ୍ପନା କରିପାରୁନୁ । ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ଦୁଃଖରେ ଭାଙ୍ଗି ପଡ଼ିଛନ୍ତି ।

## ପାକିସ୍ତାନକୁ ହରାଇ ...

(୪)ଙ୍କୁ ଆଉଟ କରିବାରୁ ୧୧.୪ ଓଭର ବେଳକୁ ପାକିସ୍ତାନ ସ୍କୋର ୭୮/୬ ହୋଇ ଯାଇଥିଲା । ଏଥିରୁ ଆଉ ପାକିସ୍ତାନ ଶେଷ ପର୍ଯ୍ୟନ୍ତ ମୁକୁଳିପାରି ନ ଥିଲା । ଭାରତ ପକ୍ଷରୁ ଯଶପ୍ରୀତ୍ ବୁମ୍ରା, ଅକ୍ଷର ପଟେଲ୍, ବରୁଣ ଚକ୍ରବର୍ତ୍ତୀ ଓ ହାର୍ଦ୍ଦିକ ପାଣ୍ଡ୍ୟା ୨ଟି ଲେଖାଏ ଏବଂ କୁଲଦୀପ ଯାଦବ ଓ ତିଳକ ବର୍ମା ଗୋଟିଏ ଲେଖାଏ ଉଇକେଟ ନେଇଥିଲେ ।

ଭାରତ ୨ଟି ପରିବର୍ତ୍ତନ ସହ ଏହି ମ୍ୟାଚ ଖେଳିଥିଲା । ସଞ୍ଜୁ ସାମସନ ଓ ଅର୍ଶଦୀପ ସିଂଙ୍କ ସ୍ଥାନରେ ଅଭିଷେକ ଶର୍ମା ଓ କୁଲଦୀପ ଯାଦବଙ୍କୁ ସୁଯୋଗ ମିଳିଥିଲା । ଟସ୍ ଜିତି ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ ପାକିସ୍ତାନ ଅଧିନାୟକ ସଲମାନ ଅଲୀ ଆଘା । କେବଳ ସେତିକି ନୁହେଁ ନିଜ ଅନ୍ତର୍ଜାତୀୟ କ୍ୟାରିୟରରେ ସେ ଦ୍ୱିତୀୟଥରଲାଗି ବୋଲିଂ ଓପନ କରି ୬ଷ୍ଠ ବଲ୍‌ରେ ବିସ୍ଫୋରକ ବ୍ୟାଟର ଅଭିଷେକ ଶର୍ମାଙ୍କୁ ଆଉଟ କରି ଭାରତ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିଲେ । ୪ଟି ବଲ୍‌ର ସମ୍ମୁଖୀନ ହୋଇଥିବା ଅଭିଷେକ ଡକ୍(୦)ରେ ଆଉଟ ହୋଇଥିଲେ । ତେବେ ଇଶାନ କିଶନ ଓ ତିଳକ ବର୍ମା ଇନିଂସ ସମ୍ଭାଳି ଥିଲେ । ପାୱାରପ୍ଲେ ୬ ଓଭରରେ ଭାରତ ୧ ଉଇକେଟରେ ୫୨ ରନ ସଂଗ୍ରହ କରିଥିଲା । ୨୭ ବଲ୍‌ରେ ଅର୍ଦ୍ଧଶତକ ପୂରଣ କରିଥିଲେ କିଶନ । ଭାରତ-ପାକିସ୍ତାନ ଟି୨୦ ଅନ୍ତର୍ଜାତୀୟରେ ଏହା ତୃତୀୟ ଦ୍ରୁତତମ ଥିଲା । ଦ୍ୱିତୀୟ ଉଇକେଟରେ ୮୭ ରନର ଭାଗୀଦାରି ପରେ କିଶନ ବ୍ୟକ୍ତିଗତ ୭୭ ରନକରି ଆଉଟ ହୋଇଥିଲେ । ସେ ୪୦ଟି ବଲ୍‌ର ସମ୍ମୁଖୀନ ହୋଇ ନିଜ ଇନିଂସ ମଧ୍ୟରେ ୧୦ ଚୌକା ଓ ୩ ଛକା ମାରିଥିଲେ । ସ୍ପିନର ସଇମ ଆୟୁବ ପାକିସ୍ତାନକୁ ବ୍ରେକ୍ ଥ୍ରୁ ଦେଇଥିଲେ । କେବଳ ସେତିକି ନୁହେଁ ଆୟୁବ ନିଜ ୪ର୍ଥ ଓଭରରେ ଭାରତକୁ ଡବଲ୍ ଝଟ୍‌କା ଦେଇ ଭାରତୀୟ ପ୍ରଶଂସକଙ୍କ ମଧ୍ୟରେ ନିରବତା ଭରିଥିଲେ । ଏହିଠାରୁ ଭାରତର ମୋମେଣ୍ଟମ୍ ବ୍ରେକ୍ ହୋଇଥିଲା । ଆୟୁବ ନିଜ ଅନ୍ତିମ ଓଭରର ଦ୍ୱିତୀୟ ବଲ୍‌ରେ ତିଳକ ବର୍ମାଙ୍କୁ ଏଲବିଡବ୍ଲ୍ୟୁ କରିଥିବାବେଳେ ୪ର୍ଥ ବଲ୍‌ରେ ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ଲଙ୍ଗ ଅଫ୍‌ରେ ବାବର ଆଜମଙ୍କ ହାତରେ କ୍ୟାଚ କରାଇଥିଲେ । ତିଳକ ୨୫ ରନ କରିଥିବାବେଳେ ହାର୍ଦ୍ଦିକ ଖାତା ଖୋଲିପାରି ନ ଥିଲେ । ପରବର୍ତ୍ତୀ ବଲ୍‌ରେ ଶିବମ୍ ଦୁବେଙ୍କୁ କଟ୍ ବିହାଇଣ୍ଡ ଆବେଦନ କରି ହ୍ୟାଟ୍ରିକ ପୂରଣ ପାଇଁ ଇଚ୍ଛା ରଖିଥିଲେ ଆୟୁବ । ମାତ୍ର ରିଭ୍ୟୁରେ ଏହା ନାକଚ ହୋଇ ଯାଇଥିଲା । ପାକିସ୍ତାନ ଏହି ମ୍ୟାଚରେ ୬ ସ୍ପିନର ବ୍ୟବହାର କରିଥିଲା । ଯାହାକି ଟି୨୦ ବିଶ୍ୱକପରେ ସର୍ବାଧିକ । ଅଧିନାୟକ ସୂର୍ଯ୍ୟକୁମାର ଯାଦବ ୨୯ ବଲ୍‌ରୁ ୩୨ ରନକରି ଆଉଟ ହେବାପରେ ଶିବମ୍ ଦୁବେ ୧୭ ବଲ୍‌ରୁ ୨୭ ଓ ରିଙ୍କୁ ସିଂ ୪ ବଲ୍‌ରୁ ୧୧ ରନ ସଂଗ୍ରହ କରିବାରୁ ଭାରତ ସ୍କୋର ୧୭୫ ଛୁଇଁଥିଲା । ପାକିସ୍ତାନ ପକ୍ଷରୁ ସଇମ ଆୟୁବ ୩ଟି ଏବଂ ଅଧିନାୟକ ସଲମାନ ଆଘା, ଶାହିନ ଆଫ୍ରିଦୀ ଓ ଉସମାନ ତାରିକ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ ।

## ଓସ୍ୱାସରେ ଯୋଡ଼ିହେବେ...

ସରକାରୀ କାର୍ଯ୍ୟ ଶୃଙ୍ଖଳିତ ହେବା ସହିତ କମ୍ ମାନବସମ୍ବଳରେ ଅଧିକ ସରକାରୀ କାର୍ଯ୍ୟ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ହୋଇପାରିବ । ସୂଚନାଯୋଗ୍ୟ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ 'ଓସ୍ୱାସ୍-୩.୦' କାର୍ଯ୍ୟ ବ୍ୟାପକ ପ୍ରଚଳନ କରିବାପାଇଁ ୨୦୨୫ ଡିସେମ୍ବର ୨୫ରେ ଓୟୁଏଟି ପ୍ରେକ୍ଷାଳୟରେ ଏହାର ଶୁଭାରମ୍ଭ କରିଥିଲେ । ଏହାଦ୍ୱାରା ୪ଟି ଗୁରୁତ୍ୱପୂର୍ଣ୍ଣ ଦିଗ ସାଧନ ହେବ ବୋଲି ସରକାରଙ୍କ ଆଭିମୁଖ୍ୟ ରହିଛି । ସେଥିମଧ୍ୟରେ କାଗଜବିହୀନ କାର୍ଯ୍ୟ, ପ୍ରଶାସନିକ ବିଳମ୍ବିତା କମିବା, ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱତା ରହିବା ସହିତ ସମୟସୀମା ଭିତରେ ନିଷ୍ପତ୍ତି ନିଆଯାଇପାରିବ, ଯାହାକି ସରକାରଙ୍କୁ ଗତିଶୀଳ କରିବାରେ ସହାୟକ ହୋଇପାରିବ । ଏହାକୁ ନେଇ ଓଡ଼ିଶା କମ୍ପ୍ୟୁଟର ଆପ୍ଲିକେଶନ ସେଣ୍ଟର(ଓକାକ୍)କୁ 'ଓସ୍ୱାସ୍-୩.୦' ଉନ୍ନତୀକରଣ କରିବାପାଇଁ ଦାୟିତ୍ୱ ପ୍ରଦାନ କରାଯାଇଛି । ଇତିମଧ୍ୟରେ ୫୦ଦିନ ବିତିଯାଇଥିବାବେଳେ ଆଗାମୀ ୫୦ଦିନରେ ଏହି କାର୍ଯ୍ୟ ଯେପରି ସମ୍ପୂର୍ଣ୍ଣ ହୋଇପାରିବ ସେଥିପ୍ରତି ମୁଖ୍ୟଶାସନ ସଚିବ ଗୁରୁତ୍ୱ ଦେଇଛନ୍ତି । ବୈଠକରେ ଇଲେକ୍ଟ୍ରୋନିକ୍ସ ଆଣ୍ଡ ସେମିକଣ୍ଡକ୍ଟର ହବ୍ କାର୍ଯ୍ୟକାରିତା କେତେଦୂର ଅଗ୍ରସର ହୋଇଛି ସେନେଇ ମୁଖ୍ୟସଚିବ ଇଆଣ୍ଡଆଇଟି ବିଭାଗକୁ ପ୍ରଶ୍ନ କରିବା ସହିତ ଭାରତ ସେମିକଣ୍ଡକ୍ଟର ମିଶନ-୨.୦ ଅଗ୍ରଗତି ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିବା ଜଣାଯାଇଛି ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ଆଜିର ଚନ୍ଦ୍ର ସମସ୍ତ କାର୍ଯ୍ୟ ସକାଶେ ଅନୁକୂଳ ବାତାବରଣ ସୃଷ୍ଟି କରିବ । କିନ୍ତୁ ଅଶ୍ଳେଷା ସକାଶେ ଯେତେ ଭଲ କଲେ ମଧ୍ୟ ଅନ୍ୟମାନଙ୍କର ଆନ୍ତରିକତା ରହିବନି । ବୃଥା ସନ୍ଦେହ ଏବଂ ଭୁଲ୍ ବୁଝାମଣାରୁ ପରିବାରରେ ପ୍ରତିକୂଳ ପରିସ୍ଥିତିର ଚାପ ବଢ଼ିପାରେ । କର୍ମକ୍ଷେତ୍ରସ୍ଥ ପରିସ୍ଥିତିକୁ ସାମ୍ନା କରିବାକୁ ଚେଷ୍ଟା କରନ୍ତୁ ।

**ବୃଷ** – ଭାଗ୍ୟ ସ୍ଥାନରେ ଚନ୍ଦ୍ରମଙ୍ଗଳ ଯୋଗ ଆପଣଙ୍କ ମାନସିକ ସ୍ଥିତି ଓ କର୍ମପ୍ରବାହକୁ ଗତିଶୀଳ କରାଇବ । ପାରିବାରିକ ସମସ୍ୟା ସମାଧାନ ସକାଶେ ପଡୋଶୀଙ୍କ ସାହାଯ୍ୟ ଅବିସ୍ମରଣୀୟ ରହିବ । ମୃଗଶିରା ନକ୍ଷତ୍ର ସହକର୍ମୀଙ୍କ ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ । ଆଜି ପରିସ୍ଥିତିକୁ ସୁଧାରିବାକୁ ଯାଇ ଖର୍ଚ୍ଚାନ୍ତ ହୋଇପାରନ୍ତି ।

**ମିଥୁନ** – ଆଜି ଅଷ୍ଟମଭାବସ୍ଥ ଚନ୍ଦ୍ର ଅର୍ଥନୈତିକ ଅଭିବୃଦ୍ଧି କରାଇବା ସାଙ୍ଗକୁ ବିଭିନ୍ନ ପ୍ରକାର ସମସ୍ୟାରେ ଜଡିତ କରାଇପାରନ୍ତି । ପୁନର୍ବସୁ ନକ୍ଷତ୍ରର ଆନୁଷ୍ଠାନିକ କାମ, ସଂଗଠନ, ଆଇନ ଅଦାଲତ କ୍ଷେତ୍ରରେ ଦାୟିତ୍ୱ ବୃଦ୍ଧି ପାଇବ । ପରିବାରରେ ବନ୍ଧୁମିଳନର ମଜାମଉଜ ପରିବେଶରେ କୌତୁକିଆ କଥା କହି ବନ୍ଧୁଙ୍କୁ ଆପ୍ୟାୟିତ କରିପାରନ୍ତି ।

**କର୍କଟ** – ରାଶ୍ୟାଧିପଙ୍କ କେନ୍ଦ୍ରକୋଣାଧିପଙ୍କ ସଂଯୋଗ ଆପଣଙ୍କୁ ଅଭିଳଷିତ ଦ୍ରବ୍ୟ ପ୍ରାପ୍ତି କରାଇବ । ଆଜି ଯେଉଁ କାମରେ ହାତ ଦେବେ ସଫଳ ହେବେ । ଅଶ୍ଳେଷା ନକ୍ଷତ୍ର ସକାଶେ କର୍ମଜଞ୍ଜାଳର ବ୍ୟସ୍ତତା ସାଙ୍ଗକୁ ପରୋକ୍ଷ ଶତ୍ରୁତା ଟେନ୍‌ସନର କାରଣ ହୋଇପାରେ । ବ୍ୟବସାୟୀଙ୍କ କାରବାରରେ ଉନ୍ନତି ହେବ ଓ ଲାଭର ମାତ୍ରା କିଛି କମିବ ।

**ସିଂହ** – ଧନାଧିପତିଙ୍କୁ ବୃହସ୍ପତିଙ୍କ ଶୁଭଦୃଷ୍ଟି ବିଭିନ୍ନ କ୍ଷେତ୍ରରୁ ଅର୍ଥନୈତିକ ମାନ ବୃଦ୍ଧି କରାଇପାରନ୍ତି । ପୂର୍ବାଫାଲଗୁନୀ ନକ୍ଷତ୍ର କୌଣସି ବନ୍ଧୁଙ୍କ ନିମନ୍ତ୍ରଣରେ ଦୂର ଜାଗାକୁ ଯିବାକୁ ପଡିପାରେ । ଆଜିର ପ୍ରତ୍ୟାବର୍ତ୍ତନ ସମୟରେ ମୂଲ୍ୟବାନ ଦ୍ରବ୍ୟ କିଣିପାରନ୍ତି । କ୍ରୀଡ଼ା, ସଙ୍ଗୀତ, ଚଳଚ୍ଚିତ୍ର ତଥା ମନୋରଞ୍ଜନ କାର୍ଯ୍ୟକ୍ରମରେ ସମସ୍ୟା ସମାଧାନ ହେବ ।

**କନ୍ୟା** – ତୃତୀୟ ଅଷ୍ଟମାଧିପତି ଲାଭାଧିପଙ୍କ ସହ ଥିବାରୁ ଆଜି ପ୍ରାପ୍ୟପାଇବା କଷ୍ଟକର ହୋଇପାରେ । ନୂତନ ଗୃହ, ଯାନବାହନ କିମ୍ବା ମୂଲ୍ୟବାନ୍ ଦ୍ରବ୍ୟପ୍ରାପ୍ତି ପାଇଁ ମାର୍ଗ ଉନ୍ମୁକ୍ତ କରିପାରନ୍ତି । ଚିତ୍ରା ନକ୍ଷତ୍ରର ବାଣିଜ୍ୟ, ପରିବହନ, ଯାତ୍ରା ସମ୍ପର୍କରେ ଚିନ୍ତା ବଢ଼ିଯିବ । ଅସୁସ୍ଥତା ଅନୁଭବ କରିବାରୁ କେତେକ କାମ ସ୍ଥଗିତ ରହିଯାଇପାରେ ।

**ତୁଳା** – ଶୁଭଭାବରେ ଚନ୍ଦ୍ର ଓ ମଙ୍ଗଳଙ୍କ ସ୍ଥିତି ଅର୍ଥ ଓ ସମ୍ମାନ ଦେବାରେ ସମର୍ଥ ହେବ । ସ୍ୱାତୀ ନକ୍ଷତ୍ର ଗତକାଲିର ଦରଖଣ୍ଡିଆ କାମଟିକୁ ଆଜି ପୂର୍ଣ୍ଣାଙ୍ଗ କରିବାରେ ସଫଳ ହେବେ । ପିଲାଙ୍କ ସମ୍ବନ୍ଧୀୟ ସମସ୍ୟା ମନକୁ ଆନ୍ଦୋଳିତ କରିପାରେ । ବନ୍ଧୁ ଗହଣରେ କିମ୍ବା ଆଲୋଚନା ପରିସରରେ ପରିସ୍ଥିତିରେ ପଡି ଠିକ୍ ବିଚାର କରିପାରିବେନାହିଁ ।

**ବିଛା** – ରାଶ୍ୟାଧିପ ଉଚ୍ଚସ୍ଥ ହୋଇ ଭାଗ୍ୟସ୍ଥାନକୁ ଦେଖୁଥିବାରୁ ଆଜି ଆଶା ଓ ଅଭିଳାଷ ପୂରଣ ହୋଇଯିବ । ଅନୁରାଧା ନକ୍ଷତ୍ର ସମସ୍ୟା ଜାଲରେ ଛନ୍ଦି ହୋଇଥିବାରୁ ମନ ଦୁଶ୍ଚିନ୍ତାରେ ଘାରିପାରେ । ସାଧାରଣ ଘଟଣାକୁ କେନ୍ଦ୍ରକରି ଉଚ୍ଚବାଚ ଘଟିବାର ଆଶଙ୍କା ରହିଛି । ସମ୍ପର୍କୀୟ ଜଣେ ବନ୍ଧୁ ଅଯାଚିତ ଭାବେ ନିଜ ତରଫରୁ ସାହାଯ୍ୟର ପ୍ରତିଶ୍ରୁତି ଦେଇପାରନ୍ତି ।

**ଧନୁ** – ଦେବଗୁରୁଙ୍କ ସ୍ୱଗୃହକୁ ଦୃଷ୍ଟିଜନିତ ଶାରୀରିକ ସୁସ୍ଥତା ସାଙ୍ଗକୁ ପାରିବାରିକ ଜୀବନ ସୁଖ ଶାନ୍ତିରେ କଟିବ । କୌଣସି ଲୋକକୁ ଅନ୍ଧଭାବେ ବିଶ୍ୱାସ କରି ହଇରାଣ ହେବେ । ଉତ୍ତରାଷାଢା ନକ୍ଷତ୍ର ସକାଶେ ପିଲାଙ୍କ ବିବାହ ପ୍ରସ୍ତାବ ସମ୍ପର୍କରେ ବନ୍ଧୁ ଖବର ଦେଇପାରନ୍ତି । ବିଭିନ୍ନ ପ୍ରକାର ପ୍ରତିବନ୍ଧକ ହେତୁ ଉନ୍ନୟନମୂଳକ କାମ ବାଧାପ୍ରାପ୍ତ ହୋଇପାରେ ।

**ମକର** – ଶ୍ରୀଚନ୍ଦ୍ରଙ୍କ ପ୍ରଭାବରୁ ଆଜି ଯେଉଁ କାମରେ ହାତଦେବେ ସଫଳତା ମିଳିବ । କିନ୍ତୁ ପାରିବାରିକ ଜୀବନରେ ଭୁଲ୍‌ବୁଝାମଣା ସାଙ୍ଗକୁ ରୁକ୍ଷ ବ୍ୟବହାର ଶାନ୍ତି ଭଗ୍ନ କରିପାରେ । ବାଣିଜ୍ୟ ଓ ପରିବହନରେ ପ୍ରତିବନ୍ଧକ ଦେଖାଦେଇପାରେ । କର୍ମକ୍ଷେତ୍ରରେ ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ ।

**କୁମ୍ଭ** – ଏକାଧିକ ଗ୍ରହ ରାଶିରେ ଅବସ୍ଥାନ କରିଥିବାରୁ ଆଜି କିଛି ଭଲ ସାଙ୍ଗକୁ ଟେନ୍‌ସନ ମଧ୍ୟରେ ଦିନଟି କଟିବ । ଶତଭିଷା ନକ୍ଷତ୍ର କର୍ମକ୍ଷେତ୍ରରେ ଗୁଡାଏ କାମ ହାତକୁ ନେଇ ବିବ୍ରତ ହୋଇପାରନ୍ତି । ସାହିତ୍ୟ ଓ ସଙ୍ଗୀତ କାର୍ଯ୍ୟରୁ ପ୍ରଶଂସିତ ହେବେ । ପରିବାର ସଦସ୍ୟଙ୍କ ରୁଗ୍ଣ ସ୍ୱାସ୍ଥ୍ୟର ଆରୋଗ୍ୟ ସକାଶେ ବ୍ୟସ୍ତତା ବୃଦ୍ଧି ପାଇବ ।

**ମୀନ** – ଉତ୍ତରଭାଦ୍ର ନକ୍ଷତ୍ର ସକାଶେ ଆଜିର ଦିନଟି ଭଲରେ କଟିବ । ବନ୍ଧୁଙ୍କ ପରାମର୍ଶରେ ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଇ କିମ୍ବା ସଭାସମିତିରେ ପ୍ରଶଂସିତ ହେବେ । ଶନିଙ୍କ ପ୍ରଭାବରୁ ସତ୍‌ସଙ୍ଗ, ବ୍ରତୋପାସନା ପ୍ରତି ଶ୍ରଦ୍ଧା ଭକ୍ତି ଜାଗ୍ରତ ହୋଇପାରେ । ଦିନଚର୍ଯ୍ୟା ମଧ୍ୟରେ ଆର୍ଥିକ ସ୍ୱଚ୍ଛଳତା ଓ ପ୍ରିୟ ବନ୍ଧୁଙ୍କ ସାନ୍ନିଧ୍ୟ ଲାଭରୁ ଖୁସି ହୋଇପାରନ୍ତି ।

ଆଜି ଫେବୃଆରୀ ୧୬ ତାରିଖ, ଫାଲ୍‌ଗୁନ କୃଷ୍ଣ ଚତୁର୍ଦ୍ଦଶୀ ସୋମବାର । ବୈଷ୍ଣବ ସମ୍ମତ ମହାଶିବରାତ୍ରି, ରାଶିନକ୍ଷତ୍ର-ଶ୍ରବଣା/ମକର, ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଅମାବାସ୍ୟାର ନିଶାପାଳନ, ଦିବା ଘ.୦୬।୧୮ ଗତେ, ଘ.୦୭।୪୪ ମଧ୍ୟେ, ଘ.୧୦।୫୨ ଗତେ, ଘ.୦୧।୦୯ ମଧ୍ୟେ ଶୁଦ୍ଧ ଶୁଭବେଳା । ଦିବା ଘ.୦୭।୪୪ ଗତେ, ଘ.୦୯।୦୯ ମଧ୍ୟେ ରାହୁକାଳ ।

ଧରିତ୍ରୀ
DHARITRI
52 Years
ଭୁବନେଶ୍ୱର, ସୋମବାର, ଫେବୃଆରୀ ୧୬/୨୦୨୬ | Bhubaneswar, Monday, February 16/2026



# ଅଗ୍ନିକାଣ୍ଡରେ ଶୀତଳ ଭଣ୍ଡାର ଜଳିଗଲା

## ଦମକଳ ସହ ରୋବୋ ଲିଭାଇଲା ନିଆଁ

କୁଚିଣ୍ଡା,୧୫।୨(ବିରଞ୍ଚି ଦର୍ଜୀ)

ସମ୍ବଲପୁର ଜିଲା ବାମରା ନିକଟସ୍ଥ ନୁଁନିଆମୁଣ୍ଡାସ୍ଥିତ ଏକ ଶୀତଳଭଣ୍ଡାରରେ ରବିବାର ସକାଳେ ଅଗ୍ନିକାଣ୍ଡ ଘଟିଛି। ନିଆଁକୁ ଆୟତ୍ତ କରିବା ପାଇଁ ଗୋବିନ୍ଦପୁର, ଲଇକେରା ଓ କିର୍ମିରାରୁ ଦମକଳ ବାହିନୀ ସହ ଝାରସୁଗୁଡ଼ାରୁ ରୋବୋ ଆସି ନିଆଁ ଲିଭାଇବା ପାଇଁ ପ୍ରୟାସ ଜାରି ରଖିଛି। ଦୀର୍ଘ ୧୦ଘଣ୍ଟା ପରେ ବି ନିଆଁକୁ ଆୟତ୍ତ କରାଯାଇ ପାରିନାହିଁ।

ସୂଚନା ଅନୁଯାୟୀ, ସମ୍ବଲପୁର ଜିଲା ବାମରା ଗଡପୋଷ ରାସ୍ତା ନୁଁନିଆମୁଣ୍ଡାରେ ଅନୁଭବ ଲାଠ ନାମକ ଜଣେ ବ୍ୟକ୍ତି ୫ଶହ ମେଟ୍ରିକ୍ ଟନ୍ କ୍ଷମତା ବିଶିଷ୍ଟ ଶୀତଳଭଣ୍ଡାର କରିଛନ୍ତି। ଏହା ହେଉଛି କୁଚିଣ୍ଡା ଉପଖଣ୍ଡର ସର୍ବବୃହତ ଘରୋଇ ଶୀତଳ ଭଣ୍ଡାର। ରବିବାର ସକାଳ ପ୍ରାୟ ୭ଟାରେ ଶୀତଳ ଭଣ୍ଡାରରେ ନିଆଁ ଲାଗିଯାଇଥିଲା। ଶୀତଳଭଣ୍ଡାର କର୍ତ୍ତୃପକ୍ଷଙ୍କଠାରୁ ଖବରପାଇ ଗୋବିନ୍ଦପୁର(ବାମରା) ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚିଥିଲା। ହେଲେ ନିଆଁର ତୀବ୍ରତା ଏତେ ଥିଲା ଯେ, ଗୋଟିଏ ଦମକଳରେ ନିଆଁ ଆୟତ୍ତ କରିବା ଅସମ୍ଭବ ହୋଇଥିଲା। ପରବର୍ତ୍ତୀ ସମୟରେ ପଡ଼ୋଶୀ ଝାରସୁଗୁଡ଼ା ଜିଲା ଲଇକେରା ଓ କିର୍ମିରାରୁ ଦମକଳବାହିନୀ ଆସି ନିଆଁ ଲିଭାରେ ☞ପୃଷ୍ଠା-୧୦



ସମ୍ବଲପୁର ଜିଲା ବାମରା ନିକଟ ନୁଁନିଆମୁଣ୍ଡାସ୍ଥିତ ଏକ ଶୀତଳ ଭଣ୍ଡାରରେ ରବିବାର ସକାଳେ ଅଗ୍ନିକାଣ୍ଡ ଘଟିଥିବାବେଳେ ନିଆଁଲିଭାରେ ନିୟୋଜିତ ରୋବୋ।

# ଆଜି ରତ୍ନଭଣ୍ଡାର ସମୀକ୍ଷା କରିବେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୫।୨(ରବିନାରାୟଣ ଜେନା)



ମୋହନ ଚରଣ ମାଝୀ

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରତ୍ନଭଣ୍ଡାର ଓ ରତ୍ନଅଳଙ୍କାର ଗଣତିମଣତି ନେଇ ବିଭିନ୍ନ ମହଲରେ ଉତ୍ସୁକତା ପ୍ରକାଶ ପାଉଥିବାବେଳେ ସୋମବାର ଦୁଇଟି ପର୍ଯ୍ୟାୟରେ ଏହାର ସମୀକ୍ଷା ହେବ। ପ୍ରଥମ ପର୍ଯ୍ୟାୟରେ ପୂର୍ବାହ୍ଣ ୧୧ଟାରେ ଶ୍ରୀମନ୍ଦିର ରତ୍ନଭଣ୍ଡାରର ସମୀକ୍ଷା ବୈଠକ ଅନୁଷ୍ଠିତ ହେବ। ଏହି ବୈଠକରେ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଅଧ୍ୟକ୍ଷତା କରିବେ। ଏହା ପରେ ଅପରାହ୍ଣ ଗୋଟାଏରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସମୀକ୍ଷା କରିବେ ବୋଲି ଆଇନମନ୍ତ୍ରୀ ପୃଥ୍ୱୀରାଜ ରବିବାର ସୂଚନା ପ୍ରଦାନ କରିଛନ୍ତି। ମନ୍ତ୍ରୀଙ୍କ ସୂଚନା ଅନୁଯାୟୀ, ରତ୍ନଭଣ୍ଡାରର ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଡିଓର (ଏସ୍‌ଓପି) ହସ୍ତଗତ ହୋଇସାରିଛି। ସମୀକ୍ଷା ପରେ ଏହି ବିଷୟରେ ସମସ୍ତ ଦିଗ ସ୍ପଷ୍ଟ ହୋଇଯିବ। ଏହି ସମୀକ୍ଷା ବୈଠକ ମାଧ୍ୟମରେ ରତ୍ନଭଣ୍ଡାରର ପରିଚାଳନା ଏବଂ ସୁରକ୍ଷା ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା ହେବ ବୋଲି ମନ୍ତ୍ରୀ କହିଛନ୍ତି।

# ବଢ଼ିଲା ତାପମାତ୍ରା

ଭୁବନେଶ୍ୱର,୧୫।୨(ବନ୍ଦନା ସେଠୀ)

ରାଜ୍ୟରେ ତାପମାତ୍ରା କ୍ରମଶଃ ବୃଦ୍ଧି ପାଉଛି। ରାତିରେ ଶୀତ, ଭୋର୍ ସମୟରେ କୁହୁଡି ଓ ଦିନରେ ଖରାତାତି ଅନୁଭୂତ ହେଉଛି। ଉତ୍ତର ଉପକୂଳ ଓଡ଼ିଶାର କିଛି ସ୍ଥାନରେ ସର୍ବନିମ୍ନ ତାପମାତ୍ରା ପ୍ରାୟ ୬ ଡିଗ୍ରୀ ସେଲସିୟସ ବୃଦ୍ଧି ପାଇଥିବାବେଳେ କିଛି ସ୍ଥାନରେ ଦିନ ତାପମାତ୍ରାରେ ପ୍ରାୟ ୨ରୁ ୪ ଡିଗ୍ରୀ ବଢ଼ିଛି। ଗତ ୨୪ଘଣ୍ଟାରେ ଜି.ଉଦୟଗିରିରେ ସର୍ବନିମ୍ନ ତାପମାତ୍ରା ୮ ଡିଗ୍ରୀ ରହିଥିଲା। ସେହିପରି ସମତଳ ଅଞ୍ଚଳ ଭାବେ ଫୁଲବାଣୀରେ ସର୍ବନିମ୍ନ ତାପମାତ୍ରା ୧୧ ଡିଗ୍ରୀ ଏବଂ ସର୍ବାଧିକ ତାପମାତ୍ରା ଝାରସୁଗୁଡାରେ ୩୬ ଡିଗ୍ରୀ ରେକର୍ଡ ହୋଇଛି ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ପାଣିପାଗ ☞ପୃଷ୍ଠା-୧୦

# ଆନ୍ଧ୍ରରେ ଓଲଟିଲା ଓଏସ୍‌ଆର୍‌ଟିସି ବସ୍: ୭ ଆହତ

କୋରାପୁଟ/ପଟ୍ଟାଙ୍ଗି,୧୫।୨
(ଅମିତାଭ ବେହେରା/ଶରତ କୁମାର ଧଳ)



ଓଲଟି ପଡ଼ିଥିବା ଓଏସ୍‌ଆର୍‌ଟିସି ବସ୍ ।

କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ ଆନ୍ଧ୍ରପ୍ରଦେଶ ସାଲୁର ବାଇପାସ୍ ରାସ୍ତାରେ ଏକ ଓଏସ୍‌ଆର୍‌ଟିସି ବସ୍ ଭାରସାମ୍ୟ ହରାଇ ଓଲଟି ପଡ଼ିବାରୁ ଶନିବାର ରାତିରେ ୭ ଯାତ୍ରୀ ଆହତ ହୋଇଛନ୍ତି। ପ୍ରାଥମିକ ଚିକିତ୍ସା ପରେ ସମସ୍ତେ ସୁସ୍ଥ ହୋଇ ଘରକୁ ଫେରିଥିବା ଜଣାପଡ଼ିଛି।

ସୂଚନାନୁଯାୟୀ, ଶନିବାର ଓଏସ୍‌ଆର୍‌ଟିସି ବସ୍ (ଓଡି ୦୨-ସିଇ-୭୫୧୨) ମାଲକାନଗିରି ଜିଲା ଏମ୍‌ଭି-୭୯ରୁ ବାହାରି ଜୟପୁର, କୋରାପୁଟ ଓ ପଟ୍ଟାଙ୍ଗି ହୋଇ ଆନ୍ଧ୍ରର ବିଶାଖାପାଟଣା ଅଭିମୁଖେ ଯାଉଥିଲା। ବସ୍ ଡ୍ରାଇଭର ଏନ୍. ଭାସ୍କର ରାଓଙ୍କ କହିବାନୁଯାୟୀ, ବସ୍‌ର ଷ୍ଟିୟରିଂ ହଠାତ୍ ଲକ୍ ପଡ଼ିଯିବାରୁ ସାଲୁର ବାଇପାସ ରାସ୍ତାକଡ଼କୁ ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ଏଥିରେ ଥିବା ୨୯ ଯାତ୍ରୀଙ୍କ ମଧ୍ୟରୁ ୭ ଆହତ ହୋଇଥିଲେ। ସମସ୍ତ ଆହତଙ୍କୁ ଉଦ୍ଧାର କରାଯାଇ ସାଲୁର ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା କରାଯାଇଥିଲା। ଅବଶିଷ୍ଟ ୨୨ ଯାତ୍ରୀଙ୍କୁ ବିଜୟନଗରମସ୍ଥିତ ରାଜ୍ୟ ଓଡ଼ିଶା ପରିବହନ ବିଭାଗ ପକ୍ଷରୁ ଜଗଦଲପୁର ବସ୍‌ଯୋଗେ ଗନ୍ତବ୍ୟସ୍ଥଳ ବିଶାଖାପାଟଣାକୁ ପଠାଯାଇଥିବା ଜଣାପଡ଼ିଛି। ଏହି ତ୍ରୁଟି ସାଲୁର ଘାଟିରେ ହୋଇଥିଲେ ଏକ ବଡ଼ ଦୁର୍ଘଟଣା ହେବା ସମ୍ଭାବନା ଥିଲା, ହେଲେ ସମସ୍ତ ଯାତ୍ରୀ ବର୍ତ୍ତିଯାଇଥିବା ଡ୍ରାଇଭର କହିଛନ୍ତି। ଖବରପାଇ ବିଜୟନଗରମ ଡିପୋ ଅତିରିକ୍ତ ମ୍ୟାନେଜର ରବୀନ୍ଦ୍ର ବେହେରା ଓ ଅନ୍ୟ କର୍ମଚାରୀ ପହଞ୍ଚି ଯାଞ୍ଚ କରିବା ସହ ସମସ୍ତ ଯାତ୍ରୀଙ୍କୁ ସ୍ଥାନାନ୍ତର ବ୍ୟବସ୍ଥା କରିଥିଲେ। ଏ ସମ୍ପର୍କରେ ଡିପୋ ମ୍ୟାନେଜର ଈଶ୍ୱର ମହାପାତ୍ରଙ୍କୁ ପଚାରିବାରୁ ତଦନ୍ତ ଆରମ୍ଭ ହୋଇଥିବା ସୂଚନା ଦେଇଛନ୍ତି। ଏକ ବଡ଼ ଦୁର୍ଘଟଣା ଟଳି ଯାଇଥିବା ସେ କହିଛନ୍ତି।

# ଆମେରିକାରେ ନିଖୋଜ ଭାରତୀୟ ଛାତ୍ରଙ୍କ ମୃତ୍ୟୁ

ନ୍ୟୁୟର୍କ,୧୫।୨(ପି.ଟି.)

ଆମେରିକାରେ ଜଣେ ୨୨ ବର୍ଷୀୟ ଭାରତୀୟ ସ୍ନାତକୋତ୍ତର ଛାତ୍ର ୬ ଦିନ ତଳେ ନିଖୋଜ ହୋଇଯାଇଥିବାବେଳେ ତାଙ୍କ ମୃତଦେହ ମିଳିଥିବା ଭାରତୀୟ ମିଶନ ପକ୍ଷରୁ କୁହାଯାଇଛି। ସାକେଥ ଶ୍ରୀନିବାସୈଆ ନାମକ କାଲିଫର୍ଣ୍ଣିଆ ୟୁନିଭର୍ସିଟିର ଉକ୍ତ ଛାତ୍ରଙ୍କ ଘର କର୍ଣ୍ଣାଟକରେ। ସେ ଗତ ସୋମବାରଠାରୁ ନିଖୋଜ ଥିଲେ। ତାଙ୍କର ମୃତଦେହ ମିଳିଥିବା ସାନ୍ ଫ୍ରାନ୍ସିସ୍କୋସ୍ଥିତ ଭାରତୀୟ ବାଣିଜ୍ୟିକ ଦୂତାବାସ ପକ୍ଷରୁ ସ୍ଥାନୀୟ ସମୟ ଶନିବାର ସ୍ପଷ୍ଟ କରାଯାଇଛି। କନ୍‌ସୁଲେଟ୍ ତାଙ୍କ ପରିବାରକୁ ସମବେଦନା ଜଣାଇବା ସହ ମରଶରୀର ଯଥାଶୀଘ୍ର ଭାରତ ପଠାଇବାରେ ଆବଶ୍ୟକ ସହାୟତା ଯୋଗାଇ ☞ପୃଷ୍ଠା-୧୦

# କଣ୍ଠଶିଳ୍ପୀ ଗୀତା ପଟ୍ଟନାୟକଙ୍କ ପରଲୋକ



କଟକ,୧୫।୨(କାର୍ତ୍ତିକ ସାହୁ)

ଓଡ଼ିଆ ସଙ୍ଗୀତ ଜଗତର ସ୍ୱନାମଧନ୍ୟ କଣ୍ଠଶିଳ୍ପୀ ଗୀତା ପଟ୍ଟନାୟକଙ୍କ ରବିବାର ସନ୍ଧ୍ୟା ପ୍ରାୟ ୬ଟା ୧୮ ମିନିଟ୍ ସମୟରେ ପରଲୋକ ହୋଇଯାଇଛି। ତାଙ୍କୁ ୭୩ ବର୍ଷ ହୋଇଥିଲା। ସେ କଟକର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଥିଲେ।

ସୂଚାନୁସାରେ, ସ୍ୱର୍ଗତା ପଟ୍ଟନାୟକ ଭୁବନେଶ୍ୱରର ଏକ ସାରସ୍ୱତ କାର୍ଯ୍ୟକ୍ରମରେ ଗତ ୧୨ ତାରିଖ ସନ୍ଧ୍ୟାରେ ଯୋଗଦେଇଥିବା ବେଳେ ଅସୁସ୍ଥ ଅନୁଭବ କରିଥିଲେ। ସେଦିନ ରାତି ପ୍ରାୟ ଗୋଟାଏରେ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ରାତିପ୍ରାୟ ୩ଟା ସମୟରେ ☞ପୃଷ୍ଠା-୧୦

# ଆଣବିକ ରିଆକ୍ଟର ପ୍ରସ୍ତୁତ କଲେ ୧୨ ବର୍ଷୀୟ ଛାତ୍ର

ଟେକ୍ସାସ୍,୧୫।୨



ଏଡେନ୍ ମ୍ୟାକ୍ ମିଲାନ୍

## ରୁମ୍‌ରେ ୪ ବର୍ଷର ଗବେଷଣା ପରେ ସଫଳତା

ଆମେରିକା ଟେକ୍ସାସ୍ ରାଜ୍ୟସ୍ଥିତ ଡଲାସ୍ ସହରର ଜଣେ ୧୨ ବର୍ଷର ଛାତ୍ରଙ୍କ ବିରଳ କୃତିତ୍ୱ ବୈଜ୍ଞାନିକ ଏବଂ ଗବେଷକ ମହଲକୁ ଆଶ୍ଚର୍ଯ୍ୟ କରିଦେଇଛି। ଏହି ଛାତ୍ର ଜଣକ ନିଜ ଖେଳିବା ଘରେ ଏକ ଆଣବିକ ରିଆକ୍ଟର ପ୍ରସ୍ତୁତ କରିଛନ୍ତି ,ଯାହାକି ପଦାର୍ଥ ବିଜ୍ଞାନରେ ପିଏଚ୍‌ଡି କରୁଥିବା ଛାତ୍ରଛାତ୍ରୀଙ୍କ କ୍ଷେତ୍ରରେ ମଧ୍ୟ ସମ୍ଭବ ହୋଇନାହିଁ। ୭ମ ଗ୍ରେଡ୍‌ରେ ପାଠ ପଢୁଥିବା ଏଡେନ୍ ମ୍ୟାକ୍ ମିଲାନ୍ ନାମକ ଏହି ଛାତ୍ର ଜଣକ ୮ ବର୍ଷ ବୟସରୁ ନ୍ୟୁକ୍ଲିୟର ଫିଜିକ୍ସ ବିଷୟରେ ପଢିବା ଆରମ୍ଭ କରିବା ସହିତ ପରେ ପରେ ପରମାଣୁ ସଂଯୋଗ ବା ମିଶ୍ରଣ( ଫ୍ୟୁଜନ୍)କୁ ନେଇ ପଢ଼ିବା ଆରମ୍ଭ କରିଥିଲେ। ପ୍ରାୟ ୪ ବର୍ଷ ଧରି ସେ ଏ ସମ୍ପର୍କରେ ଘରେ ଗବେଷଣା କରି ନ୍ୟୁକ୍ଲିୟର ଫ୍ୟୁଜନ୍‌ରୁ କିଭଳି ଶକ୍ତି ଉତ୍ପନ୍ନ ହୁଏ ସେ ସମ୍ପର୍କରେ ଉଦ୍ୟମ କରି ରିଆକ୍ଟର ପ୍ରସ୍ତୁତ କରିବାକୁ ଲାଗିପଡ଼ିଥିଲେ। ନ୍ୟୁକ୍ଲିୟର ଫ୍ୟୁଜନ୍ ପ୍ରକ୍ରିୟାରେ ଦୁଇଟି ହାଲୁକା ପରମାଣୁ ନାଭିର ମିଶ୍ରଣ ଘଟି ଏକ ବଡ଼ ନାଭିକେନ୍ଦ୍ର ସୃଷ୍ଟି ହେବା ସହିତ ପ୍ରଚୁର ପରିମାଣରେ ଶକ୍ତି ଉତ୍ପନ୍ନ ହୋଇଥାଏ। ତେବେ ଏହି ଛାତ୍ର ଜଣକ ଘରେ ରିଆକ୍ଟର ପ୍ରସ୍ତୁତ କରିବାକୁ ମଧ୍ୟ ସମର୍ଥ ହୋଇଛନ୍ତି। ଏଡେନ୍ ଏଭଳି ଏକ ଗମ୍ଭୀର ☞ପୃଷ୍ଠା-୧୦

# ଦିବ୍ୟାଙ୍ଗ ଶିଶୁପୁତ୍ରକୁ କୋଳେଇ ନେଲେ ଆମେରିକୀୟ ସେନ୍

ଦେବଗଡ଼,୧୫।୨
(ଶଶାଙ୍କ ଶେଖର ଝାଙ୍କର)



ଜିଲାପାଳ, ଶିଶୁସୁରକ୍ଷା ଅଧିକାରୀଙ୍କ ଉପସ୍ଥିତିରେ ନ୍ୟୁୟର୍କର ସେନ୍ ରେମଣ୍ଡଙ୍କୁ ଶିଶୁପୁତ୍ର ହସ୍ତାନ୍ତର କରାଯାଉଛି।

ଦେବଗଡ଼ ଜିଲାର ସପୋର୍ଟ ଅନୁଷ୍ଠାନ ଦ୍ୱାରା ପରିଚାଳିତ ସ୍ୱତନ୍ତ୍ର ପୋଷ୍ୟସନ୍ତାନ ଗ୍ରହଣ କେନ୍ଦ୍ରରେ ରହୁଥିବା ୩ ବର୍ଷର ଶିଶୁପୁତ୍ରକୁ ପୋଷ୍ୟସନ୍ତାନ ଗ୍ରହଣ ପ୍ରକ୍ରିୟାରେ ଥଇଥାନ କରାଯାଇଛି। କିଶୋର ନ୍ୟାୟ ଅଧିନିୟମ ୨୦୧୫ ଓ ପୋଷ୍ୟସନ୍ତାନ ଗ୍ରହଣ ନିୟମାବଳୀ-୨୦୨୨ର ପ୍ରାବଧାନ ଅନୁଯାୟୀ, ଆମେରିକାର ନ୍ୟୁୟର୍କ ନିବାସୀ ସେନ୍ ରେମଣ୍ଡ ଉକ୍ତ ଶିଶୁପୁତ୍ରକୁ ପୋଷ୍ୟସନ୍ତାନ ଭାବେ ଗ୍ରହଣ କରିଛନ୍ତି।

ସେନ୍ ନ୍ୟୁୟର୍କର ବୀମା କମ୍ପାନୀରେ କାମ କରନ୍ତି। ସେ ୨ ବର୍ଷ ତଳେ ପୋଷ୍ୟସନ୍ତାନ ଗ୍ରହଣ ପାଇଁ ଭାରତ ସରକାରଙ୍କ ମହିଳା ଓ ଶିଶୁବିକାଶ ମନ୍ତ୍ରଣାଳୟ ଅଧୀନ କେନ୍ଦ୍ରୀୟ ପୋଷ୍ୟସନ୍ତାନ ସମ୍ବଳ ଏଜେନ୍ସିରେ ଆବେଦନ କରିଥିଲେ। ଏହି ଏଜେନ୍ସିର ଅନୁମୋଦନ ପରେ ପୋଷ୍ୟସନ୍ତାନ ଭାବେ ଗ୍ରହଣ ପାଇଁ ସେ ଅନ୍‌ଲାଇନ୍‌ରେ ଉକ୍ତ ଶିଶୁପୁତ୍ରକୁ ଚୟନ କରିଥିଲେ। ସେନ୍ ଜଣେ ଅବିବାହିତ ଯୁବକ, ହେଲେ ପୋଷ୍ୟସନ୍ତାନ ଗ୍ରହଣ ମାଧ୍ୟମରେ ବାପା ହେବା ପାଇଁ ତାଙ୍କର ପ୍ରବଳ ଆଗ୍ରହ। ଦେବଗଡ଼ରେ ରହୁଥିବା ଉକ୍ତ ଶିଶୁପୁତ୍ରକୁ ପୋଷ୍ୟସନ୍ତାନ ଭାବେ ଗ୍ରହଣ କରିବା ପୂର୍ବରୁ ସେନ୍ ଆସାମରୁ ମଧ୍ୟ ଏକ ଦିବ୍ୟାଙ୍ଗ ଶିଶୁପୁତ୍ରକୁ ପୋଷ୍ୟ ସନ୍ତାନ ଭାବେ ଗ୍ରହଣ କରି ଲାଳନ ପାଳନ କରୁଛନ୍ତି। ଦେବଗଡ଼ର ଏହି ଶିଶୁପୁତ୍ର ମଧ୍ୟ ଭିନ୍ନକ୍ଷମ। ପୂର୍ବରୁ ଏହି ଶିଶୁପୁତ୍ରକୁ ଏକ ଓଡ଼ିଆ ଦମ୍ପତି ପୋଷ୍ୟସନ୍ତାନ ଭାବେ ଗ୍ରହଣ କରି ସାଙ୍ଗରେ ନେଇଥିଲେ। ହେଲେ ଗୋଟିଏ ଦିନ ପରେ ଦିବ୍ୟାଙ୍ଗ କହି ଶିଶୁ ସୁରକ୍ଷା ୟୁନିଟ୍‌କୁ ଫେରେଇ ଦେଇଥିଲେ । ହେଲେ ସମାଜସେବା ପ୍ରତି ଆଗ୍ରହୀ ଥିବା ଆମେରିକୀୟ ଯୁବକ ସେନ୍ ଏହି ଶିଶୁକୁ ସ୍ନେହରେ କୋଳେଇ ନେଇଛନ୍ତି। ଏଥିପାଇଁ ଦେବଗଡ଼ ଜିଲାପାଳ କବୀନ୍ଦ୍ର କୁମାର ସାହୁ ତାଙ୍କୁ ପ୍ରଶଂସା କରିଛନ୍ତି। ସେନ୍ ମଧ୍ୟ ଆମେରିକାରେ ଏହି ଶିଶୁର ଚିକିତ୍ସା କରାଇ ଭଲ କରିଦେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ସୂଚନାଯୋଗ୍ୟ, ୩ ବର୍ଷ ତଳେ ଜଣେ ନାବାଳିକା ଏହି ଶିଶୁପୁତ୍ରକୁ ଜନ୍ମ ଦେଇଥିଲେ। ☞ପୃଷ୍ଠା-୧୦



ନୀରବ ରହିବା ଓ ନିଜର ଉଦ୍ଦେଶ୍ୟକୁ ପ୍ରକଟ ନ କରିବା ଗୋଟାଏ କଥା କିନ୍ତୁ ଉଦ୍ଦେଶ୍ୟ ନେଇ କିଛି କରିଥିବା ସ୍ଥଳେ- ମୁଁ ତାହା କରି ନାହିଁ ବୋଲି କହିବାଟା ନୀରବତା ନୁହେଁ- ଏହା ହିଁ ମିଥ୍ୟାଚାର ।-ଶ୍ରୀମା

-ଚନ୍ଦ୍ରକ୍ଷୟ, ନିଶିପାଳନ ଓ ହଳ ନିଷେଧ

# ପାଖ ବିଦେଶ

ବାଂଲାଦେଶ ଜାତୀୟ ନିର୍ବାଚନରେ ଭୋଟ ହୋଇଥିବା ୨୯୯ ଆସନ ମଧ୍ୟରୁ ବାଂଲାଦେଶ ନ୍ୟାଶନାଲିଷ୍ଟ ପାର୍ଟି(ବିଏନ୍‌ପି) ଏକାକୀ ୨୦୯ ଆସନ ପାଇଥିବା ବେଳେ ସହଯୋଗୀଙ୍କୁ ମିଶାଇଲେ ସଂଖ୍ୟା ୨୧୨ ହୋଇଛି। ଜମାତ-ଇ-ଇସ୍‌ଲାମୀ ଏକାକୀ ୬୮ ସିଟ୍ ଜିତିଥିବା ବେଳେ ତା' ସହଯୋଗୀ ମିଶିଲେ ୭୭ରେ ପହଞ୍ଚିଛି। ଦୀର୍ଘବର୍ଷ ଧରି ବାଂଲାଦେଶ କ୍ଷମତା ରାଜନୀତିରେ ସ୍ୱତନ୍ତ୍ର ଛାପ ରଖିଆସିଥିବା ଶେଖ୍ ହାସିନାଙ୍କ ଆୱାମୀ ଲିଗ୍‌କୁ ନିର୍ବାଚନୀ ପ୍ରକ୍ରିୟାରୁ ଦୂରେଇ ଦିଆଯାଇଥିଲା। ହାସିନାଙ୍କ ଦଳ ଦେଶ ଉପରେ ଏକଚ୍ଛତ୍ରବାଦ ଲଦିଦେବାକୁ ଚେଷ୍ଟା କରୁଥିଲା ବୋଲି ମିଳୁଥିବା ଅନେକ ଉଦାହରଣରୁ ବୁଝାପଡ଼େ। ଅନ୍ୟପଟେ ଆୱାମୀ ଦଳକୁ ନିର୍ବାଚନରେ ଭାଗ ନେବାକୁ ଅନୁମତି ମିଳି ନ ଥିବାରୁ ଅନ୍ତର୍ଜାତୀୟ ସ୍ତରରେ ସମାଲୋଚନା କରାଯାଉଛି। ତେବେ ବିଏନ୍‌ପି ପ୍ରତି ବିପୁଳ ସମର୍ଥନ ଜଣାଇ ଦେଇଛି ଯେ, ଦେଶବାସୀ ଗୋଟେ ବଡ଼ ପରିବର୍ତ୍ତନ ଚାହୁଁଥିଲେ। ୨୦୨୪ରେ ହାସିନାଙ୍କ ନିର୍ବାଚିତ ସରକାରକୁ ଛାତ୍ର ଓ ଯୁବ ଆନ୍ଦୋଳନ ଜରିଆରେ କ୍ଷମତାଚ୍ୟୁତ କରାଯାଇଥିଲା। ତାହା ସେତେବେଳେ 'ମୌସୁମୀ ବିପ୍ଳବ' ଭାବେ ନାମିତ ହୋଇଥିଲା। ତା' ପରେ ମହମ୍ମଦ ୟୁନୁସ୍‌ଙ୍କ ନେତୃତ୍ୱରେ ଅନ୍ତରୀଣ ସରକାର ଗଠନ ହୋଇଥିଲା। ଏବର ନିର୍ବାଚନରେ ବିଏନ୍‌ପି ଅଧ୍ୟକ୍ଷ ତାରିକ୍ ରହମନଙ୍କ ପ୍ରତି ସମର୍ଥନ ମିଳିବା ପରେ ସେ ୧୭ ଫେବୃଆରୀରେ ବାଂଲାଦେଶର ନୂତନ ପ୍ରଧାନମନ୍ତ୍ରୀ ଭାବେ ଶପଥ ନେବାର କାର୍ଯ୍ୟକ୍ରମ ରହିଛି। ଉଲ୍ଲେଖ କରାଯାଇପାରେ ଯେ, ତାରିକ୍ ହେଉଛନ୍ତି ବାଂଲାଦେଶର ପୂର୍ବତନ ରାଷ୍ଟ୍ରପତି ଜିଆଉର ରହମନ ଓ ପୂର୍ବତନ ପ୍ରଧାନମନ୍ତ୍ରୀ ଖାଲେଦା ଜିଆଙ୍କ ବଡ଼ ପୁଅ। ୨୦୦୧ ମସିହାରେ ମା'ଙ୍କ ପ୍ରଧାନମନ୍ତ୍ରିତ୍ୱ ସମୟରେ ତାରିକ୍ ଚର୍ଚ୍ଚାକୁ ଆସିଥିଲେ। ହେଲେ ୨୦୦୮ରେ ଆୱାମୀ ଲିଗ୍‌ର ବିପୁଳ ବିଜୟ ପରେ ସୁରକ୍ଷା ଦୃଷ୍ଟିରୁ ସେ ଲଣ୍ଡନରେ ଆତ୍ମ-ନିର୍ବାସିତ ଜୀବନ ବିତାଉଥିଲେ। ଖାଲେଦାଙ୍କ ମୃତ୍ୟୁର ଅଳ୍ପଦିନ ପୂର୍ବରୁ ତାରିକ୍ ବାଂଲାଦେଶ ଆସି ନିର୍ବାଚନ ଲଢ଼ିବା ପରେ ଦେଶବାସୀ ତାଙ୍କୁ ପ୍ରଧାନମନ୍ତ୍ରୀ ଆସନରେ ବସାଇବାକୁ ଯାଉଛନ୍ତି।

ବାଂଲାଦେଶରେ ୨୦୨୪ରେ ଆଭ୍ୟନ୍ତରୀଣ ସମସ୍ୟା ଦେଖାଦେବା ପରେ ତା'ର ଅର୍ଥନୀତି ଦୁର୍ବଳ ହୋଇଛି। ୟୁନୁସ୍‌ଙ୍କ ୧୮ ମାସର ସରକାରରେ ବିଭିନ୍ନ ସାମ୍ବିଧାନିକ ସଂସ୍ଥାକୁ ସୁଦୃଢ଼ କରାଯିବା ଲାଗି ପ୍ରଚେଷ୍ଟା ହୋଇଥିଲେ ମଧ୍ୟ ତାହା ଆଶାନୁଯାୟୀ ହୋଇପାରି ନାହିଁ। ତାରିକ୍‌ଙ୍କ ନେତୃତ୍ୱାଧୀନ ନୂଆ ସରକାର ଗଠନ ପରେ ବାଂଲାଦେଶରେ ଭଲ ସ୍ଥିତି ଆସିପାରେ ବୋଲି ଅନୁମାନ କରାଯାଉଛି। ନିର୍ବାଚନରେ ଜିତିବା ପରେ ପ୍ରାରମ୍ଭିକ ଅବସ୍ଥାରେ ତାରିକ୍ ତାଙ୍କ ସମର୍ଥକମାନଙ୍କୁ ବଡ଼ ବିଜୟ ଉତ୍ସବ ପାଳନ ନ କରିବାକୁ କହିବା ସହ କେବଳ ସ୍ୱତନ୍ତ୍ର ପ୍ରାର୍ଥନା କରିବାକୁ ପରାମର୍ଶ ଦେଇଛନ୍ତି। ଆଇନ ଶୃଙ୍ଖଳାକୁ ଗୁରୁତ୍ୱ ଦେବାକୁ ଯାଇ ସେ ନେଇଥିବା ନିଷ୍ପତ୍ତିକୁ ସ୍ୱାଗତ କରାଯାଉଛି। ବାଂଲାଦେଶରେ ଏକ ନିର୍ବାଚିତ ସରକାର ଦାୟିତ୍ୱ ନେବାକୁ ଥିବାରୁ ତା' ସହ ଭାରତ ଉତ୍ତମ ସମ୍ପର୍କ ବଜାୟ ରଖିବାର ସମୟ ଉପନୀତ ହେଲାଣି ବୋଲି କୁହାଯାଇପାରେ। ଶେଖ୍ ହାସିନା ନିଜ ଦେଶରୁ ତଡ଼ା ଖାଇବା ପରେ ଭାରତ ତାଙ୍କୁ ଆଶ୍ରୟ ଦେଇଛି। ତାଙ୍କ ପ୍ରତ୍ୟର୍ପଣ ପାଇଁ ବାଂଲାଦେଶ ପକ୍ଷରୁ ବହିର୍ବ୍ୟାପାର ଚାପ ପଡ଼ିଥିଲେ ମଧ୍ୟ ଭାରତ ନୀରବ ରହିବା ଦୁଇ ଦେଶର ସମ୍ପର୍କକୁ ଅଧିକ ବିଗାଡ଼ି ଦେଇଛି। ଏମିତି ଦେଖିଲେ କିଛି ବର୍ଷ ହେବ ଭାରତ ତା' ଚାରିକଡ଼େ ଥିବା ପଡ଼ୋଶୀ ରାଷ୍ଟ୍ରଙ୍କ ସହ ଭଲ ସମ୍ପର୍କରେ ନାହିଁ। ତେଣୁ ତାରିକ୍‌ଙ୍କ ସହ ଭାରତୀୟ ନେତୃତ୍ୱ ତତ୍‌କ୍ଷଣାତ୍ ସମ୍ପର୍କ ବଢ଼ାଇବା ଦରକାର ପଡ଼ିଲାଣି। କୁହାଯାଏ-'ସୁଯୋଗ ଆସେ, କିନ୍ତୁ ଥରେ'। ନିର୍ବାଚନରେ ବିଜୟ ହେବା ପରେ ତାରିକ୍ ଗଣମାଧ୍ୟମକୁ ସାମ୍ନା କରିଥିଲେ। ଏହି ସମୟରେ ଜଣେ ଭାରତୀୟ ସାମ୍ବାଦିକଙ୍କ ଏକ ପ୍ରଶ୍ନର ଉତ୍ତର ଦେବା ବେଳେ ସେ କହିଥିଲେ ଯେ, ବାଂଲାଦେଶ ଲୋକଙ୍କ ସ୍ୱାର୍ଥ ଓ ଦେଶ ସର୍ବାଗ୍ରେ ରହୁଛି। ନିଜ ଦେଶବାସୀଙ୍କ ସ୍ୱାର୍ଥକୁ ସୁରକ୍ଷିତ ରଖୁଥିବା ଭଳି ବହିର୍ବ୍ୟାପାର ନୀତି ନେଇ ନିଷ୍ପତ୍ତି ନିଆଯିବ ବୋଲି ସେ କହିବା ଭାରତକୁ ଏକ ଦୃଢ଼ ବାର୍ତ୍ତା ଦେଇଛି ବୋଲି କୁହାଯାଇପାରେ। ଏଭଳି କହି ତାରିକ୍ ତାଙ୍କ ଲୋକଙ୍କ ପ୍ରତି ଥିବା ଆଭିମୁଖ୍ୟ ସ୍ପଷ୍ଟ କରିଛନ୍ତି। ଏହି ସନ୍ଧିକ୍ଷଣରେ ବାଂଲାଦେଶ ସହ ବିଗିଡ଼ି ଯାଇଥିବା ସମ୍ପର୍କକୁ ଭାରତ ସୁଦୃଢ଼ କରିବା ଲାଗି ସୁଚିନ୍ତିତ ପଦକ୍ଷେପ ନେବା ଜରୁରୀ। ବିଏନ୍‌ପି ବାଂଲାଦେଶରେ ବିପୁଳ ବିଜୟ ହାସଲ କରିବା ପରେ ତାରିକ୍‌ଙ୍କୁ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁଭେଚ୍ଛା ଜଣାଇଥିଲେ। ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫ୍ ମଧ୍ୟ ଅନୁରୂପ ଶୁଭେଚ୍ଛା ଜଣାଇଛନ୍ତି। ଭାରତ କେବଳ ଶୁଭେଚ୍ଛାରେ ସମ୍ପର୍କକୁ ସୀମିତ ନ ରଖି ହାସିନାଙ୍କ ପାଇଁ ବିଗିଡ଼ି ଯାଇଥିବା ସମ୍ବନ୍ଧକୁ କିଭଳି ମଜଭୁତ କରି ହେବ ସେହି ଦିଗରେ ପଦକ୍ଷେପ ନେବା ଦରକାର। ନୂଆ ସରକାର ସହ ମୂଳରୁ ସମ୍ପର୍କ ଭଲ ଭାବେ ଗଢ଼ି ଉଠିଲେ ପୂର୍ବର ଅସ୍ୱାଭାବିକତା ହଟିଯିବାର ସମ୍ଭାବନା ବଢ଼ନ୍ତା। ଏଥିସହିତ ପାକିସ୍ତାନ ଓ ଚାଇନା ଆଡ଼କୁ ବାଂଲାଦେଶର ଢଳିବା ମଧ୍ୟ ଅନେକାଂଶରେ ହୁଏତ କମିଯାଇପାରନ୍ତା।

ଭାରତ ପାଇଁ ବାଂଲାଦେଶ ଏକ ସାଧାରଣ ପଡ଼ୋଶୀ ଦେଶ ଭାବେ ପରିଗଣିତ ହେବା ଉଚିତ ନୁହେଁ। ମୁସଲମାନ ଦେଶ ହୋଇଥିବା ସତ୍ତ୍ୱେ ବାଂଲାଦେଶୀ ନାଗରିକଙ୍କ ଚରିତ୍ର ଭାରତ ବିଶେଷକରି ପୂର୍ବାଞ୍ଚଳ ସହ ଅନେକ ସାମଞ୍ଜସ୍ୟ ରହୁଛି। ସମ୍ଭବତଃ ଏହି ସାମଞ୍ଜସ୍ୟ ସେହି ଦେଶର ଧର୍ମକୁ ପଛରେ ପକାଇ ଜାତୀୟ ଚରିତ୍ରକୁ ଆଗକୁ ଆଣିଥିଲା। ନିର୍ବାଚନ ପୂର୍ବରୁ ଅନେକ ପର୍ଯ୍ୟବେକ୍ଷକ ବାଂଲାଦେଶର ଜମାତ-ଇ-ଇସ୍‌ଲାମୀ ଦଳ ସରକାର ଗଠନରେ ନିର୍ଣ୍ଣୟକାରୀ ଭୂମିକା ଗ୍ରହଣ କରିବ ବୋଲି ଆକଳନ କରୁଥିଲେ। ବାଂଲାଦେଶ ଭୋଟର ସେପରି ଉଗ୍ରବାଦକୁ ନାପସନ୍ଦ କରନ୍ତି ବୋଲି ଏବେ ସ୍ପଷ୍ଟ ଜଣାପଡୁଛି। ସେଥିପାଇଁ ବ୍ୟକ୍ତିବିଶେଷ କିମ୍ବା ରାଜନୈତିକ ଦଳକୁ ଦେଖିବା ପରିବର୍ତ୍ତେ ପାଖ ବିଦେଶ (ନିଅର ଆବ୍ରଡ୍) ଦେଶଗୁଡ଼ିକର ନାଗରିକଙ୍କ ମାନସିକତାକୁ ବୁଝି ଭାରତ ତା'ର ବହିର୍ବ୍ୟାପାର ନୀତିକୁ ପୁନର୍ଗଠନ କରିବାର ସମୟ ଆସିଲାଣି।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 3 | | 6 | | | | 5 | 7 | |
| | 4 | | | 1 | | 6 | | 9 |
| 7 | | | 9 | | 6 | 4 | 8 | |
| 9 | | 4 | 8 | | 5 | | 6 | |
| | | 3 | | | 1 | 9 | | |
| 2 | | | 6 | 9 | | | | |
| 1 | 5 | | 7 | | | | 4 | 8 |
| 6 | | | | | | 2 | | |
| | 3 | | | 2 | | 7 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 7 | 9 | 4 | 3 | 6 | 5 | 8 | 2 |
| 6 | 2 | 3 | 8 | 5 | 9 | 4 | 7 | 1 |
| 8 | 4 | 5 | 7 | 2 | 1 | 6 | 9 | 3 |
| 9 | 8 | 1 | 3 | 4 | 2 | 7 | 6 | 5 |
| 3 | 6 | 7 | 1 | 8 | 5 | 9 | 2 | 4 |
| 2 | 5 | 4 | 6 | 9 | 7 | 3 | 1 | 8 |
| 5 | 1 | 2 | 9 | 7 | 3 | 8 | 4 | 6 |
| 4 | 9 | 6 | 5 | 1 | 8 | 2 | 3 | 7 |
| 7 | 3 | 8 | 2 | 6 | 4 | 1 | 5 | 9 |

ଗତକାଲିର ଉତ୍ତର

# ନୈତିକ ମୂଲ୍ୟବୋଧ ଓ ଧର୍ମ



ଡ.ଛାୟାକାନ୍ତ ଷଡ଼ଙ୍ଗୀ

ଯେତେବେଳେ ଆମେ ଜଣେ କରୁଥିବା କାର୍ଯ୍ୟକୁ 'ନୈତିକ' ବୋଲି ବିଚାର କରୁ, ତାକୁ ଭଲ ଲୋକ କହୁ ଓ ଅନୈତିକ କାର୍ଯ୍ୟ କରୁଥିବା ଲୋକକୁ ମନ୍ଦ ଲୋକ କହୁ। ଏହାର ଅର୍ଥ ହେଲା ଯାହା ନୈତିକ ତାହା ଭଲ ଓ ଯାହା ଅନୈତିକ ତାହା ମନ୍ଦ। କ'ଣ ଭୁଲ୍ ଓ କ'ଣ ଠିକ୍- ଏ ସମ୍ପର୍କରେ ଧାରଣା ନ ରହିଲେ ଏକ ନୈତିକ ଜୀବନ ସମ୍ଭବ ନୁହେଁ। ଆମେ ନୈତିକ ମୂଲ୍ୟବୋଧ ପ୍ରାୟତଃ ଧର୍ମଶାସ୍ତ୍ରରୁ ସଂଗ୍ରହ କରୁ। ମାତ୍ର ନୈତିକ ମୂଲ୍ୟବୋଧ ଶିକ୍ଷା ପାଇଁ ଧର୍ମଶାସ୍ତ୍ର ଅଧ୍ୟୟନ କରିବା ବାଧ୍ୟତାମୂଳକ ନୁହେଁ କିମ୍ବା ନୈତିକ ଜୀବନ ଯାପନ କରିବା ପାଇଁ ପ୍ରଚଳିତ ଅର୍ଥରେ ଧାର୍ମିକ ହେବା ନିହାତି ଆବଶ୍ୟକ ନୁହେଁ। ସାଧାରଣତଃ ଯିଏ ଈଶ୍ୱରଙ୍କୁ ପୂଜା କରେ, ମନ୍ଦିର, ମସଜିଦ୍ ବା ଗିର୍ଜାକୁ ଯାଏ ତାକୁ ଆମେ ଧାର୍ମିକ ଲୋକ କହୁଁ। ମାତ୍ର ତଥାକଥିତ ବହୁ ଧାର୍ମିକ ବ୍ୟକ୍ତି ଅନେକ ଅନୈତିକ କାର୍ଯ୍ୟ କରୁଥିବା ଆମେ ଦେଖୁ। ଅପର ପକ୍ଷରେ କୌଣସି ଆନୁଷ୍ଠାନିକ ଧର୍ମରେ ବିଶ୍ୱାସ କରୁ ନ ଥିବା ଲୋକ ମଧ୍ୟ ନୈତିକ ଜୀବନଯାପନ କରୁଥିବା ଉଦାହରଣ ରହିଛି। ଧର୍ମ ଶବ୍ଦ ମୂଳତଃ କୌଣସି ସାମ୍ପ୍ରଦାୟିକ ବିଶ୍ୱାସ ଓ ରୀତିନୀତିକୁ ବୁଝାଏ ନାହିଁ। 'ଧୃ' ଧାତୁରୁ ଧାରଣ କରିବା ଅର୍ଥରେ ଧର୍ମ ଶବ୍ଦ ନିଷ୍ପନ୍ନ ହୋଇଛି। ମହାଭାରତରେ ଉଲ୍ଲେଖ ଅଛି ଯାହା ସମଗ୍ର ପ୍ରଜାକୁଳକୁ ଏକ ସୂତ୍ରରେ ବାନ୍ଧି ଧରି ରଖେ ତାହା ଧର୍ମ। ଏଠାରେ କୌଣସି ନିର୍ଦ୍ଦିଷ୍ଟ ଦେଶର ନୁହେଁ, ସମଗ୍ର ବିଶ୍ୱର ପ୍ରଜାକୁଳ କଥା କୁହାଯାଇଛି। ମାତ୍ର ଆମେ ହିନ୍ଦୁ ଧର୍ମ, ଖ୍ରୀଷ୍ଟ ଧର୍ମ, ବୌଦ୍ଧ ଧର୍ମ, ଇସଲାମ୍ ଧର୍ମ ଭଳି ଶବ୍ଦ ବ୍ୟବହାର କଲାବେଳେ ଧର୍ମ ଶବ୍ଦର ଅର୍ଥକୁ ସଙ୍କୁଚିତ କରି ଏକ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟର ରୀତିନୀତିକୁ ବୁଝୁ। ବିଭିନ୍ନ ସମ୍ପ୍ରଦାୟର ଧର୍ମଗ୍ରନ୍ଥଗୁଡ଼ିକରେ ଥିବା ବିବାହ, ଅନ୍ତ୍ୟେଷ୍ଟି କ୍ରିୟା, ଛାଡ଼ପତ୍ର, ଦୈନନ୍ଦିନ ଜୀବନଚର୍ଯ୍ୟା ଆଦି ସମ୍ପର୍କରେ ଥିବା ରୀତିନୀତି କେବେ ବି ସମାନ ନ ଥାଏ। ସେଗୁଡ଼ିକ ମଧ୍ୟରେ ଥାଏ ଅନେକ ଅସାମଞ୍ଜସ୍ୟ ଓ ଅସଂହତି।

ଗୋଟିଏ ସମ୍ପ୍ରଦାୟର ଧର୍ମବିଶ୍ୱାସରେ ଯାହା ନୈତିକ ଆଉ ଏକ ସମ୍ପ୍ରଦାୟର ଧର୍ମ ବିଶ୍ୱାସରେ ତାହା ଅନୈତିକ ହୋଇପାରେ। ଏଣୁ ନୈତିକ ମୂଲ୍ୟବୋଧ ସହ ପ୍ରଚଳିତ ଧର୍ମବିଶ୍ୱାସର କୌଣସି ସିଧାସଳଖ ସମ୍ପର୍କ ନାହିଁ। ଅବଶ୍ୟ ନୈତିକ ବ୍ୟବସ୍ଥାକୁ ନେଇ ଧର୍ମ ସୃଷ୍ଟି ହୋଇପାରେ, ମାତ୍ର ସବୁ ନୈତିକ ବ୍ୟବସ୍ଥା ଧର୍ମ ଆଧାରିତ ନୁହେଁ। ନୈତିକ ଆଚରଣ ସାମାଜିକ ସଂହତି ଆଣେ। ସାଧୁତା, ସମ୍ବେଦନଶୀଳତା, ପାରସ୍ପରିକ ବିଶ୍ୱାସ ଆଦି ଗୁଣକୁ ଆମେ ନୈତିକ ଆଚରଣର ପର୍ଯ୍ୟାୟଭୁକ୍ତ କରିପାରିବା। ଏହି ସବୁ ଗୁଣ ଆମପାଖକୁ ଆଲୌକିକ ଜଗତରୁ



ଆସିନାହିଁ। ସାମୂହିକ ମଙ୍ଗଳ ବିଧାନ କରିବା ପାଇଁ ମହାମନୀଷୀମାନଙ୍କର ଗଭୀର ମନନ ଓ ଚିନ୍ତନ ମଧ୍ୟରୁ ନୈତିକ ମୂଲ୍ୟବୋଧର ସୃଷ୍ଟି ହୋଇଥାଏ। ଈଶ୍ୱରଙ୍କୁ ବିଶ୍ୱାସ ନ କରି ଓ କୌଣସି ସମ୍ପ୍ରଦାୟର ଧର୍ମଗ୍ରନ୍ଥକୁ ଅନୁସରଣ ନ କରି ମଧ୍ୟ ଜଣେ ଜଗତର ମଙ୍ଗଳ ପାଇଁ ଏକ ନୈତିକ ଜୀବନର ସୂତ୍ର ଆବିଷ୍କାର କରିପାରେ। ଗୌତମ ବୁଦ୍ଧ ଈଶ୍ୱରଙ୍କ ସ୍ଥିତି ସମ୍ପର୍କରେ ନୀରବ ଥିଲେ। ସେଥିପାଇଁ କେହି କେହି ତାଙ୍କୁ ନାସ୍ତିକ କହନ୍ତି। ମାତ୍ର ସେ ଯେଉଁ ନୈତିକ ମୂଲ୍ୟବୋଧର ସୂତ୍ର ଦେଇଥିଲେ ତାହା ବିଶ୍ୱର ପ୍ରଜାକୁଳକୁ ଏକ ନୈତିକ ଜୀବନ ଯାପନ କରିବାର ମାର୍ଗ ଦେଖାଇଛି। ତାଙ୍କ ପ୍ରଚାରିତ ଅଷ୍ଟାଙ୍ଗ ମାର୍ଗ ହେଉଛି ସମ୍ୟକ୍ ଦୃଷ୍ଟି, ସମ୍ୟକ୍ ସଙ୍କଳ୍ପ, ସମ୍ୟକ୍ ବାକ୍, ସମ୍ୟକ୍ କର୍ମ, ସମ୍ୟକ୍ ଜୀବିକା, ସମ୍ୟକ୍ ଚେଷ୍ଟା, ସମ୍ୟକ୍ ସ୍ମୃତି ଓ ସମ୍ୟକ୍ ସମାଧି। ଏହି ନୈତିକ ମୂଲ୍ୟବୋଧର କଥା କହିବା ବେଳେ ବୁଦ୍ଧ ଈଶ୍ୱରଙ୍କୁ ପୂଜା କରିବା କଥା କହିନାହାନ୍ତି କି ମନ୍ଦିରକୁ ଯିବା କଥା କହିନାହାନ୍ତି।

ସାମ୍ପ୍ରଦାୟିକ ଧର୍ମ କେବେ ତର୍କ ଆଧାରିତ ହୁଏନାହିଁ। ଏହା ହୁଏ ବିଶ୍ୱାସ ଆଧାରିତ। ଅନେକ ସମୟରେ ସେହି ବିଶ୍ୱାସ କୁସଂସ୍କାର ଓ ପରମ୍ପରା ପର୍ଯ୍ୟବସିତ ହୋଇଥାଏ। ମାତ୍ର ନୈତିକ ମୂଲ୍ୟବୋଧ ସର୍ବଦା ତର୍କ ଆଧାରିତ ଓ ଯୁକ୍ତି ସମ୍ମତ ହୋଇଥାଏ। ସେହି ଯୁକ୍ତି ପଛରେ ଥାଏ ମନନ ଓ ବିବେକାନୁମୋଦନ। ବିବେକ ସର୍ବଦା ଏକ ନୈତିକ ଜୀବନ ଯାପନ କରିବା ପାଇଁ ପ୍ରେରଣା ଦିଏ। ଏହି ପ୍ରସଙ୍ଗରେ ମନେପଡ଼େ ଏକ କ୍ଷୁଦ୍ର କାହାଣୀ। ଜେସ୍ ବେନ୍ ନାମରେ ଥିଲେ ଜଣେ ଜୈନ ଧର୍ମଗୁରୁ। ସେ ନିଜର ସାଧୁତା ଓ ସଚ୍ଚୋଟତା ପାଇଁ ସୁବିଦିତ ଥିଲେ। ପ୍ରତ୍ୟେକ ଦିନ ସେ ଭିକ୍ଷା କରି ନିଜର ଆହାର ସଂଗ୍ରହ କରୁଥିଲେ। ଦିନକର ଘଟଣା। ମଧ୍ୟାହ୍ନ ଅତିକ୍ରାନ୍ତ ହେବା ପରେ ମଧ୍ୟ ତାଙ୍କୁ କୌଣସି ଭିକ୍ଷା ମିଳିଲା ନାହିଁ। କ୍ଷୁଧାର୍ତ୍ତ ଅବସ୍ଥାରେ ସେ ପହଞ୍ଚିଲେ ଜଣେ ଗୃହସ୍ଥଙ୍କ ଘରେ। ଗୃହସ୍ଥ ଜଣକ ତାଙ୍କ ପାଇଁ ଖାଦ୍ୟ ପ୍ରସ୍ତୁତ କରିବାକୁ ଧର୍ମପତ୍ନୀଙ୍କୁ ଆଦେଶ ଦେଲେ। ସେ ନିଜେ ରୋଷେଇ ଘରକୁ ଯାଇ ଖାଦ୍ୟ ପ୍ରସ୍ତୁତିରେ ଧର୍ମପତ୍ନୀଙ୍କୁ ସାହାଯ୍ୟ କଲେ। ଜେସ୍ ବେନ୍ ବସିଥିବା କୋଠରିରେ ଏକ କାଚ ଜାର୍‌ରେ ଥିବା କିଛି ସୁସ୍ୱାଦୁ ବିସ୍କୁଟ୍ ତାଙ୍କ ଦୃଷ୍ଟି ଆକର୍ଷଣ କଲା। ସେ କ୍ଷୁଧାତାଡ଼ିତ ଥିବାରୁ ବିସ୍କୁଟ ବାହାର କରିବା ପାଇଁ ଡାହାଣ ହାତକୁ ଜାର୍‌ରେ ପୂରାଇଲେ। ମାତ୍ର ସେ ସଙ୍ଗେ ସଙ୍ଗେ ଚିତ୍କାର କରି ଉଠିଲେ, ''ଚୋର, ଚୋର''। ଚିତ୍କାର ଶୁଣି ପତିପତ୍ନୀ ଆସି ଦେଖିଲେ ଜେସ୍ ବେନ୍ ବାମ ହାତରେ ବୋତଲ ଭିତରେ ପୂରାଇଥିବା ଡାହାଣ ହାତକୁ ମାଡ଼ି ବସି 'ଚୋର ଚୋର' ଚିତ୍କାର କରୁଛନ୍ତି। ତାଙ୍କର ଏହି ଅଦ୍ଭୁତ ଆଚରଣ ସମ୍ପର୍କରେ ପତିପତ୍ନୀ ପଚାରନ୍ତେ ସେ କହିଲେ ''ମଣିଷର ମସ୍ତିଷ୍କରେ ଦୁଇଟି ପ୍ରକ୍ରିୟା କାମ କରେ। ଗୋଟିଏ ହେଲା ମନର ଓ ଅନ୍ୟଟି ହେଲା ବିବେକର। ମନ ଚାହେଁ ପ୍ରବୃତ୍ତିଗତ ଇଚ୍ଛାକୁ ତତ୍‌କ୍ଷଣାତ୍ ପୂରଣ କରିବା ପାଇଁ, ମାତ୍ର ବିବେକ ସେହି ଇଚ୍ଛାକୁ ତର୍ଜମା କରେ ଓ ତାହା ଠିକ୍ ନୁହେଁ ବୋଲି ଅନୁଭବ କଲେ ତାକୁ ଅଟକାଇ ଦିଏ ଏବେ ତାହା ହିଁ ଘଟିଛି।'' କୌଣସି କାର୍ଯ୍ୟ ନୈତିକ ନା ଅନୈତିକ ତାହା ତର୍କକୁ ଆଧାର କରି ନିର୍ଦ୍ଧାରଣ କରେ ବିବେକ। ବିବେକ ଧର୍ମନୀତି ଦ୍ୱାରା ନିୟନ୍ତ୍ରିତ ହୋଇପାରେ। ମାତ୍ର ନିର୍ଦ୍ଦିଷ୍ଟ ସମ୍ପ୍ରଦାୟର ଧର୍ମନୀତିରେ ବିଶ୍ୱାସ ରଖି ନ ଥିବା ଲୋକର ମଧ୍ୟ ବିବେକ କାମ କରେ। ସେ ମଧ୍ୟ ଦୈନନ୍ଦିନ ଜୀବନରେ କାର୍ଯ୍ୟ କଲାବେଳେ ମନ ଓ ବିବେକର ସଂଘର୍ଷର ସମ୍ମୁଖୀନ ହୁଏ। ଶେଷରେ ବିବେକ ଯେଉଁ କାର୍ଯ୍ୟକୁ ଅନୁମୋଦନ କରେ ତାକୁ ସେ ନୈତିକ ଭାବରେ ଗ୍ରହଣ କରିଥାଏ। ଯେତେବେଳେ ସେ ବିବେକର ଆହ୍ୱାନକୁ ଅବଦମନ କରି ମନର ଆହ୍ୱାନକୁ ବିନା ବିଚାରରେ ଗ୍ରହଣ କରେ ସେ ହୁଏତ ଅନୈତିକ କାର୍ଯ୍ୟ କରିବାର ସମ୍ଭାବନା ଥାଏ।

ଆମେ 'ନୈତିକ', 'ଅନୈତିକ' ଶବ୍ଦ ବ୍ୟବହାର କଲାବେଳେ ନିଜ ସମ୍ପ୍ରଦାୟର ଧର୍ମନୀତିକୁ ଆଧାର କରି ବିଚାର କରୁ। ପ୍ରତ୍ୟେକ ସମ୍ପ୍ରଦାୟ ନିଜ ନିଜ ଧର୍ମନୀତି ଅନୁସାରେ ସେମାନଙ୍କ କର୍ମକୁ ବିଚାର କଲେ ସମଗ୍ର ବିଶ୍ୱର 'ନୈତିକ' ଓ 'ଅନୈତିକ'ର ସଂଜ୍ଞା କେବେ ସମାନ ହେବ ନାହିଁ। ଯେଉଁ ନୀତି ଏକ ନିର୍ଦ୍ଦିଷ୍ଟ ଭୂଖଣ୍ଡର ପ୍ରଜାକୁଳକୁ ନୁହେଁ, ସମଗ୍ର ଜଗତର ପ୍ରଜାକୁଳକୁ ଶୃଙ୍ଖଳିତ ଭାବରେ ଧରି ରଖେ ତାକୁ ଧର୍ମ ଭାବରେ ଗ୍ରହଣ କଲେ ଧର୍ମ ଓ ନୈତିକତା ମଧ୍ୟରେ ଅସଂହତି ରହିବ ନାହିଁ। ବିଭିନ୍ନ ସମ୍ପ୍ରଦାୟର ଧାର୍ମିକ ରୀତିନୀତିରେ ବିବିଧତା ସତ୍ତ୍ୱେ ଅନେକ କିଛି ସାମଞ୍ଜସ୍ୟ ରହିଛି ଯାହା ମଣିଷ ମାତ୍ରକେ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ। ବିପଦରେ ପଡ଼ିଥିବା ଲୋକକୁ ସାହାଯ୍ୟ କରିବା, ପରୋପକାର କରିବା, ସତ୍ୟ କହିବା, ଅନ୍ୟକୁ ଘୃଣା ନ କରିବା, ଇନ୍ଦ୍ରିୟ ସଂଯମ କରିବା ଆଦି ଗୁଣ ଆଚରଣରେ ପ୍ରୟୋଗ କରିବା ପାଇଁ ପ୍ରାୟ ସବୁ ଧର୍ମଗ୍ରନ୍ଥ ଉପଦେଶ ଦିଅନ୍ତି। ସମଗ୍ର ପୃଥିବୀର ମଣିଷଙ୍କର ଏହି ସାର୍ବଜନୀନ ମଙ୍ଗଳକାରକ ଗୁଣଗୁଡ଼ିକ ହେଉଛି ମୂଲ୍ୟବୋଧ। ନିଜଠାରୁ ବୃହତ୍ତର ଓ ମହତ୍ତର ଏକ ଉପଲବ୍ଧି ନିମନ୍ତେ ଜୀବନ ବଞ୍ଚିବା ଓ ନିଜର କଲ୍ୟାଣ କହିଲେ ଏକ ବୃହତ୍ତର କଲ୍ୟାଣ ତଥା ମଙ୍ଗଳକୁ ବୁଝିବା ହେଉଛି ପ୍ରକୃତ ନୈତିକ ମୂଲ୍ୟବୋଧ। ସେହି ସ୍ତରରେ ଧର୍ମ ଓ ନୈତିକତା ମଧ୍ୟରେ କୌଣସି ପାର୍ଥକ୍ୟ ରହେନାହିଁ।

ମୋ:୯୪୩୭୩୨୯୨୬୩

# ନେତା ହେବାକୁ ଅନୁକୂଳ ପରିବେଶ




ସୁଧାଂଶୁ ରଞ୍ଜନ ଦାସ

ସଭା ସମିତି, ଜଳଖିଆ ଦୋକାନ, ଚା' ଦୋକାନ, ପାନ ଦୋକାନ ଆଗରେ ଓ ଘରେ ବସି ସାଙ୍ଗସାଥୀ ସହିତ କଥାହେଲା ବେଳେ ଅନେକ ଶିକ୍ଷିତ ଲୋକ କହିଥା'ନ୍ତି, ସବୁ ଅରାଜକତା ଏହି ନେତାଙ୍କ ପାଇଁ ହେଉଛି। ତୁମକୁ ନେତା ହେବାକୁ କିଏ ମନାକଲା କି ପଚାରିବାରୁ ଉତ୍ତର ଆସିଲା ରାଜନୈତିକ ଦଳ କ'ଣ କେବେ ଆମକୁ ନିର୍ବାଚନ ଲଢ଼ିବାକୁ ଟିକେଟ ଦେବ। ଅନେକ ଶିକ୍ଷିତ ଲୋକ କହନ୍ତି ଅର୍ଥବଳ ଓ ବାହୁବଳ ନ ଥିଲେ ଜଣେ ନିର୍ବାଚନ ଜିତି ପାରିବ ନାହିଁ। ଯଦିଓ ଏହା ଅନେକ ମାତ୍ରାରେ ସତ, ଶିକ୍ଷିତ ଲୋକ ଯଦି ଏହି ସତ୍ୟକୁ ସ୍ୱୀକାର କରି ରାଜନୀତିକୁ ଓହ୍ଲାଇବେ ନାହିଁ ତେବେ ଏହା ଗଣତନ୍ତ୍ରକୁ ନଷ୍ଟ କରିଦେବା ସହ ସାମାଜିକ, ଆର୍ଥିକ, ସାଂସ୍କୃତିକ ଓ ପାରିବାରିକ ପରିବେଶକୁ ଧ୍ୱଂସ କରିଦେବ। ଯଦି ଲୋକବଳ କିମ୍ବା ଅର୍ଥବଳ ନାହିଁ ପ୍ରୟାସ କରିବାରେ କୌଣସି କ୍ଷତି ନାହିଁ। ଯଦିଓ ଆଜିର ଗଣତନ୍ତ୍ର ଅର୍ଥବଳ, ବାହୁବଳ ଓ ଭୋଟବ୍ୟାଙ୍କ ରାଜନୀତି ଭିତରେ ଶ୍ୱାସରୁଦ୍ଧ ହେଲା ପରି ଜଣାପଡ଼େ, ଏହି ପରିସ୍ଥିତି ଆହୁରି ଭୟାନକ ହେବା ପୂର୍ବରୁ ଶିକ୍ଷିତ ଯୁବପିଢ଼ି, ମଧ୍ୟବୟସ୍କ ଓ ଅବସରପ୍ରାପ୍ତ ଲୋକ ରାଜନୀତିକୁ ଆସିବା ଦରକାର। ମୁଁ ବୁଢ଼ା ହୋଇଗଲିଣି କହି ନିଜ ଦାୟିତ୍ୱରୁ ମୁହଁ ମୋଡ଼ିଦେବା କାପୁରୁଷତା ହେବ। ରାଜନୀତିକୁ ନିଜର ବୃତ୍ତିରେ ପରିଣତ କରିବା ପାଇଁ ଓଡ଼ିଶାରେ ଅନେକ ସମ୍ଭାବନା ଅଛି।

ଓଡ଼ିଶାରେ ଥିବା ବିଭିନ୍ନ ଆର୍ଥିକ ଗତିବିଧି ଯଥା କୃଷି, ହସ୍ତଶିଳ୍ପ, ମାଛଚାଷ, ଗୋପାଳନ, ଜଙ୍ଗଲଜାତ ଦ୍ରବ୍ୟ, ପର୍ଯ୍ୟଟନ କ୍ଷେତ୍ର, ସେବା ଓ ଶିଳ୍ପକ୍ଷେତ୍ର ଉପରେ ତୃଣମୂଳ ଜ୍ଞାନ ଥିବା ଲୋକ ଏକ ଯୋଗ୍ୟ ନେତା ହୋଇପାରିବ। ରାଜ୍ୟର ଇତିହାସ, ସଂସ୍କୃତି ଓ ସାମାଜିକ ପରିବେଶ ଉପରେ ଗଭୀର ଜ୍ଞାନ ଭଲ ନେତା ହେବାରେ ସହାୟକ ହୋଇଥାଏ। ପ୍ରକୃତ ତୃଣମୂଳ ଜ୍ଞାନ ଥିବା ନେତା ମନଗଢ଼ା କାହାଣୀ କହି ଲୋକଙ୍କୁ ବିକାଶର କୁହେଳିକା ଦେଖାଉଥିବା ନେତାଙ୍କୁ ନିର୍ବାଚନରେ ହରାଇପାରିବେ। ରାଜନୀତିରେ ଯୋଗଦେବା ପୂର୍ବରୁ ପ୍ରାର୍ଥୀ ଜଣକ ଓଡ଼ିଶା ଉପଯୋଗୀ ବିକାଶ ମଡେଲର ଏକ ନକ୍ସା ତିଆରି କରି ଲୋକଙ୍କୁ ଏହା ବୁଝାଇବା ସଙ୍ଗେ ସଙ୍ଗେ ସମସ୍ତ ବିନାଶକାରୀ ଆର୍ଥିକ ଗତିବିଧି ବିଷୟରେ ମଧ୍ୟ ଲୋକଙ୍କୁ ଅବଗତ କରାଇବା ଦରକାର। ନିଜ ଭିତରେ ଜ୍ଞାନ, ଇଚ୍ଛାଶକ୍ତି, ଶାରୀରିକ ଓ ନୈତିକ ସାହସର ଉର୍ଜା ପ୍ରଜ୍ୱଳିତ ହେଲେ ଶିକ୍ଷିତ ଯୁବନେତା ଅର୍ଥ ଓ ବାହୁବଳରେ ସଜ୍ଜିତ ଯେକୌଣସି ନେତାଙ୍କୁ ଧରାଶାୟୀ କରିଦେବ।

ନିୟମିତ ଲୋକ ସମ୍ପର୍କ କରୁଥିବା ନେତା ନିଜକୁ ଏକ ଅମୋଘ ଅସ୍ତ୍ରରେ ପରିଣତ କରିଥାଏ। ମହାତ୍ମା ଗାନ୍ଧୀଙ୍କର ଲୋକ ସମ୍ପର୍କ ଏତେ ସୁଦୃଢ଼ ଥିଲା ଯେ, ସେ ଡାକରା ଦେଲାମାତ୍ରେ ଅନେକ ହଜାର ଲୋକ ରୁଣ୍ଡ ହୋଇଯାଉଥିଲେ। ଲବଣ ସତ୍ୟାଗ୍ରହ ବେଳେ ମହାତ୍ମା ଗାନ୍ଧୀ ଗୁଜରାଟର ଦାଣ୍ଡି ଉପକୂଳରୁ ମୁଠାଏ ଲୁଣ ଉଠାଇ ନେଇଥିଲେ। ଏହା ଶକ୍ତିଶାଳୀ ବ୍ରିଟିଶ୍ ସାମ୍ରାଜ୍ୟର ଚେରକୁ ଦୋହଲାଇ ଦେଇଥିଲା। ମହାରାଷ୍ଟ୍ରର ରାଲେଗାଓଁ ସିଦ୍ଧି ଗାଁର ଆନ୍ନା ହଜାରେ ନିଜର ସଚ୍ଚୋଟତା, ନିଷ୍ଠା ଓ ସମାଜସେବା ପାଇଁ



ଦେଶବାସୀଙ୍କ ହୃଦୟ ଜିତିପାରିଥିଲେ। ଜନ ଲୋକପାଳ ବିଲ୍ ପାଇଁ ଆନ୍ନାଙ୍କ ଆନ୍ଦୋଳନ ଏକ ଗଣ ଆନ୍ଦୋଳନରେ ପରିଣତ ହୋଇଥିଲା। ସତ୍ୟ, ବିଶୁଦ୍ଧତା ଓ ଚରିତ୍ରର ଅଖଣ୍ଡତା ମହାଦେବଙ୍କ ତ୍ରିଶୂଳ ଭଳି ଶକ୍ତିଶାଳୀ ପ୍ରତିପାଦିତ ହୋଇଥାଏ। ଶିକ୍ଷିତ ଯୁବପିଢ଼ି ରାଜନୀତିରେ ପାଦଦେବା ପୂର୍ବରୁ ଓଡ଼ିଶାର ପ୍ରତ୍ୟେକ ସହର ଓ ଗାଁଗୁଡ଼ିକ ଦେଖିବା ଦରକାର। ଓଡ଼ିଶାର ପ୍ରତ୍ୟେକ ନଦୀ, ପାହାଡ଼, ହ୍ରଦ ଓ ଝରଣାର ପ୍ରକୃତ ସ୍ଥିତି ସେମାନେ ଜାଣିବା ଉଚିତ। ଗାଁ ଓ ସହରରେ ସାଧାରଣ ଲୋକେ କିପରି ଜୀବନଯାପନ କରୁଛନ୍ତି, ସେମାନଙ୍କ ସାଙ୍ଗରେ ନ ରହିଲେ ତାହା ଜାଣିହେବ ନାହିଁ। ଓଡ଼ିଶାବାସୀଙ୍କ ସୁବିଧା, ଅସୁବିଧା ଓ ସମସ୍ୟାକୁ ନିଜେ ଅଙ୍ଗେ ନ ଲିଭାଇଲେ ଜଣେ ଭଲ ନେତା ହେବା ସମ୍ଭବ ନୁହେଁ। ଶ୍ରୀରାମ ଜଙ୍ଗଲ ଓ ପାହାଡ଼ରେ ୧୪ ବର୍ଷ ରହିବା ଫଳରେ ସେ ରାଜ୍ୟବାସୀଙ୍କ ସୁବିଧା ଅସୁବିଧାକୁ ଅଙ୍ଗେ ଲିଭାଇଥିଲେ। ଫଳରେ ସେ ଭାରତ ଓ ଭାରତ ବାହାରେ ଅନେକ ଦେଶରେ ରାମ ରାଜ୍ୟ ପ୍ରତିଷ୍ଠା କରିପାରିଥିଲେ। ରାମଙ୍କ ପରି ପାଣ୍ଡବମାନଙ୍କର ୧୩ ବର୍ଷ ବନବାସ ସେମାନଙ୍କୁ ସୁଶାସକରେ ପରିଣତ କରିଥିଲା। ମହାତ୍ମା ଗାନ୍ଧୀ ସ୍ୱାଧୀନତା ସଂଗ୍ରାମ ବେଳେ ୭୯,୦୦୦ କିଲୋମିଟର ଚାଲି ଚାଲି ଲୋକ ସମ୍ପର୍କ କରିଥିଲେ। ଭାରତୀୟଙ୍କ ଜୀବନଶୈଳୀ ଓ ଆର୍ଥିକ ଗତିବିଧିକୁ ଅନୁଧ୍ୟାନ କରି ସେ ସେମାନଙ୍କୁ ଏକ ସ୍ୱଦେଶୀ ଆର୍ଥିକ ମଡେଲ ଉପହାର ଦେଇଥିଲେ। ଏହି ପରିବେଶ ଉପଯୋଗୀ ସ୍ୱଦେଶୀ ଆର୍ଥିକ ମଡେଲ ବିଶ୍ୱର ସମସ୍ତ ଦେଶ ପାଇଁ ଆଜି ମଧ୍ୟ ପ୍ରଯୁଜ୍ୟ। ଓଡ଼ିଶାରେ ଅନେକ ସୂକ୍ଷ୍ମ ଆର୍ଥିକ ଗତିବିଧି ଅଛି, ଯାହା ଓଡ଼ିଶା ପାଇଁ ରୋଜଗାର ସୃଷ୍ଟି କରିବ। ଓଡ଼ିଶା ହସ୍ତଶିଳ୍ପଗୁଡ଼ିକର ଗୁଣାତ୍ମକ ମାନ ରକ୍ଷା କରାଯାଇପାରିଲେ ଏହା ରାଜ୍ୟରେ ଅନେକ ରୋଜଗାର ସୃଷ୍ଟି କରିବା ସହ ବିଦେଶୀ ମୁଦ୍ରା ମଧ୍ୟ ଅର୍ଜନ କରିପାରିବ। କଳାର ଉତ୍କର୍ଷତା କ'ଣ ଏହା ନେତା ହେବା ପାଇଁ ଆଗ୍ରହୀ ବ୍ୟକ୍ତି ଜାଣିବା ଦରକାର। ଏକ ସୁସ୍ଥ ସମାଜ ଓ ପରିବେଶ ଉପଯୋଗୀ ଆର୍ଥିକ ଗତିବିଧି ପାଇଁ ସୁସ୍ଥ ଗଣତନ୍ତ୍ରର ଆବଶ୍ୟକତା ଅଛି।

ଅନେକ ଦେଶରେ ଗଣତନ୍ତ୍ରର ଅବନତି ପାଇଁ ଲୋକେ ଗଣମାଧ୍ୟମକୁ ଦୋଷୀ କରିଥା'ନ୍ତି। କିନ୍ତୁ ସବୁ ଗଣମାଧ୍ୟମ ପାଇଁ ଏହା ପ୍ରଯୁଜ୍ୟ ନୁହେଁ। ଏବେବି କେତେକ ଗଣ ମାଧ୍ୟମରେ ଅନେକ ସାମ୍ବାଦିକ ନିଷ୍ଠାର ସହିତ ସମାଜ ପ୍ରତି ନିଜର ଦାୟିତ୍ୱ ସମ୍ପାଦନ କରୁଛନ୍ତି। ଅନେକ ସଚ୍ଚୋଟ ସାମ୍ବାଦିକ ପରିସ୍ଥିତିକୁ ଦେଖି ସୁପ୍ତ ଅବସ୍ଥାରେ ଅଛନ୍ତି। ତୃଣମୂଳ ଜ୍ଞାନ, ଶାରିରିକ ଶକ୍ତି, ନୈତିକ ସାହସ, ଆଧ୍ୟାତ୍ମିକ ଶକ୍ତି ଓ ଉତ୍ତମ ବ୍ୟବହାରରେ ସଜ୍ଜିତ ନେତା ଗଣମାଧ୍ୟମରେ ଥିବା ଏହି ସକାରାତ୍ମକ ଉର୍ଜ୍ଜାକୁ ପ୍ରଜ୍ୱଳିତ କରିପାରିବ। ରାମାୟଣ ଓ ମହାଭାରତ ଯୁଗରେ ପ୍ରସିଦ୍ଧି ଲାଭ କରିଥିବା ଓଡ଼ିଶା, ଉତ୍କଳ କିମ୍ବା କଳିଙ୍ଗର ଲୋକମାନେ ଏହି ରାଜନୈତିକ ବ୍ୟକ୍ତିତ୍ୱର ଅପେକ୍ଷାରେ ଅଛନ୍ତି। ଓଡ଼ିଶାରେ ଏହି ବ୍ୟକ୍ତିତ୍ୱର ଅଧିକାରୀ କିଏ ସମୟ ହିଁ ବତାଇବ।

ମୋ:୭୭୦୨୩୮୩୮୮୦

## ଏଇ ଭାରତରେ

ଦିଲ୍ଲୀର କିଡ୍‌ୱାଇ ନଗରରେ ଚାଲୁଛି ଏକ ନିଆରା ସ୍କୁଲ। ଏହି ସ୍କୁଲର ଘର ନାହିଁ କି କୌଣସି ସରକାରୀ ପାଠ୍ୟକ୍ରମ ଅନୁଯାୟୀ ଶିକ୍ଷା ଦିଆଯାଉନାହିଁ। ପିଲାମାନେ ଗଛମୂଳେ ପଢୁଛନ୍ତି, ତାହା ପୁଣି ସପ୍ତାହାନ୍ତରେ ଥରେ। ପିଲାଙ୍କୁ ଏଥିପାଇଁ ପଞ୍ଜୀକୃତ କରିବାକୁ ପଡୁନାହିଁ। ଏହି ସ୍କୁଲକୁ କୁହାଯାଉଛି 'ସ୍କୁଲ ଅଫ୍ ଟ୍ରିଜ୍' ଏବଂ ଏହାର ଶିକ୍ଷକ ହେଉଛନ୍ତି ଭାରତୀୟ ରାଜସ୍ୱ ସେବା ଅଧିକାରୀ ରୋହିତ ମେହର ଓ ତାଙ୍କ ସ୍ତ୍ରୀ ଗୀତାଞ୍ଜଳି। ସ୍କୁଲରେ ପିଲାଙ୍କୁ ବିଜ୍ଞାନ, ପରିବେଶଗତ ଜ୍ଞାନକୁ ପରୀକ୍ଷଣ, ଖେଳ ମାଧ୍ୟମରେ ପ୍ରଦାନ କରାଯାଉଛି। । ସ୍କୁଲ୍ ଅଫ୍ ଟ୍ରିଜ୍ ଚଳାଇବା ପୂର୍ବରୁ ରୋହିତ ଓ ଗୀତାଞ୍ଜଳି ଅଦରକାରୀ ପ୍ଲାଷ୍ଟିକ ବ୍ୟବହାର କରି ଭର୍ଟିକାଲ ଗାର୍ଡେନ କରିବା ସହ ପରିବେଶ ସୁରକ୍ଷା ପାଇଁ କାର୍ଯ୍ୟ କରୁଥିଲେ। ସେମାନେ ୨୦୨୧ରେ ଅମୃତସରରେ ଟ୍ରି ହସ୍ପିଟାଲ ମଧ୍ୟ ପ୍ରତିଷ୍ଠା କରି ଗଛଗୁଡ଼ିକର ଯତ୍ନ ନେଉଥିଲେ। ପରେ ୨୦୨୫ରେ ସ୍କୁଲ ଅଫ୍ ଟ୍ରିଜ ପ୍ରତିଷ୍ଠା କରିଥିଲେ। ଏହି ସ୍କୁଲରେ ୭ରୁ ୧୭ ବର୍ଷ ବୟସର ପିଲା ପଢିବାକୁ ଆସୁଛନ୍ତି ଏବଂ ପିଲାସଂଖ୍ୟା ଏବେ ୪୫।

## ୫୦ ବର୍ଷ ତଳର ଧରିତ୍ରୀ

୧୬ ଫେବୃଆରୀ ୧୯୭୭

- ପି.କେ. ଦେଓଙ୍କୁ ସମର୍ଥନ କରିବା ଲାଗି କଂଗ୍ରେସ ଉଚ୍ଚ କର୍ତ୍ତୃପକ୍ଷ ମନମୁଖୀ ଭାବେ ନିଷ୍ପତ୍ତି କରିଥିବା ପ୍ରତିବାଦ ସ୍ୱରୂପ କଳାହାଣ୍ଡି ଜିଲା କଂଗ୍ରେସ ଉପସଭାପତି ଓ ସମ୍ପାଦକଙ୍କ ସମେତ ବହୁ ନେତାଙ୍କ ଇସ୍ତଫା ପ୍ରଦାନ।
- ବିଶ୍ୱବିଦ୍ୟାଳୟ ମଞ୍ଜୁରୀ କମିଶନ ବିଭିନ୍ନ ଭାଷା ଉପରେ ସ୍ନାତକୋତ୍ତର ପାଠ୍ୟକ୍ରମ ପାଇଁ ୪୩ଟି ଛାତ୍ରବୃତ୍ତି ଦେବା ନିଷ୍ପତ୍ତି କରିଛନ୍ତି।

## ଚିରନ୍ତନୀ

ଆକାଶ ବିହଗ, ମାଟିର ପଶୁ
କହଇ କଥା
କରେ ପରକାଶ ଆପଣା ସୁଖ
ପରାଣ ବ୍ୟଥା ।
-(ପ୍ରାଚୀନ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଟାଟା ପାୱାର ଶୋଷଣ କରୁଛି

ମହାଶୟ,

ରାଜ୍ୟରେ ଟାଟା ପାୱାର ବିଜୁଳି ଉପଭୋକ୍ତାଙ୍କୁ ଶୋଷଣ କରି ଚାଲିଛି। ଅତିରିକ୍ତ ସିକ୍ୟୁରିଟି ଡିପୋଜିଟ୍ ପାଇଁ ନୋଟିସ ଦିଆଯାଇଛି। ଜୋରଜବରଦସ୍ତ ସ୍ମାର୍ଟ ମିଟର ବସାଯାଉଛି। ସରକାରୀ ମିଟରରୁ ୩୦୦ କୋଟି ଟଙ୍କା ବେଆଇନ ଭାବେ ଟାଟା ପାୱାର ଆଦାୟ କରିଛି। କିନ୍ତୁ ଟାଟା ପାୱାର ଠକେଇ ପାଇଁ କିଛି କାର୍ଯ୍ୟାନୁଷ୍ଠାନ ନାହିଁ। ଏଥିପାଇଁ ଶକ୍ତି ବିଭାଗ କ'ଣ କରୁଛି ? ସେପଟେ ସମୀକ୍ଷା ନକରି ରାଜ୍ୟ ସରକାର ୭୩୫ କୋଟି ଟଙ୍କା ଟାଟା ପାୱାରକୁ ଦେବା ପାଇଁ ନିଷ୍ପତ୍ତି ନେଇଛନ୍ତି। ସାଧାରଣ ଲୋକଙ୍କ ଟିକସ ପଇସାରେ ମିଟର ଲଗାଇ ଟାଟା ପାୱାର ମନଇଚ୍ଛା ଶୋଷଣ କରି ଚାଲିବେ। ଏହା ଇଲେକ୍ଟ୍ରିସିଟି ଆକ୍ଟ ୨୦୦୩ରେ ଇଲେକ୍ଟ୍ରିସିଟି ରାଇଟ୍ସ ଅଫ କଞ୍ଜୁମର୍ସ ରୁଲ୍-୨୦୨୦ର ସମ୍ପୂର୍ଣ୍ଣ ବିରୁଧାଚରଣ କରୁଛି। ସରକାରଙ୍କ ନିଷ୍କ୍ରିୟତାରେ ଟାଟା କମ୍ପାନୀ ଉପଭୋକ୍ତାଙ୍କୁ ସ୍ମାର୍ଟ ମିଟର ବସାଇ ବେଆଇନ ଭାବେ ଗ୍ରାହକ ଅଧିକାରକୁ କ୍ଷୁଣ୍ଣ କରୁଛନ୍ତି। ୬୦ଲକ୍ଷ ଉପଭୋକ୍ତାଙ୍କ ନିକଟରେ ସ୍ମାର୍ଟ ମୋବାଇଲ ନାହିଁ। ଇଣ୍ଟରନେଟ୍ ନାହିଁ କି ଟେଲିଫୋନ ସୁବିଧା ନାହିଁ। ସେମାନେ ଏହି ସ୍ମାର୍ଟ ମିଟରର ବ୍ୟବହାର ଓ ପରିଚାଳନା କିପରି କରିପାରିବେ। ଏପରି ସ୍ଥଳେ ସେମାନଙ୍କ ପାଇଁ ସ୍ମାର୍ଟ ମିଟର ବସାଇବାର କୌଣସି ପ୍ରାସଙ୍ଗିକତା ନାହିଁ।

**-ଶ୍ୟାମ ସୁନ୍ଦର ସାମଲ, ସୁଭଦ୍ରା ନଗର, ବିଡ଼ାନାସୀ, କଟକ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଓଁ ନମଃଶିବାୟ ମନ୍ତ୍ରରେ ମୁଖରିତ ମହେନ୍ଦ୍ରଗିରି

ପାରଳାଖେମୁଣ୍ଡି,୧୫।୨(ଗିରିଧାରୀ ପରିଚ୍ଛା)



ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ଲାଗିଥିବାଭିଡ।

ଗଜପତି ଜିଲ୍ଲା ପୁରାଣ ପ୍ରସିଦ୍ଧ ଶୈବପୀଠ ମହେନ୍ଦ୍ରଗିରିରେ ମହାଶିବରାତ୍ରି ଜାଗର ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମରେ ରବିବାର ଅନୁଷ୍ଠିତ ହୋଇଛି। ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ରାଜ୍ୟ ଓ ରାଜ୍ୟ ବାହାରୁ ଶ୍ରଦ୍ଧାଳୁମାନେ ମହାଦେବଙ୍କ ଦର୍ଶନ ପାଇଁ ଆସିଥିଲେ। ଲକ୍ଷାଧିକ ଭକ୍ତ ମହାଶିବରାତ୍ରି ପାଇଁ ଶନିବାର ରାତିରେ ମହେନ୍ଦ୍ରଗିରିକୁ ଆସି ରବିବାର ମହାଶିବରାତ୍ରି ଦିନ ସୂର୍ଯ୍ୟ ଉଦୟ ଦେଖି ଠାକୁରଙ୍କ ଦର୍ଶନ କରିଛନ୍ତି। ଓଁ ନମଃଶିବାୟରେ ମୁଖରିତ ହୋଇଛି ମହେନ୍ଦ୍ରଗିରି ପରିବେଶ। ଗଜପତି ଜିଲାପାଳ ଅକ୍ଷୟ ସୁନିଲ ଅଗ୍ରୱାଲଙ୍କ ନିର୍ଦ୍ଦେଶରେ ଅତିରିକ୍ତ ଜିଲାପାଳ ମୁନିନ୍ଦ୍ର ହେନେଗା ଓ ଅନ୍ୟାନ୍ୟ ପ୍ରଶାସନିକ ଅଧିକାରୀ ସମସ୍ତ କାର୍ଯ୍ୟ ତଦାରଖ କରିଛନ୍ତି। ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ଏସ୍‌ପି ଯତୀନ୍ଦ୍ର ପଣ୍ଡାଙ୍କ ତତ୍ତ୍ୱାବଧାନରେ ଫୋର୍ସ ମୁତୟନ କରାଯାଇଥିଲା। ସେହିପରି ପାରଳାଖେମୁଣ୍ଡି ସହରର ବିଭିନ୍ନ ଶୈବ ପୀଠରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମହୋଇଛି। ଓଡିଶା ଓ ଆନ୍ଧ୍ର ସୀମାନ୍ତରେ ସବୁଜିମା ଭରା ଏହି ମହେନ୍ଦ୍ରଗିରି ପର୍ବତ ମାଳାରେ ରହିଛି ଏହି ପ୍ରସିଦ୍ଧ ଶୈବପୀଠ ମହେନ୍ଦ୍ରଗିରି। ପୌରାଣିକ ଓ ଭୌଗଳିକ ଦୃଷ୍ଟିରୁ ଏହା ଅନ୍ୟ ଶୈବ ପୀଠମାନଙ୍କଠାରୁ ଭିନ୍ନ। ସମୁଦ୍ର ପତନଠାରୁ ପ୍ରାୟ ୧୫୦୦ ମିଟର ଉଚ୍ଚରେ ଏହା ରହିଥିବା ବେଳେ ଓଡ଼ିଶାର ଦ୍ୱିତୀୟ ସର୍ବୋଚ୍ଚ ପର୍ବତ ଶୃଙ୍ଗ ରୂପେ ପରିଚିତ। ଏହା ପୂର୍ବଘାଟ ପର୍ବତମାଳାର ଏକ ଅଂଶ ଏବଂ ଏକ ଜୈବବିବିଧତା ସମ୍ପନ୍ନ ସ୍ଥାନ। କଥିତ ଅଛି ସତ୍ୟ ଯୁଗରେ ମହାଦେବ ଗୋ ହତ୍ୟା ଦୋଷରୁ ମୁକ୍ତି ପାଇଁ ଏହି ପର୍ବତରେ ତପସ୍ୟା କରି ଏଠାରେ ଗୋକର୍ଣ୍ଣେଶ୍ୱର ମନ୍ଦିର ନିର୍ମାଣ କରିଥିଲେ। ପର୍ବତ ଶୀର୍ଷରେ ଭଗବାନ ଗୋକର୍ଣ୍ଣେଶ୍ୱର (ଶିବ) ବିରାଜମାନ କରନ୍ତି। ଯାହାଙ୍କୁ ଗଙ୍ଗବଂଶୀୟ ରାଜାମାନେ ନିଜର ଇଷ୍ଟ ଦେବତା ଭାବେ ମାନୁଥିଲେ। ଦ୍ୱାପର ଯୁଗରେ ପଞ୍ଚପାଣ୍ଡବ ଏଠାରେ ବନବାସ କରି ନୀଳମାଧବଙ୍କ ପୂଜା କରିଥିବା ବେଳେ ତ୍ରେତୟା ଯୁଗରେ ଭଗବାନ ପର୍ଶୁରାମଙ୍କ ଏହା ଥିଲା ତପସ୍ଥଳୀ। ହନୁମାନ ଏହି ପାହାଡ଼ରୁ ଲଙ୍କାକୁ ଯିବାପାଇଁ ଆକାଶ ମାର୍ଗରେ ଲମ୍ଫ ମାରିଥିବା ଲୋକ ମତ ରହିଛି। ଏଠାରେ ପଞ୍ଚ ପାଣ୍ଡବ ଏବଂ କୁନ୍ତୀଙ୍କ ନାମରେ ରହିଥିବା ୬ଟି ମନ୍ଦିରରେ ରହିଛି ଅନେକ ଶିବଲିଙ୍ଗ। ଏହି ସ୍ଥାନରୁ ହିଁ ପ୍ରବାହିତ ହେଉଛି ମହେନ୍ଦ୍ରତନୟା ନଦୀ। ଏଠାରେ ଥିବା ଭୀମ ମନ୍ଦିର ୧୧ଟି ପଥରରେ ନିର୍ମିତ। ଏହି ଭୀମ ମନ୍ଦିରଟି ପଞ୍ଚପାଣ୍ଡବ ଗୋଟିଏ ରାତ୍ରିରେ ନିର୍ମାଣ କରିଥିବା ସମୟରେ ସୂର୍ଯ୍ୟ ଉଦୟ ହୋଇଯିବାରୁ ତାହା ଅସମ୍ପୂର୍ଣ୍ଣ ରହିଥିଲା। ଏଥିରେ ଭୀମ କ୍ରୋଧାନ୍ୱିତ ହୋଇ ଏକ ଗୋଇଠା ମାରିବାରୁ ପଥରରେ ଫାଟ ସୃଷ୍ଟି ହୋଇଥିଲା। ଶ୍ରଦ୍ଧାଳୁମାନେ ପୂର୍ବ ଦିଗରୁ ସେହି ପଥର ଫାଟରେ ଅନାୟାସରେ ପ୍ରବେଶ କରି ମହାଦେବଙ୍କ ଦର୍ଶନ କରି ପଶ୍ଚିମ ଦିଗରେ ବହାରିଥାନ୍ତି ବୋଲି କଥିତ ରହିଛି।

## ଭେଟେରାନ ଖେଳାଳି କିଶୋର ରଥଙ୍କୁ ୨ ସ୍ୱର୍ଣ୍ଣ ସହ ୪ ପଦକ

### ଜାତୀୟ ମାଷ୍ଟର୍ସ ଆଥଲେଟିକ ଚମ୍ପିୟନସିପ

ପାରଳାଖେମୁଣ୍ଡି, ୧୫।୨ (ଗିରିଧାରୀ ପରିଚ୍ଛା)



ଗଜପତି ଜିଲ୍ଲାର ଭେଟେରାନ ଖେଳାଳି କିଶୋର ଚନ୍ଦ୍ର ରଥ ମଧ୍ୟ ପ୍ରଦେଶରେ ଅନୁଷ୍ଠିତ ଜାତୀୟ ମାଷ୍ଟର୍ସ ଆଥଲେଟିକ ଚମ୍ପିୟନସିପରେ ବିଭିନ୍ନ ବର୍ଗର ଖେଳକୁଦରେ ସଫଳତା ହାସଲ କରି ପାଇ ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି। ମଧ୍ୟପ୍ରଦେଶସ୍ଥିତ ମାଷ୍ଟର ଆଥଲେଟିକ ସମିତି ଦ୍ୱାରା ଆୟୋଜିତ ଏହି ଜାତୀୟ ମାଷ୍ଟର୍ସ ଆଥଲେଟିକ ଚମ୍ପିୟନସିପ ତୁଇ ଦିନ ଧରି ହୋଇଥିଲା। ଏଥିରେ ଦେଶର ବିଭିନ୍ନ ରାଜ୍ୟର ଭେଟେରାନ ଖେଳାଳିମାନେ ଅଂଶ ଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରେ ଗଜପତି ଜିଲ୍ଲାରୁ କିଶୋର ଭାଗ ନେଇଥିଲେ। ଏହି ଖେଳକୁଦରେ ସେ ୧୦୦ ମିଟର ଦୌଡ଼ରେ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ବେଳେ ୪ x ୧୦୦ ମିଟର ଦୌଡ଼ରେ ସ୍ୱର୍ଣ୍ଣ, ଲଙ୍ଗଜମ୍ପରେ ରୌପ୍ୟ ଏବଂ ଟ୍ରିପଲ ଜମ୍ପରେ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ଏହି ଖବର ଗଜପତି ଜିଲାରେ ପ୍ରଚାର ହେବା ପରେ ବିଭିନ୍ନ ମହଲରେ କିଶୋରଙ୍କୁ ଶୁଭେଚ୍ଛା ମିଳିଛି। କିଶୋର ଅବକାରୀ ବିଭାଗରୁ ଅବସର ଗ୍ରହଣ କରିସାରିଥିଲେ ମଧ୍ୟ ଖେଳକୁଦ ମନବୃତ୍ତି ଯୋଗୁ ସେ ଏପର୍ଯ୍ୟନ୍ତ ବିଭିନ୍ନ ଖେଳକୁଦ ପ୍ରତିଯୋଗିତାରେ ଭାଗ ନେଇ ଗଜପତି ଜିଲା ତଥା ରାଜ୍ୟର ଗୌରବ ବୃଦ୍ଧି କରିଆସୁଛନ୍ତି।

**ଆବଶ୍ୟକ**
15,000 ଟଙ୍କା ପର୍ଯ୍ୟନ୍ତ ରୋଜଗାର କରନ୍ତୁ, ରାପିଡୋରେ ଆଜି ଯୋଗ ଦିଅନ୍ତୁ। ଆବଶ୍ୟକତା : ଡିଏଲ୍, ବାଇକ୍, ଆଧାର କିମ୍ବା ପାନ୍ ତୁରନ୍ତ। ଯୋଗଦେବା ଉପଲବ୍ଧ, ଏବେ ଯୋଗଦେବାକୁ କଲ୍ କରନ୍ତୁ – 08071934927।

# ବିଭିନ୍ନ ସ୍ଥାନରେ ମହାଶିବରାତ୍ରି ଶୈବ ପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼

ବାଲିଗୁଡ଼ା,୧୫।୨ (ସଞ୍ଜୟ କୁମାର ପାଣିଗ୍ରାହୀ)

ବାଲିଗୁଡ଼ା ତଥା ଏହାର ଆଖପାଖ ଅଞ୍ଚଳରେ ମହାଶିବରାତ୍ରି ଉତ୍ସବ ମହାଆଡମ୍ବରେ ପାଳିତ ହୋଇଛି। ସକାଳୁ ବିଭିନ୍ନ ଶୈବ ପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳିଛି। ଅଞ୍ଚଳର ପ୍ରମୁଖ ଶିବମନ୍ଦିର ଯଥା ବିରୁପାକ୍ଷ ମନ୍ଦିର, ରାମେଶ୍ୱର ମନ୍ଦିର, ଦଣ୍ଡପଦର ଧବଳେଶ୍ୱର ମନ୍ଦିର ଓ ଜାଲେଶପଙ୍କାର ଜଳେଶ୍ୱର ମନ୍ଦିର, ଟିକାବାଲିର ଢୁଙ୍ଗି ସ୍ଥିତ ଶୈବପୀଠରେ ସମସ୍ତ ପ୍ରକାର ନୀତିକାନ୍ତି ସହ ଦିନତମାମ ପୂଜାର୍ଚ୍ଚନା ହୋଇଥିଲା। ଏହି ପବିତ୍ର ଅବସରରେ କନ୍ଧମାଳ ଜିଲାକୁ ଆସିଥିବା କିଛି ବିଦେଶୀ ଭକ୍ତମାନେ ମଧ ଶ୍ରଦ୍ଧାର ସହ ଶିବ ଆରାଧନା କରିଥିଲେ। ଭକ୍ତମାନଙ୍କ ଭିଡ଼କୁ ଦୃଷ୍ଟିରେ ରଖି ପରିଚାଳନା କମିଟି ଓ ପୋଲିସ ବିଭାଗ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଥିଲା।

**ଜି.ଉଦୟଗିରି,(ଚିନ୍ମୟ କୁମାର ସେଠୀ):** ଜି. ଉଦୟଗିରିର ଧବଳେଶର ମହାଦେବ ମନ୍ଦିର, ବାବା ଆନନ୍ଦେଶ୍ୱରଙ୍କ ମନ୍ଦିର ଓ କଳିଙ୍ଗା ଶିବ ମନ୍ଦିରରେ ସକାଳୁ ମହାଦେବଙ୍କ ଦର୍ଶନ ନିମନ୍ତେ ଶତାଧିକ ଭକ୍ତଙ୍କ ଭିଡ଼ ଜମିଥିଲା। ସନ୍ଧ୍ୟାରେ ମହାଦେବଙ୍କ ନିକଟରେ ଦୀପ ଜାଳି ପାଇଁ ଶ୍ରଦ୍ଧାଳୁମାନେ ଉପସ୍ଥିତ ଥିଲେ। ଧବଳେଶର ମନ୍ଦିର ପୂଜକ ସନ୍ତୋଷ କୁମାର ମୁନିଙ୍କ ସୂଚନା ଅନୁସାରେ ପ୍ରହର ଗଣନା ଅନୁଯାୟୀ ତୃତୀୟ ପ୍ରହରରେ ମନ୍ଦିର ଚୁଡ଼ାରେ ଜାଗର ମହାଦୀପ ଲାଗି ହେବା କାର୍ଯ୍ୟକ୍ରମ ରହିଛି। ମନ୍ଦିର ପରିଚାଳନା କମିଟି ସଭାପତି ସୂର୍ଯ୍ୟନାରାୟଣ ପାତ୍ର, ଉପସଭାପତି ନିକୁ ପାତ୍ର, ସମ୍ପାଦକ ସଞ୍ଜୟ ଆଚାର୍ଯ୍ୟ, ଯୁଗ୍ମ ସମ୍ପାଦକ ଗଣେଶ ପାଢ଼ୀ ଓ·· ସମସ୍ତ ସଦସ୍ୟ ମହା ଶିବରାତ୍ରି ଜାଗର ଯାତ୍ରା ପରିଚାଳନାରେ ସହଯୋଗ କରିଥିଲେ।



ଏକ ଶୈବପୀଠରେ ଶ୍ରଦ୍ଧାଳୁଙ୍କ ଭିଡ।

ଭଞ୍ଜନଗର,୧୫।୨(ବାବୁଲା ପ୍ରଧାନ)

ମହାଶିବରାତ୍ରି ପାଇଁ ରବିବାର ଭଞ୍ଜନଗର ଅଞ୍ଚଳର ସମସ୍ତ ଶୈବ ପୀଠରେ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଛି। ଠାକୁରଙ୍କ ଦର୍ଶନ ପାଇଁ ସକାଳୁ ମନ୍ଦିରଗୁଡିକରେ ଭିଡ ଜମିଛି। ରାଜ୍ୟର ସର୍ବୋଚ୍ଚ ଶିବ ପ୍ରତିମୂର୍ତ୍ତି ହୋଇଥିବା ଭଞ୍ଜନଗର ବେଲେଶ୍ୱର ପୀଠରେ ମଧ ହଜାର ହଜାର ଭକ୍ତଙ୍କ ଭିଡ ଜମିଛି। ସେଠାରେ ଦିନତମାମ ବିଭିନ୍ନ କାର୍ଯ୍ୟକ୍ରମ ଚାଲିଥିବା ବେଳେ ରାତିରେ ସ୍ୱତନ୍ତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଛି। ବିଡେକୋ ଦ୍ୱାରା ପରିଚାଳିତ ବେଲେଶ୍ୱର ପୀଠରେ ଭକ୍ତଙ୍କ ପାଇଁ ପ୍ରସାଦ ବ୍ୟବସ୍ଥା ହୋଇଥିଲା। ଭିଡ଼କୁ ଦେଖି ସ୍ୱତନ୍ତ୍ର ଟ୍ରାଫିକ ବ୍ୟବସ୍ଥା କରାଯାଇଛି। ସେହିପରି ତୁତୁଆ, ତିଳିସିଙ୍ଗି, ଭେଜିପୁଟ, ଜିଲୁଣ୍ଡି, ଲାଲସିଂ, ଛେଦାଭୂମି, ବଡକୋଦଣ୍ଡା, ବରଗାଁ, ଗୋଲାପଡ଼ା, ଗାଲେରି ଶୈବପୀଠ ଗୁଡ଼ିକରେ ମଧ ମହାଦେବଙ୍କ ଦର୍ଶନ ପାଇଁ ଭିଡ଼ ଜମିଛି। ପୋଲିସ ପକ୍ଷରୁ ମନ୍ଦିର ଗୁଡ଼ିକରେ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଛି।

**ଛତ୍ରପୁର,(ଦିଲୀପ ସାମଲ):** ଛତ୍ରପୁର ସହର ଓ ଆଖପାଖ ଅଞ୍ଚଳର ବିଭିନ୍ନ ଶୈବ ପୀଠରେ ମହାଶିବରାତ୍ରି ପାଳନ ହୋଇଛି । ଛତ୍ରପୁର ଆଗ୍ରହରମ ସାହିସ୍ଥିତ ଗୌରୀଶଙ୍କର ମନ୍ଦିର, ପୁତି ଗୋପାଳପୁର ସ୍ଥିତ ବିଶ୍ୱେଶର ମନ୍ଦିର, ନିୟୁ ପୋଲିସ ଲାଇନ ସ୍ଥିତ ବିରେଶ୍ୱର ମନ୍ଦିର,ବିନୋଦ ବିହାରୀ ସ୍ଥିତ ଚନ୍ଦ୍ରଶେଖର, ବଜାର ନିକଟରେ ଥିବା ନୀଳକଣ୍ଠେଶର, ତାଡ଼େପଲ୍ଲୀସ୍ଥିତ ବଡ଼ ଜଗନ୍ନାଥ ମନ୍ଦିରରେ କାଶୀବିଶ୍ୱନାଥ, ଚମାଖଣ୍ଡି ଛକ ନିକଟ ମଲ୍ଲିକେଶରଓ ସୁନ୍ଦରପୁର ସ୍ଥିତ ସୁନ୍ଦରେଶର ମନ୍ଦିର, ହରିଶେଶ୍ୱର, ଧବଳେଶର ମନ୍ଦିର, ଜଗଦିଶ୍ୱର ମନ୍ଦିର ସମେତ ଅନ୍ୟାନ୍ୟ ମନ୍ଦିର ଓଁ ନମଃ ଶିବାୟ ଧ୍ୱନିରେ ପ୍ରକମ୍ପିତ ହୋଇଛି। ଶାନ୍ତିଶୃଙ୍ଖଳାର ସହ ଦର୍ଶନ ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ପୀଠ ଗୁଡିକରେ ବ୍ୟାପକ ବନ୍ଦୋବସ୍ତ କରାଯାଇଛି।

**ଗଞ୍ଜାମ,(ବିଦ୍ୟାଧର ସାହୁ):** ଗଞ୍ଜାମରେ



ଛତ୍ରପୁର

ଜାଗର ଯାତ୍ରା ମହା ଆଡମ୍ବରରେ ପାଳିତ ହୋଇଛି। ଅନ୍ୟାନ୍ୟ ଶୈବ ପୀଠ ଗୁଡିକ ମଧ୍ୟରୁ ପାଳିବନ୍ଧ ପଞ୍ଚାୟତ କଣ୍ଟିଆ ଗଡ଼ ନିକଟରେ ଅବସ୍ଥିତ ବଟେଶ୍ୱର, କାଇଁଚପୁର ପଞ୍ଚାୟତ ମାଳି ଜଗନାଥପୁର ନିକଟରେ ଅବସ୍ଥିତ ବାବା ବାଲି ଲୋକନାଥ, ହୁମା ପଞ୍ଚାୟତ ବୋରିଗାଁ ବାବା ଝାଡ଼େଶ୍ୱର ମନ୍ଦିରରେ ହଜାର ହଜାର ଭକ୍ତଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ସେହିପରି ଖଣ୍ଡେଶ୍ୱର, ବାବା କାଶୀନାଥ, ପୁଡୁଗେଶ୍ୱର, ମକରେଶ୍ୱର, ସ୍ୱପ୍ନଶ୍ୱର, ସିକେରେଶ୍ୱର ଆଦି ଶୈବ ପୀଠ ଗୁଡିକରେ ପ୍ରବଳ ଜନସମାଗମ ଦେଖିବାକୁ ମିଳିଛି। ଏହି ଉପଲକ୍ଷେ ୬ ଖଣ୍ଡ ଗ୍ରାମବାସୀଙ୍କ ଦ୍ୱାରା ପରିଚାଳିତ ବଟେଶ୍ୱର ମନ୍ଦିର ପରିଚାଳନା କମିଟି ପକ୍ଷରୁ ପ୍ରଥମ ଥର ପାଇଁ ସ୍କୁଲ ଛାତ୍ରୀଛାତ୍ରଙ୍କୁ ନେଇ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି।

**ବୁଗୁଡ଼ା,(କାଳିଚରଣ ଦାଶ):** ମହା ଶିବରାତ୍ରୀ ଉପଲକ୍ଷେ ବୁଗୁଡା ଅଞ୍ଚଳର ବିଭିନ୍ନ ଶୈବପୀଠରେ ରବିବାର ଶ୍ରଦ୍ଧା ଓ ଭକ୍ତିର ସହ ଜାଗର ଯାତ୍ରା ପାଳିତ ହୋଇଛି। ସହରର ବିଭିନ୍ନ ଶିବମନ୍ଦିରରେ ଭକ୍ତଙ୍କ ସମାଗମ ହୋଇଥିଲା। ଏହାସହ ଅଧିକାଂଶ ଶୈବପୀଠରେ ଭକ୍ତମାନଙ୍କ ଉଜାଗର ନିମିତ୍ତ ଅଷ୍ଟ ପ୍ରହର ନାମ ସଂକୀର୍ତ୍ତନ ଯଜ୍ଞ ଓ ଭଜନ ସମାରୋହ ଆଦି ଅନୁଷ୍ଠିତ ହୋଇଛି।

**ବେଲଗୁଣ୍ଠା,(କୃଷ୍ଣ ଚନ୍ଦ୍ର ପଟ୍ଟନାୟକ):** ବେଲଗୁଣ୍ଠା ବ୍ଲକ୍‌ର ବିଭିନ୍ନ ଶୈବ ପୀଠ ଚଳଚଞ୍ଚଳ ହେବା ସହିତ ଭକ୍ତଙ୍କ ଗହଳି ଦେଖିବାକୁ ମିଳିଥିଲା। ବ୍ଲକ୍‌ର ଗାଙ୍ଗପୁର ସ୍ଥିତ ଶ୍ରୀଶ୍ରୀ ସ୍ୱପ୍ନେଶ୍ୱର ମନ୍ଦିର, ବୋରୀର ସିଦ୍ଧେଶ୍ୱର ମନ୍ଦିର, ପାଲକଷଣ୍ଡାର ନୀଳକଣ୍ଠେଶ୍ୱର ମନ୍ଦିର, କେବିରୀ ବ୍ରହ୍ମପୁର ଓ କେ.ନୂଆଗଡର ଗୁପ୍ତେଶ୍ୱର, ନାୟିକପଡା ବୈଦ୍ୟନାଥ, ବେଲଗୁଣ୍ଠା ଚନ୍ଦ୍ରକଣ୍ଟେଶ୍ୱର, ଗୋବରାର ଉଗ୍ରେଶ୍ୱର ମନ୍ଦିର, ବାସୁଦେବପୁର ମେଇନ ରୋଡ଼ ରେ ଥିବା ଶ୍ରୀ ଶ୍ରୀ କପିଳେଶ୍ୱର ମନ୍ଦିର, କେବିରି ବରହମପୁରର ଗୁପ୍ତେଶ୍ୱର ମନ୍ଦିର, ନୂଆପଡା, ରାଇପଡା ଓ ବେଲଗୁଣ୍ଠାର ବାଲୁଙ୍କେଶ୍ୱର ମନ୍ଦିର ସମେତ ବଡ଼ ସାଦରା, ଖଇରପୁଟି, ଇନ୍ଦନପୁର, ସିଂହମର୍ଦ୍ଦନ, କ୍ଷତ୍ରିୟବରପୁର, ନୂଆଁପଡ଼ା, ନାୟକପଡ଼ାର ବୈଦ୍ୟନାଥ, ଗୋଲାପଡ଼ାର ସ୍ୱପ୍ନେଶ୍ୱର ଆଦି ଶିବ ମନ୍ଦିରରେ ସକାଳୁ ସକାଳୁ ଭକ୍ତଙ୍କ ଗହଳି ଦେଖିବାକୁ ମିଳିଥିଲା। ମନ୍ଦିର ଗୁଡିକରେ ଭୋର୍‌ରୁ ନୀତିକାନ୍ତି ସହିତ ଦେବ ଦେବଙ୍କ ଦର୍ଶନ ଆରମ୍ଭ ହୋଇଥିଲା। ମନ୍ଦିର ଗୁଡ଼ିକରେ ଭଜନ, କୀର୍ତ୍ତନ ଅଷ୍ଟପ୍ରହରୀ ଅନୁଷ୍ଠିତ ହୋଇଥିବା ବେଳେ ମନ୍ଦିର ଗୁଡିକରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା।

**ଆସିକା(ସୁରେନ୍ଦ୍ର ନାଥ ସାହୁ ):** ଆସିକା ସହର ତଥା ଗ୍ରାମାଞ୍ଚଳରେ ଥିବା ଶୈବ ପୀଠ ଗୁଡିକରେ ମହା ଶିବରାତ୍ରି ଲାଗି ଦିନତମାମ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ମହାଦୀପ ଦର୍ଶନ କରି ମନ୍ଦିର ବେଢାରେ ଦୀପ ଜାଳି ଶ୍ରଦ୍ଧାଳୁ ଜାଗର ପାଳନ କରିଥିଲେ। ଅଷ୍ଟପ୍ରହର ନାମଯଜ୍ଞ, ଦୀପ ଯଜ୍ଞ, ଘୃତ ଯଜ୍ଞ ଆଦି ହୋଇଥିଲା।

## ସାନଖେମୁଣ୍ଡି ବ୍ଲକ ଏପିଓଙ୍କୁ ତାଗିଦ୍ କରିବାରୁ ବିଡିଓଙ୍କ ନାଁରେ ଏତଲା

# ତଦନ୍ତ ନିର୍ଦ୍ଦେଶ ଦେଲେ ଜିଲାପାଳ

ଦିଗପହଣ୍ଡି, ୧୫।୨( ଅଶେଷ ନାଥ ମିଶ୍ର)

ସାନଖେମୁଣ୍ଡି ବ୍ଲକ କାର୍ଯ୍ୟାଳୟ ଅତିରିକ୍ତ କାର୍ଯ୍ୟକ୍ରମ ଅଧିକାରୀ (ଏପିଓ) ଅରୁଣ କୁମାର ସ୍ୱାଇଁ ଦୀର୍ଘଦିନ ହେଲା କାର୍ଯ୍ୟରେ ଅବହେଳା କରିଆସୁଛନ୍ତି। ବିଡିଓ ଜିତେନ୍ଦ୍ର କୁମାର ମିଶ୍ର ଗୁରୁବାର ତାଙ୍କୁ ପ୍ରକୋଷ୍ଠକୁ ଡାକି ତାଗିଦ୍ କରିବାରୁ ସେ ବିଡିଓଙ୍କ ନାଁରେ ପାଟପୁର ଥାନାରେ ଏତଲା ଦେଇଛନ୍ତି। ଏପିଓଙ୍କ କାର୍ଯ୍ୟକଳାପ ସମ୍ପର୍କରେ ବିଡିଓ ଜିଲାପାଳ ଭି.କୀର୍ତ୍ତି ଭାସନଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ପ୍ରଶାସନିକ ଉଚ୍ଚ ପଦାଧିକାରୀ ଘଟଣାର ତଦନ୍ତ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ରାଜ୍ୟ ପଞ୍ଚାୟତରାଜ ଓ ପାନୀୟଜଳ ବିଭାଗର ଉଚ୍ଚ ପଦାଧିକାରୀମାନେ ଶନିବାର ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ସମସ୍ତ କାଗଜପତ୍ର ଯାଞ୍ଚ କରିଛନ୍ତି।

ଏପିଓ ସ୍ୱାଇଁ ୫ବର୍ଷରୁ ଉର୍ଦ୍ଧ୍ୱ ହେଲା ଏଠାରେ ରହି ବିଭିନ୍ନ ବେଆଇନ କାର୍ଯ୍ୟରେ ଲିପ୍ତ ରହୁଥିବା ବିଡ଼ିଓ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି। ନିର୍ଦ୍ଧାରିତ ସମୟରେ ସେ ସରକାରୀ ନଥିପତ୍ର ଦାଖଲ କରୁ ନଥିବା କାରଣରୁ ଗୁରୁବାର ବିଡିଓ ତାଙ୍କୁ ପ୍ରକୋଷ୍ଠକୁ ଡକାଇ କାରଣ ଜାଣିବାକୁ ଚାହିଁଥିଲେ। ସେ ଉତ୍ତେଜିତ ହୋଇ ଗାଳିଗୁଲଜ କରି ମୋବାଇଲରେ ଭିଡିଓ ରେକର୍ଡିଂ କରିଥଲେ। ଏଥିରୁ ନିବୃତ୍ତ ରହିବା ପାଇଁ ବିଡ଼ିଓ କହିଥିଲେ ମଧ ସେ ଖାତିର କରି ନ ଥିଲେ। ଅନ୍ୟପକ୍ଷରେ ଏପିଓ ସ୍ୱାଇଁ ଏତଲାରେ ଉଲ୍ଲେଖ କରିଛନ୍ତି ଯେ, ଘଟଣାଦିନ ବିଡ଼ିଓ ତାଙ୍କୁ ପ୍ରକୋଷ୍ଠକୁ ଡକାଇ ମୋବାଇଲ ଫୋନ ମାଗିଥିଲେ। ନ ଦେବାରୁ ଜବରଦସ୍ତ ଛଡାଇ ନେବାକୁ ଉଦ୍ୟମ କରିଥିଲେ। ପରେ ଆପତ୍ତିଜନକ ଭାଷାରେ ଗାଳି କରି ଜୀବନରେ ମାରିଦେବାକୁ ଧମକ ଦେଇଥିଲେ। ବିନା କାଗଜ ପତ୍ରରେ ବିଡ଼ିଓ ମେଟେରିଆଲ ବିଲ କରିବାକୁ କହିଥିଲେ। ସେ ମନା କରିବାରୁ ବିଡ଼ିଓ ତାଙ୍କୁ ଅତ୍ୟାଚାର କରୁଥିବା ଦର୍ଶାଇଛନ୍ତି। ବିଡ଼ିଓଙ୍କୁ ଯୋଗାଯୋଗ କରିବାରୁ ତାଙ୍କ ବିରୋଧରେ ଦିଆଯାଇଥିବା ଏତଲା ସମ୍ପୂର୍ଣ୍ଣ ନିରାଧାର ଓ ଅସତ୍ୟ ବୋଲି କହିଛନ୍ତି। ପାଟପୁର ଥାନା ଆଇଆଇସି ଦୀପ୍ତି ରଞ୍ଜନ ବେହେରାଙ୍କୁ ପଚାରିବାରୁ ବିଡ଼ିଓଙ୍କ ନାଁ ରେ କୌଣସି ମାମଲା ରୁଜୁ କରାଯାଇନଥିବା କହିଛନ୍ତି।

# କ୍ୟୁଆର୍ କୋଡ୍ ଧରି ଭିକ୍ଷା ମାଗିଲେ ମହିଳା

ପାରଳାଖେମୁଣ୍ଡି,୧୫।୨(ଗିରିଧାରୀ ପରିଚ୍ଛା)

ଡିଜିଟାଲ ଯୁଗରେ କ୍ୟାଶ ଲେସ୍ ଭିକମଗା ବିଧି ଦେଖିବାକୁ ମିଳିଲାଣି । ଏପରି ଘଟଣା ବିଭିନ୍ନ ସୋସିଆଲ ମିଡିଆରେ କୌତୂହଳ ରିଲସ୍‌ରେ ଦେଖିବାକୁ ମିଳୁଥିଲା। ଏବେ ବାସ୍ତବ କ୍ଷେତ୍ରରେ ପାରଳାଖେମୁଣ୍ଡି ଭଳି ଛୋଟିଆ ସହରରେ ଭିକମଗା ବୃତ୍ତିରେ କ୍ୟୁଆର୍ କୋଡ୍ ବ୍ୟବହାର କରି ଭିକ ମାଗିବା ଭଳି ଘଟଣା ଦେଖିବାକୁ ମିଳିଛି। ଖବରରୁ ଜଣାପଡିଛି, ପାରଳାଖେମୁଣ୍ଡି ସହରର ଦୋଳବନ୍ଧ ନିକଟସ୍ଥ ଶିବ ମନ୍ଦିର ବାହାରେ ଜଣେ ମହିଳା ଭିକ୍ଷା ବୃତ୍ତି କରୁଥିଲେ। ସେ ନିଜ ପାଖରେ କ୍ୟୁଆର୍ କୋଡ ଫଳକଟି ପାଖରେ ରଖି ଭିକ୍ଷା ବୃତ୍ତି କରୁଥିବା ଦେଖିବାକୁ ମିଳିଛି। ଡିଜିଟାଲ ଯୁଗରେ ବ୍ୟବସାୟ, ଶିକ୍ଷା ଓ ବିଭିନ୍ନ କାରବାରରେ ଡିଜିଟାଲ ମନି ଟ୍ରାଞ୍ଜାକ୍ସନ ସବୁ କ୍ଷେତ୍ରରେ ହେଉଥିବା ବେଳେ ଭିକ ମଗା ବୃତ୍ତିରେ ମଧ ଏହାର ବ୍ୟବହାର ଏବେ ସମସ୍ତଙ୍କୁ ଚକିତ କରିଛି। ରବିବାର ଥିଲା ପବିତ୍ର ଶିବରାତ୍ରି। ସବୁ ଶିବ ମନ୍ଦିରଗୁଡିକରେ ଚଳଚଞ୍ଚଳ ଲାଗି ରହିଥିଲା। ଦୋଳବନ୍ଧ ନିକଟସ୍ଥ ଶିବ ମନ୍ଦିର ବାହାରେ ମହିଳା ଜଣକ କ୍ୟୁଆର କୋଡ ରଖି ଭିକ୍ଷା ବୃତ୍ତି କରୁଥିଲେ। ସକାଳେ ପାରଳାଖେମୁଣ୍ଡି ସହରର ଜଣେ ବ୍ୟବସାୟୀ ଏନି ଗୋପୀ ମହାଦେବଙ୍କୁ ଦର୍ଶନ କରି ମନ୍ଦିରରୁ ଫେରିବା ସମୟରେ ଏହି ମହିଳା ଜଣକ ତାଙ୍କୁ ଭିକ୍ଷା ମାଗିବା ସହ କ୍ୟୁଆର କୋଡ୍ ଦେଖାଇଥିଲେ। ଏହା ସମ୍ପୃକ୍ତ ବ୍ୟବସାୟୀଙ୍କୁ ଆଶ୍ଚର୍ଯ୍ୟ କରିଥିଲା। ସେ ଏହାର ଏକ ଫଟୋ ଉଠାଇ ଆଣିଥିଲେ। ସମ୍ପୃକ୍ତା ମହିଳା ଜଣକ ଏନେଇ କହିଛନ୍ତି, ଯାହାଙ୍କ ପାଖରେ ଖୁଚୁରା ଟଙ୍କା ନ ଥିବ ସେ ଫୋନ ପେ ଅବା ଏହି କ୍ୟୁଆର୍ କୋଡ୍‌କୁ ସ୍କାନ କରି ଟଙ୍କା ଦାନ କରିପାରିବେ।



କ୍ୟୁଆର୍ କୋଡ ଫଳକ ପାଖରେ ରଖି ଭିକ୍ଷାବୃତ୍ତି କରୁଥିବା ମହିଳା।

# ଜଙ୍ଗଲ ଜମିରେ ଲାଗିଲା ୧୨ ହଜାର ୫ଶହ ଗଛ

ମୋହନା.୧୫।୨(ମନ୍ମଥ ମିଶ୍ର)

ମୋହନା ବନାଞ୍ଚଳ ପକ୍ଷରୁ ୨୫ ହେକ୍ଟର ଜଙ୍ଗଲ ଜମିରେ ୧୨ ହଜାର ପାଞ୍ଚଶହ ଗଛ ଲଗାଇ ନୂତନ ବନୀକରଣ କରାଯିବା ସହ ସୁରକ୍ଷା ପ୍ରଦାନ କରାଯାଉଛି। ଜଙ୍ଗଲରେ ୨୫ ପ୍ରକାରର ଗଛ ଯଥା ବାଉଁଶ, ଫାଶୀ, କରଞ୍ଜ, ତେନ୍ତୁଳି, ପଣସ, ସୀତାଫଳ, ଅର୍ଜୁନ, ଜାମୁ, ଅଁଳା, କାଜୁପିଜୁଳି, ବାହାଡ଼ା, ନିମଓ ଅନ୍ୟାନ୍ୟ ଗଛ ରୋପଣ କରାଯାଇଛି। ଏହି ଗଛଗୁଡିକ କିଭଳି ବଢିବ ତାହାର ଯତ୍ନ ନିଆଯାଉଛି। କିଛି ବର୍ଷ ହେବ ମୋହନା ସହର ବଢି ଆଖ ପାଖ ଅଞ୍ଚଳରେ ଥିବା ଜଙ୍ଗଲ ସଫା ହେବାରେ ଲାଗିଥିଲା। ଏହାକୁ ଦୃଷ୍ଟିରେ ରଖି ସହର ନିକଟରେ ଥିବା ଏହି ଜଙ୍ଗଲରେ ବୃକ୍ଷରୋପଣ କରି ନୂତନ ବନୀକରଣ କରାଯାଇଛି। ଜଙ୍ଗଲକୁ ସୁରକ୍ଷା ଯୋଗାଇବାକୁ ସ୍ୱତନ୍ତ୍ର ଟିମ ଗଠନ କରାଯାଇଛି। ଆଗକୁ ଆସୁଥିବା ଗ୍ରୀଷ୍ମ ଋତୁକୁ ଆଖିରେ ରଖି କିଭଳି ଜଙ୍ଗଲରେ ନିଆଁ ନ ଲାଗିବ ସେଥିପାଇଁ ବ୍ଲୋଏର ମେଶିନ ଦ୍ୱାରା ଶୁଖିଲା ପତ୍ରକୁ ଏକତ୍ରିତ କରାଯାଉଛି। ନିଆଁ ଲଗାଇ ଦେଉଥିବା ବ୍ୟକ୍ତିଙ୍କୁ ଜଙ୍ଗଲ ପ୍ରବେଶରେ ବାଧା ଦେବାକୁ ବାଡ ପକାଯାଉଛି ବୋଲି ବନାଞ୍ଚଳ ଅଧିକାରୀ ଲକ୍ଷ୍ମୀ ପ୍ରସାଦ ବିଷୋୟୀ କହିଛନ୍ତି ।

**Fakir Mohan University**
**Vyasa Vihar, Balasore, Odisha-756089**
Website: www.fmuniversity.nic.in
No. FMU/OMBRIC/01/2025/1568 Date: 13 02.26
**ADVERTISEMENT FOR VARIOUS PROJECT POSITIONS UNDER THE OMBRIC PROJECT**
(Sanction order no. ST-BT-MISC-0029-2025-6109/ST, Bhubaneswar dated 14.11.2025)
Applications are invited in the prescribed format from the eligible candidates for Various Project Positions **(Research Associate I (RA) - 02 posts, Junior Research Fellow (JRF)-02 posts and Project Assistant (PA) – 01 post** under the **OMBRIC Project** entitled, *"North Odisha-Marine Bioresources Utilization & Convergence Research Centre (NO-MBUCRC)"* sponsored by Science & Technology Department, Govt. of Odisha. All the project positions are purely temporary and coterminous with the project. The application completed in all respect with necessary documents should reach to the PI through mail on or before **25.02.2026 (5.00 PM)**. For details regarding qualifications, experience, and other conditions, visit https://fmuniversity.nic.in
Sd./- Registrar

**OFFICE OF THE SUPERINTENDING ENGINEER KHORDHA (R&B) DIVISION, KHORDHA**
**INVITATION FOR BIDS (IFB)**
E-mail: pwdoff_khd@yahoo.com
**TENDER CALL NOTICE**
Bid Identification No. S.E.-KHD-(R&B)-43/25-26
Letter No. 556 Dtd.6.2.26
No. 34001/56/2526: The Superintending Engineer, Khordha (R&B) Division, Khorhda on behalf of Governor of Odisha invites Percentage Rate bids in Single Cover System from appropriate class of contractors as detailed below registered with the State Governments and contractors of equivalent Grade/ Class registered with Central Government/MES/Railways for execution of the Civil & EI. The bidder not registered under the State Government has to register under the State PWD & ELBO in appropriate class of eligibility before signing of the agreement.
1. Nature of Work : Sl. No. 1 to 6 (Civil Works) Sl. No. 7 to 9 (E.I. Works)
2. No. of Work : 9 Nos.
3. Tender Cost : Sl. No. 1 to 5 & 7 to 9 Rs.6000.00 (Online) Sl. No. 6 Rs.2000.00 (Online)
4. Class of Contractor : Sl. No. 01 to 02 C & B Class Contractor Sl. No. 03 to 06 D & C Class Contractor Sl. No. 07 HT Class Contractor Sl. No. 08 to 09 MV/HT Class Contractor
5. Available of Bid documents in the website : From Dt.17.02.2026 at 12.00 Noon to Dt.26.02.2026 at 5.00 P.M.
6. Date of Opening of bids : Dt.27.02.2026 at 11.30 A.M.
7. Bidders have to participate in ONLINE bidding only. Further details can be seen from the website: **https://tenderodisha.gov.in**. Any information regarding Addendum/Corrigendum/Cancellation of tender can be available in the said website.
OIPR-34001/34095/1/25-26/0001 Sd./- Superintending Engineer Khordha (R&B) Division, Khordha

**MAHILA VIKAS SAMABAYA NIGAM**
(Govt. of Odisha Undertaking)
W&CD Complex, Plot No-483(P), Ganganagar, 2nd Floor, Unit-6, Bhubaneswar-751001
Ph.No.2533223,2533214, E-mail-mvsn_bbsr@yahoo.com
Ref. 158/MVSN Dt. 02.02.2026
**Auction Sale Notice**
**No.33001/10/2526** : The Managing Director, Mahila Vikas Samabaya Nigam, **W&CD Complex, Plot No- 483(P), Ganganagar, 2nd Floor, Unit-6, Bhubaneswar-751001** invites single price offer in financial Bid and under sealed cover from the intending Bidders to purchase different items on "As is where is Basis" lying at Premises of **Mahila Vikas Samabaya Nigam, W&CD Complex, Plot No-483(P), Ganganagar, 2nd Floor, Unit-6, Bhubaneswar-751001** as given at Annexure-I. The list of materials as mentioned in Annexure-1 is only indicative. The actual quality and quantity of the materials may vary. The offset price is fixed at **Rs.4739.92**. Interested bidders may inspect the materials, assess their value and give their offer accordingly. For all the items, a single price offer is to be quoted. Part purchase / offer shall not be entertained. The items can be **inspected at Mahila Vikas Samabaya Nigam, W&CD Complex, Plot No-483(P), Ganganagar, 2nd Floor, Unit-6, Bhubaneswar-751001** on all working days between **11.00 A.M. to 5.00 P.M.** from **16.02.2026 to 09.03.2026**. For inspection and for clarification about the Auction Sale, intending bidders may contact **Accounts Officer Mobile No-9338754909**.
Bidders have to furnish EMD (refundable) of Rs.5,000/-( Rupees Five thousand) in shape of Demand Draft drawn on any Nationalized Bank in favour of **Mahila Vikas Samabaya Nigam** payable at Bhubaneswar alongwith the bid. Non-submission of EMD will lead to rejection of the bid offer. EMD of unsuccessful bidder will be refunded preferably within 30 days. EMD of the successful bidder shall be adjusted against his offer price. Withdrawal from the auction process after submission of the bid will lead to forfeiture of EMD.
The sealed bids will be received through speed post/ Regd. Post/ courier Services only in the office of the Mahila Vikas Samabaya Nigam, at **W&CD Complex, Plot No-483(P), Ganganagar, 2nd Floor, Unit-6, Bhubaneswar-751001** upto **5.00 P.M. of 09.03.2026** and will be opened on **11.03.2026 at 12.30 P.M** in the presence of the bidders or their authorized representatives if any. In case MVSN office remains closed on these days, both the activities shall be shifted to the next immediate working day. **The office is not responsible for any postal delay**. Bidders shall bear the GST Component and other levies (as applicable) on the offer amount.
The successful bidder is to deposit the qualified offer price and submit acceptance letter within seven days from the date of receipt of intimation from MVSN failing which the EMD will be forfeited. The materials shall be shifted on **"As is where is Basis"** at own cost of the successful bidders within 7 days of issue of release order, failing which the EMD & the offer price amount deposited shall be forfeited.
OIPR-33001/33003/1/25-26/0001 Sd./- MANAGING DIRECTOR, MAHILA VIKAS SAMABAYA NIGAM

**GOVT. OF ODISHA**
**OFFICE OF THE SUPERINTENDING ENGINEER RURAL WORKS DIVISION NO.-II, KEONJHAR**
E-mail : eerw_kjr2@yahoo.com
**"e" Procurement Notice for Road Works**
No.25001/170/2526 **Identification No. Online NCB - 17/2025-26**
1. Name of the work : Road Works, 2. Total Number of Work : 02 Nos., 3. Estimated Cost : Rs.17.00 Lakhs to Rs.40.00 Lakhs, 4. Class of Contractor : "D' & 'C' & 'B' Class, 5. Period of Completion : As per annexure of e-Procurement Notice No.17/2025-26, 6. Other Details :

| Procurement Officer | Bid Identification No. | Availability of tender Online for bidding | | Last Date & Time of seeking Tender Clarification | Date & Time of Opening of Tender in O/o S.E., R.W. Division-II, Keonjhar |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Executive Engineer, Rural Works Division-II, Keonjhar | Road Online NCB No.17 | Dt.19.02.26 at 11.00 A.M. | Dt.26.02.26 up to 5.00 P.M. | Dt.25.02.26 up to 5.00 P.M. | Dt.27.02.2026 at 11.00 A.M. |

Further details can be seen from the Website www.tenderorissa.gov.in
OIPR-25001/25093/1/25-26/0017 Sd./- Executive Engineer R.W.Divn. No.-II, Keonjhar

## ସଂକ୍ଷେପରେ

### ମା'ବରାଳ ଦେବୀ ପୀଠରେ ମହାଶିବରାତ୍ରି



ଖଜୁରିପଡ଼ା,୧୫।୨(ବିଦୁର ବେହେରା)

ଖଜୁରୀପଡ଼ା ବ୍ଲକ ଅନ୍ତର୍ଗତ ବଲସକୁମ୍ପା ମା'ବରାଳ ଦେବୀ ମନ୍ଦିର ପ୍ରାଙ୍ଗଣରେ ଥିବା ବାବା ଗୁପ୍ତେଶ୍ୱର ଶିବ ମନ୍ଦିରରେ ମହାଶିବରାତ୍ରି ଉତ୍ସବ ପାଳିତ ହୋଇଛି। ସନ୍ଧ୍ୟା ସମୟରେ ଭକ୍ତମାନେ ଦୀପ ଜଳିଛନ୍ତି। ଏ ଶୈବ ଶକ୍ତି ପୀଠରେ ଗୋଟିଏ ପଟେ ମା'ଜଗତ ଜନନୀ ବରାଳ ଦେବୀ ଦର୍ଶନ ଦେଉଥିବା ବେଳେ ଆଉ ଏକ ପେଟ ଦେବ ଦେବ ମହାଦେବ ବାବା ଗୁପ୍ତେଶ୍ୱର ରୂପରେ ଦର୍ଶନ ଦେଇଥିଲେ। ବାବା ଗୁପ୍ତେଶ୍ୱର ଶିବଲିଙ୍ଗରେ ଜଳ, କ୍ଷୀର, ବେଲପତ୍ର ଇତ୍ୟାଦି ଅର୍ପଣ କରି ଭକ୍ତମାନେ ରାତ୍ରି ଜାଗର କରିଛନ୍ତି।

### ସଂଯୁକ୍ତା ଗଜପତି ଜିଲା ମହିଳା ବିଜେଡି ସଭାପତି

ପାରଳାଖେମୁଣ୍ଡି,୧୫।୨(ଗିରିଧାରୀ ପରିଚ୍ଛା)



ବିଜେଡି ସୁପ୍ରିମୋ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଜପତି ଜିଲା ମହିଳା ବିଜେଡି ସଭାପତି ଭାବେ ସଂଯୁକ୍ତା ବେହେରାଙ୍କୁ ମନୋନୀତ କରିଛନ୍ତି। ମୋତେ ମହିଳା ବିଜେଡିର ଜିଲା ସଭାପତି ଭାବରେ ଚୟନ କରାଯାଇଥିବାରୁ ଦଳର ସୁପ୍ରିମୋଙ୍କୁ ସେ କୃତଜ୍ଞତା ଜଣାଇଛନ୍ତି। ଯେଉଁ ବିଶ୍ୱାସ ଓ ଭରସାରେ ଏଭଳି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ସେ ଦେଇଛନ୍ତି ତାକୁ ସୁଚାରୁ ରୂପେ ତୁଲାଇ ଜିଲାରେ ବିଜେଡିକୁ ଆହୁରି ମଜବୁତ କରିବାକୁ ତୃଣମୂଳ ସ୍ତରରେ କାର୍ଯ୍ୟ କରିବି ବୋଲି ସଂଯୁକ୍ତା କହିଛନ୍ତି। ଏନେଇ ଜିଲାବିଜେଡି ସଭାପତି ପ୍ରଦୀପ ନାୟକ, ପାରଳାଖେମୁଣ୍ଡି ବିଧାୟକ ଇଂ. ରୂପେଶ ପାଣିଗ୍ରାହୀ, ଜିଲା ପରିଷଦ ଅଧ୍ୟକ୍ଷ ଜି. ତିରୁପତି ରାଓ, ହାଇଟେକ ଅଧ୍ୟକ୍ଷ ଡ.ତିରୁପତି ପାଣିଗ୍ରାହୀ, ବରିଷ୍ଠ ବିଜେଡି ନେତା ଓ କର୍ମୀ ସଂଯୁକ୍ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

### ଶିବ ସନ୍ଦେଶ ଅଭିଯାନ ରଥ ପରିଭ୍ରମଣ ସରିଲା

ଭଞ୍ଜନଗର,୧୫।୨(ବାବୁଲା ପ୍ରଧାନ)

ଭଞ୍ଜନଗର ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଶାଖା ପକ୍ଷରୁ ଗତ ୨ ତାରିଖରୁ ବାହାରିଥିବା ଶିବ ସନ୍ଦେଶ ଅଭିଯାନ ରଥ ପରିଭ୍ରମଣ କାର୍ଯ୍ୟକ୍ରମ ରବିବାର ରାତିରେ ଉଦଯାପିତ ହୋଇଯାଇଛି। ପରମାତ୍ମା ଶିବଙ୍କ ଦିବ୍ୟ ଅବତରଣ, ଦୈନନ୍ଦିନ ଜୀବନରେ ଆବଶ୍ୟକତା ହେଉଥିବା ମାନବୀୟ ମୂଲ୍ୟବୋଧ ସହ ଆଧାତ୍ମିକ ଜ୍ଞାନ ସଂପର୍କରେ ଜନ ସମାଜକୁ ସଚେତନତା କରାଇବା ନିମନ୍ତେ ଶିବ ସନ୍ଦେଶ ଅଭିଯାନ ରଥ ପରିକ୍ରମା କରୁଥିଲା। ଭଞ୍ଜନଗର ଉପସେବା କେନ୍ଦ୍ରରୁ ଆୟୋଜିତ ଉଦଘାଟନୀ ଉତ୍ସବରେ ଘୁମୁସର ଉତ୍ତର ବନଖଣ୍ଡ ଅଧିକାରୀ ହିମାଂଶୁ ଶେଖର ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିବ ସନ୍ଦେଶ ଅଭିଯାନ ରଥର ଉଦଘାଟନ କରିଥିଲେ। ବିଭିନ୍ନ ଦିବସରେ ରଥ ୬୦ରୁ ଉର୍ଦ୍ଧ ପାଠଶାଳା ପରିକ୍ରମା କରିବା ସହ ଜନ ସଚେତନତା ମୂଳକ ବାର୍ତ୍ତା ଦେଇଥିଲା। ଗତ ୧୩ ତାରିଖରେ କଳସ ଯାତ୍ରା, ୧୪ ତାରିଖରେ ମୋଟର ବାଇକ ରାଲି, ୧୫ରେ ଶାନ୍ତି ଶୋଭାଯାତ୍ରା ହୋଇଥିଲା । ଦୈନନ୍ଦିନ କାର୍ଯ୍ୟକ୍ରମକୁ କେନ୍ଦ୍ର ସଞ୍ଚାଳିକା ରାଜଯୋଗିନୀ ସନ୍ତୋଷିନୀ ସଂଯୋଜନା କରିଥିଲେ। ବିଭିନ୍ନ ଦିବସରେ ସହରର ବହୁ ବିଶିଷ୍ଟ ବ୍ୟକ୍ତି ସମେତ ସିଡ଼ିପିଓ ମିଲୀମା କୁମାରୀ ପଣ୍ଡା, ତହସିଲଦାର ଅଭିପସା ପଟ୍ଟନାୟକ, ଶିକ୍ଷକ ନେତା ଜଗବନ୍ଧୁ ଜେନା, ସନ୍ତୋଷ ଜେନା, ରୋଟାରୀ କ୍ଲବ ସଭାପତି ରଞ୍ଜିତ ବାରିକ, ଶୂଳପାଣି ଶତପଥୀ , ରଞ୍ଜିତ ଆରୁଖ ପ୍ରମୁଖ ଅତିଥି ଭାବେ ଯୋଗଦେଇ ନିଜର ବକ୍ତବ୍ୟ ରଖିଥିଲେ।

# କାଶୀନଗରକୁ ୧୦ ବଦଳରେ ୨୪ କି.ମି. ବୁଲି ଯାଉଛନ୍ତି ଲୋକେ

## ବୁରୁଡ଼ା-ପେଦାମାଡ଼ି ରାସ୍ତା ଶୋଚନୀୟ

ଗୁମ୍ମା,୧୫।୨(ପ୍ରବୀଣ କୁମାର ଲିମା)



ଶୋଚନୀୟ ହୋଇପଡିଥିବା ବୁରୁଡ଼ା ରାସ୍ତା।

ଗଜପତି ଜିଲା ଗୁମ୍ମା ବ୍ଲକ ଅନ୍ତର୍ଗତ ଗାଇବା ପଞ୍ଚାୟତ ବୁରୁଡ଼ାଠାରୁ କାଶୀନଗରକୁ ସଂଯୋଗ କରୁଥିବା ବୁରୁଡ଼ା-ପେଦାମାଡ଼ି ରାସ୍ତା ମରଣଯନ୍ତା ପାଲଟିଛି। ଏହି ରାସ୍ତା ଦେଇ କାଶୀନଗର କଲେଜକୁ ଯିବା ପାଇଁ ବହୁତ କମ ସମୟ ଲାଗିଥାଏ। ରାସ୍ତା ଅବସ୍ଥା ଶୋଚନୀୟ ହୋଇଥିବାରୁ ଛାତ୍ରୀଛାତ୍ରମାନେ ବହୁ କଷ୍ଟରେ ଯାତାୟାତକରିଥାନ୍ତି। ଆଖପାଖ ଗ୍ରାମ ଲୋକେ ମଧ୍ୟ ନାହିଁ ନ ଥିବା ହଇରାଣ ହେଉଛନ୍ତି। ଗର୍ଭବତୀ ମହିଳା କିମ୍ବା ଅସୁସ୍ଥ ବ୍ୟକ୍ତିଙ୍କୁ ଡାକ୍ତରଖାନା ଗାଇବା ରାସ୍ତାରେ ନେବା ସହଜ ହୋଇ ନ ଥାଏ। ଗାଇବା ମୁଖ୍ୟ ରାସ୍ତା ଦେଇ କାଶୀନଗରକୁ ୨୪ କି.ମି. ହେଉଥିବା ବେଳେ ବୁରୁଡ଼ା ଦେଇ କାଶୀନଗର ଗଲେ ମାତ୍ର ୧୦ କି.ମି. ପଡ଼ିଥାଏ। ଏହି ବୁରୁଡ଼ା ରାସ୍ତା ଉପରେ ଗୁରୁତ୍ୱ ଦେଇ ରାସ୍ତା ମରାମତି ଅବା ପୁନର୍ନିର୍ମାଣ କଲେ କାଶୀନଗର ଯାତାୟାତ ପାଇଁ ଗାଇବା ପଞ୍ଚାୟତ ସହ ଏହାକୁ ଲାଗି ରହିଥିବା ୫/୬ଟି ପଞ୍ଚାୟତର ଲୋକେ ଓ ଛାତ୍ରୀଛାତ୍ରମାନେ ଉପକୃତ ହେବେ। ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ବୁରୁଡ଼ା ଗ୍ରାମର ଉବେଦ ଗମାଙ୍ଗ, ପୁରାତନ ଭୂୟାଁ, ଡବି ଗମାଙ୍ଗ, ସାରଗ୍ୟାସିଂ ଗ୍ରାମରୁ ମୁରୁସୁତା ରଇତ, ଅତି ଗମାଙ୍ଗ ଏବଂ ଗାଇବା ଗ୍ରାମରୁ ଜିଲା ପରିଷଦ ସଭ୍ୟା ରେଣୁକା ପାତ୍ର, ସରପଞ୍ଚ ତିଷ୍ଟ ଭୂୟାଁ, ସମିତି ସଭ୍ୟା ବାସନ୍ତୀ ପାଣି, ସୋରଗ୍ୟ ପାଣି, ଲୁଲୁ ଲିମା, ଅଜିତ ବେବର୍ତ୍ତା ଓ ଅନ୍ୟମାନେ ଦାବି କରିଛନ୍ତି।

# ସର୍ବଭାରତ ସ୍ତରୀୟ ବଡିବିଲିଡିଂ ପ୍ରତିଯୋଗିତା
# ଗୋଲ୍ଡ ମେଡାଲ ହାସଲ କଲେ ଦିଲୀପ



ମେଡାଲ ପାଇଥିବା ଦିଲୀପ ଓ ଅନ୍ୟମାନେ।

ବାଲିଗୁଡ଼ା,୧୫।୨ (ସଞ୍ଜୟ କୁମାର ପାଣିଗ୍ରାହୀ)

ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତାରେ ଗୋଲ୍ଡ ମେଡାଲ ହାସଲ କରି ଦିଲ୍ଲୀପ ପାତ୍ର ବାଲିଗୁଡ଼ା ପାଇଁ ଗୌରବ ଅଣିଛନ୍ତି । ଭୁବନେଶର ସ୍ଥିତ ଉତ୍କଳ ମଣ୍ଡପରେ ଆୟୋଜିତ ଜାତୀୟ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତାରେ ଦେଶର ୧୫୦ ଜଣ ପ୍ରତିଯୋଗିଙ୍କୁ ପଛରେ ପକାଇ ସମସ୍ତ ବିଭାଗରେ ଗୋଲ୍ଡ ମେଡାଲ ହାସଲ କରିଛନ୍ତି। ୬୦ କେଜିରୁ ଉର୍ଦ୍ଧ୍ୱ ବର୍ଗରେ ସ୍ୱର୍ଣ୍ଣ ପଦକ ହାସଲ କରି ଓଭରାଲରେ ଚାମ୍ପିୟନ ହୋଇଛନ୍ତି। ସର୍ଣ୍ଣ ପଦ ସହ ୬ ହଜାର ଟଙ୍କା ଏବଂ ଓଭରାଲ ଚାମ୍ପିୟନ ରେ ରେ ୩୧ ହଜାର ଟଙ୍କା ସମୁଦାୟ ୩୬ ହଜାର ଟଙ୍କାର ଚେକ, ଟ୍ରଫି ସହ ଏକଖଣ୍ଡା ପୁରସ୍କାର ପାଇଛନ୍ତି । ବାଲିଗୁଡା ଥାନା ଅନ୍ତର୍ଗତ ନିପଟ ମଫସଲ ଗାଁ ବୁଡ଼ାଗୁଡାରେ ଜନ୍ମ ହୋଇ ବର୍ତ୍ତମାନ ବାଲିଗୁଡା ଥାନାରେ ହୋମଗାର୍ଡ ଭାବେ କାର୍ଯ୍ୟରତ ଅଛନ୍ତି। ନିଜର ଚେଷ୍ଟା ଓ ପରିଶ୍ରମ ବଳରେ ସଫଳତାର ସିଡି ଚଢ଼ି ଚାଲିଛନ୍ତି। ଏହି ସଫଳତା ପଛରେ ଜିମ ଶିକ୍ଷକ, ଥାନା ଅଧିକାରୀ ଏବଂ ସାଙ୍ଗସାଥୀଙ୍କ ହାତ ଥିବା ସେ କହିଛନ୍ତି।

# ଜିଲାସ୍ତରୀୟ ସୁଭଦ୍ରା ଶକ୍ତି ମେଳା ଉଦ୍‌ଯାପିତ




ସୁଭଦ୍ରା ଶକ୍ତି ମେଳାରେ ଭାଗ ନେଇଥିବା ଲୋକମାନଙ୍କୁ ସମ୍ମାନିତ କରାଯାଉଛି।

ବାଲିଗୁଡା,୧୫।୨(ସଞ୍ଜୟ କୁମାର ପାଣିଗ୍ରାହୀ)

ମିଶନ ଶକ୍ତି ବିଭାଗ, ଓଡ଼ିଶା ସରକାରଙ୍କ ଆନୁକୂଲ୍ୟରେ କନ୍ଧମାଳ ଜିଲା ବାଲିଗୁଡ଼ାର ଦଣ୍ଡପଦର ସ୍ଥିତ ଯାତ୍ରା ପଡିଆ ଠାରେ ୭ ଦିନ ଧରି ଆୟୋଜିତ ହୋଇଥିବା ଜିଲାସ୍ତରୀୟ ସୁଭଦ୍ରା ଶକ୍ତି ମେଳା ରବିବାର ଉଦ୍‌ଯାପିତ ହୋଇଛି। ଏଥିରେ ଓଡ଼ିଶାର ମହିଳା ଉଦ୍ୟୋଗୀ ଓ ସାଂସ୍କୃତିକ ପରମ୍ପରା ସମ୍ପର୍କିତ କନ୍ଧମାଳ ଜିଲା ଓ ରାଜ୍ୟର ଅନେକ ଜିଲାରୁ ସ୍ୱାବଲମ୍ବୀ ମହିଳାମାନେ ଆସି ନିଜର ଦକ୍ଷତା ପ୍ରତିପାଦନ କରିବା ସହିତ ଅନ୍ୟମାନଙ୍କ ନିମନ୍ତେ ଏହି ମେଳାରେ ଉଦାହରଣ ସୃଷ୍ଟି କରିଥିଲେ। ଏହି ଜିଲାସ୍ତରୀୟ ସୁଭଦ୍ରା ଶକ୍ତି ମେଳାର ଉଦ୍‌ଯାପନୀ ଦିବସରେ ମୁଖ୍ୟ ଅତିଥି ଭାବେ ଜିଲାପାଳ ବେଦ ଭୂଷଣ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଫୁଲବାଣୀ ପ୍ରକଳ୍ପ ପ୍ରଶାସକ ଗଦାଧର ପାତ୍ର, ବାଲିଗୁଡ଼ା ପ୍ରକଳ୍ପ ପ୍ରଶାସକ କୃପାସିନ୍ଧୁ ବେହେରା, ବାଲିଗୁଡ଼ା ଉପ ଜିଲାପାଳ ପ୍ରଣୀତା ଦାସ, ଉପଖଣ୍ଡ ଆରକ୍ଷୀ ଅଧିକାରୀ ଶୁଭମ ଭୋସଲେ ପ୍ରମୁଖ ଯୋଗଦାନ କରିଥିଲେ। ରାଜ୍ୟର ବିଭିନ୍ନ ଜିଲାରୁ ସ୍ୱାବଲମ୍ବୀ ସୁଭଦ୍ରା ମାଆମାନେ ନିଜର ଦକ୍ଷତା ଅନୁଯାୟୀ ୧୧୩ଟି ଷ୍ଟଲରେ ବିଭିନ୍ନ ପ୍ରକାରର ସାମଗ୍ରୀ ବିକ୍ରି କରି ରୋଜଗାର ମଧ୍ୟ କରିଥିଲେ। ସୁଭଦ୍ରା ଶକ୍ତି ମେଳାର ଉଦ୍‌ଘାଟନ ଦିନ ଠାରୁ ଉଦ୍‌ଯାପନୀ ଦିବସ ପର୍ଯ୍ୟନ୍ତ ରାଜ୍ୟର ବଛାବଛା କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶେଷରେ ଓଡ଼ିଶାର ସୁନାମଧନ୍ୟ କଳାକାର ରୁକୁ ସୁନା ଓ ସାଥୀ କଳାକାରଙ୍କ ସଙ୍ଗୀତ ଓ ନୃତ୍ୟରେ ଝୁମିଥିଲେ ଦର୍ଶକ। ଏହି ୭ ଦିନିଆ ମେଳାରେ ଷ୍ଟଲ ଗୁଡିକରେ ଭାଗ ନେଇଥିବା ସ୍ୱୟଂ ସହାୟିକା ଗୋଷ୍ଠୀମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଛି।

## ସଡ଼କ ଦୁର୍ଘଟଣାରେ ମହିଳାଙ୍କ ମୃତ୍ୟୁ

ଫୁଲବାଣୀ,୧୫।୨(ରାକେଶ କୁମାର ରାଉତ)

ସଡ଼କ ଦୁର୍ଘଟଣାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଫୁଲବାଣୀ ପ୍ରେସ୍ କ୍ଲବ୍‌ର ପୂର୍ବତନ ସମ୍ପାଦକ ବୀରେନ୍ଦ୍ର ସୁବୁଦ୍ଧିଙ୍କ ମାଆ ଚିତ୍ରା ସୁବୁଦ୍ଧି (୮୫)। ଶନିବାର ଏକ କାର୍‌ରେ ବୀରେନ୍ଦ୍ରଙ୍କ ପରିବାର ଭୁବନେଶ୍ୱର ଯାଉଥିବା ବେଳେ ଖଲ୍ଲିକୋଟ ନିକଟରେ କାର୍‌ଟି ଦୁର୍ଘଟଣା ଗ୍ରସ୍ତ ହୋଇଥିଲା। ବୀରେନ୍ଦ୍ରଙ୍କ ସମେତ ତାଙ୍କ ସ୍ତ୍ରୀ, ଭାଇ ଭାଉଜ ଗୁରୁତର ହୋଇଥିବା ବେଳେ ମା'ଙ୍କ ମୁଣ୍ଡରେ ଆଘାତ ଲାଗିଥିଲା। ସମସ୍ତଙ୍କୁ ବ୍ରହ୍ମପୁର ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ରବିବାର ସକାଳେ ଚିକିତ୍ସାଧୀନ ଅବସ୍ଥାରେ ଚିତ୍ରାଙ୍କ ମୃତ୍ୟୁ ହୋଇଛି। ଅନ୍ୟମାନେ ଏବେ ଚିକିତ୍ସିତ ହେଉଛନ୍ତି। ଚିତ୍ରା ଫୁଲବାଣୀର ପ୍ରତିଷ୍ଠିତ ବ୍ୟବସାୟୀ ସ୍ୱର୍ଗତ ଲକ୍ଷ୍ମୀ ନାରାୟଣ ସୁବୁଦ୍ଧିଙ୍କ ପତ୍ନୀ। ମାତ୍ର ୧୪ ଦିନ ତଳେ ଲକ୍ଷ୍ମୀ ନାରାୟଣଙ୍କ ମୃତ୍ୟୁ ହୋଇଥିଲା। ଚିତ୍ରାଙ୍କ ମୃତ୍ୟୁରେ ଫୁଲବାଣୀ ସହରରେ ଶୋକର ଛାୟା ଖେଳିଯାଇଛି।

# ନୀଳକଣ୍ଠେଶ୍ୱର ନାଟ୍ୟ ସଂସଦ ପକ୍ଷରୁ ନାଟକ ବହି ପୂଜା



ଆଖଡ଼ାଶାଳରେ ନଟକ ବହି ପୂଜା କରାଯାଉଛି।

କବିସୂର୍ଯ୍ୟନଗର,୧୫।୨(କୃପାସିନ୍ଧୁ ସ୍ୱାଇଁ)

କବିସୂର୍ଯ୍ୟନଗର ତିନିଦଣ୍ଡ ପୁଞ୍ଜା ମଧ୍ୟରୁ ନୀଳକଣ୍ଠେଶର ନାଟ୍ୟ ସଂସଦ ପକ୍ଷରୁ ଦକ୍ଷିଣକାଳୀ ମନ୍ଦିରଠାରେ ସାମାଜିକ ନାଟକ 'ବଦନାମ ଗଳିର ବାଦଶାହ'ର ବହି ପୂଜା ସମସ୍ତ କଳାକାର, କର୍ମକର୍ତ୍ତା ଓ ନିର୍ଦ୍ଦେଶକଙ୍କ ଉପସ୍ଥିତିରେ ହୋଇଯାଇଛି । ଡା. ଦୀପକ କୁମାର ଜେନାଙ୍କ ଦ୍ୱାରା ଲିଖିତ ଉକ୍ତ ନାଟକର ନିର୍ଦ୍ଦେଶନା ଦେଉଛନ୍ତି ରମାକାନ୍ତ ଆଚାର୍ଯ୍ୟ । ଅଧିକାରୀ ସୁବାସ ଚନ୍ଦ୍ର ଜେନା, ସଭାପତି ଡ୍ରାଇଭର ଖୁଣ୍ଟିଆ, ଉପସଭାପତି ତ୍ରିପତି ମହାରଣା, ସମ୍ପାଦକ ପ୍ରକାଶ ଜେନା, ମ୍ୟାନେଜର ହୀନ ଖୁଣ୍ଟିଆ, ସହ ମ୍ୟାନେଜର ସିମାଞ୍ଚଳ ରାଉତ, କୋଷାଧ୍ୟକ୍ଷ ମିଟୁ ବିଶ୍ୱାଳଙ୍କ ସମେତ କଳାକାର ବଳରାମ, ମଣ୍ଟୁ ଆପଟ, ମ୍ୟୁଜିକ କାଳିଆ, ଚିତ୍ରାଳୟ ଓ ସାଜସଜ୍ଜା ସାରଦା ଚିତ୍ରାଳୟ ଉପସ୍ଥିତ ଥିଲେ। ୨୧ ଦିନିଆ ଦଣ୍ଡନାଚ ମାର୍ଚ୍ଚ ୨୫ରୁ ଆରମ୍ଭ ହେବାକୁ ଥିବା ବେଳେ ଏବେଠୁ ୩ ଦଣ୍ଡନାଚ ଆଖଡ଼ା ଚଳଚଞ୍ଚଳ ହେଲାଣି।

# ରାସ୍ତା କାର୍ଯ୍ୟ ନିମ୍ନମାନର ଅଭିଯୋଗ ଆଣିଲେ ଗ୍ରାମବାସୀ

## ପ୍ରଧାନମନ୍ତ୍ରୀ ଜନମନ ଗ୍ରାମ ସଡ଼କ ଯୋଜନା




ଅଧା କାମ ହୋଇ ପଡ଼ିଥିବା ରାସ୍ତା।

ତୁମୁଡିବନ୍ଧ,୧୫।୨(ଦୀପକ କୁମାର ପରାସେଠ)

କୁଟିଆକନ୍ଧ ଆଦିମ ଜନଜାତି ଗ୍ରାମଗୁଡ଼ିକୁ ରାସ୍ତା ସଂଯୋଗିକରଣ କରିବା ପାଇଁ ପ୍ରଧାନମନ୍ତ୍ରୀ ଜନମନ ଗ୍ରାମ ସଡ଼କ ଯୋଜନାରେ ଅନେକ ରାସ୍ତା କାମ ଚାଲୁ ରହିଛି। ସେହି ଯୋଜନାରେ କନ୍ଧମାଳ ଜିଲା ତୁମୁଡିବନ୍ଧ ବ୍ଲକ୍ ମୁଣ୍ଡିଗଡ଼ ପଞ୍ଚାୟତର ଏଲ-୦୯୧-ମୁଣ୍ଡିଗଡ଼ ଠାରୁ ବସୁଗାଣ୍ଡା ଗ୍ରାମ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ କାର୍ଯ୍ୟ ଚାଲୁରହିଥିବା ବେଳେ ଏହା ନିମ୍ନମାନର ହେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ବସୁଗାଣ୍ଡା ଗ୍ରାମବାସୀଙ୍କ କହିବା ଅନୁସାରେ ଗାଁକୁ ଭଲ ରାସ୍ତା ନ ଥିବାରୁ ବହୁ ଅସୁବିଧାର ସମ୍ମୁଖୀନ ହେଉଥିଲୁ। ଗତ ବର୍ଷ ଠାରୁ ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ମେଟାଲିଂ କାର୍ଯ୍ୟ ଚାଲୁରହିଥିବା ବେଳେ ଅଟକଳ ଅନୁସାରେ ତାହା କରାଯାଇନାହିଁ। ଫଳରେ ଯିବା ଆସିବା କଷ୍ଟ ହେଉଛି ବୋଲି କହିଛନ୍ତି। ଏହା ସହିତ ବସୁଗାଣ୍ଡା ଗ୍ରାମ ଠାରୁ ଆରମ୍ଭ ହୋଇଥିବା ପିଚୁ କାର୍ଯ୍ୟ ଅତି ନିମ୍ନମାନର କରାଯାଉଛି। ରାସ୍ତାରେ ପକାଯାଇଥିବା ପିଚୁ ଗୋଡ଼ରେ ଘଷି ଦେଲେ ବାହାରିଯାଉଛି। ଏନେଇ ବସୁଗାଣ୍ଡା ଗ୍ରାମର ବାସୁ ମାଝି କହିଛନ୍ତି ଯେ, କାମ ନିମ୍ନମାନର କରାଯାଉଛି। କାମ ତଦାରଖ କରିବା ପାଇଁ ବିଭାଗୀୟ ଅଧିକାରୀ ମାନେ କେବେ ଆସନ୍ତି ନାହିଁ। ଏହାର ସୁଯୋଗ ନେଇ ଠିକାଦାର ନିଜ ଇଛାରେ କାମକରି ଚାଲିଛି। ଆମେ ଏହାକୁ ବିରୋଧ କଲେ ଠିକାଦାର ଆମ କଥାକୁ ଜମା ମାନୁନାହିଁ। ଯନ୍ତ୍ରୀ ଏବଂ ଠିକାଦାରଙ୍କ ମଧ୍ୟରେ ମଧୁଚନ୍ଦ୍ରିକା ରହିଥିବା ଗ୍ରାମବାସୀ କହିଛନ୍ତି। ଏହି ବାବଦରେ ବିଭାଗୀୟ ଅଧିକାରୀଙ୍କୁ ପଚାରିବା ପାଇଁ ଫୋନ୍ ଯୋଗେ ଯୋଗାଯୋଗ କରିଥିଲେ ମଧ୍ୟ କୌଣସି ଉତ୍ତର ମିଳି ନ ଥିଲା।

## ଆହତ ହରିଣ ଉଦ୍ଧାର



ମୋହନା,୧୫।୨(ମନ୍ମଥ ମିଶ୍ର)

ମୋହନା ହନୁମାନ ମନ୍ଦିର ନିକଟସ୍ଥ ଜଙ୍ଗଲରୁ ପାଣି ପିଇବାକୁ ଆସି ବାଟବଣା ହୋଇ ସହର ମଧ୍ୟକୁ ଚାଲି ଆସିଥିବା ଏକ ହରିଣକୁ କେତେଜଣ ଯୁବକ ଉଦ୍ଧାର କରିଛନ୍ତି। ଲୋକ ଦେଖି ହରିଣଟି ଇତଃସ୍ତତ ଭାବେ ଦୌଡ଼ିବା ବେଳେ ମୋହନା ଶିଶୁ ମନ୍ଦିର ତାରବାଡ଼ରେ ଲାଗି କ୍ଷତାକ୍ତ ହୋଇଥିଲା। ସ୍ଥାନୀୟ ଯୁବକ ଆଶିଷ ବେହେରା, ସୀତାକାନ୍ତ ଗୌଡ଼, ଉମାକାନ୍ତ ଗୌଡ଼ ଓ ଲାଲୁ ବେହେରଦଳାଇ ହରିଣଟିକୁ ଉଦ୍ଧାର କରି ପ୍ରାଣୀ ଚିକିତ୍ସା କେନ୍ଦ୍ରରେ ଭର୍ତ୍ତି କରିଥିଲେ। ଡା. ବୀରେନ୍ଦ୍ର ପଣ୍ଡା ତାର ଚିକିତ୍ସା କରିଥିଲେ। ଖବରପାଇ ମୋହନା ବନାଞ୍ଚଳ ଅଧିକାରୀ ଲକ୍ଷ୍ମୀ ପ୍ରସାଦ ବିଷୋୟୀ ଓ କର୍ମଚାରୀ ଚିକିତ୍ସା କେନ୍ଦ୍ରରେ ପହଞ୍ଚିଥିଲେ। ଆହତ ହରିଣଟିକୁ ବନବିଭାଗ ହେପାଜତରେ ୧୫ ଦିନ ରଖାଯିବ। ପରେ ଗଞ୍ଜାମ ଜିଲା ତପ୍ତପାଣି ମୃଗ ବିହାରରେ ଛଡ଼ାଯିବ ବୋଲି ବିଷୋୟୀ କହିଛନ୍ତି।


## ଇସ୍କଫର ଜାତୀୟ ସମ୍ମିଳନୀରେ ଯୋଗଦେବେ ଆଇନଜୀବୀ ହରପ୍ରସାଦ

ଦିଗପହଣ୍ଡି,୧୫।୨
(ଅଶେଷ ନାଥ ମିଶ୍ର)



ଭାରତୀୟ ସାଂସ୍କୃତିକ ସହଯୋଗ ଓ ମୈତ୍ରୀ ସମିତି (ଇସ୍କଫ)ର ଜାତୀୟ ସମ୍ମିଳନୀରେ ଯୋଗଦେବାକୁ ଆଇନଜୀବୀ ହରପ୍ରସାଦ ରଥ ମନୋନୀତ ହୋଇଛନ୍ତି। ଏଥିପାଇଁ ସେ ତାମିଲନାଡୁ ଗସ୍ତ କରିବେ। ଆସନ୍ତା ଗୁରୁବାରଠାରୁ ଚେନ୍ନାଇଠାରେ ୨ ଦିନ ବ୍ୟାପୀ ହେଉଥିବା ଏହି ସମ୍ମିଳନୀରେ ଭାରତର ସାର୍ବଭୌମତ୍ୱ ଏବଂ ଜାତୀୟ ଐକ୍ୟ ଅକ୍ଷୁର୍ଣ୍ଣ ରଖିବା ଦିଗରେ କେନ୍ଦ୍ର ସରକାରଙ୍କ ବିଫଳତା ସମ୍ପର୍କରେ ଆଲୋଚନା ହେବା ଏଥିସହ ଭାରତୀୟ ସମ୍ବିଧାନର ସୁରକ୍ଷା ଉପରେ ସଂକଳ୍ପ ପାରିତ କରାଯିବ। ଏହି ଜାତୀୟ ସମ୍ମିଳନୀକୁ ତାମିଲନାଡୁ ଉପ ମୁଖ୍ୟମନ୍ତ୍ରୀ ଉଦୟନିଧି ଷ୍ଟାଲିନ ଉଦ୍‌ଘାଟନ କରିବା ନେଇ କାର୍ଯ୍ୟକ୍ରମ ରହିଛି। ଏହି ସମ୍ମିଳନୀରେ ପାଲେଷ୍ଟାଇନ, କ୍ୟୁବା ଏବଂ ଋଷ ରାଷ୍ଟ୍ରଦୂତଙ୍କ ସମେତ ନେପାଳ ଶାନ୍ତି ଓ ସଂହତି ସଙ୍ଗଠନର ସଭାପତି ସତୀଶ ଅଧିକାରୀ ସମ୍ମାନିତ ଅତିଥି ଭାବେ ଯୋଗ ଦେବେ। ଆଇନଜୀବୀ ହରପ୍ରସାଦ ଇସକଫର ଗଞ୍ଜାମ ଜିଲା ସଭାପତି ଭାବେ ରହିଥିବା ବେଳେ ସେ ମଧ୍ୟ ରାଜ୍ୟ ସାଧାରଣ ସମ୍ପାଦକ ଦାୟିତ୍ୱରେ ରହିଛନ୍ତି।

# ଜଙ୍ଗଲ ନିଆଁ ନିରାକରଣ ସଚେତନତା




ଜଙ୍ଗଲ ନିଆଁ ରୋକିବା ପାଇଁ ଲୋକଙ୍କୁ ସଚେତନ କରାଯାଉଛି।

ଆର,ଉଦୟଗିରି,୧୫।୨(ମନୋଜ କୁମାର ପାଢୀ)

ଆର୍. ଉଦୟଗିରି ବନାଞ୍ଚଳ ତରଫରୁ ସମ୍ବଲପୁର ସାପ୍ତାହିକ ହାଟରେ ଜଙ୍ଗଲ ନିଆଁ ସମ୍ପର୍କରେ ସଚେତନ କରିବା ପାଇଁ ବିଭିନ୍ନ ଅଞ୍ଚଳର ଖେଳାଳିମାନଙ୍କୁ ନେଇ ଭଲିବଲ ମ୍ୟାଚ ଆୟୋଜନ କରାଯାଇଥିଲା। ଭଲିବଲ ଖେଳ ଏହି ଅଞ୍ଚଳବାସୀଙ୍କ ମନୋରଞ୍ଜନର ଗୋଟିଏ ବଡ ମାଧ୍ୟମ ହୋଇଥିବାରୁ ଭଲିବଲ ଖେଳ ମାଧ୍ୟମରେ ଲୋକମାନଙ୍କୁ ଜଙ୍ଗଲ ନିଆଁ ସମ୍ପର୍କରେ ସଚେତନ କରାଯାଇଥିଲା। ନୂଆଗଡ ବ୍ଲକ ଉପାଧ୍ୟକ୍ଷ ନିମିୟ ରଇତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବନ ବିଭାଗ ପକ୍ଷରୁ ସଚେତନ ପାଇଁ ଏଭଳି ପ୍ରୟାସକୁ ପ୍ରଶଂସା କରିବା ସହ ଜଙ୍ଗଲ ନିଆଁ ରୋକିବାକୁ ଏହା ସହାୟକ ହେବ ବୋଲି କହିଥିଲେ। ଆର. ଉଦୟଗିରି ବନାଞ୍ଚଳ ଅଧିକାରୀ ଉମାଶଙ୍କର ବିଶୋଇ ଜଙ୍ଗଲ ନିଆଁର ଭୟାବହତା ଏବଂ ପରିବେଶ, ଜୀବଜନ୍ତୁ, ଜଙ୍ଗଲ ଉପରେ କିଭଳି କୁପ୍ରଭାବ ପକାଇଛି ତାହା ଉପରେ ଉପସ୍ଥିତ ଜନସାଧାରଣଙ୍କୁ ଅବଗତ କରାଇଥିଲେ। କାର୍ଯ୍ୟକ୍ରମରେ ଫରେଷ୍ଟର ବିଜୟ କୁମାର ମହାରଣା, ପ୍ରଦୀପ ଚୌଧୁରୀ, ପିତର ଶବରଙ୍କ ସହିତ ଫରେଷ୍ଟ ଗାର୍ଡ ଓ ଅନ୍ୟ କର୍ମଚାରୀ ଯୋଗଦେଇଥିଲେ। ଶେଷରେ ଭଲିବଲ ମ୍ୟାଚର ବିଜୟୀ, ପରାଜିତ ଦଳ ଏବଂ ଶ୍ରେଷ୍ଠ ଖେଳାଳିଙ୍କୁ ମୁଖ୍ୟ ଅତିଥି ଟ୍ରଫି ପ୍ରଦାନ କରିଥିଲେ।

# ଜି.ଉଦୟଗିରି ବଜାର ବନ୍ଧର ହେଉନି ପୁନରୁଦ୍ଧାର

## ଚିନ୍ତାରେ ଦଣ୍ଡ କମିଟି

ଜି.ଉଦୟଗିରି,୧୫।୨(ଚିନ୍ମୟ କୁମାର ସେଠୀ)




ପୁରାତନ ବନ୍ଧ।

ଜି.ଉଦୟଗିରି ବିଜ୍ଞାପିତ ଅଞ୍ଚଳ ପରିଷଦ ଅନ୍ତର୍ଗତ ୪ ନଂ. ୱାର୍ଡ ଚକରା ବିଷୋୟୀ ଛକ ଠାରେ ଥିବା ବହୁ ପୁରାତନ ବନ୍ଧଟି ବ୍ୟବହାର ଯୋଗ୍ୟ ହୋଇପାରୁନାହିଁ। ବନ୍ଧଟି ବିଗତ କିଛିବର୍ଷ ହେବ ନଷ୍ଟ ହୋଇଯାଇଛି, ଯାହାର ପୁନରୁଦ୍ଧାର ପାଇଁ ଅଞ୍ଚଳବାସୀ ବହୁଥର ଦାବି କରିଛନ୍ତି। ଆଗକୁ ସ୍ଥାନୀୟ ଅଞ୍ଚଳର ସବୁଠାରୁ ବଡ଼ ପର୍ବ ଦଣ୍ଡଯାତ୍ରା ୧୩ ଦିନ ଧରି ହେବାକୁ ଥିବାବେଳେ ଏ ପର୍ଯ୍ୟନ୍ତ ବନ୍ଧର ପୁନରୁଦ୍ଧାର ହୋଇପାରିଲା ନାହିଁ। ଏନେଇ ସ୍ଥାନୀୟ ସହରରେ ଥିବା ଦଣ୍ଡ ଆୟୋଜନ କମିଟି ଚିନ୍ତା ପ୍ରକଟ କରିଛନ୍ତି। ଏପଟେ ଗ୍ରୀଷ୍ମ ଋତୁ ଆସୁଥିବା ବେଳେ ଅଞ୍ଚଳବାସୀଙ୍କ ପାଇଁ ବନ୍ଧ ପାଣି ନିତାନ୍ତ ଆବଶ୍ୟକ ରହିଛି। ଦୀର୍ଘ ମାସ ଧରି ପ୍ରଶାସନ ଦ୍ୱାରା ବନ୍ଧ ନିର୍ମାଣ ଯୋଜନା କାର୍ଯ୍ୟକାରୀ ହୋଇପାରିଲା ନାହିଁ, ଯାହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ବିଶ୍ୱସ୍ତ ସୂତ୍ରରୁ ଶୁଣିବାକୁ ମିଳିଛି ବନ୍ଧ କାମ ହେବା ନେଇ ଟେଣ୍ଡର ବାହାରୁଛି ପୁଣି କ୍ୟାନସେଲ କରାଯାଉଛି। ଏପରି ହେବା ଫଳରେ ବିକାଶ ବାଧାପ୍ରାପ୍ତ ହେଉଛି। ତେଣୁ ସ୍ଥାନୀୟ ପ୍ରଶାସନ ଉପରେ ଲୋକଙ୍କ ବିଶ୍ୱାସ କମିଯାଉଥିବା ଜଣାଯାଉଛି। ଏହି ବନ୍ଧଟି ସ୍ଥାନୀୟ ଅଞ୍ଚଳବାସୀଙ୍କ ସମସ୍ତ କାର୍ଯ୍ୟରେ ବ୍ୟବହୃତ ହେଉଥିଲା, ଯାହା ଆଜି ସାମୂହିକ ପରିସ୍ରାଗାର ପାଲଟି ଥିବା ନେଇ ଆଲୋଚନା ହେଉଛି। ପୂର୍ବ ସରକାରଙ୍କ ସମୟରେ ପୋଖରୀଗୁଡ଼ିକର ପୁନରୁଦ୍ଧାର ପାଇଁ ଯୋଜନା ହୋଇଥିଲା। ସେହି ଯୋଜନାରେ ପୁନରୁଦ୍ଧାର କାମ ଆରମ୍ଭ କରାଯାଇଥିଲା। ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ଏହି ବନ୍ଧର ପାଣି, ପଙ୍କ ଓ ମାଟି ବାହାର କରାଗଲା କିନ୍ତୁ ବର୍ତ୍ତମାନ ପର୍ଯ୍ୟନ୍ତ ବନ୍ଧର ଉନ୍ନତୀକରଣ କାର୍ଯ୍ୟ ଅଧାପନ୍ତରିଆ ହୋଇ ରହିଛି। ଅଞ୍ଚଳବାସୀଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଯଥାଶୀଘ୍ର ଆଗାମୀ କିଛିଦିନରେ ବନ୍ଧ ପୁନରୁଦ୍ଧାର କାମ କରି ବ୍ୟବହାର ଯୋଗ୍ୟ କରିବାକୁ ଅଞ୍ଚଳବାସୀ ଦୃଢ଼ ଦାବି କରିଛନ୍ତି। ଏନେଇ ସ୍ଥାନୀୟ କାର୍ଯ୍ୟନିର୍ବାହୀ ଅଧିକାରୀ ଆଶୁତୋଷ ଗୌରବ କର କହିଛନ୍ତି, ପ୍ରଥମ ଟେଣ୍ଡର କ୍ୟାନ୍ସଲ ହେବା ପରେ ପୁଣି ଥରେ ରିଟେଣ୍ଡର କରାଯାଇଛି। ଆସନ୍ତା ମାର୍ଚ୍ଚ ମାସ ପ୍ରଥମ ସପ୍ତାହରେ ବନ୍ଧର ନବୀକରଣ କାର୍ଯ୍ୟ ଆରମ୍ଭ ହେବ। ବର୍ଷ ଶେଷ ବେଳକୁ ସମ୍ପୂର୍ଣ୍ଣ ହେବ ବୋଲି ସେ କହିଛନ୍ତି।


ମହାଶିବରାତ୍ରି ଉପଲକ୍ଷେ ଗୋପାଳପୁର ଧବଳେଶ୍ୱର ପୀଠରେ ପୂଜାର୍ଚ୍ଚନା।


ଲୋଚାପଡା ଗଙ୍ଗାଧରେଶ୍ୱର ପୀଠରେ ଶ୍ରଦ୍ଧାଳୁମାନେ ଧାଡିରେ ଦର୍ଶନ କରିବାକୁ ଯାଉଛନ୍ତି।


ନୀଳକଣ୍ଠେଶ୍ୱର ମନ୍ଦିରକୁ ଶ୍ରଦ୍ଧାଳୁମାନେ ଧାଡିରେ ଦର୍ଶନ କରିବାକୁ ଯାଉଛନ୍ତି। (ଫଟୋ ସମୀର)

## ଶିଶୁ ମନ୍ଦିରରେ ମାତୃପିତୃ ପୂଜନ ଦିବସ

ବ୍ରହ୍ମପୁର,୧୫।୨(ଅଶୋକ କୁମାର ସାହୁ)

ସ୍ଥାନୀୟ ବ୍ରିଟକଲୋନୀସ୍ଥିତ ଆଦର୍ଶ ଶିଶୁ ବିଦ୍ୟା ମନ୍ଦିରରେ ମାତୃପିତୃ ପୂଜନ ଦିବସ ବରିଷ୍ଠ ଶିକ୍ଷକ ସୁରେଶ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ତ୍ରିନାଥ ମହାରଣା ଓ କୁନି କୁମାର ସମ୍ମାନନୀୟ ଅତିଥିଥିଲେ। ମହେଶ୍ୱରୀ ଦାଶ, ସଂଘମିତ୍ରା ପଟ୍ଟନାୟକ ଏବଂ ଛାତ୍ରୀମାନେ ପିତାମାତା ଉପରେ ଆଧାରିତ ସଂଗୀତ ଗାନ କରିଥିଲେ। ମୁଖ୍ୟ ଅଥିତି ଆଜିସମାଜ ବିଦେଶୀ ସଂସ୍କୃତିକୁ ଆଦରି ନେବା ଫଳରେ ଆମେ ଆମ ସଂସ୍କୃତିକୁ ଭୁଲି ଯାଉଛେ। ତେଣୁ ଶିଶୁ ମନ୍ଦିର ଭାରତୀୟ ସଂସ୍କୃତିର ସୁରକ୍ଷା କରିବାରେ ଆଗଭର ହୋଇଛି। ବିଜୁଳି ପ୍ରଧାନ, ପ୍ରଜ୍ଞାଶ୍ରୀ ପଟନାଇକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଅଙ୍ଗନୱାଡି କର୍ମୀଙ୍କୁ ନିର୍ଯାତନା ପ୍ରତିବାଦରେ ଇଫଟୁର କାର୍ଯ୍ୟାନୁଷ୍ଠାନ ଦାବି

ବ୍ରହ୍ମପୁର,୧୫।୨(ସୁବାସ ଚନ୍ଦ୍ର ପାଢ଼ୀ)

କେନ୍ଦ୍ରାପଡା ଜିଲା ନୂଆଗାଁର ଜଣେ ଅଙ୍ଗନୱାଡି କର୍ମୀ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ନିଜ ଗ୍ରାମରେ କାର୍ଯ୍ୟ କରୁଥିଲେ। କିନ୍ତୁ କିଛି ଲୋକ ଜାତିଆଣ ମନ୍ତବ୍ୟ ଦେଇ ନିର୍ଯ୍ୟାତନା କରିଥିବା ଜାଣିବା ପରେ ଆଇଏଫଟିୟୁ (ଇଫଟୁ) ଜାତୀୟ କମିଟି ସଦସ୍ୟ ଟି. ଶ୍ରୀନିବାସ ଓ ଓଡ଼ିଶା ରାଜ୍ୟ କମିଟି ରାଜ୍ୟ ସଭାପତି ପ୍ରତାପ ପ୍ରଧାନ ଏହାର ପ୍ରତିବାଦ କରିଛନ୍ତି। ମାସ ମାସ ଧରି ଗ୍ରାମ ଅଙ୍ଗନୱାଡ଼ିକୁ କୌଣସି ଶିଶୁ ପଠା ଯାଉନାହାନ୍ତି। ତାଙ୍କ ପରିବାର ଗ୍ରାମରେ ସାମାଜିକ ବର୍ଜନର ଶିକାର ହେଉଛନ୍ତି। ସରକାର ଏଭଳି ବୈଷମ୍ୟକୁ ପ୍ରୋତ୍ସାହିତ କରିବା ନିନ୍ଦନୀୟ ବୋଲି ସେମାନେ କହିବା ସହ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି।

## ଚାଟୁଆ-ସୁନାବେଡ଼ାରେ ମୁଖ୍ୟମନ୍ତ୍ରୀ ବସ୍ ସେବା ଆରମ୍ଭ

ନନ୍ଦପୁର,୧୫।୨(ତୁଷାର କାନ୍ତ ମହାନ୍ତି)

ନନ୍ଦପୁର ବ୍ଲକ ମାଳିବେଲଗାଁ ପଞ୍ଚାୟତ ଦେଇ ଚାଟୁଆ-ସୁନାବେଡା ଭାୟା ମାଳିବେଲଗାଁ ଦେଇ ମୁଖ୍ୟମନ୍ତ୍ରୀ ବସ୍‌ସେବା ଆରମ୍ଭ ହୋଇଛି। ବସକୁ ମାଳିବେଲଗାଁ ପଞ୍ଚାୟତ ସଦର ମହକୁମାରେ ସରପଞ୍ଚ ପ୍ରହଲ୍ଲାଦ ମୁଦୁଲି, ସମିତିସଭ୍ୟ ମଙ୍ଗଳୁ ଖରା, ୱାର୍ଡ ସଭ୍ୟ ଓ ଗ୍ରାମବାସୀ ମିଳିତ ଭାବେ ସ୍ୱାଗତ କରିଛନ୍ତି। ଏହି ବସ୍ ସେବା ଦ୍ୱାରା ନନ୍ଦପୁର ବ୍ଲକ ସୀମାନ୍ତ ଚାଟୁଆ ସହ ଶିଳ୍ପନଗରୀ ସୁନାବେଡା ସହ ସଂଯୋଗ ହୋଇପାରିବ ବୋଲି ସରପଞ୍ଚ ମୁଦୁଲି କହିଛନ୍ତି। ବସ୍ ସକାଳ ୭ଟା ୩୦ରୁ ଚାଟୁଆରୁ ବାହାରି ଦାରଲିପୁଟ, ପାଡୁଆ, ହାତିବାରି, ବାଞ୍ଜାଲାପୁଟ, ବାଲଡ଼ା, ଭେଜା, ମାରଡ଼ା, ନୀଳଦୋରାପୁଟ, ମାଳି ବେଲଗାଁ, ନନ୍ଦପୁର, ସୁବାଇ, ରାଜପୁଟ, କୋବ୍ରା ବାଟାଲିୟନ ଛକ ଦେଇ ସୁନାବେଡାରେ ପୂର୍ବାହ୍ନ ୧୦ଟା ୫୫ରେ ପହଞ୍ଚିବ। ଅପରାହ୍ନ ୧ଟାରେ ବାହାରି ସମାନ ରୁଟ୍‌ରେ ଫେରି ଅପରାହ୍ନ ୪ଟା ୧୫ରେ ଚାଟୁଆରେ ପହଞ୍ଚିବ।

# ଓଁ ନମଃ ଶିବାୟ ଧ୍ୱନିରେ କମ୍ପିଲା ସହର

ବ୍ରହ୍ମପୁର,୧୫।୨(ଅଶୋକ କୁମାର ସାହୁ)

ମହାଶିବରାତ୍ରୀରେ ବ୍ରହ୍ମପୁର ଉତ୍ସବମୁଖର ହୋଇଛି। ଭୋର ୩ଟାରୁ ମହାଦେବଙ୍କ ନୀତିକାନ୍ତି ସରିବା ପରେ ମନ୍ଦିର ଖୋଲାଯାଇଥିଲା। ପ୍ରତ୍ୟେକ ମନ୍ଦିରରେ ଗହଳିକୁ ଦେଖି ଧାଡିରେ ଦର୍ଶନ କରିବାକୁ ଛଡାଯାଇଥିଲା। ଶ୍ରଦ୍ଧାଳୁମାନେ ପୂଜାର୍ଚ୍ଚନା କରିବା ସହ ଶୃଙ୍ଖଳାର ସହ ଦର୍ଶନ କରିଥିଲେ। ସହରର ବିଭିନ୍ନ ଶୈବପୀଠ ସକାଳୁ ସକାଳୁ ଓଁ ନମଃ ଶିବାୟ ଧ୍ୱନିରେ କମ୍ପି ଉଠିଥିଲା। ମନ୍ଦିରଗୁଡିକରେ ରୁଦ୍ରାଭିଷେକ ସହ ମହାଦେବଙ୍କୁ ବିଭିନ୍ନ ବେଶରେ ସଜ୍ଜିତ କରାଯାଇଥିଲା। ଅନେକ ମନ୍ଦିରରେ ଶିବ ମହିମା ଶ୍ରଦ୍ଧାଳୁମାନେ ଗାନ କରୁଥିବା ଦେଖାଯାଇଥିଲା। ସନ୍ଧ୍ୟାରେ ଶ୍ରଦ୍ଧାଳୁମାନେ ମାନସିକ ରଖି ଦୀପ ଜଳାଇଥିଲେ। ମହାଦୀପ ଉଠିବା ପର୍ଯ୍ୟନ୍ତ ସେମାନେ ନିଜ ନିଜ ଆସନରେ ବସି ମହାଦେବଙ୍କୁ ଧ୍ୟାନ କରୁଥିବା ଦେଖାଯାଇଥିଲା। ବିଶେଷ କରି ସହରର ପ୍ରମୁଖ ଗୋସାଇଁନୂଆଗାଁସ୍ଥିତ ଉତ୍ତରେଶ୍ୱର ମନ୍ଦିରରେ ପ୍ରବଳ ଭିଡ ହୋଇଥିଲା। ଭିଡକୁ


ଚନ୍ଦ୍ରଚୁଡେଶ୍ୱର ସ୍ୱଟିକ ଲିଙ୍ଗ

ଦେଖି ଶୃଙ୍ଖଳିତ ଦର୍ଶନ ପାଇଁ ବିଭିନ୍ନ ପ୍ରକାର ବ୍ୟବସ୍ଥା କରାଯାଇଥିବା ମନ୍ଦିରର ମୁଖ୍ୟ ପଞ୍ଚାନନ ଚୌଧୁରୀ ପ୍ରକାଶ କରିଛନ୍ତି। ସେହିପରି ନୀଳକଣ୍ଠେଶ୍ୱର ମନ୍ଦିରରେ ବି ପ୍ରବଳ ଭିଡ ଦେଖିବାକୁ ମିଳିଥିଲା। ମନ୍ଦିର ଟ୍ରଷ୍ଟି ଜଗଦୀଶ ପାଣିଗ୍ରାହୀ ଓ ଟ୍ରଷ୍ଟି ସଦସ୍ୟମାନେ ଜଗି ଶ୍ରଦ୍ଧାଳୁମାନଙ୍କୁ ଧାଡିରେ ମନ୍ଦିରକୁ ଛାଡିଥିଲେ। ରୁଦ୍ରାଭିଷେକ ଦେଖିବା ପାଇଁ ପ୍ରବଳ ଭିଡ ପରିଲକ୍ଷିତ ହୋଇଥିଲା। ସେହିପରି ଚନ୍ଦ୍ରଚୁଡେଶ୍ୱର ସ୍ୱଟିକ ଲିଙ୍ଗ, ନୂଆ ବସଷ୍ଟାଣ୍ଡସ୍ଥିତ ଗୋକର୍ଣ୍ଣେଶ୍ୱର, ଲୋଚାପଡାସ୍ଥିତ ଗଙ୍ଗାଧରେଶ୍ୱର, ହଳଦିଆପଦର ଚନ୍ଦ୍ରକଳ୍ପେଶ୍ୱର, ଦଲୁଆସାହିସ୍ଥିତ ମୁକ୍ତେଶ୍ୱର, ନିମଖଣ୍ଡିସ୍ଥିତ ଚନ୍ଦ୍ରଶେଖର, କମାପଲ୍ଲୀ ବୈଦେନାଥେଶ୍ୱର ଆଦି ମନ୍ଦିର ଆଲୋକମାଳାରେ ଝଲସି ଉଠିଛି। ପ୍ରତ୍ୟେକ ମନ୍ଦିରରେ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିବାବେଳେ ଶ୍ରଦ୍ଧାଳୁଙ୍କ ଉଜାଗର ପାଇଁ ସାଂସ୍କୃତିକ କାର୍ଯ୍ୟକ୍ରମ ବି ଅନୁଷ୍ଠିତ ହୋଇଛି। ବିଶେଷ କରି ଚଳିତବର୍ଷ ପ୍ରତ୍ୟେକ ମନ୍ଦିର କମିଟି ପକ୍ଷରୁ ଶ୍ରଦ୍ଧାଳୁଙ୍କୁ ଶୃଙ୍ଖଳିତ ଦର୍ଶନ ଉପରେ ଗୁରୁତ୍ୱ ଦେଇଥିଲେ। ବିଭିନ୍ନ ମନ୍ଦିରରେ କୌଣସି ବିଶୃଙ୍ଖଳା ସୃଷ୍ଟି ହେବ ବୋଲି ପୋଲିସ ପହରା ଦିଆଯାଇଥିଲା। ବିଳମ୍ବିତ ରାତିରେ ମହାଦୀପ ଉଠୁଥିବାରୁ ଶ୍ରଦ୍ଧାଳୁଙ୍କ ଗହଳି ଲାଗି ରହିଛି।

# ସ୍ୱପ୍ନେଶ୍ୱରଙ୍କ ପୀଠରେ ଏକ ଲକ୍ଷ ଆଠ ଦୀପ ଜାଳିଲେ ଶ୍ରଦ୍ଧାଳୁ

ଶେରଗଡ଼,୧୫।୨(ସୂର୍ଯ୍ୟ ନାରାୟଣ ଦାଶ)

ଶେରଗଡ଼ ନିକଟସ୍ଥ ଗୋବିନ୍ଦପୁର ଗ୍ରାମସ୍ଥିତ ଶୈବପୀଠ ସ୍ୱପ୍ନେଶ୍ୱରଙ୍କ ପୀଠରେ ମହାଶିବରାତ୍ରି ପାଳିତ ହୋଇଛି। ପିଲିଙ୍ଗିତ ଚନ୍ଦ୍ର କଳ୍ପେଶ୍ୱର, କରଡାକଣାସ୍ଥିତ ବାବା ଉଦୟନାଥ ପୀଠ ସମେତ ଶେରଗଡ଼ ବ୍ଲକର ବିଭିନ୍ନ ଶୈବପୀଠରେ ଶିବରାତ୍ରି ପାଳିତ ହୋଇଛି। ସକାଳୁ ମନ୍ଦିରଗୁଡ଼ିକରେ ଶ୍ରଦ୍ଧାଳୁଙ୍କ ଭିଡ ପରିଲକ୍ଷିତ ହୋଇଛି। ଶ୍ରଦ୍ଧାଳୁ ମିଟୁ ସ୍ୱାଇଁ ସ୍ୱପ୍ନେଶ୍ୱରଙ୍କ ପୀଠରେ ସନ୍ଧ୍ୟାରେ ଏକ ଲକ୍ଷ ଆଠ ଦୀପ ଜାଳିଥିଲେ। ଆଖପାଖ ଗ୍ରାମ ଓ ଗୋବିନ୍ଦପୁର ଗ୍ରାମର ଶ୍ରଦ୍ଧାଳୁ ବହୁ ସଂଖ୍ୟାରେ ମନ୍ଦିର ସମ୍ମୁଖରେ ଥିବା ପଡ଼ିଆରେ ଦୀପ ପ୍ରଜ୍ୱଳନ କରିଥିଲେ। ଏହି ଅବସରରେ ସ୍ୱପ୍ନେଶ୍ୱର ମନ୍ଦିର ପକ୍ଷରୁ ମଧ୍ୟ ଦଶହଜାର ଏକ ଦୀପ ପ୍ରଜ୍ୱଳନ କରାଯାଇଥିଲା।


ଜଣେ ଶ୍ରଦ୍ଧାଳୁଙ୍କ ପକ୍ଷରୁ ଜଳାଯାଇଥିବା ଦୀପ।

ଅନ୍ୟପଟେ ଶିବରାତ୍ରି ଅବସରରେ ସୁନାଟର ଗ୍ରାମସ୍ଥିତ ନାଥେଶ୍ୱର ପୀଠରେ ରବିବାର ଭଜନ ସନ୍ଧ୍ୟା ଅନୁଷ୍ଠିତ ହୋଇଛି। ସାମାଜିକ କର୍ମୀ ନିରଞ୍ଜନ ଜେନା ଏହାର ଶୁଭାରମ୍ଭ କରିଥିଲେ। ମକରା ସ୍ୱାଇଁ, ଈଶ୍ୱର ଜେନା, ସରପଞ୍ଚ ରାଜେଶ ଜେନା ଓ ଅନ୍ୟମାନେ ଉପସ୍ଥିତ ଥିଲେ। ମଧ୍ୟ ରାତ୍ରି ପର୍ଯ୍ୟନ୍ତ କଣ୍ଠଶିଳ୍ପୀମାନେ ଶିବ ଭଜନ ପରିବେଷଣ କରିଥିଲେ। ଭଜନ ଶୁଣିବାକୁ ବହୁ ଶ୍ରୋତାଙ୍କ ସମାଗମ ହୋଇଥିଲା।

# ସିଦ୍ଧାର୍ଥନଗରରୁ ବିପୁଳ ଆତସବାଜି ଜବତ

ବ୍ରହ୍ମପୁର,୧୫।୨(ସୁବାସ ଚନ୍ଦ୍ର ପାଢ଼ୀ)


ବୈଦ୍ୟନାଥପୁର ଥାନା ମେଡିକାଲ ନିକଟ ସିଦ୍ଧାର୍ଥନଗର ଛକର ଏକ ଘରୁ ବିପୁଳ ପରିମାଣର ଆତସବାଜି ଜବତ ହୋଇଛି। ସେହି ଅଞ୍ଚଳର ପାନଦୋକାନୀ ରାଜେନ୍ଦ୍ର ବେହେରାଙ୍କ ପୁଅ ଦୀପକଙ୍କ ନାଁରେ ମାମଲା ରୁଜୁ କରି ପୋଲିସ ତଦନ୍ତ ଜାରି ରଖିଛି। ଉକ୍ତ ଛକରେ ଦୀପକ ଏକ ପାନ ଦୋକାନ ଦେଇଥିବା ବେଳେ ଉପର ମହଲାରେ ରହୁଥିଲେ। ସେହି ତଳ ଘରେ ସେ ବିଭିନ୍ନ କମ୍ପାନୀର ଆତସବାଜି ଗଚ୍ଛିତ ରଖି ବ୍ୟବସାୟ କରୁଥିଲେ। ଏ ନେଇ ଅଭିଯୋଗ ପରେ ରବିବାର ବୈଦ୍ୟନାଥପୁର ଥାନା ପୋଲିସ ପକ୍ଷରୁ ଉକ୍ତ ଘରେ ଚଢଉ କରାଯାଇଥିଲା। ଚଢଉ ବେଳେ ଉକ୍ତ ଘରେ ବିପୁଳ ପରିମାଣର ଆତସବାଜି ମହଜୁଦ ଥିବା ପୋଲିସ ଅଧିକାରୀମାନେ ଦେଖିଥିଲେ। ଏନେଇ ଦୀପକ ଲାଇସେନ୍ସ କିମ୍ବା ପ୍ରମାଣପତ୍ର ପାଇନଥିବା ପୋଲିସ ତଦନ୍ତ ବେଳେ ଜାଣିବାକୁ ପାଇଥିଲା। ବେଆଇନ କାରବାର କରୁଥିବା ଅଭିଯୋଗରେ ପୋଲିସ ଦୀପକ ନାମରେ ଏକ ମାମଲା ରୁଜୁ କରିଥିଲା। ସେହି ଘରୁ ଜବତ ହୋଇଥିବା ଆସତବାଜିକୁ ୩ଟି ପୋଲିସ ଗାଡିରେ ଥାନାକୁ ନିଆଯାଇଥିଲା। ସହରର ବିଭିନ୍ନ ଅଞ୍ଚଳରେ କିଛି ଛୋଟ ବଡ ବ୍ୟବସାୟୀ ଘର ଭିତରେ ଆତସବାଜି ଗଚ୍ଛିତ ରଖି ବେପାର ଚଳାଇଛନ୍ତି। ଅଫ ସିଜନରେ ଏହି ବ୍ୟବସାୟୀମାନେ ଅଧିକ ଲାଭ ଆଶାରେ ଏହି ବେଆଇନ କାରବାରରେ ଲିପ୍ତ ରହୁଛନ୍ତି। ପୂର୍ବରୁ ମଧ୍ୟ ପୋଲିସ କମାପଲ୍ଲୀ-ଲାଞ୍ଜିପଲ୍ଲୀ ଓଭରବ୍ରିଜ ତଳେ ଥିବା ଏକ ୨ ମହଲା ଘରୁ ବିପୁଳ ପରିମାଣର ଆତସବାଜି ଜବତ କରିଥିଲା।

# ପାନୀୟ ଜଳ ପ୍ରକଳ୍ପ ଅଚଳ, ଗାଁ ଲୋକଙ୍କ ଆନ୍ଦୋଳନ ଚେତାବନୀ

ଦିଗପହଣ୍ଡି,୧୫।୨(ଅଶେଷ ନାଥ ମିଶ୍ର)


ଦିଗପହଣ୍ଡି ବ୍ଲକ ସହଦେବ ଟିକରପଡ଼ା ପଞ୍ଚାୟତ ଫାସିବନ୍ଧ ଗ୍ରାମରେ ୨୦୧୯-୨୦ ଆର୍ଥିକ ବର୍ଷରେ ବସୁଧା ଯୋଜନାରେ ପାନୀୟଜଳ ପ୍ରକଳ୍ପ ନିର୍ମାଣ ହୋଇଥିଲା। ପ୍ରାୟ ୮୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଏହି ପ୍ରକଳ୍ପ ଅଚଳ ହୋଇପଡିଛି। ପମ୍ପ ହାଉସରେ ତାଲା ଝୁଲୁଛି। ପ୍ରକଳ୍ପରୁ ୧୭୬ ବାସଗୃହକୁ ପାଇପ ସଂଯୋଗ କରାଯାଇଥିଲେ ମଧ୍ୟ ଲୋକଙ୍କୁ ପାଣି ମୁନ୍ଦାଏ ମିଳୁନି। ଗ୍ରାମର ମହିଳାମାନେ ପ୍ରାୟ ୫ଶହ ମିଟର ଦୂରରେ ଥିବା ଟିକରପଡ଼ା ଏବଂ ଜୁଆଣପଲ୍ଲୀ ଗାଁ ରାସ୍ତାକଡରେ ଥିବା ନଳକୂଅରୁ ପିଇବା ପାଣି ସଂଗ୍ରହ କରୁଛନ୍ତି। ପ୍ରକଳ୍ପ ଶୀଘ୍ର ପୁନଃକାର୍ଯ୍ୟକ୍ଷମ ନ ହେଲେ ଗ୍ରାମବାସୀ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି।

୧ ହଜାର ରୁ ଉର୍ଦ୍ଧ୍ୱ ଜନସଂଖ୍ୟା ବିଶିଷ୍ଟ


ପ୍ରକଳ୍ପର ଅଚଳ ଓଭରହେଡ ପାଣି ଟାଙ୍କି।

ଫାସିବନ୍ଧ ଗାଁର ଭୋଟର ସଂଖ୍ୟା ୪୮୫। ପାନୀୟଜଳ ପ୍ରକଳ୍ପ ନିର୍ମାଣ ସମୟରେ ସମସ୍ତ ସାହିକୁ ପାଇପ ବିଛାଯାଇଛି। ୪ଶହ ମିଟର ବିଶିଷ୍ଟ ୨ଟି ବୋର୍ ଦ୍ୱାରା ପ୍ରାୟ ୪ଶହ ଫୁଟ ଖୋଳାଯାଇ ୭୦ଫୁଟ ପାଇପ ପକାଯାଇ ମୋଟର ଯୋଗେ ଓଭରହେଡ ଟାଙ୍କିକୁ ପାଣି ଉଠାଯାଉଥିଲା। କିଛିବର୍ଷ ପରେ ଜଳସ୍ତର କମିଯିବାରୁ ପୁଣି ୧୧୦ ଫୁଟ ପାଇପ ପକାଯାଇ ଲୋକଙ୍କୁ ଆବଶ୍ୟକ ମୁତାବକ ପାଣି ଦିଆଯାଉଥିଲା। କିନ୍ତୁ ଭୂତଳ ଜଳସ୍ତର କ୍ରମାଗତ ହ୍ରାସ ପାଇବା କାରଣରୁ ପୁଣି ଥରେ ୩ ଟି ବୋର୍ ଖୋଳାଯାଇ ପ୍ରକଳ୍ପରୁ ଲୋକଙ୍କୁ ପାଣି ଦିଆଯାଉଥିଲା। ପମ୍ପ ହାଉସ ପରିଚାଳନା ଓ ରକ୍ଷଣାବେକ୍ଷଣ ପାଇଁ ଘରକୁ ପାଇପ ପାଣି ସଂଯୋଗ ନେଇଥିବା ଲୋକେ ପ୍ରତି ମାସରେ ୩୦ଟଙ୍କା ଲେଖାଏ ପାଣି ଟିକସ ଦେଉଥିଲେ। ପଞ୍ଚାୟତ ପକ୍ଷରୁ ଗ୍ରାମର ମିଥୁନ ପ୍ରଧାନଙ୍କୁ ପ୍ରକଳ୍ପର ମୋଟର ଚଳାଇବା ପାଇଁ ମାସିକ ୩୨୦୦ ଟଙ୍କା ପାରିଶ୍ରମିକ ଦିଆଯାଉଛି। ପ୍ରକଳ୍ପ ଅଚଳ ହୋଇପଡ଼ିଥିବା ସଂକ୍ରାନ୍ତରେ ଦିଗପହଣ୍ଡି ବିଡ଼ିଓ ଅନାମିକା ପାଣ୍ଡେ ଏବଂ ବିଭାଗୀୟ ସହକାରୀ ଯନ୍ତ୍ରୀ ଇଂ. ଭୀମା ରାଓଙ୍କୁ ଗ୍ରାମବାସୀ ବାରମ୍ବାର ଅଭିଯୋଗ କରିଥିଲେ। ଅଚଳ ପ୍ରକଳ୍ପକୁ କାର୍ଯ୍ୟକ୍ଷମ କରାଯାଉ ନଥିବାରୁ ଆନ୍ଦୋଳନାତ୍ମକ କାର୍ଯ୍ୟପନ୍ଥା ହାତକୁ ନିଆଯିବ ବୋଲି ସୁଦାମ ଗୌଡ଼,ନିରଞ୍ଜନ ପ୍ରଧାନ,ବୁଦ୍ଧିଆ ପ୍ରଧାନ,ସନ୍ତୋଷ ଗୌଡ଼,ରାଧାକାନ୍ତ ରାହା, ବୃନ୍ଦାବନ ବେହେରା, ଲବ ପାତ୍ର, ଗୋବର୍ଦ୍ଧନ ପ୍ରଧାନ, ଭକ୍ତ ଗୌଡ଼, ଗୋପାଳ ଗୌଡ ପ୍ରମୁଖ ଚେତାବନୀ ଦେଇଛନ୍ତି। ଏନେଇ ବ୍ଲକ ଗ୍ରାମ୍ୟ ପାନୀୟଜଳ ଓ ପରିମଳ ବିଭାଗ ସହକାରୀ ଯନ୍ତ୍ରୀ ଙ୍କୁ ପଚାରିବାରୁ ଭୂତଳ ଜଳସ୍ତର କମିଯିବାରୁ ମୋଟର ଯୋଗେ ପାଣି ଉଠୁନାହିଁ। ମେଗା ପାନୀୟଜଳ ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲେ ସେଠାରୁ ପାଇପ ଯୋଗେ ଉକ୍ତ ଅଚଳ ପ୍ରକଳ୍ପକୁ ଜଳ ଯୋଗାଇ ଦିଆଯିବ ବୋଲି କହିଛନ୍ତି।

## ଯୋଗୀଗୁମ୍ଫା ପରିଦର୍ଶନ କଲେ ଜିଲାପାଳ



ବୁଗୁଡ଼ା,୧୫।୨(କାଳିଚରଣ ଦାଶ)

ବୁଗୁଡ଼ା ବ୍ଲକ୍ ଅନ୍ତର୍ଗତ ବାଲିପଦରରେ ଥିବା ଐତିହାସିକ ଯୋଗୀଗୁମ୍ଫା ଘୁମୁସର ରାଜ ବଂଶଧରଙ୍କ ସମ୍ପର୍କ ରହିଥିବାରୁ ଉକ୍ତ ସ୍ଥାନଟି ପର୍ଯ୍ୟଟନ ସ୍ଥଳ ପାଇଁ ଦାବି ହେଉଛି। ବିଖ୍ୟାତ କାଷ୍ଠ ଶିଳ୍ପୀ ଯୋଗୀ ମହାରଣାଙ୍କ ଏହି ଗୁମ୍ଫା ସାଧନା ପୀଠ ଥିଲା ନିଜ ଝିଅ କଳାବତୀଙ୍କର ଅବିକଳ କାଠର କଣ୍ଢେଇ ନିର୍ମାଣ କରି ଘୁମୁସର ରାଜା ଧନଞ୍ଜୟ ଭଞ୍ଜଙ୍କୁ ଉପହାର ଦେଇଥିବା କିମ୍ବଦନ୍ତୀ ରହିଛି। କଣ୍ଢେଇକୁ ହାତଧରି ଚଲାଇଲେ ଚାଲିପାରୁଥିବା କଥା କୁହାଯାଇଅଛି। ଏହି ବିରଳ କଳାକୃତି ଘୁମୁସର ରାଜ୍ୟର ବାଲିପଦରରେ ରହିଥିବାରୁ ରାଜା ଧନଞ୍ଜୟ ଭଞ୍ଜ ଯୋଗୀ ମହାରଣାଙ୍କ ପରିବାର ବର୍ଗଙ୍କୁ ଶହଶହ ଭରଣ ଇନାମ ଜମି ଦାନ କରିଥିବା ପ୍ରମାଣ ରହିଛି। ଉକ୍ତ ସ୍ଥାନକୁ ପର୍ଯ୍ୟଟନ ସ୍ଥାନର ମାନ୍ୟତା ଓ କୃଷ୍ଣସାର ମୃଗ ମାନଙ୍କର ସୁରକ୍ଷା ଟାୱାର ସହ ପାହାଡକୁ ପାବଛର ବ୍ୟବସ୍ଥା କରିବାକୁ ଅଞ୍ଚଳବାସୀଙ୍କ ଦାବି ରହି ଆସିଥିଲା। ଗୁରୁବାର ବାଲିପଦର ସରପଞ୍ଚ ରାଜଲକ୍ଷ୍ମୀ ପ୍ରଧାନଙ୍କ ଉଦ୍ୟମରେ ଗଞ୍ଜାମ ଜିଲାପାଳ ପରିଦର୍ଶନ କରି ୫ ଲକ୍ଷ ଟଙ୍କା ଅନୁଦାନ ପ୍ରଦାନ କରିବା ପାଇଁ ପ୍ରତିଶ୍ରୁତି ଦେଇଥିବାରୁ ଯୋଗୀ ଗୁମ୍ଫା ପରିସରରେ ସରପଞ୍ଚ ପ୍ରତିନିଧି ସମାଜିକକର୍ମୀ କୈଳସ ଚନ୍ଦ୍ର ପ୍ରଧାନଙ୍କ ପୌରହିତ୍ୟରେ ଏକ ସଭା ଅନୁଷ୍ଠିତ ହୋଇଛି। ଏହି ସଭାରେ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ରାଜେନ୍ଦ୍ର ମହାରଣା, ଦ୍ୟୁତିକୃଷ୍ଣ ବିଶ୍ୱାଳ, ପ୍ରକାଶ ଚନ୍ଦ୍ର ପାତ୍ର, ପଦ୍ମ ଲୋଚନ ଗୌଡ, ସନ୍ୟାସୀ ମହାରଣା, ଜି. ସଞ୍ଜିବ କୁମାର ପାତ୍ର, ଦେବରାଜ ମହାରଣା, କୋରା ମଣି ମହାରଣା ପ୍ରମୁଖ ଯୋଗଦେଇ ଥିଲେ।

## ପିଏମଶ୍ରୀ ସ୍କୁଲ ବାର୍ଷିକ ଉତ୍ସବ ପାଳିତ

ଜୟପୁର, ୧୫।୨(ପବନ ପାଣିଗ୍ରାହୀ)

ଜୟପୁର ପିଏମଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ ୧୧୭ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷୟିତ୍ରୀ ପ୍ରଭାତୀ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ପୌରପାଳିକା ଅଧ୍ୟକ୍ଷ ନରେନ୍ଦ୍ର ମହାନ୍ତି, ଶିକ୍ଷକ ବିଶ୍ୱ ରଞ୍ଜନ ଗୌଡ଼ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଛନ୍ତି। ପ୍ରଧାନଶିକ୍ଷୟିତ୍ରୀ ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ। ଶିକ୍ଷୟିତ୍ରୀ ସୁବର୍ଣ୍ଣା ଖିଲ ଓ ପାପିତା ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ। କୃତୀ ଓ ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କୁ ଅତିଥି ପୁରସ୍କୃତ କରିଥିଲେ।

## ଭକ୍ତ ବେଶରେ ମହିଳାଙ୍କ ବେକରୁ ହାର ଲୁଟ ମାମଲା: ବର୍ଷେ ହେଲା ଫେରାର ଆଇନଜୀବୀଙ୍କୁ ଧରିପାରୁନି ପୋଲିସ

ବ୍ରହ୍ମପୁର,୧୫।୨(ସୁବାସ ଚନ୍ଦ୍ର ପାଢ଼ୀ)

ଗତ ବର୍ଷ ଫେବୃଆରୀ ମାସରେ ଭକ୍ତ ଭେଷରେ ବିଭିନ୍ନ ମନ୍ଦିରରୁ ମହିଳାଙ୍କ ବେକରୁ ସୁନା ହାର ଲୁଟ୍ ହୋଇଥିଲା। ପୋଲିସ ଏହି ଘଟଣାରେ କଟକରୁ ଆନ୍ତଃଜିଲା ଲୁଟେରା ଗ୍ୟାଙ୍ଗ ଧରିଥିଲା। ଗ୍ୟାଙ୍ଗରେ ଥିବା ୬ ମହିଳା ସମେତ ୭ ଜଣଙ୍କୁ ଗିରଫ କରିବା ସହ ଲୁଟ ସୁନା ଅଳଙ୍କାର ଓ କାର ଜବତ କରିଥିଲା। ମାମଲା ନଂ୬୭/୨୫ ରେ ସେମାନଙ୍କୁ କୋର୍ଟ ଚାଲାଣ କରିଥିଲା। ଏହି ଗ୍ୟାଙ୍ଗରେ ମାଷ୍ଟେରମାଇଣ୍ଡ ଜଣେ ଆଇନଜୀବୀ ଥିଲେ। ପୋଲିସ ତାଙ୍କ ମା' କଟକ ଯୋବ୍ରା ଅଞ୍ଚଳର ଯମୁନା ବେହେରାଙ୍କୁ ଗିରଫ କରିଥିଲା। ହେଲେ ତାଙ୍କ ପୁଅ ଜଣେ ଆଇନଜୀବୀ ଥିବା ବେଳେ ସେ ଏଯାବତ ଧରାପଡିନଥିବା ପୋଲିସ କହିଛି। ଅଭିଯୁକ୍ତ ତଥା ଆଇନଜୀବୀଙ୍କୁ ଫେରାର ଦର୍ଶାଇ ପୋଲିସ କୋର୍ଟରେ ଉକ୍ତ ମାମଲାର ଚାର୍ଜସିଟ ଦାଖଲ କରିଛି। ଗତବର୍ଷ ଫେବୃଆରୀ ମାସରେ ବଡ ଏକାଦଶୀ ଦିନ ବ୍ରହ୍ମପୁର କୋର୍ଟପେଟା ଜଗନ୍ନାଥ ମନ୍ଦିରକୁ ଯାଇଥିବା ଗଜପତିନଗର ଅଞ୍ଚଳର ଜଣେ ମହିଳାଙ୍କ ବେକରୁ ସୁନା ଚେନ ଲୁଟ ହୋଇଥିଲା। ଏ ନେଇ ବୈଦ୍ୟନାଥପୁର ଥାନାରେ ଅଭିଯୋଗ ପରେ ପୋଲିସ ଏକ ମାମଲା ରୁଜୁ କରି ଅଞ୍ଚଳରେ ଲାଗିଥିବା ସିସିଟିଭି ଫୁଟେଜ ଯାଞ୍ଚ କରି କଟକ ଯୋବ୍ରା ନୂଆ ସାହି ଯମୁନା ବେହେରାଙ୍କୁ ଗିରଫ କରିଥିଲା। ଯମୁନାଙ୍କୁ ପଚରାଉଚରା ସହ ତାଙ୍କ ମୋବାଇଲ ଯାଞ୍ଚ ବେଳେ ତାଙ୍କ ପୁଅ ପି. ରାଜା ଏବଂ କାର ଚାଳକ ବିଜୟ ବିଷୟରେ ପୋଲିସ ଜାଣିବାକୁ ପାଇଥିଲା। ବିଜୟଙ୍କୁ କଟକରୁ କାବୁ କରି ପଚରାଉଚରା ପରେ ଏହି ଗ୍ୟାଙ୍ଗର ସମସ୍ତ ସଦସ୍ୟ ବିଷୟରେ ଜଣାପଡିଥିଲା। ଏହି ଗ୍ୟାଙ୍ଗର ସଦସ୍ୟମାନେ ବ୍ରହ୍ମପୁର ସମେତ ଭୁବନେଶ୍ୱର, ପୁରୀ, ଢେଙ୍କାନାଳ, ଜଗତସିଂହପୁର, ପାରାଦୀପ, ଖୋର୍ଦ୍ଧା, ଯାଜପୁର, ଭଞ୍ଜନଗର ଭଳି ବିଭିନ୍ନ ସ୍ଥାନରୁ ମହିଳାଙ୍କ ବେକରୁ କୌଶଳକ୍ରମେ ସୁନା ଚେନ ଚୋରି କରୁଥିଲେ ବୋଲି ବ୍ରହ୍ମପୁର ଏସପି ଡା.ସର୍ବଣା ବିବେକ ଏମ. କହିଛନ୍ତି।

# ଧବଳେଶ୍ୱର ଶୈବ ପୀଠରେ ୬ ପ୍ଲାଟୁନ ଫୋର୍ସ


ଶ୍ରଦ୍ଧାଳୁମାନେ ଧାଡିରେ ଦର୍ଶନ କରିବାକୁ ଯାଉଛନ୍ତି।

ବ୍ରହ୍ମପୁର,୧୫।୨(ସୁବାସ ଚନ୍ଦ୍ର ପାଢ଼ୀ)

ଗୋପାଳପୁର ନିକଟସ୍ଥ ଧବଳେଶ୍ୱର ଶୈବ ପୀଠରେ ମହାଶିବରାତ୍ରି ପାଳିତ ହୋଇଛି। ଭୋରୁ ମହାଦେବଙ୍କୁ ଓ ପଞ୍ଚାମୃତ ଓ ବିଭିନ୍ନ ପ୍ରକାର ଫଳ ରଶ,୨୧ ପ୍ରକାର ଚେର ମୂଳିରେ ଅଭିଷେକ,୧୦୮ ଆଳତି, ୧୦୮ ବେଲପତ୍ର ଅର୍ପଣ ପୂଜା ଅର୍ଚ୍ଚନା କରାଯାଇଥିଲା। ପରେ ଦର୍ଶନ ପାଇଁ ଦ୍ୱାର ଖୋଲାଯାଇଥିଲା। ଶ୍ରଦ୍ଧାଳୁମାନେ ପୂଜାର୍ଚ୍ଚନା କରିଥିଲେ। ମନ୍ଦିର କମିଟି ଓ ପୋଲିସ ଉପସ୍ଥିତରେ ଶ୍ରଦ୍ଧାଳୁଙ୍କୁ ଧାଡ଼ିରେ ଛଡାଯାଉଥିଲା। ମଧ୍ୟାହ୍ନରେ ରାଜ ଭୋଗ,ବାଳ ଭୋଗ ଆଦି ପୂଜାର୍ଚ୍ଚନା କରାଯାଇଥିଲା। ପରିବହନ ମନ୍ତ୍ରୀ ବିଭୁତି ଭୂଷଣ ଜେନା ଏବଂ ବ୍ରହ୍ମପୁର ଏସ.ପି ଡା.ସର୍ବଣା ବିବେକ ଏମ ମହାଦେବଙ୍କୁ ଦର୍ଶନ କରିବା ସହ ଆଶିଷ ଗ୍ରହଣ କରିଥିଲେ। ଗହଳିକୁ ନଜରରେ ରଖି ଟ୍ରାଫିକ ନିୟନ୍ତ୍ରଣ ଓ ଶାନ୍ତି ଶୃଙ୍ଖଳା ପାଇଁ ୨୫ ଜଣ ଅଫିସର ୬ ପ୍ଲାଟୁନ ଫୋର୍ସ ମୁତୟନ ହୋଇ ବିଭିନ୍ନ ଛକରେ ଯାନବାହାନ ନିୟନ୍ତ୍ରଣ କରିଥିବା ଥାନା ଅଧିକାରୀ ପ୍ରଶାନ୍ତ କୁମାର ମଲ୍ଲିକ କହିଛନ୍ତି। ମନ୍ଦିର କମିଟି ପକ୍ଷରୁ ଶ୍ରଦ୍ଧାଳୁଙ୍କୁ ବିଶୁଦ୍ଧ ପାନୀୟ ଜଳ, ସ୍ୱାସ୍ଥ୍ୟ ସେବା, ଅଗ୍ନିଶମ ବାହିନୀର ବ୍ୟବସ୍ଥା କରାଯାଇଥିଲା। ଉଜାଗର ପାଇଁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ରାତି ୧୨ଟାରେ ମହାଦୀପ ଉଠିବ ବୋଲି କମିଟି ପକ୍ଷରୁ କୁହାଯାଇଥିଲା। ଏଥି ସହ କେତକୀ ପୂଜାର୍ଚ୍ଚନା,ଚୁଡା ଲିଙ୍ଗ ଭରଣ,ଏକ ଲକ୍ଷ ବେଲପତ୍ର ଅର୍ପଣ ଆଦି ନୀତିକାନ୍ତି ଭାବେ ପୂଜାର୍ଚ୍ଚନା କରାଯିବ ବୋଲି ପୂଜାର୍ଚନା ନିରଞ୍ଜନ ରଣା,ସୁବାଷ ରଣା, ଗୌର ରଣା,ଅଶୋକ ରଣା, ଲୋକନାଥ ରଣା,କୁରେଶ ରଣା,ସୁରେଶ ରଣା,ସନ୍ତୋଷ ରଣା,ଗଙ୍ଗା ରଣା ପ୍ରମୁଖ ଉପସ୍ଥିତ ରହି ଦାୟିତ୍ୱ ତୁଲାଇବେ ବୋଲି ଶଙ୍କର ରଣା କହିଛନ୍ତି। ଆଖପାଖ ଅଞ୍ଚଳରୁ ପ୍ରାୟ ୫୦ ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିବା ମନ୍ଦିର କମିଟି ପକ୍ଷରୁ ସୂଚନା ଦେଇଛନ୍ତି।

# ଆଉଟ୍‌ସୋର୍ସିଂ କର୍ମଚାରୀଙ୍କ ଠିକା ସଂସ୍ଥାକୁ ବିରୋଧ

ବ୍ରହ୍ମପୁର,୧୫।୨(ସୁବାସ ଚନ୍ଦ୍ର ପାଢ଼ୀ)

**ମେଡିକାଲ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ**

ରାଜ୍ୟର ବିଭିନ୍ନ ସଂସ୍ଥାରେ ଠିକାସଂସ୍ଥାମାନଙ୍କ ଦ୍ୱାରା ନିଯୁକ୍ତ ଆଉଟସୋର୍ସିଂ କର୍ମଚାରୀମାନେ କାର୍ଯ୍ୟ କରୁଛନ୍ତି। ଦକ୍ଷିଣ ଓଡ଼ିଶାର ପ୍ରମୁଖ ହସପିଟାଲ ମହାରାଜା କୃଷ୍ଣ ଚନ୍ଦ୍ର ଗଜପତି ମେଡିକାଲ ଓ ହସପିଟାଲ ଏଥିରୁ ବାଦ ପଡିନି। ଉକ୍ତ ମେଡିକାଲର ବିଭିନ୍ନ ବିଭାଗରେ ଆଉଟସୋର୍ସିଂ କର୍ମଚାରୀମାନେ କାମ କରୁଛନ୍ତି। ଉକ୍ତ ଠିକାସଂସ୍ଥା ଦ୍ୱାରା କିଭଳି ସେମାନେ ନିର୍ଯାତିତ ହେଉଛନ୍ତି ତାହା ଦର୍ଶାଇଛନ୍ତି। ଏନେଇ ସେମାନେ ମେଡିକାଲ ଅଧିକ୍ଷକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଠିକାସଂସ୍ଥାକୁ ବିରୋଧ କରି ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଉକ୍ତ ଠିକାସଂସ୍ଥା ଦ୍ୱାରା ଅନେକ ଆଟେଣ୍ଡାଣ୍ଟ ନିଯୁକ୍ତ ହୋଇଛନ୍ତି। ସେହି ଘରୋଇ ଠିକା ସଂସ୍ଥା ପକ୍ଷରୁ କର୍ମଚାରୀଙ୍କୁ ଠିକ ସମୟରେ ଦରମା ପ୍ରଦାନ କରାଯାଉନହିଁ। ବର୍ତ୍ତମାନ ଏମକେସିଜି ମେଡ଼ିକାଲ କଲେଜ ଓ ହସ୍ପିଟାଲରେ ପ୍ରାୟ ୩୨୫ ଆଟେଣ୍ଡାଣ୍ଟ କାମ କରୁଛନ୍ତି। ବିଭିନ୍ନ କାର୍ଯ୍ୟାଳୟର ବିଭିନ୍ନ ବିଭାଗରେ ଏମାନେ କାର୍ଯ୍ୟରତ ରହିଛନ୍ତି। ସେମାନଙ୍କ ମଧ୍ୟରୁ


ମେଡିକାଲ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆଟେଣ୍ଡାଣ୍ଟ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

୩୦ଜଣ ଲିଭ ରିଜର୍ଭରେ କାମ କରୁଛନ୍ତି। କିନ୍ତୁ ସଂସ୍ଥା ପକ୍ଷରୁ ସେମାନଙ୍କ ଇପିଏଫ ଓ ଇଏସଆଇ ପ୍ରଦାନ କରାଯାଉନାହିଁ। ଏନେଇ ଅଭିଯୋଗ କଲେ ବି ସୁଫଳ ମିଳୁନାହିଁ। ଦାୟିତ୍ୱରେ ଥିବା ସଂସ୍ଥା କିମ୍ବା ମେଡିକାଲ ପକ୍ଷରୁ କୌଣସି ପଦକ୍ଷେପ ନିଆନଯିବାରୁ ଆଜି ଏଭଳି ପରିସ୍ଥିତି ଦେଖାଦେଇଛି। ଦୀର୍ଘଦିନ ହେଲା ଉକ୍ତ ମେଡିକାଲରେ ଆଉଟ ସୋର୍ସିଂ କର୍ମଚାରୀମାନେ ଏଭଳି ଦାବି କରି ଆସୁଥିଲେ ବି କାହା ଚାପରେ ସେମାନେ ଆଉଟସୋର୍ସିଂ କର୍ମଚାରୀମାନଙ୍କ ଦାବି ପୂରଣ କରୁନାହାନ୍ତି ତାକୁ ନେଇ କର୍ମଚାରୀଙ୍କ ପକ୍ଷରୁ ବାରମ୍ବାର ଆନ୍ଦୋଳନ ହେବାରେ ଲାଗିଛି। ଏହା ଦ୍ୱାରା ବିଭାଗର କାର୍ଯ୍ୟରେ ବାଧା ସୃଷ୍ଟି ହେଉଛି। ପ୍ରାୟ ଘଣ୍ଟାଏ ଧରି କର୍ମଚାରୀମାନେ ବିକ୍ଷୋଭ କରିଥିବା ବେଳେ ମେଡ଼ିକାଲର ଅଧିକାରୀ ଆସି ବୁଝାସୁଝା ପରେ ଆଟେଣ୍ଡାଣ୍ଟ ମାନେ କାର୍ଯ୍ୟରେ ଯୋଗ ଦେଇଥିଲେ।

# ପୋଲିସ ସାମ୍ନାରେ ଅବକାରୀ ବାବୁଙ୍କୁ ମାଡ଼

**ଭାଲେଣ୍ଟାଇନ୍ସ ଡେ'ରେ ରାତିସାରା ବାର୍ ଖୋଲା**

- ନିୟମକୁ ଫୁଁ, ନିଶାରେ ମତୁଆଲା ଯୁବତୀଯୁବକ
- ଜିଲାପାଳଙ୍କ ଅନୁମତିରେ ବାର୍ ସିଲ୍, ମ୍ୟାନେଜର ଗିରଫ





ମ୍ୟାଡ୍‌ମୁଲ୍(ଓଡ଼ି୦୨) ବାର୍‌ରେ ଅବକାରୀ ଅଧିକାରୀମାନେ ଚଢ଼ାଉ କରୁଛନ୍ତି।

ଭୁବନେଶ୍ୱର,୧୫।୨(ତ୍ରିନାଥ ମହାନ୍ତି)

ଭାଲେଣ୍ଟାଇନ୍ସ ଡେ'ରେ ସବୁ ନିୟମ ଓ କଟକଣାକୁ ଫୁଁ କରି ବାର୍‌ରେ ଜମିଥିଲା ରଙ୍ଗିନ ରାତି। ଆଗରେ ଶଟର ପକାଇ ଭିତରେ ମତୁଆଲା ହେଉଥିଲେ ପୁରୁଷ ଓ ମହିଳା। ମଦପିଇ ଝୁମୁଥିଲେ ପ୍ରେମୀଯୁଗଳ। ଖାରବେଳନଗର ଥାନା ଶ୍ରୀୟା ଟକିଜ୍ ଛକ ନିକଟରେ ଥିବା ମ୍ୟାଡ୍‌ମୁଲ୍(ଓଡ଼ି୦୨) ବାର୍‌ରେ ଏଭଳି କାର୍ଯ୍ୟକ୍ରମ ସକାଳ ପର୍ଯ୍ୟନ୍ତ ଚାଲିବାର ବ୍ୟବସ୍ଥା କରାଯାଇଥିଲା। ହେଲେ ଅଧା ରାତିରେ ସବୁ ବିଗାଡ଼ି ଦେଇଥିଲେ ଅବକାରୀ ଅଧିକାରୀ। କୌଣସି ସୂତ୍ରରୁ ଖବର ପାଇ ଅବକାରୀ ବିଭାଗ ସୁପରିଣ୍ଟେଣ୍ଡେଣ୍ଟ ଦେବାଶିଷ ପଟେଲ, ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ରାଜଶେଖର ସ୍ୱାଇଁ ଓ ତାଙ୍କ ଟିମ୍ ସେଠାରେ ଚଢ଼ାଉ କରିଥିଲା। ବାର୍ କଡ଼ରେ ଏକାଧିକ ଗାଡ଼ି ପାର୍କିଂ ହୋଇଥିବା ବେଳେ ବାର୍ ବାହାରୁ ଶଟର ପଡ଼ିଥିଲା। ଅବକାରୀ ଅଧିକାରୀ ଶଟର୍ ଖୋଲିବାକୁ କହିଥିଲେ ମଧ୍ୟ କେହି ଖୋଲି ନ ଥିଲେ। ଶେଷରେ ଖାରବେଳନଗର ଥାନା ପୋଲିସ ସହାୟତାରେ ଅବକାରୀ କର୍ମଚାରୀମାନେ ଜବରଦସ୍ତ ଶଟର ଉଠାଇଥିଲେ। ବାର୍ ଭିତରେ ଯାହା ଦେଖିଲେ ଆଶ୍ଚର୍ଯ୍ୟ କଲାଭଳି। ରାତି ପ୍ରାୟ ୧ଟା ୩୦ରେ ଡିଜେ ବଜାଇ ଛାତି ଥରାଇ ଦେଉଥିଲେ ବାର୍ କର୍ତ୍ତୃପକ୍ଷ। ଆଉ ଭିତରେ ରହିଥିଲେ ୧୦୦ରୁ ଅଧିକ ଲୋକ। ସମସ୍ତଙ୍କ ଟେବୁଲରେ ମଦ ବୋତଲ ରହିଥିବା ବେଳେ ଅଧିକାଂଶ ମଦ ପିଇବା ସହ ଖାଉଥିଲେ। ଅବକାରୀ ଅଧିକାରୀ ଓ କର୍ମଚାରୀ ବାର ଭିତରକୁ ପଶି ଭିଡିଓ ରେକର୍ଡିଂ କରିବା ସମୟରେ ବାର୍ ମ୍ୟାନେଜର ଅଭିନାଶ ସାହୁ ଏବଂ ତାଙ୍କ କର୍ମଚାରୀ ଅବକାରୀ ବିଭାଗ ସହ ମୁହାଁମୁହିଁ ହୋଇଥିଲେ। ଗ୍ରାହକଙ୍କୁ ଅଟକାଇବାକୁ ତମେ କିଏ ବୋଲି ବାରମ୍ବାର ପ୍ରଶ୍ନ କରୁଥିଲେ। ଅବକାରୀ ଅଧିକାରୀ ନିଜ ପରିଚୟପତ୍ର ଦେଖାଇଥିଲେ ମଧ୍ୟ ସେମାନେ ଶୁଣି ନ ଥିଲେ। ଉତ୍ତ୍ୟକ୍ତ ହୋଇ ଅବକାରୀ ଅଧିକାରୀଙ୍କୁ ଆକ୍ରମଣ କରିଥିଲେ। ପୋଲିସ ଉପସ୍ଥିତିରେ ଏହି ଘଟଣା ଘଟିଥିବାବେଳେ ଏଥିରେ ଜଣେ ଅବକାରୀ କର୍ମଚାରୀ ଆହତ ହୋଇଛନ୍ତି। ଏହାକୁ ନେଇ ଖାରବେଳ ନଗର ଥାନାରେ ଅବକାରୀ ବିଭାଗର ସୁପରିଣ୍ଟେଣ୍ଡେଣ୍ଟ ଦେବାଶିଷ ପଟେଲ ଏତଲା ଦେଇଛନ୍ତି। ପୋଲିସ ମାମଲା ରୁଜୁ କରି ବାର୍ ମ୍ୟାନେଜର ଅଭିନାଶଙ୍କୁ ଗିରଫ କରିଛି। ଅନ୍ୟପକ୍ଷରେ ସାକଲେ ଜିଲାପାଳଙ୍କ ଅନୁମତିକ୍ରମେ ଉକ୍ତ ବାର୍‌କୁ ଅବକାରୀ ବିଭାଗ ସିଲ୍ କରିଛି। ଏ ସମ୍ପର୍କରେ ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ରାଜଶେଖର କହିଛନ୍ତି, ଏଥର ନିୟମିତ ଭାବେ ରାତିରେ ଚଢ଼ାଉ କରାଯିବ। ଯେଉଁ ବାର୍‌ଗୁଡ଼ିକ ନିୟମ ଉଲ୍ଲଂଘନ କରୁଛନ୍ତି ଓ ଆଗରେ ଶଟର ପକାଇ ଭିତରେ ଖୋଲା ରଖୁଛନ୍ତି, ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ହେବ।

## ମାସିକିଆ ଚାନ୍ଦା ମିଳିଲେ ଭିତିରି ଅନୁମତି

ଶନିବାର ରାତିରେ ଅବକାରୀ ବିଭାଗର କର୍ମଚାରୀଙ୍କୁ ମାଡ଼ ଘଟଣା ନୂଆ ନୁହେଁ, ପୂର୍ବରୁ ମଧ୍ୟ କଟକ ରୋଡ୍‌ରେ ଥିବା ଏକ ବାର୍‌ରେ ଅବକାରୀ ବିଭାଗର ଚଢ଼ାଉ ସମୟରେ ଜଣେ ମହିଳା ଅଧିକାରୀଙ୍କୁ ବାର୍ ମାଲିକ ଖରାପ ବ୍ୟବହାର କରିବା ସହ ଆକ୍ରମଣ କରିଥିଲେ। ଏହାକୁନେଇ ବାର୍ ମାଲିକ ଏବଂ କର୍ମଚାରୀଙ୍କ ସହ ଅବକାରୀ ବିଭାଗର ମୁହାଁମୁହିଁ ହୋଇଥିଲା। ଏନେଇ ଲକ୍ଷ୍ମୀସାଗର ଥାନାରେ ମାମଲା ପରେ ବାର୍ ମାଲିକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିଲା। ସେହିପରି ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳରେ ବିଳମ୍ବିତ ରାତି ପର୍ଯ୍ୟନ୍ତ ବାର୍ ଖୋଲା ରହି ମଦ ଆସର ଜମୁଥିଲା। ଅବକାରୀ ଟିମ୍ ଚଢ଼ାଉବେଳେ ବାଉନ୍ସରମାନେ ନିସ୍ତୁକ ମାଡ଼ ମାରିଥିଲେ। ରାଜଧାନୀରେ ଏଭଳି ଏକାଧିକ ବାର୍‌ରେ ଅବକାରୀ କର୍ମଚାରୀଙ୍କୁ ଆକ୍ରମଣ କରାଯାଉଛି, ହେଲେ କୌଣସି ବାର୍ ମାଲିକଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବାରୁ ବାର୍‌ଗୁଡ଼ିକର ନିୟମ ଉଲ୍ଲଂଘନ ନିତିଦିନିଆ ହୋଇଯାଇଛି। ପୋଲିସ ଓ ଅବକାରୀ ବିଭାଗର କେତେଜଣ ଅଧିକାରୀ ବାର୍‌ଠାରୁ ମାସିକିଆ ଚାନ୍ଦା ନେଇ ଭିତିରି ଅନୁମତି ଦେଉଥିବା ମଧ୍ୟ ଅଭିଯୋଗ ହେଉଛି।

## ବାର୍‌ରେ ବିକ୍ରି ହେଉଛି ନକଲି, ଏକ୍ସପାଏରି ମଦ

ମଦ ଦୋକାନ ଅପେକ୍ଷା ବାର୍ ଆଉ ପପ୍‌ରେ ଏକ୍ସପାଏରି ଡେଟ୍‌ର ମଦ ବିକ୍ରି କରାଯାଉଥିବା ଅଭିଯୋଗ ହେଉଛି। ଏଠାରେ ଲୋକେ ମଦପିଇବା ସମୟରେ ଏକ୍ସପାଏରି ଡେଟ୍ ଦେଖନ୍ତି ନାହିଁ। ବିଶେଷକରି ଲୋକେ ନିଶାରେ ଚୂର୍ ରହୁଥିବା ସମୟରେ ବାର୍ କର୍ମଚାରୀମାନେ ଏକ୍ସପାଏରି ଡେଟ୍ ନ ଥିବା ବା ନକଲି ମଦ ଧରାଇ ଦେଉଛନ୍ତି। ତେଣୁ ଅବକାରୀ ବିଭାଗ ନିୟମିତ ଚଢ଼ାଉ କରି ଏକ୍ସପାଏରି ଓ ନକଲି ମଦ ଯାଞ୍ଚ କରିବା ଆବଶ୍ୟକ ବୋଲି ଦାବି ହେଉଛି। ନଚେତ ଆଗାମୀ ଦିନରେ ମଦ ମୃତ୍ୟୁ ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନ ପାରେ।

# ଗିରଫ ଜୟଦୁର୍ଗା ଫାଉଣ୍ଡେଶନ ଟ୍ରଷ୍ଟ ଅଧ୍ୟକ୍ଷାଙ୍କ ଠକେଇ ଗୁମର ଫିଟୁଛି

ହାଟଡିହୀ,୧୫।୨(ଶୁଭକାନ୍ତ ନାୟକ)

୨୨ଲକ୍ଷ ଟଙ୍କା ଠକେଇ ମାମଲାରେ ଜୟଦୁର୍ଗା ଫାଉଣ୍ଡେଶନ ଟ୍ରଷ୍ଟ ଅଧ୍ୟକ୍ଷା ସୁରେଶ୍ୱରୀ ସାଗରୀକା ଜେନା ଗତ ଶନିବାର ଗିରଫ ହେବା ପରେ ତାଙ୍କର ଠକେଇ ଗୁମର ଫିଟୁଛି । କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ନନ୍ଦିପଦା ଥାନା ଅନ୍ତର୍ଗତ ଜଳକଳଙ୍ଗ ଗ୍ରାମର ସୁରେଶ୍ୱରୀ ସାଗରୀକାଙ୍କୁ ଖଣ୍ଡଗିରି ପୋଲିସ ସ୍ଥାନୀୟ ପୋଲିସ ସହାୟତାରେ ଗିରଫ କରିଛି । ତେବେ ଗିରଫ ପରେ ସୁରେଶ୍ୱରୀଙ୍କ ନାମରେ ନନ୍ଦିପଦା ଥାନାରେ ଆଉ ଏକ ଠକେଇ ମାମଲା (ନଂ ୧୦୬/୨୦୨୫) ମଧ୍ୟ ରହିଥିବା ଜଣାପଡିଛି । ମାମଲାରୁ ଜଣାଯାଇଛି ଯେ, ହାଟଡିହୀ ବ୍ଲକ୍ ଅନ୍ତର୍ଗତ ସୁଲଣ ଗ୍ରାମର ସୁଶାନ୍ତ ରାଉତଙ୍କ ସ୍ତ୍ରୀଙ୍କୁ ଚାକିରୀ ଦେବାକୁ କହି ସୁରେଶ୍ୱରୀ ୧୫ ଲକ୍ଷ ଟଙ୍କା ଠକେଇ କରିଥିଲେ। ଏହି ମାମଲାରେ ତାଙ୍କ ନାମରେ ଚାର୍ଜଶିଟ କୋର୍ଟରେ ଦାଖଲ ହୋଇଥିବା ନନ୍ଦିପଦା ଥାନା ପୋଲିସ ପ୍ରକାଶ କରିଛି।

ସୁରେଶରୀ ଜୟଦୁର୍ଗା ଫାଉଣ୍ଡେଶନ ନାମରେ ଏକ ସଂସ୍ଥା ଗଠନ କରି ସାମାଜିକ କର୍ମୀ ଭାବେ ଚର୍ଚ୍ଚାରେ ଥିଲେ। ସୂଚନା ଯୋଗ୍ୟ, ଚାକିରୀ ଦେବାକୁ କହି ସୁରେଶ୍ୱରୀ ୨୨ଲକ୍ଷ ଟଙ୍କା ଠକେଇ କରିଥିବା ଭୁବନେଶ୍ୱରସ୍ଥିତ ଖଣ୍ଡଗିରି ଥାନାରେ ମାମଲା (ନଂ ୪୬୫/୨୦୨୫) ରୁଜୁ ହୋଇଥିଲା। ତେବେ ଗିରଫରୁ ବର୍ତ୍ତିବା ପାଇଁ ସୁରେଶ୍ୱରୀ ପ୍ରଥମେ ୧୭ ଜୁଲାଇ ୨୦୨୫ରେ ଓଡିଶା ହାଇକୋର୍ଟଙ୍କ ନିକଟରେ ଆଗୁଆ ଜାମିନ ଆବେଦନ(ନଂ ୮୪୭୮/୨୦୨୫) କରିଥିଲେ। ଅପରପକ୍ଷେ ୧୦ ଡିସେମ୍ବର ୨୦୨୫ରେ ହାଇକୋର୍ଟ ସୁରେଶ୍ୱରୀଙ୍କୁ ଜାମିନ ପାଇଁ ଭୁବନେଶ୍ୱର ଜେଏମଏଫ୍‌ସି-ଭି କୋର୍ଟରେ ସରେଣ୍ଡର କରିବା ଲାଗି ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ୨୦ ଜାନୁୟାରୀ ୨୦୨୬ରେ ସୁରେଶ୍ୱରୀ ହାଇକୋର୍ଟଙ୍କଠାରେ ଜାମିନ ସମ୍ପର୍କିତ ଆଉ ଏକ ଦରଖାସ୍ତ କରିଥିଲେ। ୨୯ ଜାନୁୟାରୀ ୨୦୨୬ରେ ଶୁଣାଣି ହୋଇ ଉକ୍ତ ଦରଖାସ୍ତକୁ ହାଇକୋର୍ଟ ଖାରଜ କରିଦେଇଥିଲେ। ତେବେ ଜାମିନ ନିମନ୍ତେ ଦିତୀୟ ଥର ପାଇଁ ସୁରେଶ୍ୱରୀ ୩୦ ଜାନୁୟାରୀ ୨୦୨୬ରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଏହି ଜାମିନ ଆବେଦନ(ନଂ ୧୬୬୪/୨୦୨୬)ର ଶୁଣାଣି ହୋଇନାହିଁ। ପୁନଶ୍ଚ ଏହି ମାମଲାରୁ ଆଶ୍ୱସ୍ତି ପାଇବା ପାଇଁ ସୁରେଶ୍ୱରୀ ପୂର୍ବରୁ ହାଇକୋର୍ଟଙ୍କ ଠାରେ ଏକ ଆବେଦନ (ସିଆର୍‌ଏଲ୍‌ଏମ୍‌ସି-ନଂ ୫୪୧୨/୨୦୨୫) କରିଥିଲେ। ଏହି ମାମଲାର ଶୁଣାଣି କରି ହାଇକୋର୍ଟ ଗତ ୧୮ ଡିସେମ୍ବର ୨୦୨୫ ରେ ଅପର ପକ୍ଷଙ୍କୁ ନୋଟିସ ଜାରି ପାଇଁ ନିର୍ଦ୍ଦେଶ ଦେଇଥିଲେ। ଯାହାକି ଏବେ ବିଚାରାଧୀନ ରହିଛି।

# ନାବାଳିକାଙ୍କୁ ବଳାତ୍କାର ଅଭିଯୋଗ

ବଅଁରପାଳ,୧୫।୨(ସୁବାସ ଚନ୍ଦ୍ର ସାହୁ)

ଅନୁଗୋଳ ଜିଲା ଜଗନ୍ନାଥପୁର ଗ୍ରାମର ଜଣେ ୧୩ ବର୍ଷୀୟ ନାବାଳିକାଙ୍କୁ ରବିବାର ତାଙ୍କର ସମ୍ପର୍କୀୟ ମଉସା ବଳାତ୍କାର କରିଥିବାନେଇ ପୀଡ଼ିତାଙ୍କ ମା' ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ କହିବାନୁଯାୟୀ, କୋଲିଅରି ଥାନା ଅନ୍ତର୍ଗତ ଜଗନ୍ନାଥପୁର ଗ୍ରାମର ଜଣେ ବିଧବା ବଅଁରପାଳ ଥାନା ଅନ୍ତର୍ଗତ ଟେଷ୍ଟଲୋଇ ଗ୍ରାମର ଜଣେ ବ୍ୟକ୍ତିଙ୍କ ଘରେ ୫ ମାସ ହେବ ନିଜର ୨ ନାବାଳିକା ଝିଅଙ୍କୁ ନେଇ ରହୁଛନ୍ତି। ମହିଳା ଜଣଙ୍କ ଦିନ ମଜୁରିଆ ହୋଇଥିବାରୁ କାମ କରିବାକୁ ବାହାଳ ସାହିର ଜଣେ ବ୍ୟକ୍ତିଙ୍କ ଘରକୁ ଯାଇଥିଲେ। ସକାଳେ ଝିଅ କାନ୍ଦୁଥିବା ଜଣେ ବ୍ୟକ୍ତିଙ୍କ ଠାରୁ ଖବରପାଇ ପୀଡ଼ିତାଙ୍କ ମା' ଘରକୁ ଆସିଥିଲେ। ଘଟଣା ସମ୍ପର୍କରେ ଝିଅଙ୍କୁ ପଚାରିବାରୁ ସେ ତାଙ୍କ ସମ୍ପର୍କୀୟ ମଉସା ପୀତବାସ ନାଏକ ବଳାତ୍କାର କରିଥିବା କହିଥିଲେ।

# ଦୁର୍ଘଟଣାଗ୍ରସ୍ତ କାରରୁ ବ୍ରାଉନ୍‌ସୁଗାର ଜବତ, ୩ ଗିରଫ

ଢେଙ୍କିକୋଟ/ଘଟଗାଁ,୧୫।୨(ନୀଳମଣି ମଣ୍ଡଳ/ରାଜେନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ଢେଙ୍କିକୋଟ ବିଟ୍ ହାଉସ ପୋଲିସ ଜାତୀୟ ରାଜପଥ ୨୦ ନଂ. କଟରାବେଢ଼ାଠାରେ ଥିବା ପେଟ୍ରୋଲ ପମ୍ପ ନିକଟରେ ଦୁର୍ଘଘଟଣାଗ୍ରସ୍ତ କାରରୁ ୮୭ ଗ୍ରାମ୍ ବ୍ରାଉନସୁଗାର ଜବତ କରିଛି। ଘଟଣାରେ ୩ ଜଣଙ୍କୁ ଗିରଫ କରି ତଦନ୍ତ କରୁଛି। ଗିରଫ ଅଭିଯୁକ୍ତ କେନ୍ଦୁଝର ପୁରୁଣା ବଜାର ବଡ଼ଦାଣ୍ଡର ରାକେଶ ସାହୁ(୨୯), ଡିଡି କଲେଜ ରୋଡ଼ ବଣିଆପାଟର ଅବନି ସାହୁ(୪୩), ଜଗନ୍ନାଥପୁରର ସଞ୍ଜୟ ଜେନା(୪୭)।

ସୂଚନା ଅନୁଯାୟୀ, ଅଭିଯୁକ୍ତମାନେ ଶନିବାର ଅପରାହ୍ନରେ କଟରାବେଢ଼ାଠାରେ ଥିବା ପେଟ୍ରୋଲ ପମ୍ପରେ କାର(ନଂ. ଓଡି ୧୫ ଏ ୮୮୮୦)ରେ ତେଲ ପକାଇଥିଲେ। ତେଲ ପକାଇ କାରଟି ଜାତୀୟ ରାଜପଥକୁ ବାହାରିବା ସମୟରେ ରାସ୍ତା ଉପରେ ଥିବା ଡିଭାଇଡରକୁ ଧକ୍କା ଦେଇଥିଲା। ଦୁର୍ଘଟଣାରେ କାରର ଆଗ ଚକଟି ବାହାରି ପଳାଇଥିଲା। ଫଳରେ କାର ସେଠାରେ ରହିଥିଲା। କାରରେ ୩ ଜଣ ଯୁବକ ଥିବା ବେଳେ ସେମାନେ ନିଶାସକ୍ତ ଥିବା ଜାଣି ଲୋକେ ପୋଲିସକୁ ଖବର ଦେଇଥିଲେ। ଘଟଗାଁ ଆଇଆଇସି ଶୁଭ୍ରାନ୍ତ କୁମାର ଜେନାଙ୍କ ନିର୍ଦ୍ଦେଶକ୍ରମେ ଥାନା ସବଇନ୍ସପେକ୍ଟର ଗାଙ୍ଗିଆ ଲାକ୍ରା, ସବ୍‌ଇନ୍ସପେକ୍ଟର ପ୍ରଶାନ୍ତ ବେହେରା, ଢେଙ୍କିକୋଟ ପୋଲିସ ବିଟ୍ ହାଉସ ଅଧିକାରୀ ତ୍ରିନାଥ ନାୟକ ସଦଳବଳ ପହଞ୍ଚି କାର ଜବତ କରିବା ସହ ୩ ଜଣଙ୍କୁ ଅଟକ ରଖି ପଚରାଉଚରା କରିଥିଲେ। ପୃଥକ ଭାବେ ରାକେଶଙ୍କ ନିକଟରୁ ୨୫ ଗ୍ରାମ୍, ଅବନିଙ୍କ ନିକଟରୁ ୩୦ ଗ୍ରାମ୍ ଓ ସଞ୍ଜୟଙ୍କଠାରୁ ୩୨ ଗ୍ରାମ୍ ବ୍ରାଉନସୁଗାର ମିଳିଥିଲା। ପଚରାଉଚରା ସମୟରେ ସେମାନେ ବ୍ରାଉନ୍‌ସୁଗାର ନେଇ ଭଦ୍ରକ ଟାଉନ୍‌କୁ ଯାଉଥିବା କହିଥିଲେ। ଘଟଗାଁ ଥାନାରେ ଏକ ମାମଲା (ନଂ. ୬୮/୨୬) ରୁଜୁକରି ରବିବାର ସମସ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା ଆଇଆଇସି ଶୁଭ୍ରାନ୍ତ ଜେନା ପ୍ରକାଶ କରିଛନ୍ତି।

## Business

# ଖୋର୍ଦ୍ଧା ରୋଡ୍-ବଲାଙ୍ଗୀର ରେଳପଥ ନିର୍ମାଣରେ ଅଗ୍ରଗତି

**ଟନେଲ ୭ରେ ଆଧୁନିକ ସୁରକ୍ଷା ପ୍ରଣାଳୀ ସ୍ଥାପନ**

ଭୁବନେଶ୍ୱର,୧୫।୨(ଅନୁରାଧା ମହାରଣା)



ଖୋର୍ଦ୍ଧା ରୋଡ-ବଲାଙ୍ଗୀର ରେଳ ଲାଇନ ପ୍ରକଳ୍ପର ସୁଡ଼ଙ୍ଗ ନମ୍ବର ୭ରେ ପୂର୍ବତଟ ରେଳପଥ ପକ୍ଷରୁ ବ୍ୟାପକ, ଅତ୍ୟାଧୁନିକ ସୁରକ୍ଷା ଏବଂ ଜରୁରିକାଳୀନ ପରିଚାଳନା ବ୍ୟବସ୍ଥା ସ୍ଥାପନ ସମ୍ପୂର୍ଣ୍ଣ କରିଛି। ବୌଦ୍ଧ ଜିଲାର ପୁରୁଣାକଟକ ଓ ଚାରିଛକ ମଧ୍ୟରେ ଅବସ୍ଥିତ ୧,୯୭୫ ମିଟର ଲମ୍ବା ଟନେଲ ୭ରେ ସମ୍ପ୍ରତି ସଫଳ ଟନେଲ ବ୍ରେକଥ୍ରୁ ସହିତ ନିର୍ମାଣ କାର୍ଯ୍ୟର ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ହାସଲ କରାଯାଇଛି। ଉପକୂଳ ଓଡ଼ିଶା ଏବଂ ରାଜ୍ୟର ପଶ୍ଚିମ ଏବଂ କେନ୍ଦ୍ରୀୟ ଅଞ୍ଚଳ ମଧ୍ୟରେ ଦୀର୍ଘକାଳୀନ ସଂଯୋଗୀକରଣ ବ୍ୟବଧାନକୁ ପୂରଣ କରିବାରେ ଟନେଲ-୭ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବ। ଏହା କାର୍ଯ୍ୟକ୍ଷମ ହେବା ପରେ ଏହି ପ୍ରକଳ୍ପ ଦ୍ରୁତ, ସୁରକ୍ଷିତ ଏବଂ ଅଧିକ ଦକ୍ଷ ରେଳ ସଂଯୋଗ ପ୍ରଦାନ କରିବ, ଯାତ୍ରୀଙ୍କ ସୁଗମ ପରିବହନ ଏବଂ ଅତ୍ୟାବଶ୍ୟକ ସାମଗ୍ରୀର ପରିବହନକୁ ସହଜ କରିବ। ସୂଚନା ଥାଉକି, ସୁଡ଼ଙ୍ଗରେ ଉନ୍ନତ ଯାନ୍ତ୍ରିକ, ବୈଦ୍ୟୁତିକ ଏବଂ ପ୍ଲମ୍ବିଂ ସିଷ୍ଟମ ଯୋଗାଇ ଦିଆଯାଇଛି। ଜରୁରିକାଳୀନ ପରିସ୍ଥିତିରେ ବାୟୁ ଗୁଣବତ୍ତା ବଜାୟ ରଖିବା ଏବଂ ଧୂଆଁର ଗତିବିଧିକୁ ପ୍ରଭାବଶାଳୀ ଭାବରେ ନିୟନ୍ତ୍ରଣ କରିବା ପାଇଁ ଜେଟ ଫ୍ୟାନ ରହିଛି। ହାଇଡ୍ରାଣ୍ଟ ଲାଇନ, ହୋସ ରିଲ ଏବଂ ରଣନୀତିକ ଭାବରେ ରଖାଯାଇଥିବା ଅଗ୍ନି ନିର୍ବାପକ ଯନ୍ତ୍ର ସମେତ ବ୍ୟାପକ ଅଗ୍ନି ନିର୍ବାପନ ବ୍ୟବସ୍ଥା ସ୍ଥାପନ କରାଯାଇଛି। ବିଦ୍ୟୁତ୍ ବ୍ୟାକଅପ ସହିତ ସୁଡ଼ଙ୍ଗ ଆଲୋକୀକରଣ ଏବଂ ସ୍ୱୟଂଚାଳିତ ଜରୁରିକାଳୀନ ଆଲୋକୀକରଣ ବ୍ୟବସ୍ଥା, ବିଦ୍ୟୁତ୍ ବିଫଳତା କିମ୍ବା ଜରୁରିକାଳୀନ ପରିସ୍ଥିତିରେ ଯାତ୍ରୀମାନଙ୍କୁ ସୁରକ୍ଷିତ ଭାବରେ ମାର୍ଗଦର୍ଶନ କରିବା ପାଇଁ ଆଲୋକିତ ପ୍ରସ୍ଥାନ ଏବଂ ଦିଗ ସୂଚକ ସାଇନେଜର ବ୍ୟବସ୍ଥା ରହିଛି। ଯାତ୍ରୀମାନଙ୍କ ସହିତ ବାସ୍ତବ ସମୟ ଯୋଗାଯୋଗ ସୁନିଶ୍ଚିତ କରିବା ଏବଂ ସୁଡ଼ଙ୍ଗର ସ୍ଥିତି ଉପରେ ନିରନ୍ତର ନିରୀକ୍ଷଣ ମାଧ୍ୟମରେ କୌଣସି ଅସ୍ୱାଭାବିକ ପରିସ୍ଥିତିକୁ ପୂର୍ବରୁ ଚିହ୍ନଟ କରିବା ପାଇଁ ପବ୍ଲିକ ଆଡ୍ରେସ (ପିଏ) ଓ ସିସିଟିଭି ନିରୀକ୍ଷଣ ପ୍ରଣାଳୀ ସ୍ଥାପିତ କରାଯାଇଛି। ମୋବାଇଲ ନେଟୱର୍କ ସଂଯୋଗ ସୀମିତ ଥିବା ଅଞ୍ଚଳଗୁଡ଼ିକରେ ବିଶେଷକରି, ଟନେଲ ଭିତରୁ ଯାତ୍ରୀମାନେ ସିଧାସଳଖ କଣ୍ଟ୍ରୋଲ ରୁମ ସହିତ ସମ୍ପର୍କ ସ୍ଥାପନ କରିପାରିବାକୁ ଏସ୍‌ଓଏସ୍ ଜରୁରିକାଳୀନ କଲିଂ ପ୍ରଣାଳୀ ସ୍ଥାପନ କରାଯାଇଛି ନିରନ୍ତର ତାପମାତ୍ରା ନିରୀକ୍ଷଣ ପାଇଁ ଲିନିୟର୍ ହିଟ ଡିଟେକ୍ସନ ସିଷ୍ଟମ, ଯାହା ଆଗୁଆ ଅଗ୍ନି ସଂଯୋଗ ସ୍ଥାନକୁ ଚିହ୍ନଟ କରିବା ସହିତ ତ୍ୱରିତ ପ୍ରତିକ୍ରିୟା ସୁନିଶ୍ଚିତ କରିବ। ଭାରତୀୟ ରେଳପଥ ସୁରକ୍ଷା, ସ୍ଥିରତା ଏବଂ ଦୀର୍ଘକାଳୀନ କାର୍ଯ୍ୟଦକ୍ଷତା ବୃଦ୍ଧି କରିବା ପାଇଁ ସୁଡ଼ଙ୍ଗ ଅଂଶଗୁଡ଼ିକରେ ଉନ୍ନତ ବାଲାଷ୍ଟଲେସ (ସ୍ଲାବ) ଟ୍ରାକ ପ୍ରଯୁକ୍ତିବିଦ୍ୟା ଗ୍ରହଣ କରିଛି। ସ୍ଥାପିତ ସମସ୍ତ ସିଷ୍ଟମକୁ ଠିକ ସଂସ୍ଥାପନ ଏବଂ ସଂଯୋଜନ ପାଇଁ ପୁଙ୍ଖାନୁପୁଙ୍ଖ ଯାଞ୍ଚ କରାଯାଇଛି। କାର୍ଯ୍ୟକ୍ଷମ ପରୀକ୍ଷଣ ଚାଲିଛି ଏବଂ ପର୍ଯ୍ୟାୟକ୍ରମେ କାର୍ଯ୍ୟକ୍ଷମ କରାଯିବ, ଯେକୌଣସି ପର୍ଯ୍ୟବେକ୍ଷଣକୁ ତୁରନ୍ତ ସମାଧାନ କରାଯିବ।

# ନାଲକୋ, ଏନ୍‌ଏଲ୍‌ସିଆଇଏଲ୍ ମଧ୍ୟରେ ଶକ୍ତି ସହଯୋଗ ପାଇଁ ବୁଝାମଣା



ଭୁବନେଶ୍ୱର,୧୫।୨(ଅନୁରାଧା ମହାରଣା)

ଭାରତ ସରକାରଙ୍କ ଖଣି ମନ୍ତ୍ରଣାଳୟ ଅଧୀନରେ ଥିବା ନବରତ୍ନ କେନ୍ଦ୍ରୀୟ ସରକାରୀ ଉଦ୍ୟୋଗ ନ୍ୟାଶନାଲ ଆଲୁମିନିୟମ କମ୍ପାନୀ ଲିମିଟେଡ (ନାଲ୍‌କୋ) ଏବଂ ଏନ୍‌ଏଲ୍‌ସି ଇଣ୍ଡିଆ ଲିମିଟେଡ (ଏନ୍‌ଏଲ୍‌ସିଆଇଏଲ୍) ମଧ୍ୟରେ ଏକ ବୁଝାମଣାପତ୍ର (ଏମ୍‌ଓୟୁ) ସ୍ୱାକ୍ଷର ହୋଇଛି। ଏହି ବୁଝାମଣା ନାଲ୍‌କୋର ୧୦୮୦ ମେଗାୱାଟ ଥର୍ମାଲ କ୍ୟାପଟିଭ ପାୱାର୍ ପ୍ରୋଜେକ୍ଟ ଏବଂ ନବୀକରଣଯୋଗ୍ୟ ଶକ୍ତି ବିକାଶ କ୍ଷେତ୍ରରେ ସହଯୋଗକୁ ଆହୁରି ମଜଭୁତ କରିବା ଉଦ୍ଦେଶ୍ୟରେ ହୋଇଛି। ଏହି ଏମଓୟୁ ତାମିଲନାଡୁର ମହାବଲିପୁରମରେ ସ୍ୱାକ୍ଷର ହୋଇଥିଲା। ନାଲକୋର ଡାଇରେକ୍ଟର (ପ୍ରୋଜେକ୍ଟସ୍ ଆଣ୍ଡ ଟେକ୍ନିକାଲ) ଜଗଦୀଶ ଆରୋରା ଏବଂ ଏନ୍‌ଏଲ୍‌ସିଆଇଏଲ୍‌ର ଚେୟାରମ୍ୟାନ କମ୍ ମ୍ୟାନେଜିଂ ଡାଇରେକ୍ଟର ପ୍ରସନ୍ନ କୁମାର ମୋଟୁପଲ୍ଲୀ ଏବଂ ଏନ୍‌ଏଲ୍‌ସିଆଇଏଲ୍‌ର ଅନ୍ୟ ଡାଇରେକ୍ଟରମାନଙ୍କ ଉପସ୍ଥିତିରେ ଏହି ସ୍ୱାକ୍ଷର ସମାରୋହ ଅନୁଷ୍ଠିତ ହୋଇଥିଲା। ଏହି ବୁଝାମଣା ନାଲକୋର କ୍ୟାପଟିଭ ଏବଂ ଦୀର୍ଘକାଳୀନ ବିଦ୍ୟୁତ୍ ଆବଶ୍ୟକତାକୁ ସମର୍ଥନ କରିବା ସହିତ ସ୍ଥାୟୀ ଶକ୍ତି ସମାଧାନ ଉପରେ ଗୁରୁତ୍ୱ ଦେବ। ଏହା ଦୀର୍ଘକାଳୀନ ବିଦ୍ୟୁତ୍ ସମ୍ପର୍କ ଏବଂ କୋଇଲା ଯୋଗାଣ ବ୍ୟବସ୍ଥା ପାଇଁ ଏକ ସୁଗଠିତ ଢାଞ୍ଚା ପ୍ରଦାନ କରିବ। ଭବିଷ୍ୟତରେ ଯୌଥ ପ୍ରୋଜେକ୍ଟ ବିକାଶ ମଧ୍ୟ ଏହି ଭାଗୀଦାରିରେ ଅନ୍ତର୍ଭୁକ୍ତ ହେବ।

# ୧୯,୬୭୫ କୋଟିର ଏଫ୍‌ପିଆଇ ନିବେଶ

**ଟ୍ରେଡ୍ ଡିଲ୍‌ର ପ୍ରଭାବ**

ନୂଆଦିଲ୍ଲୀ,୧୫।୨(ପି.ଟି.)

ଭାରତ-ଆମେରିକା ବାଣିଜ୍ୟ ଚୁକ୍ତିନାମାର ପ୍ରଭାବ ଏବଂ ବୈଶ୍ୱିକ ସ୍ତରରେ ମାକ୍ରୋ ଅର୍ଥନୀତି ସମ୍ପର୍କିତ ଚିନ୍ତା କମିବା ଫଳରେ ବିଦେଶୀ ପୋର୍ଟଫୋଲିଓ ନିବେଶକ (ଏଫ୍‌ପିଆଇ)ମାନେ ଚଳିତ ମାସର ପ୍ରଥମ ୧୫ ଦିନରେ ଭାରତୀୟ ପୁଞ୍ଜି ବଜାରରେ ୧୯,୬୭୫ କୋଟି ଟଙ୍କା ନିବେଶ କରିଛନ୍ତି। ଏହା ପୂର୍ବରୁ କ୍ରମାଗତ ୩ ମାସ ଧରି ଏଫ୍‌ପିଆଇମାନେ ଭାରତୀୟ ଶେୟାର ବଜାରରୁ ସେମାନଙ୍କ ଅଂଶଧନ ପ୍ରତ୍ୟାହାର କରିଚାଲିଥିଲେ। ଜାନୁଆରୀରେ ସେମାନେ ୩୫,୯୬୨ କୋଟି ଟଙ୍କାର ଶେୟାର ବିକ୍ରି କରିଥିବାବେଳେ ଡିସେମ୍ବରରେ ୨୨,୬୧୧ କୋଟି ଏବଂ ନଭେମ୍ବରରେ ୩,୭୬୫ କୋଟି ଟଙ୍କା ପୁଞ୍ଜି ବଜାରରୁ ପ୍ରତ୍ୟାହାର କରିନେଇଥିଲେ ବୋଲି ଜମାକାରୀ ସଂସ୍ଥାଗୁଡ଼ିକର ତଥ୍ୟରୁ ଜଣାପଡ଼ିଛି। ମୋଟାମୋଟି ଭାବେ ୨୦୨୫ରେ ଭାରତୀୟ ପୁଞ୍ଜିବଜାରରୁ ଏଫ୍‌ପିଆଇମାନେ ମୋଟ ୧.୬୬ ଲକ୍ଷ କୋଟି ଟଙ୍କା (୧୮.୯ ବିଲିୟନ ଡଲାର) ଉଠାଇ ନେଇଥିଲେ, ଯାହାକି ବିଦେଶୀ ନିବେଶ ପାଇଁ ଅନ୍ୟତମ ସବୁଠୁ ଖରାପ ସମୟ ଥିଲା। ଟଙ୍କା ମୂଲ୍ୟରେ ଅସ୍ଥିର ଗତି, ବିଶ୍ୱ ବାଣିଜ୍ୟକୁ ନେଇ ଉତ୍ତେଜନା, ସମ୍ଭାବ୍ୟ ଆମେରିକା ଟାରିଫ୍‌କୁ ନେଇ ଚିନ୍ତା ଏବଂ କମ୍ପାନୀଗୁଡ଼ିକର ଶେୟାର ମୂଲ୍ୟ ତାଙ୍କର ପ୍ରକୃତ ବ୍ୟବସାୟିକ କ୍ଷମତାଠାରୁ ଅଧିକ ହେବା ଆଦି କାରଣରୁ ଅଂଶଧନ ବିକ୍ରି ବଢ଼ିଥିଲା। ତେବେ ବାଣିଜ୍ୟ ଚୁକ୍ତିନାମା ପରେ ଅବସ୍ଥାରେ ପରିବର୍ତ୍ତନ ଆସିଛି। ଫେବୃଆରୀ ୧୩ ତାରିଖ ସୁଦ୍ଧା ଏଫ୍‌ପିଆଇମାନେ ଭାରତୀୟ ଶେୟାର ବଜାରରେ ୧୯,୬୭୫ କୋଟି ଟଙ୍କା ନିବେଶ କରିଛନ୍ତି। ବୈଶ୍ୱିକ ମାକ୍ରୋ ଅର୍ଥନୀତି ଚିନ୍ତା ହ୍ରାସ, ବିଶେଷ କରି ଆମେରିକା ମୁଦ୍ରାସ୍ଫୀତି କମିବା, ସୁଧହାର ପାଇଁ ଏକ ସକାରାତ୍ମକ ଭାବାବେଗ ସୃଷ୍ଟି କରିଥିବାରୁ ବଣ୍ଡ୍‌ରୁ ମିଳିବାକୁ ଥିବା ବାର୍ଷିକ ସୁଧ ବା ରିଟର୍ନ ଏବଂ ଆମେରିକା ଡଲାରରେ ସ୍ଥିରତା ଆଣିବାରେ ସହାୟକ ହୋଇଛି। ସେଥିପାଇଁ ନିବେଶକମାନେ ଭାରତୀୟ ଷ୍ଟକ୍ ମାର୍କେଟରୁ ଅଂଶଧନ କିଣିଛନ୍ତି ବୋଲି ମର୍ନିଂଷ୍ଟାର ଇନ୍‌ଭେଷ୍ଟମେଣ୍ଟ ରିସର୍ଚ୍ଚ ଇଣ୍ଡିଆର ପ୍ରମୁଖ ପରିଚାଳକ ହିମାଂଶୁ ଶ୍ରୀବାସ୍ତବ କହିଛନ୍ତି।

# ବିଜିୟୁରେ ଏଆଇ ଚାଳିତ ଲୋକନୀତି ଉପରେ ସମ୍ମିଳନୀ



ଭୁବନେଶ୍ୱର,୧୫।୨(ଅନୁରାଧା ମହାରଣା)

ବିର୍ଲା ଗ୍ଲୋବାଲ ୟୁନିଭର୍ସିଟି (ବିଜିୟୁ)ରେ 'କୃତ୍ରିମ ବୁଦ୍ଧିମତ୍ତା-ଚାଳିତ ଲୋକନୀତି: ପ୍ରଯୁକ୍ତି ଓ ସମବେଦନାର ସମତୁଳନ' ଶୀର୍ଷକ ଏକ ମାନବ ସମ୍ବଳ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଶିଳ୍ପ ଓ ଶିକ୍ଷାଜଗତର ବ୍ୟକ୍ତିତ୍ୱମାନେ ଅଂଶଗ୍ରହଣ କରି କିପରି କୃତ୍ରିମ ବୁଦ୍ଧିମତ୍ତା ମାନବୀୟ ମୂଲ୍ୟବୋଧକୁ ପ୍ରତିସ୍ଥାପିତ ନ କରି ତାହାକୁ ସଶକ୍ତ କରିପାରିବ ସେନେଇ ଆଲୋଚନା କରିଥିଲେ। ନିଯୁକ୍ତି ପ୍ରକ୍ରିୟା, ଶିକ୍ଷା ଓ ପ୍ରଶିକ୍ଷଣ, କାର୍ଯ୍ୟଦକ୍ଷତା ପରିଚାଳନା ଓ ସମ୍ପର୍କରେ ଚର୍ଚ୍ଚା ହୋଇଥିଲା। କୃତ୍ରିମ ବୁଦ୍ଧିମତ୍ତା ଗ୍ରହଣ ସମ୍ବନ୍ଧୀୟ ନୈତିକ, ଆଇନଗତ ଓ ଭାବନାତ୍ମକ ପ୍ରଭାବ ଉପରେ ମଧ୍ୟ ଆଲୋଚନା ହୋଇଥିଲା। ମୁଖ୍ୟ ବକ୍ତା ରିଚା ମାଲହୋତ୍ରା 'କୃତ୍ରିମ ବୁଦ୍ଧିମତ୍ତା-ଚାଳିତ ପ୍ରତିଭା ଅର୍ଜନ ଓ କାର୍ଯ୍ୟଶକ୍ତି ବିଶ୍ଳେଷଣରେ ଆଲେଗାରିଥମ ଭିତ୍ତିକ ପକ୍ଷପାତ, ବିଶ୍ୱାସର ଅଭାବ ଓ ପରିବର୍ତ୍ତନ ପ୍ରତି ପ୍ରତରୋଧ ଭଳି ଚିନ୍ତା ବିଷୟଗୁଡ଼ିକୁ ମାନବୀୟ ନିରୀକ୍ଷଣ ସହିତ ପ୍ରକ୍ରିୟା ମାଧ୍ୟମରେ ସମାଧାନ କରିବା ଆବଶ୍ୟକ, ଯାହା ମାନବ ସମ୍ବଳ ପ୍ରକ୍ରିୟାରେ ନ୍ୟାୟସଙ୍ଗତତା ଓ ପରିପ୍ରେକ୍ଷୀରେ ସମ୍ବେଦନଶୀଳତା ସୁନିଶ୍ଚିତ କରିବ। ମୁଖ୍ୟ ଅତିଥି ସତ୍ୟନାରାୟଣ ବିଞ୍ଝାମୋରି ଉଲ୍ଲେଖ କରିଥିଲେ, 'କୃତ୍ରିମ ବୁଦ୍ଧିମତ୍ତା ଦଶନ୍ଧି ଧରି ବିକଶିତ ହୋଇଆସୁଛି ଏବଂ ବର୍ତ୍ତମାନ ତାହାର ବ୍ୟାପକତା ଓ ସହଜଲଭ୍ୟତା ଦାୟିତ୍ୱପୂର୍ଣ୍ଣ ସମୋବଶକୁ ଆହ୍ୱାନ କରୁଛି। ଏହି ମଞ୍ଚ ମାନବ ସମ୍ପଦ ବୁଦ୍ଧିଜୀବୀ, ମାନବ ବିଶ୍ଳେଷଣ ବିଶେଷଜ୍ଞ, ପ୍ରଶାସନିକ ପ୍ରବନ୍ଧକ, ନବପ୍ରତିଷ୍ଠିତ ଉଦ୍ୟମ ସଂସ୍ଥାପକ ଓ ପରାମର୍ଶଦାତାମାନଙ୍କୁ ଏକତ୍ର କରି କୃତ୍ରିମ ବୁଦ୍ଧିମତ୍ତା-ଚାଳିତ ମାନବ ସମ୍ବଳ ସମାଧାନର ଅନୁଭବ ଓ ଶ୍ରେଷ୍ଠ ପ୍ରଚଳନ ବିନିମୟ ପାଇଁ ଏକ ସୁଦୃଢ଼ ମଞ୍ଚ ପ୍ରଦାନ କରିଥିଲା।

# ଡାକ ବିଭାଗ ଓ ଏନ୍‌ଏସ୍‌ଇ ମଧ୍ୟରେ ଏମ୍‌ଓୟୁ

ଭୁବନେଶ୍ୱର,୧୫।୨(ଅନୁରାଧା ମହାରଣା)

ଭାରତ ସରକାରଙ୍କ ସଞ୍ଚାର ମନ୍ତ୍ରଣାଳୟ, ଡାକ ବିଭାଗ (ଡିଓପି) ଏବଂ ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ ଅଫ ଇଣ୍ଡିଆ ଲିମିଟେଡ (ଏନ୍‌ଏସ୍‌ଇ) ମଧ୍ୟରେ ଏନ୍‌ଏସ୍‌ଇ ଏମ୍‌ଏଫ୍ ଇନଭେଷ୍ଟ ପ୍ଲାଟଫର୍ମ ଉପରେ ସହଭାଗିତା କରିବା ପାଇଁ ଏକ ଏମ୍‌ଓୟୁ ସ୍ୱାକ୍ଷରିତ ହୋଇଛି । ଯାହାକି ଆର୍ଥିକ ଅନ୍ତର୍ଭୁକ୍ତୀକରଣର ଅଗ୍ରଗତି ଏବଂ ଅନ୍ତ୍ୟୋଦୟ ଓ ବିକଶିତ ଭାରତ ୨୦୪୭ ଲକ୍ଷ୍ୟକୁ ପୂରଣ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ଏହି ସହଭାଗିତା ବିଶେଷ କରି ଗ୍ରାମାଞ୍ଚଳ ଓ ଅର୍ଦ୍ଧସହରାଞ୍ଚଳରେ ଲକ୍ଷ ଲକ୍ଷ ଭାରତୀୟଙ୍କ କ୍ଷୁଦ୍ର ସଞ୍ଚୟକୁ ମ୍ୟୁଚୁଆଲ ଫଣ୍ଡ ନିବେଶ ମାଧ୍ୟମରେ ସଂରଚିତ ସମ୍ପତ୍ତି ସୃଷ୍ଟି ସୁଯୋଗରେ ରୂପାନ୍ତର କରିବା ପାଇଁ ଲକ୍ଷ୍ୟ ରଖିଛି । ଏହି ଏମ୍‌ଓୟୁ ଏନ୍‌ଏସ୍‌ଇର ପରିଚାଳନା ନିର୍ଦ୍ଦେଶକ ଓ ସିଇଓ ଆଶିଷ କୁମାର ଚୌହାନଙ୍କ ଉପସ୍ଥିତିରେ ଡାକ ବିଭାଗର (ସିଟିଜେନ ସେଣ୍ଟ୍ରିକ ସର୍ଭିସେସ ଆଣ୍ଡ ରୁରାଲ ବିଜ୍‌ନେସ୍) ମହାପ୍ରବନ୍ଧକ ମନୀଷା ବଂଶଲ ବାଦଲ ଓ ଏନ୍‌ଏସ୍‌ଇର ମୁଖ୍ୟ ବାଣିଜ୍ୟିକ ବିକାଶ ଅଧିକାରୀ (ସିବିଡିଓ) ଶ୍ରୀରାମ କ୍ରିଷ୍ଣନଙ୍କ ମଧ୍ୟରେ ସ୍ୱାକ୍ଷରିତ ହୋଇଥିଲା । ଏହି ଚୁକ୍ତି ଅଧୀନରେ ଏନ୍‌ଏସ୍‌ଇ ଇ-କେୱାଇସି, ଅନବୋର୍ଡିଂ, ଟ୍ରାଞ୍ଜାକ୍ସନ ଓ ବ୍ୟାକଏଣ୍ଡ ଅପରେଶନକୁ କଭର କରୁଥିବା ଏକ ଇଣ୍ଟିଗ୍ରେଟେଡ ଏଣ୍ଡ-ଟୁ-ଏଣ୍ଡ ଡିଜିଟାଲ ପ୍ଲାଟଫର୍ମ ପ୍ରଦାନ କରିବ । ଏହା ୨୫୦୦ରୁ ଅଧିକ ଇଣ୍ଡିଆ ପୋଷ୍ଟ କର୍ମଚାରୀଙ୍କ ପାଇଁ ଏନଆଇଏସଏମ ସାର୍ଟିଫିକେଶନ ଓ ଇୟୁଆଇଏନ ପଞ୍ଜୀକରଣ ପାଇଁ ପାଣ୍ଠି ପ୍ରଦାନ କରିବ ଏବଂ ସହଜ କାର୍ଯ୍ୟକାରିତା ନିଶ୍ଚିତ କରିବା ପାଇଁ ପୋଷ୍ଟାଲ ସର୍କଲଗୁଡିକରେ ଡେଡିକେଟେଡ ଟେକ୍ନିକାଲ ସପୋର୍ଟ ଟିମ ନିଯୁକ୍ତ କରିବ। ଏହାର ରୋଲଆଉଟ ବିସ୍ତୃତ ଇକୋସିଷ୍ଟମରେ ବିସ୍ତାର ହେବା ପୂର୍ବରୁ ପ୍ରଥମ ଥର ଓ ଡିଆଇୱାଇ ନିବେଶକଙ୍କ ପାଇଁ ସରଳ, କ୍ଷୁଦ୍ର ଟିକେଟ ମ୍ୟୁଚୁଆଲ ଫଣ୍ଡ ଉତ୍ପାଦ ସହ ଆରମ୍ଭ ହେବ ।

# ଗଜପତି କୋଣାର୍କ ପଠାଇଥିଲେ ରାଜାଭିଷେକ, ବିବାହ ବେଳର ୧,୫୧,୬୫୧ ମାଢ଼ ସୁନା




ବର୍ତ୍ତମାନର ସୋନପୁର ଭଗ୍ନ ରାଜବାଟୀ ଏବଂ ସୁବର୍ଣ୍ଣପୁର ସହର ରାମେଶ୍ୱରସ୍ଥିତ ମହାନଦୀ ଓ ତେଲନଦୀର ସଙ୍ଗମ ସ୍ଥଳ। (ଫଟୋ: ମୃତ୍ୟୁଞ୍ଜୟ ଶତପଥୀ, ସୋନପୁର)

**ଡ. ସୁରେନ୍ଦ୍ର କୁମାର ମିଶ୍ର**

ଐତିହ୍ୟର ଓଡ଼ିଶା

ଗତ ସଂଖ୍ୟାରେ ଆମେ ସାମ୍ରାଜ୍ୟ କେଉଁଠୁ, କେଉଁମାନେ ମନ୍ଦିର ନିର୍ମାଣ ପାଇଁ କେତେ ସହଯୋଗ କରିଥିଲେ ତା'ର ଏକ ଚିତ୍ର ଦେବାକୁ ଆରମ୍ଭ କରିଥିଲୁ। ଓଡ଼ିଆମାନେ ମନ୍ଦିର କରିନାହାନ୍ତି ବୋଲି ବାହାରିଆ ଲେଖକ ଯେଉଁ ମତ ଉଲ୍ଲେଖ କରିଥିଲେ, ତାହାକୁ ନିରାଧାର କରିବା ପାଇଁ ଏହା ଏକ ଆଧାର ସ୍ତମ୍ଭ। ଆମ ସୁନାରୁପା, ଆମ ମୁଦ୍ରା, ଆମ ଶିଳ୍ପୀ, ଆମ ପଥୁରିଆଙ୍କ ଦ୍ୱାରା ନିର୍ମିତ ହୋଇଥିଲା କୋଣାର୍କ ମନ୍ଦିର। ଏହି ପ୍ରସଙ୍ଗ ଶେଷ ହୋଇ ନାହିଁ।

ପୂର୍ବରୁ ଆମେ ସୂଚନା ଦେଇଥିଲୁ ଶ୍ରୀପଦ୍ମକେଶର ମନ୍ଦିର ନିର୍ମାଣରେ ଶ୍ରୀମନ୍ଦିରର ଅବଦାନ ପ୍ରସଙ୍ଗରେ ଲେଖିଥିଲୁ 'ପୁରୁଷୋତ୍ତମ କ୍ଷେତ୍ରର ବଡ଼ଦେଉଳ ଅଧୀକ୍ଷକ ଥିଲେ ପଣ୍ଡିତ ମହାଦେବ ରାଜଗୁରୁ ମହାପାତ୍ର। ସେ ଶ୍ରୀମନ୍ଦିର ଭଣ୍ଡାରରୁ ୩,୪୦୩ ମାଢ଼ ସୁନା ଯୋଗାଇ ଦେଇଥିଲେ। ବିଡ଼ାନାସୀ କଟକରୁ ଆଦାୟ ହୋଇଥିବା ରାଜସ୍ୱ ଥିଲା ୩,୪୦୪ ମାଢ଼ ସୁନା। ତାହା କୋଣାର୍କକୁ ଆସିଥିଲା।'

ଆଉ ଗୋଟିଏ ସୁନା ପ୍ରସଙ୍ଗ ଗୁରୁତ୍ୱପୂର୍ଣ୍ଣ ଥିଲା। ତାହା ବି ଲେଖିଥିଲୁ। ଗଜପତି ଲାଙ୍ଗୁଳା ନରସିଂହଦେବଙ୍କ ରାଜାଭିଷେକ ସମୟରେ ମହାଶ୍ରମଙ୍କୁ ସୁନାରେ ତଉଲା ଯାଇଥିଲା। ଅର୍ଥାତ୍ ଓଜନ ଅନୁଯାୟୀ ଅପର ପାର୍ଶ୍ୱରେ ସୁନା ରଖାଯାଇଥିଲା। ଏହା ଓଡ଼ିଶା ଇତିହାସରେ ପ୍ରଥମ ଓ ଏକ ଚମକପ୍ରଦ ଘଟଣା ଥିଲା। ସେ ସୁନା ହୋଇଥିଲା ୧,୪୩,୩୦୮ ମାଢ଼। ୧୨୩୮ ମସିହାରେ ସେ ସୁନାକୁ ମୁଦ୍ରାରେ ପରିଣତ କରାଯାଇ କୋଣାର୍କ ଭଣ୍ଡାରକୁ ପଠାଇ ଦିଆଯାଇଥିଲା।

ଆଉଏକ ଚମକପ୍ରଦ ଘଟଣା ଘଟିଥିଲା ଗଜପତିଙ୍କ ବିବାହ ସମୟରେ। ସେ ବିବାହ କରିଥିଲେ ଚୋଳପାଣ୍ଡ୍ୟ ବଂଶର ରାଜଧାନୀ ମଦୁରାଇର ରାଜଜେମାଙ୍କୁ। ଦକ୍ଷିଣ ଭାରତର ଏହି ମନ୍ଦିରମୟୀ ନଗରୀ ଭାରତର ୫୧ ଶକ୍ତିପୀଠ ମଧ୍ୟରୁ ଅନ୍ୟତମ ପୀଠ। ଏହା ମଧ୍ୟ ଥିଲା ତାମିଲନାଡୁର ସାଂସ୍କୃତିକ ରାଜଧାନୀ। ଏହିଠାରେ ମୀନାକ୍ଷୀ ଦେବୀଙ୍କ ମନ୍ଦିର ରହିଛି। ଏଠାରୁ ବିବାହ କରି ଫେରିବା ପରେ ଗଜପତିଙ୍କୁ 'କନକସ୍ନାନ' କରାଯାଇଥିଲା। କନକସ୍ନାନର ଅର୍ଥ ସୁନାରେ ସ୍ନାନ। ଆମ ଭାଷାରେ 'ସୁନାର ବର୍ଷା' କରାଯାଇଥିଲା।

ସେତେବେଳେ ପ୍ରତ୍ୟେକ ଧାର୍ମିକ କାର୍ଯ୍ୟର ନିର୍ଦ୍ଦେଶକ ଥିଲେ ରାଜଗୁରୁ ଭୁବନେଶ୍ୱର ମହାପାତ୍ର। ରାଜଗୁରୁଙ୍କୁ ମଧ୍ୟ ଶ୍ରୀପଦ୍ମକେଶର ମନ୍ଦିର ପ୍ରତିଷ୍ଠା ପରେ 'କନକସ୍ନାନ' କରାଯାଇଥିବା କଥା ପୋଥିରେ ଲେଖାହୋଇଛି। ସେଥିରେ ତାଙ୍କୁ ସୁନାମୁଦି, ହାତର କଙ୍କଣ, ହାର, କୁଣ୍ଡଳ ଏବଂ ବ୍ୟବହାର ପାଇଁ ସୁନାର ବିଭିନ୍ନ ପାତ୍ର ଉପହାର ଦିଆଯାଇଥିଲା। ସୁନାର ପରିମାଣ ଦେଖି ପୋଥିଲେଖକ 'ରାଜଗୁରୁଙ୍କ ଉପରେ ସୁନାର ବର୍ଷା ହୋଇଥିଲା ବୋଲି ଲେଖିଛନ୍ତି। ଏଥିରୁ ବୁଝିହେବ ଗଜପତିଙ୍କ କନକସ୍ନାନ ରହସ୍ୟ। ସେହି ବର୍ଷାରୁ ସେ ଯେତେ ସୁନା ପାଇଥିଲେ ତାଙ୍କରି ନିର୍ଦ୍ଦେଶମତେ ସେଥିରୁ ୮,୩୪୩ ମାଢ଼ ନିର୍ମାଣ ହୋଇଥିଲା।' ଓଡ଼ିଶାର ଲୋକକଥାରେ ଅଛି– ବନ୍ଦାପନାବେଳେ ଖାଲି ତ ସୁନାର ବର୍ଷା ହେଲା! ସେହିପରି ଅମାପ ସୁନା ସୋନପୁର ରାଜା ବର୍ଷା (ଦାନ ଦକ୍ଷିଣା) କରାଇଥିବାରୁ ତା'ର ପ୍ରାଚୀନ ନାମ 'ସୁବର୍ଣ୍ଣପୁର' ଥିଲା। ଅବଶ୍ୟ ଏହା ଲୋକକଥା। କେଉଁ ରାଜାଙ୍କ ଅମଳ କଥା ନିର୍ଦ୍ଦିଷ୍ଟ ଇତିହାସ ତଥ୍ୟ ଆମେ ପାଇନାହୁଁ କେବଳ ବୁଝିଛୁ– ଧନଧାନ୍ୟରେ ପୂର୍ଣ୍ଣ ଥିବାରୁ ସେହି ରାଜ୍ୟର ନାମ ସୁବର୍ଣ୍ଣପୁର ହୋଇଥିଲା। ତେବେ କନକ ସ୍ନାନରୁ ଲବ୍ଧ ୮,୩୪୩ ମାଢ଼ ସୁନା କୋଣାର୍କ ଭଣ୍ଡାରକୁ ଗଜପତି ଦାନ ଦେଇଥିଲେ, ଯାହା ମନ୍ଦିର ନିର୍ମାଣରେ ବ୍ୟବହୃତ ହୋଇଥିଲା।

ଗଜପତି ଲାଙ୍ଗୁଳା ନରସିଂହଦେବଙ୍କ ୮ମ ଅଙ୍କ ବେଳକୁ ଗୌଡ଼ ଦେଶ ଆମ ସାମ୍ରାଜ୍ୟ ଅନ୍ତର୍ଭୁକ୍ତ ଥିଲା। ସୁନିଆ ମହୋତ୍ସବ ସମୟରେ ତିନୋଟି ହାତୀରେ ସେଠାରୁ ଉପହାର ଆସି କଟକର ବିଡ଼ାନାସୀରେ ପହଞ୍ଚିଥିଲା। ୩୭,୦୩୦ ଅସରପି ମୁଦ୍ରା, ୦୭,୩୦୪ ବାଦଶାହା ମୁଦ୍ରା ଏହା ବଙ୍କାଟଙ୍କା ଭାବରେ ପରିଚିତ ଥିଲା। ରୁପାରେ ନିର୍ମିତ ଟଙ୍କା। ୦୭,୩୦୭ ମାଢ଼ ରୁପାଟଙ୍କା। ଏଥିରେ କୌଣସି ଚିହ୍ନ ନ ଥିଲା।

ଆମେ ଆର୍ଥିକ ସହଯୋଗର ସାମାନ୍ୟ ଚିତ୍ର ଦେଲୁ। ମନ୍ଦିର ପ୍ରତିଷ୍ଠା ସମାପ୍ତ ହେବା ପର୍ଯ୍ୟନ୍ତ କିଏ କିଏ ଶାରୀରିକ ସହଯୋଗ କରୁଥିଲେ, ତାହା ମଧ୍ୟ ଜାଣିବା କଥା। ମୁଖ୍ୟ ସ୍ଥପତି/ଶିଳ୍ପୀଙ୍କ ପ୍ରସଙ୍ଗକୁ ଆମେ ଯିବା ନାହିଁ। ସାଧାରଣ ବର୍ଗର ଓଡ଼ିଆ ନିଜ ଗାଁ, ଘରଦ୍ୱାର ଛାଡ଼ି ବର୍ଷ ବର୍ଷ ଧରି କୋଣାର୍କରେ ରହି ଯେଉଁ ସେବା ଓ ତ୍ୟାଗ ଦେଖାଇଛନ୍ତି, ତାଙ୍କୁ ପ୍ରଣାମ କରିବାକୁ ଇଚ୍ଛା ହୁଏ। ପାଉଣା ପାଇଁ କାମ କରୁଥିଲେ, ଏହା ଭାବିବା ଓ କହିବା ସେମାନଙ୍କ ପାଇଁ ଅପରାଧ ହେବ। ଘର ପରି ରହୁଥିଲେ। ଘର ପରି ଭୋଜିଭାତ କରି ଖାଉଥିଲେ। କିନ୍ତୁ କାମ ପାଇଁ ଯେ କୌଣସି ସମୟରେ ପ୍ରସ୍ତୁତ ଥିଲେ। ମୋର ସନ୍ଧ୍ୟା ୫ଟାରେ ସମୟ ଶେଷ ହୋଇଗଲା– କାଲି ଦଶଟାରେ କାମରେ ଯୋଗଦେବି। ଏପରି ମାନସିକତା 'ବିଶ୍ୱର ବିସ୍ମୟ' ସଫଳ ହେବା ସମ୍ଭବ ନୁହେଁ। ଆମେ ଏ ପ୍ରସଙ୍ଗକୁ କାହିଁକି ଲେଖୁଛୁ ଆପଣ ଜାଣିପାରୁଥିବେ। ବାହାର ଇତିହାସକାରଙ୍କ ପରି ଆମ ସାହିତ୍ୟିକମାନେ ଅନୁକମ୍ପା ହାସଲ ପାଇଁ ନିର୍ଯାତନା ଦିଆଯାଉଥିଲା ବୋଲି ଡିଣ୍ଡିମ ପିଟିଛନ୍ତି।

# ସଙ୍ଗଠନକୁ ସୁଦୃଢ଼ କରାଯିବ: ମନମୋହନ

## ୧୭ରେ କାର୍ଯ୍ୟକର୍ତ୍ତା, ୨୫ରୁ ଜୋନାଲ୍‌ସ୍ତରୀୟ ପ୍ରଶିକ୍ଷଣ



ମନମୋହନ ସାମଲ

**ଭୁବନେଶ୍ୱର,୧୫।୨ (ରବିନାରାୟଣ ଜେନା)**

ରାଜ୍ୟରେ ଭାଜପା ସଙ୍ଗଠନକୁ ସୁଦୃଢ଼ କରିବା ଲକ୍ଷ୍ୟ ନେଇ ଆସନ୍ତା ୧୭ ତାରିଖରେ ରାଜ୍ୟ ଭାଜପା କାର୍ଯ୍ୟାଳୟରେ କାର୍ଯ୍ୟକର୍ତ୍ତାଙ୍କ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି। ରବିବାର ମନମୋହନ ସୂଚନା ଦେଇଛନ୍ତି, ତୃଣମୂଳସ୍ତରରେ ସଙ୍ଗଠନ କିପରି ସୁଦୃଢ଼ କରାଯିବ ସେ ନେଇ ନେତା ଓ କର୍ମୀମାନେ ତାଲିମ ନେବେ। ବିଧାୟକମାନେ ଓ ନୂଆ କାର୍ଯ୍ୟକର୍ତ୍ତାମାନେ ଏହି ପ୍ରଶିକ୍ଷଣରେ ଯୋଗଦେବେ। ପ୍ରଥମେ ରାଜ୍ୟସ୍ତରୀୟ ପ୍ରଶିକ୍ଷଣ ହେବ ଏବଂ ପରେ ୨୫ ତାରିଖରେ ଜୋନାଲ୍ ସ୍ତରୀୟ ତାଲିମ ପ୍ରଦାନ କରାଯିବ। ଜୋନାଲ୍‌ସ୍ତରୀୟ ପ୍ରଶିକ୍ଷଣରେ ଭାଜପାର କେନ୍ଦ୍ରୀୟ ନେତୃତ୍ୱ ଯୋଗଦେବେ। ଏହି ଶିବିରରେ ଝାଡ଼ଖଣ୍ଡ, ସିକ୍କିମ୍, ଆଣ୍ଡାମାନ୍ ସମେତ ପୂର୍ବାଞ୍ଚଳ ରାଜ୍ୟର ଭାଜପା ନେତାମାନେ ଯୋଗଦେବେ। ତେବେ ପଶ୍ଚିମବଙ୍ଗରେ ନିର୍ବାଚନ ଯୋଗୁ ସେ ରାଜ୍ୟର ପ୍ରତିନିଧିମାନେ ଏହି ଜୋନାଲ୍ ପ୍ରଶିକ୍ଷଣରେ ଯୋଗ ଦେଇପାରିବେ ନାହିଁ ବୋଲି ସେ କହିଛନ୍ତି।

ମନମୋହନଙ୍କ ସୂଚନା ଅନୁଯାୟୀ, ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ନୀତିନ୍ ନବୀନ୍ ଓଡ଼ିଶା ଗସ୍ତରେ ଆସିବାର ରହିଛି। ମାତ୍ର ଏପର୍ଯ୍ୟନ୍ତ ନିର୍ଦ୍ଦିଷ୍ଟ କାର୍ଯ୍ୟସୂଚୀ ସ୍ଥିର ହୋଇନାହିଁ। ତେବେ ନୀତିନ୍ ନବୀନ୍ ଖୁବ୍‌ଶୀଘ୍ର ଓଡ଼ିଶା ଆସିବେ। ଏହି ପ୍ରଶିକ୍ଷଣ ଶିବିର ମାଧ୍ୟମରେ ଦଳୀୟ କର୍ମୀମାନେ ତୃଣମୂଳ ସ୍ତରରେ କିପରି କାମ କରିବେ ଏବଂ ସଙ୍ଗଠନକୁ ସୁଦୃଢ଼ କରିବେ ସେ ନେଇ ରଣନୀତି ପ୍ରସ୍ତୁତ ହେବ। ଏହି କାର୍ଯ୍ୟକ୍ରମ ଭିନ୍ନ ଧରଣର ହେବ ବୋଲି ମନମୋହନ କହିଛନ୍ତି।


**GANGADHAR MEHER UNIVERSITY**
AMRUTA VIHAR, SAMBALPUR-768004 (ODISHA)
No. 648 /GMU/2026 Date 14.02.2026

**RECRUITMENT NOTICE**

Gangadhar Meher University is seeking applications from Indian citizens having eligibility as per the UGC Notification, New Delhi, dated 4th July 2018, for appointment to the posts of Assistant Professor/ Associate Professor/ Professor against regular sanctioned posts in the mentioned departments: (Anthropology, Biotechnology, Botany, Chemistry, Commerce, Computer Science, Economics, Education, English, Geography, Hindi, History, Library and Information Science, Mathematics, Odia, Philosophy, Physics, Political Science, Psychology, Sanskrit, Sociology, Statistics and Zoology) as per the Letter No. 5322/HE, Dated 31.01.2026 of Department of Higher Education, Government of Odisha, Bhubaneswar. The online application form and department-wise reservation details will be made available on the University website **www.gmuniversity.ac.in** from 28th February 2026 onwards. For details of the terms and conditions, guidelines for applying etc. please visit the University website.

Application open date : 28th February 2026
Application closing date : 13th April 2026

Sd./- Registrar

OFFICE OF THE SR. GENERAL MANAGER (ELECTRICAL)
UPPER INDRAVATI HYDRO ELECTRIC PROJECT, MUKHIGUDA
DIST: KALAHANDI-766026, ODISHA, E-mail: sgmel_uihep@ohpcltd.com / sgmeluihep@gmail.com
ODISHA HYDRO POWER CORPORATION LTD. (A GOVERNMENT OF ODISHA UNDERTAKING)
Regd. Office OSPH & W.C. Building, Vanivihar Chhak, Janpath, Bhoinagar, Bhubaneswar-751022,
Tel: 91-0674-2542983, 2542802, 2545526, 2542826, Fax: 2542102, E-Mail: ohpc.co@gmail.com/md@ohpcltd.com.
WEB: www.ohpcltd.com, CIN: U40101OR1995SGC003963

**NOTICE INVITING TENDER NO. UIHEP-52/2025-26 DATE: 13.02.2026**

No. 32001/94/2526 :- Sealed tenders are invited in two part i.e. (i) Techno Commercial bid & (ii) Price bid in separate sealed envelopes from the **Reputed Manufacturers or its Channel Partners/ Authorized dealers** for supply of the following materials / providing services as mentioned below.

| Description of work | Cost of tender paper (Non-refundable) in Rs. | EMD in shape of DD/Banker's Cheque only (Refundable) in Rs. | Period of sale / download of tender document | Last date & time of receipt of tender | Date & time of opening of Techno commercial Bid |
|---|---|---|---|---|---|
| Supply of 03 nos. of 220 KV single phase Potential Transformers (PTs) for 220 KV Bus at Switchyard of UIHEP, Mukhiguda | 7,080/- (inclusive of GST) | 13,517/- | From 21.02.2026 to 06.03.2026 upto 12:00 Hrs. | 06.03.2026 (upto 13.00 Hrs) | 06.03.2026 at 16:30 Hrs. |

For details of the tender documents, terms and conditions please visit our website www.ohpcltd.com
OIPR-32001/32136/1/25-26/0038 Sd./- C&P Head, UIHEP, Mukhiguda

OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BALASORE
E-Mail ID: serw_balasore@yahoo.in, Ph. No.: 06782-260318, Balia, Balasore
No. 25001/172/2526 **"e" Procurement Notice for Bridge Work**
Identification No. Online Tender - Bridge NCB No. 60 of 2025-26
Letter No. 630/WE Date: 07.02.26

1. Name of the Work : Bridge Works
2. Total No. of Work : As per annexure
3. Estimated Cost : As per annexure
4. Eligible Class of Contractor : As per annexure
5. Period of Completion : As per annexure
6. Other details :

| Procurement Officer | Bid Identification No. | Availability of tender Online for Bidding | | Last date & time of seeking tender clarification | Date & time of Opening of Tender in O/o. C.C.E., .R.W. Circle, Balasore | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Balasore | NCB No. 60 of 2025-26 | 18.02.2026 at 11.00 A.M. | 06.03.2026 upto 5.00 P.M. | 05.03.2026 upto 5.00 P.M. | 07.03.2026 at 11.00 A.M. | Will be intimated later |

• Further details can be seen from the website: www.tendersodisha.gov.in.
OIPR-25001/25105/1/25-26/0005 Sd./- Er. Durjyodhan Behera, Chief Construction Engineer, R.W. Circle, Balasore

OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, PURI
(WALK-IN-INTERVIEW) FOR IN-HOUSE TRANSFER
Advt. No : 505 /DPMU Dt:11.02.2026

Interested candidates may attend the **In-House transfer Walk-in-interview** of the Block Data Manager (BDM) positions under In-House transfer of NHM contractual employees.

| Sl No | Name of the Post | Vacancy | Walk-In-Interview |
|---|---|---|---|
| 01 | Block Data Manager (BDM) | 02 | 25.02.2026 |

The application format and details are available in the website https://puri.odisha.gov.in.

Sd./- Chief District Medical & Public Health Officer, Puri
No. 10001/59/2526 OIPR-10001/10021/1/25-26/0001

OFFICE OF THE MUNICIPAL COUNCIL
BHAWANIPATNA, DIST.: KALAHANDI, PIN - 766001
'e' Procurement NOTICE
Bid Identification No. BPM/06/2025-26
Bid Identification No. BPM/393/2025-26

No. 13001/247/2526: The Executive Officer on behalf of Bhawanipatna Municipality invites tenders in Single Cover System. Bid documents consisting of specification the Schedule of Quantities and the set of terms and conditions of contract and other necessary documents can be seen the Govt. website i.e. **https://tendersodisha.gov.in**.

1. Number of Civil Works : 8 (Eight) Numbers
2. Estimated Costs : 8.47 lakhs to 16.95 lakhs
3. Period of Completion : As per NIT
4. Date and time of availability of the bid documents in the portal : From 11.00 A.M. of 13.02.2026 to 05.00 P.M. of 21.02.2026
5. Last date/time for receipt of bids in the portal : 05.00 P.M. of 21.02.2026
6. Bids will be opened on : 5.30 P.M. of Dt.21.02.2026
7. Name and address of the Officer Inviting Bid : Executive Officer, Bhawanipatna Municipality

Sd./- Executive Officer
OIPR-13001/13100/1/25-26/0015 Bhawanipatna Municipality

MUNICIPAL COUNCIL, RAIRANGPUR
No. 13001/251/2526 Phone No.: 06794-222054
E-Mail ID: rairangpurn.hud@ori.nic.in/rrpurnac@gmail.com
"e" PROCUREMENT NOTICE
TENDER CALL NOTICE NO : 308/dt. 12.02.2026
BID IDENTIFICATION NO. - T9RRP2025-26

1. Name of the Work : Civil Works
2. Total No. Works : 2 Nos.
3. Estimated Cost : 65.97 to 72.43 lakhs
4. Class of Contractors : As per DTCN
5. Period of Completion : As per DTCN
6. Availability of tender online for bidding : 13.02.2026 at 11 A.M. to 19.02.2026 upto 5.00 P.M.
7. Tender Box offline documents dropping : 20.02.2026 upto 5.00 P.M.
8. Date & time of opening of tender : 21.02.2026 at 11.00 A.M.

Other detail can be seen from the website **www.tendersorissa.gov.in**. Authority reserves the right to reject any of all the tendres without assigning any reasons thereof.

Sd./- Executive Officer
OIPR-13001/13106/1/25-26/0002 Rairangpur Municipality

OFFICE OF THE MUNICIPAL COUNCIL, BELPAHAR
Ph.: 06645-356292, Fax: 06645-250236
Email: municipalitybelpahar@gmail.com
No. 412 Dt.11.02.2026

1st CORRIGENDUM NOTICE TO EXPRESSION OF INTEREST (EOI) FOR ARRIVAL OF RATES OF VEHICLES & MACHINERIES REQUIRED FOR BELPAHAR MUNICIPALITY

No. 13001/230/2526: In partial modification to this office EOI Notice No. 299 Dtd. 05.02.2026, it is hereby notified that the time period of submission of rate has been extended upto 17.02.2026 by 5.00 P.M. instead of 12.02.2026 by 5.00 P.M. All previous terms and conditions of this EOI notice remain unchanged.

Sd./- Executive Officer
OIPR-13001/13050/1/25-26/0039 Belpahar Municipality

କଟକ ଉନ୍ନୟନ କର୍ତ୍ତୃପକ୍ଷ
CDA
ଅରୁଣୋଦୟ ଭବନ, ଲିଙ୍କ୍ ରୋଡ୍, କଟକ-୧୨
ସୂଚନା

No. 13001/258/2526: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ଅଭିନବ ବିଡ଼ାନାସୀ, କଟକ (ମର୍କତ ନଗର) ସେକ୍ଟର-୧୩ରେ ପ୍ଲଟ ନଂ. 13-3B/871ଟିକୁ ଶ୍ରୀ ସୁନନ୍ଦନ ପ୍ରଧାନ, ପିତା: ୰ମଦନ ମୋହନ ପ୍ରଧାନ, ସା/ପୋ.: ତଳ ତେଲେଙ୍ଗା ବଜାର, ଥା: ପୁରୀଘାଟ, ଜିଲ୍ଲା: କଟକ-୭୫୩୦୦୯ଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନଗ୍ରାହୀ ଶ୍ରୀ ସୁନନ୍ଦନ ପ୍ରଧାନ ଉକ୍ତ ପ୍ଲଟଟିକୁ ତୃତୀୟପକ୍ଷ ଅନ୍ତରୀଣ ଆଧାରରେ ଋଷି କୁମାର କୟାଲ, ପିତା: ରାଜ କୁମାର କୟାଲ, ସା: ଓଲ୍ଡ କଲେଜ ଲେନ୍, ନିମଚଉଁରି, ଥା: ଲାଲବାଗ, ଜିଲ୍ଲା: କଟକ-୭୫୩୦୦୨, ଓଡ଼ିଶାଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି।

ଉକ୍ତ ପ୍ଲଟର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି କିମ୍ବା ଆପତ୍ତି ଥାଏ ତାହା ହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର (15) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ପ୍ଲଟର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯିବ।

OIPR-13001/13037/1/25-26/0041 ସ୍ୱା./– ଭାରପ୍ରାପ୍ତ ଅଧିକାରୀ (ଇଷ୍ଟେଟ୍)

ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ, ପଦ୍ମପୁର
OFFICE OF THE NOTIFIED AREA COUNCIL, PADAMPUR
At/P.O./P.S.: Padampur, Dist.: Bararh (Odisha), PIN - 768036
E_Mail ID: nac.padampur@gmail.com
"e" Procurement Notice
Bid Identification No. NAC-PDP-11/2025-26

No. 13001/248/2526: Bid documents consisting of specification, the schedule of quantities and the set of terms and conditions of contract and other necessary documents can be seen in the Govt. Website i.e. **www.tendersodisha.gov.in**.

1. Nature of Work : Civil Works
2. No. of Works : 01 No.
3. Estimated Cost : As per NIT
4. Period of Completion : As per NIT
5. Date and time of availability of the documents in the portal : From 10.00 hours of 13.02.2026 to 17.00 hours of 25.02.2026
6. Last date/time for receipt of bids in the portal : Dt.25.02.2026 upto 17 hours
7. Bids received online shall be opened on : Dt.26.02.2026 at 11 hours
8. Name and address of the Officer Inviting Bid : Executive Officer, Padampur NAC

Further, the details can be seen from the e-procurement portal **www.tendersodisha.gov.in**.

Sd./- Executive Officer
OIPR-13001/13118/1/25-26/0027 N.A.C., Padampur

GOVERNMENT OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION, SUNDARGARH
E.Mail - rw_sundargarh@yahoo.co.in
E-PROCUREMENT NOTICE
BID IDENTIFICATION NO. ONLINE-SESNG-25 of 2025-26

**No.25001/143/2526** : 1. Name of the Work : Building Work, 2. Total No. of works : 1 no. Building, 3. Estimated cost : Rs. 8.47 Lakhs, 4. Class of contractor : Only 'D' & 'C', 5. Period of completion : 01 calendar month, 6. Type of Tender : Single Cover, 7. Other details

| Procurement Officer | Bid Identification No. | Availability of Tender On-line for bidding | |
|---|---|---|---|
| | | From | To |
| 1 | 2 | 3 | 4 |
| **Executive Engineer, Rural Works Division, Sundargarh** | **Online-SESNG-25 of 2025-26** | **17.02.2026 11.00 A.M.** | **24.02.2026 05.00 P.M.** |

Further details can be seen from the website www.tendersorissa.gov.in.

Sd./-Executive Engineer
Rural Works Division,
OIPR-25001/25046/1/25-26/0002 Sundargarh

ODISHA HYDRO POWER CORPORATION LTD.
OHPC
(A GOVT. OF ODISHA UNDERTAKING)
CIN: U40101OR1995SGC003963
REGD.OFFICE: OHPC Corporate Office, Bhoi Nagar, Janpath, Bhubaneswar-751022
Phone: 91-0674-2542983, 2542802, 2545526, Fax- 2542102; E-mail: ohpc.co@gmail.com
No. OHPC: TECH: C&P: 16/2025-26/1103 Date: 10.02.2026

**INVITATION FOR EXPRESSION OF INTEREST**

No. 4001/18/2526:- Odisha Hydro Power Corporation Ltd. Bhubaneswar (OHPC), a Gold rated State PSU under Govt. of Odisha invites Expression of Interest (EOI) in sealed envelope from eligible interested IT Experts having experience in ERP implementation at least in S/4HANA for temporary engagement as IT consultant on contractual basis for a minimum period of 01 year.

**For details related to eligibility criteria, scope of the work, evaluation criteria etc. please visit our website www.ohpcltd.com from Dated. 16.02.2026**

OIPR-4001/4012/1/25-26/0001 C&P Head

No. 452/DPP, Dt.11/2/26 No.1001/22/2526
OFFICE OF THE DIRECTOR OF PHYSICAL PLANTS
OUAT, BHUBANESWAR
"e-Procurement Notice No. 05/2025-26"

| | | | |
|---|---|---|---|
| 1. | Name of the work | : | Construction of 60 seated Boys Hostel along with furnishing at OUAT, Bhubaneswar (Composite) (construction portion only) |
| 2. | Total no of Work | : | 01 No |
| 3. | Estimated cost | : | Rs. 264.67 lakhs approximate |
| 4. | Class of Contractor | : | As per DTCN |
| 5. | Period of Completion | : | As per DTCN |
| 6. | Type of tender | : | Double Cover system |
| 7. | Date and Time of availability of Bid documents in the portal | : | From Dt. 16.02.2026 to 17.00 hrs of dt. 02.03.2026 |
| 8. | Last date/Time for receipt of bids in the portal | : | Dt. 02.03.2026 upto 17.00 hrs |
| 9. | Submission of Original documents (TP cost, EMD, Affidavit etc as per DTCN) | : | During office hours from dt. 05.03.2026 to dt. 06.03.2026 upto 17.00 hrs in the office of the undersigned. |
| 10. | Date of opening of Bid (Cover-I) through online | : | Dt. 07.03.2026 at 11.30 hrs in the office of the undersigned. |
| 11. | Name & address of the O.I.T (Officer Inviting tender) | : | Director of Physical Plants, OUAT, BBSR. |

Further details can be seen from the e-procurement portal **https://tendersodisha.gov.in**
**N.B. Subsequent corrigendum/addendum if required shall be available in the website as indicated above.**

Sd./- Director of Physical Plants, OUAT, Bhubaneswar
OIPR-1001/1554/1/25-26/0003

OFFICE OF THE CHIEF CONSTRUCTION ENGINEER
BRUTANG & HADUA IRRIGATION PROJECT, DASPALLA
E-mail : ccebhip@gmail.com
No.137 Date : 11.02.2026

NOTICE INVITING TENDER

"e" Procurement Notice No.CCE-BHIP-05(01-05)/2025-26 Dt.11.02.2026

**No.32001/98/2526** : Invites online percentage rate tender in double cover through e-procurement for execution of the Civil, PH & Electrical works.

| | | | |
|---|---|---|---|
| 1 | Name of Works | : | 02 (Two) number of buildings work and 03 (Three) number of Road Work |
| 2 | Approximate Estimated cost | : | **1.26 Crores to Rs.3.17 Crore** |
| 3 | Period of Completion | : | **11 (eleven) months** |
| 4 | date and time of availoability of bid document in the portal | : | **From 11.00 hours of Dt.20.02.2026 to 17.00 hours of Dt.13.03.2026** |
| 5 | Last date/time for receipt of bids in the portal | : | **17.00 hours of Dt.13.03.2026** |
| 6 | Date of Opening of Technical Bid | : | **11:00 Hours of 16.03.2026** |
| 7 | Name and address of the Officer inviting Bid | : | Chief Construction Engineer, Brutang & Hadua Irrigation Project, Daspalla, Nayagarh-752084. e-mail id : ccebhip@gmail.com |

Further details can be seen from the e-Procurement portal of Odisha Government https://tendersodisha.gov.in. All information, notices, addendum, corrigendum, cancellation notice etc. if required, will be published in this portal.

Sd./- Chief Construction Engineer
Brutang & Hadua Irrigation Project,
OIPR-32001/32535/1/25-26/0001 Daspalla

MADHUSUDAN LAW UNIVERSITY, CUTTACK
(State University Established under the Odisha Universities Act, 1989)
Station Road, Cuttack, Odisha - 753003, Website: www.mlu.ac.in
Letter No. MLU/Estt./492/2026 Date: 13.02.2026

ADVERTISEMENT FOR THE RECRUITMENT OF TEACHING POSTS

No. 11001/17/2526: Applications are invited from eligible candidates for the filling up of following regular teaching posts of the University.

1. **Professor : 06 Posts (Law)**
2. **Associate Professor : 12 Posts (Law) and**
3. **Assistant Professor : 32 Posts (24 for Law and 8 for Non-Law)**

- Last date of submission of application and payment of application fee through online mode : **17th March, 2026 till 11.59 P.M.**
- Last date for receiving the hard copy of application along with the attested copies of Testimonials to the University Office : **06th April, 2026 till 5.00 P.M.**

After successfully applying online, the self-attested copies of all the required documents along with application form should reach the undersigned on or before last date as mentioned above.
Applications received after last date will not be considered.
For details visit the University website: **www.mlu.ac.in.**
**(Form shall be available online from 17th February, 2026)**
**Place: Cuttack** **Sd./- Registrar**
**Date: 14.02.2026** **Madhusudan Law University, Cuttack**
**OIPR-11001/11051/1/25-26/0001**

CHILIKA DEVELOPMENT AUTHORITY
PLOT NO. 493(P), PALASPALLI, POKHARIPUT ROAD, BHUBANESWAR-751020, ODISHA
Phone : 91-674-2591544, Fax : 91-674-2590485, Email : chilika@chilika.com
No.8001/70/2526 e-PROCUREMENT
Re-Tender Call Notice No.228/CDA/2026 Dtd.11.02.2026

| | | | |
|---|---|---|---|
| 01 | Name of the Work | : | **Repair of R.C.C. Jetty at village Gabakunda** |
| 02 | Estimated Cost | : | **Rs.11,05,500.00 (Excluding GST)** |
| 03 | Period of completion | : | **2 (Two) Calendar Months** |
| 04 | Date & Time of availability of Bid Document in the portal | : | **14.02.2026 at 11.00 A.M. to 27.02.2026 upto 5.00 P.M.** |
| 05 | Last Date/Time for submission of Bids in the portal | : | **27.02.2026 upto 5.00 P.M.** |
| 06 | Date & Time of opening of Bids | : | **02.03.2026 at 11.30 A.M. in the O/o the Chief Executive, Chilika Development Authority, Plot No.493(P), Palaspalli, Bhubaneswar-751020** |
| 07 | Name and Address of the Officer Inviting Tender (O.I.T) | : | **Addl. Chief Executive, Chilika Development Authority, Odisha, Bhubaneswar, Plot No.493(P), Palaspalli, Pokhariput Road, Bhubaneswar-751020** |

Further information and other details are available for downloading from the e-procurement portal "https://tendersodisha.gov.in". Addendum/Corrigendum if required will be available only in the Website e-procurement portal "https://tendersodisha.gov.in"

Sd./- Addl. Chief Executive
OIPR-8001/8138/1/25-26/0001 Chillika Development Authority

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ଆଶୁତୋଷ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ‘ଏକାମ୍ର ହେରିଟେଜ୍ ପ୍ରକଳ୍ପ’, ଶ୍ରେୟ ପାଇଁ ବାକ୍‌ଯୁଦ୍ଧ

ଭୁବନେଶ୍ୱର,୧୫ା୨ (ରବିନାରାୟଣ ଜେନା)

ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ପାରିପାର୍ଶ୍ୱିକ ଉନ୍ନତୀକରଣ ତଥା ସୌନ୍ଦର୍ଯ୍ୟକରଣକୁ ନେଇ ଏବେ ରାଜନୈତିକ ବୟାନବାଜି ଆରମ୍ଭ ହୋଇଛି। ମହାଶିବରାତ୍ରି ଜାଗର ଅବସରରେ ବିନ୍ଦୁ ସାଗର ପୁଷ୍କରିଣୀକୁ ହେରିଟେଜ୍ ହ୍ରଦରେ ପରିଣତ କରିବା ପଛରେ କିଏ ଶ୍ରେୟ ନେବ ତାକୁ ନେଇ ଭାଜପା ଏବଂ ବିଜେଡି ମଧ୍ୟରେ କଥା କଟାକଟି ଆରମ୍ଭ ହୋଇଛି।

ଆଇନ ଓ ନିର୍ମାଣ ବିଭାଗ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ବିନ୍ଦୁ ସାଗର ପୁଷ୍କରିଣୀକୁ ହେରିଟେଜ୍ ହ୍ରଦରେ ପରିଣତ କରାଯିବ। ଆସନ୍ତା ଆର୍ଥିକବର୍ଷ ଅର୍ଥାତ ୨୦୨୬-୨୭ ଶେଷ ସୁଦ୍ଧା ଏକାମ୍ର ହେରିଟେଜ ପ୍ରକଳ୍ପ କାର୍ଯ୍ୟ ଶେଷ ହେବ। ସେ ଆହୁରି ମଧ କହିଛନ୍ତି, ଏହି ପ୍ରକଳ୍ପ ଅନ୍ତର୍ଗତ ନୂଆ କରି ଏକ ଇଣ୍ଟରପ୍ରିଟେସନ ସେଣ୍ଟର କରାଯିବାର ପ୍ରସ୍ତାବ ଅଛି, ଯାହା ପାର୍କିଂ ସେଣ୍ଟରର ଶେଷ ଭାଗରେ ରହିବ। ସେଠାରେ ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ଏକ ବିରାଟ ପ୍ରତିମୂର୍ତ୍ତି ନିର୍ମାଣ କରାଯିବ। ମନ୍ତ୍ରୀ କହିଛନ୍ତି, ଯେହେତୁ ଏହି ଦୁଇଟି ନୂତନ ପ୍ରକଳ୍ପ ମିଶିଛି, ବଜେଟ ପରିମାଣ ଆହୁରି ବଢ଼ିବ। ଯେଉଁ ପୁରୁଣା ଏଜେନ୍‌ସି କାମ କରୁଥିଲା ସେ କରିବାକୁ ଚାହିଁଲା ନାହିଁ। ତେଣୁ ଏକ ନୂଆ ଏଜେନ୍‌ସି ଏହି କାମ କରିବ ବୋଲି ମନ୍ତ୍ରୀ ପୃଥ୍ୱୀରାଜ କହିଛନ୍ତି।

ମନ୍ତ୍ରୀ ପୃଥ୍ୱୀରାଜଙ୍କ ହେରିଟେଜ୍ ପ୍ରକଳ୍ପ ବିବୃତିକୁ ନେଇ ପୂର୍ବତନମନ୍ତ୍ରୀ ତଥା ବିଜେଡି ଭୁବନେଶ୍ୱର ଜିଲା ସଭାପତି ଅଶୋକ ଚନ୍ଦ୍ର ପଣ୍ଡା କାଉଣ୍ଟର କରିଛନ୍ତି। ସେ କହିଛନ୍ତି, ମନ୍ତ୍ରୀ ଖାଲି ପୂର୍ବରେ ୨୪ବର୍ଷର ସରକାରକୁ ବିରୋଧ କରିବେ ବୋଲି ଯାହା କିଛି କହିବେ ତାହା ଠିକ୍ ନୁହେଁ, ନଥି ପତ୍ର ଦେଖନ୍ତୁ। ପୂର୍ବ ସରକାରରେ ଲିଙ୍ଗରାଜ ମନ୍ଦିର ବ୍ୟାଖ୍ୟାନ କେନ୍ଦ୍ର ପାଇଁ ଅର୍ଥ ମଞ୍ଜୁର ହୋଇଥିଲା। ଏକାମ୍ର ପ୍ରକଳ୍ପରେ ବ୍ୟାଖ୍ୟାନ କେନ୍ଦ୍ରକୁ ଯୋଡ଼ା ଯାଇଥିଲା। ବିନ୍ଦୁସାଗର ଉନ୍ନତୀକରଣ ହେଉଛି ପୂର୍ବ ସରକାରଙ୍କ ପ୍ରସ୍ତାବିତ ପ୍ରକଳ୍ପ। ଆଇନମନ୍ତ୍ରୀଙ୍କ ବୟାନ ତଥ୍ୟ ସମ୍ବଳିତ ନୁହେଁ ବୋଲି ଅଶୋକ କହିଛନ୍ତି। ତେବେ ବିନ୍ଦୁସାଗର ପୁଷ୍କରିଣୀକୁ ହେରିଟେଜ୍ ହ୍ରଦରେ ପରିଣତ କରିବା ପ୍ରସଙ୍ଗରେ ଆଇନମନ୍ତ୍ରୀଙ୍କ ବକ୍ତବ୍ୟ ଏବଂ ଅଶୋକଙ୍କ କାଉଣ୍ଟରକୁ ନେଇ ଏବେ ବିଭିନ୍ନ ମହଲରେ ଚର୍ଚ୍ଚା ଜୋର ଧରିଛି।

## ପ୍ରଥମ ପୃଷ୍ଠାରୁ

### ବଢ଼ିଲା ତାପମାତ୍ରା...

କେନ୍ଦ୍ରର ରିପୋର୍ଟ ଅନୁସାରେ, ଉତ୍ତର ଆଭ୍ୟନ୍ତରୀଣ ଓଡ଼ିଶାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ସର୍ବନିମ୍ନ ତାପମାତ୍ରା ସାଧାରଣ ତାପମାତ୍ରାଠାରୁ ପ୍ରାୟ ୩ ଡିଗ୍ରୀ କମ୍ ରହିଛି। ସେହିପରି ଉପକୂଳ ଓଡ଼ିଶାର କିଛି ସ୍ଥାନରେ ସର୍ବନିମ୍ନ ତାପମାତ୍ରା ସ୍ୱାଭାବିକଠାରୁ ପ୍ରାୟ ୨ଡିଗ୍ରୀ କମ୍ ଏବଂ ଦକ୍ଷିଣ ଆଭ୍ୟନ୍ତରୀଣ ଓଡ଼ିଶାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ତାପମାତ୍ରା ସ୍ୱାଭାବିକ ଥିଲା। ତେବେ ଆସନ୍ତା ୨ଦିନ ପର୍ଯ୍ୟନ୍ତ ଭଦ୍ରକ, କେନ୍ଦ୍ରାପଡ଼ା, ଯାଜପୁର, ଜଗତ୍‌ସିଂହପୁର, କଟକ ଏବଂ ବାଲେଶ୍ୱର ଜିଲାରେ ହାଲୁକାରୁ ମଧ୍ୟମ ଧରଣର କୁହୁଡ଼ି ହେବ ବୋଲି ସୂଚନା ଦିଆଯାଇଛି।

### ଆମେରିକାରେ ନିଖୋଜ...

ଦେବାକୁ ପ୍ରସ୍ତୁତ ବୋଲି କହିଛି। ଶ୍ରୀନିବାସୈଆ କାଲିଫର୍ନିଆ ୟୁନିଭର୍ସିଟିରେ ମାଷ୍ଟର ଅଫ୍ ସାଇନ୍ସ ପ୍ରୋଗ୍ରାମରେ ନାମ ଲେଖାଇଥିଲେ। ପାର୍କ ହିଲ୍‌ସ୍ଥିତ ଘର ପାହାଚରୁ ତାଙ୍କ ବ୍ୟାଗେଜ୍, ପାସ୍‌ପୋର୍ଟ ଏବଂ ଲାପ୍‌ଟପ୍ ମିଳିଛି।

### ଅଗ୍ନିକାଣ୍ଡରେ ଶୀତଳ...

ସାମିଲ ହୋଇଥିଲେ। ଏହି ଶୀତଳ ଭଣ୍ଡାରରେ କୁଚିଣ୍ଡା ଉପଖଣ୍ଡର ଚାଷୀଙ୍କ ଲଙ୍କାମରିଚ, ଆମ୍ବ ଟାକୁଆ, ମହୁଲ ଫୁଲ ସମେତ ପନିପରିବା ରହିଥିଲା। ଅଗ୍ନିକାଣ୍ଡ ଯୋଗୁ ସେସବୁ ପୋଡ଼ି ପାଉଁଶ ହୋଇଯାଇଛି। ଅଗ୍ନିକାଣ୍ଡରେ ୧୫ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର କ୍ଷତି ହୋଇଥିବା ଶୀତଳ ଭଣ୍ଡାର ମାଲିକ ଲାଠ କହିଛନ୍ତି। ଶର୍ଟସର୍କିଟରୁ ଅଗ୍ନିକାଣ୍ଡ ଘଟିଥିବା ଅନୁମାନ କରାଯାଉଛି।

### କଣ୍ଠଶିଳ୍ପୀ ଗୀତା...

ସେ କଟକର ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର ହୋଇଥିଲେ। ତାଙ୍କୁ ସେଠାରେ ଆଇସିୟୁରେ ରଖି ଚିକିତ୍ସା କରାଯାଇଥିଲା। ଡାକ୍ତରୀ ପରୀକ୍ଷା ପରେ ତାଙ୍କର ମସ୍ତିଷ୍କାଘାତ ହୋଇଥିବା ଜଣାପଡ଼ିଥିଲା। ବହୁ ଓଡ଼ିଆ ଚଳଚ୍ଚିତ୍ରରେ ସେ କଣ୍ଠଦାନ କରି ସଙ୍ଗୀତର ଯାଦୁରେ ସଙ୍ଗୀତପ୍ରେମୀଙ୍କ ମନ ଜିଣିପାରିଥିଲେ। ଓଡ଼ିଆ ଚଳଚ୍ଚିତ୍ର ଯାଯାବରର ଗୀତ ଫୁର୍ କିନା ଉଡ଼ିଗଲା ବଣି, ଦନେଇ ଦାସ କହେରେ ଭାଇ, ଅଖୀ ତୃତୀୟା ଚଳଚ୍ଚିତ୍ରର ଏଇ ତାରାଭରା ଜହ୍ନ ରାତି, ପ୍ରଥମେ ବନ୍ଧିଲି ବାଟ ମଙ୍ଗଳା, ନାଗ ଫାଶ ଚଳଚ୍ଚିତ୍ରର ବଡ଼ ବେଦରଦୀ ମୋ ନାଲିପାନ ରାଜା, ମଥୁରା ବିଜୟ ଚଳଚ୍ଚିତ୍ରର ଆରେ ବାବୁ ଶ୍ୟାମଘନ ସମେତ ତାଙ୍କ ସଙ୍ଗୀତ ଯାତ୍ରାର ଗୋଟିଏ ଲେଖାଏ ମାଇଲଖୁଣ୍ଟ ହୋଇରହିଛି। ତାଙ୍କ ପରଲୋକ ଖବର ପାଇ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ଶେଷଦର୍ଶନ କରି ପୁଷ୍ପମାଲ୍ୟ ଅର୍ପଣ କରିଛନ୍ତି। ତାଙ୍କ ପରଲୋକରେ ଓଡ଼ିଆ ସଙ୍ଗୀତ ଜଗତରେ ଗଭୀର ଶୋକ ପ୍ରକାଶ ପାଇଛି।

### ଆଣବିକ ରିଆକ୍ଟର...

ବିଷୟରେ ଘରେ ଗବେଷଣା କରି ସରଞ୍ଜାମ ପ୍ରସ୍ତୁତ କରିବା ସମୟରେ ତାଙ୍କ ପରିବାର ଲୋକ ଉଦ୍‌ବେଗ ପ୍ରକାଶ କରିଥିଲେ। କିନ୍ତୁ ସେ ସୁରକ୍ଷା ପ୍ରୋଟୋକଲ୍‌କୁ ନେଇ ତାଙ୍କ ମାଆଙ୍କୁ ଏଭଳି ବୁଝାଇପାରିଥିଲେ ଯେ, ତାହା ମାଆଙ୍କୁ ଆଶ୍ଚର୍ଯ୍ୟ କରିଦେଇଥିଲା। ଏଡେନ୍‌ଙ୍କ ଏହି କୃତିତ୍ୱକୁ ନେଇ ଆମେରିକାର ବିଭିନ୍ନ ମହଲରେ ବିସ୍ମୟ ପ୍ରକାଶ ପାଇଥିଲା ବେଳେ ଏହା ଗିନିଜ୍ ବୁକ୍ ଅଫ୍ ୱାର୍ଲଡ ରେକର୍ଡରେ ସ୍ଥାନ ପାଇବାକୁ ଯାଉଛି ବୋଲି କୁହାଯାଇଛି।

### ଦିବ୍ୟାଙ୍ଗ ଶିଶୁପୁତ୍ରକୁ...

ପରେ ତାଙ୍କୁ ବେଆଇନ ଭାବେ ଦମ୍ପତିଙ୍କୁ ବିକ୍ରି କରାଯାଇଥିଲା। ଏନେଇ ଜିଲା ଶିଶୁ ସୁରକ୍ଷା ଅଧିକାରୀ ରୋମିଓ ମହାପାତ୍ର ବାରକୋଟ ଥାନାରେ ଏତଲା ଦେବା ପରେ ପୋଲିସ ଉକ୍ତ ଦମ୍ପତିଙ୍କୁ ଗିରଫ କରିଥିଲା। ଏଥିସହ ସେମାନଙ୍କଠାରୁ ଶିଶୁପୁତ୍ରକୁ ଉଦ୍ଧାର କରାଯାଇ ପୋଷ୍ୟସନ୍ତାନ ଗ୍ରହଣ କେନ୍ଦ୍ରରେ ରଖାଯାଇ ଯତ୍ନ ନିଆଯାଉଥିଲା। ଜିଲାପାଳଙ୍କ କାର୍ଯ୍ୟାଳୟରେ ଶନିବାର ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ରୋମିଓ ମହାପାତ୍ର, ସୁରକ୍ଷା ଅଧିକାରୀ ଚିନ୍ମୟ ସ୍ୱାଇଁ ଓ ପୋଷ୍ୟସନ୍ତାନ ଗ୍ରହଣ କେନ୍ଦ୍ରର ପରିଚାଳକ ସଲ୍‌ମାନ୍ ବେହେରାଙ୍କ ଉପସ୍ଥିତିରେ ଉକ୍ତ ଶିଶୁପୁତ୍ରକୁ ସେନ୍ ରେମଣ୍ଡଙ୍କୁ ହସ୍ତାନ୍ତର କରାଯାଇଛି। ପୋଷ୍ୟସନ୍ତାନ ଗ୍ରହଣ ପରେ ଆଇନ ଅନୁଯାୟୀ ଆନ୍ତର୍ଜାତିକ ସ୍ତରରେ ଇଣ୍ଡିଆନ୍ ଡିପ୍ଲୋମାଟିକ୍ ମିଶନ ଶିଶୁର ସ୍ଥିତି ସମୀକ୍ଷା ଦାୟିତ୍ୱରେ ରହିବେ ବୋଲି ଜିଲା ଶିଶୁସୁରକ୍ଷା ଅଧିକାରୀ ରୋମିଓ ମହାପାତ୍ର ସୂଚନା ଦେଇଛନ୍ତି।

# ହଳଦିଆପଦର ଓଭରବ୍ରିଜ୍ ଦୁର୍ଘଟଣାର ତଥ୍ୟ ମାଗିଲେ ଡିଜିପି

ବ୍ରହ୍ମପୁର,୧୫ା୨
(ସୁବାସ ଚନ୍ଦ୍ର ପାଢ଼ୀ)

ଗଞ୍ଜାମ ଜିଲା ରଙ୍ଗେଇଲୁଣ୍ଡା ବ୍ଲକ ତଥା ଗୋସାଇଁନୂଆଗାଁ ନିକଟ ହଳଦିଆପଦର ଓଭରବ୍ରିଜରେ ଗତ ୧ତାରିଖରେ ଟ୍ରକ ଧକ୍କାରେ ୫ ଜଣଙ୍କ ମୃତ୍ୟୁ ଘଟିଥିଲା। ଦୁର୍ଘଟଣା ଘଟାଇଥିବା ଟ୍ରକ୍‌ର ଡ୍ରାଇଭର କବିସୂର୍ଯ୍ୟନଗର ଥାନା ଅନ୍ତର୍ଗତ ଗୁଡିଆପଲ୍ଲୀର ପ୍ରଦୀପ ଜାନୀ(୩୮)ଙ୍କୁ ଗିରଫ କରାଯାଇ ତାଙ୍କ ନାମରେ ହତ୍ୟା ମାମଲା ରୁଜୁ ହୋଇଛି। ଗୋସାଇଁ ନୂଆଗାଁ ଥାନା ବର୍ତ୍ତମାନ ଏହି ଦୁର୍ଘଟଣାର ତଦନ୍ତ କରୁଛି।

ତେବେ ଦୁର୍ଘଟଣା କେମିତି ଘଟିଲା, ପୋଲିସ ପକ୍ଷରୁ କ’ଣ ପଦକ୍ଷେପ ନିଆଯାଇଛି ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ(ଡିଜିପି) ଯୋଗେଶ ବାହାଦୁର ଖୁରାନିଆ ବ୍ରହ୍ମପୁର ଏସ୍‌ପିଙ୍କୁ ତାହାର ବିସ୍ତୃତ ତଥ୍ୟ ମାଗିଛନ୍ତି।

ଡିଜିପି ଏସ୍‌ପିଙ୍କୁ କରିଥିବା ଚିଠିରୁ ଜଣାପଡିଛି ଯେ, ଗୋସାଇଁନୂଆଗାଁ ଥାନାଞ୍ଚଳରେ ଘଟଣା ଘଟିଥିଲେ ବି ଦୁର୍ଘଟଣା ଘଟିବା ଦିନ ମାମଲା ଟ୍ରାଫିକ ପୋଲିସ ନେଇଥିଲା। ଟ୍ରାଫିକ ପୋଲିସ ମୃତଦେହଗୁଡ଼ିକୁ ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ବ୍ୟବଚ୍ଛେଦ ରିପୋର୍ଟ କ’ଣ ଆସିଛି, ପୋଲିସ ପକ୍ଷରୁ ସାଇଣ୍ଟିଫିକ ସାମ୍ପୁଲ କଲେକ୍ସନ ହୋଇଛି କି ନାହିଁ, ଏମ୍‌ଭିଆଇ ପକ୍ଷରୁ ଗାଡିର ଫିଟ୍‌ନେସ୍ ଯାଞ୍ଚ କରାଯାଇଛି କି ନାହିଁ, ଗାଡି କେତେଦୂର ଘୋଷାଡି ହୋଇଯାଇଛି ଏବଂ ଗାଡିର ଯେଉଁଠି ନଷ୍ଟ ହୋଇଛି ସେଠାର ରଙ୍ଗ କିଭଳି ରହିଛି। ଗାଡି ଭୁଲ ରୁଟ୍‌ରେ ଯାଉଥିଲା ନା ଠିକ୍ ରୁଟ୍‌ରେ ଯାଉଥିଲା, ଡ୍ରାଇଭରଙ୍କ ରକ୍ତ ନମୁନା ସଂଗ୍ରହ କରାଯାଇ ରସୁଲଗଡସ୍ଥିତ ଫରେନସିକ ଲାବୋରେଟୋରିକୁ ପଠାଯାଇଛି କି ନାହିଁ, ଯଦି ପଠାଯାଇଛି ତାହାର ରିପୋର୍ଟ କ’ଣ, ଡ୍ରାଇଭର ସେଦିନ କେଉଁ ନିଶା ପାନ କରିଥିଲେ, ଗାଡିର ମାଲିକ ଉକ୍ତ ଡ୍ରାଇଭରଙ୍କୁ ନିଯୁକ୍ତ କଲାବେଳେ କ’ଣସବୁ ପଚାରିଥିଲେ ତାହାର ବୟାନ ରେକର୍ଡ ହୋଇଛି କି ନାହିଁ, ଗୋସାଇଁନୂଆଗାଁ ଥାନା ପୋଲିସ ଘଟଣାର ତଦନ୍ତ କରୁଥିବାବେଳେ କି ପ୍ରକାର ତଦନ୍ତ କରାଯାଇଛି, ଗାଡି ମାଲିକଙ୍କୁ ଥାନାକୁ ଡକାଯାଇ ପଚରାଯାଇଛି କି ନାହିଁ, ଡ୍ରାଇଭର ନାମରେ ହତ୍ୟା ମାମଲା ରୁଜୁ ହୋଇଥିଲେ ବି ସେଥିରେ କେଉଁ ଧାରା ଲାଗିଛି, ଘଟଣା ପରେ ସମସ୍ତ ନିୟମକୁ ଅନୁପାଳନ କରାଯାଇଛି କି ନାହିଁ ସେ ସମସ୍ତ ବିଷୟରେ ଡିଜିପି ତଥ୍ୟ ମାଗିଛନ୍ତି। ଏହି ତଥ୍ୟ ଆସନ୍ତା ମାସରେ ସୁପ୍ରିମକୋର୍ଟରେ ଦାଖଲ ହେବ ବୋଲି ଚିଠିରେ ଉଲ୍ଲେଖ ରହିଛି। ଅନ୍ୟପକ୍ଷରେ ଉକ୍ତ ବ୍ରିଜର ଅନୁଧ୍ୟାନ କରିବା ପାଇଁ ରାଜ୍ୟ ରାସ୍ତା ଓ କୋଠାବାଡ଼ି ବିଭାଗ ପକ୍ଷରୁ ଏକ ବୈଷୟିକ ଦଳ ଆସନ୍ତା ୧୬ ତାରିଖରେ ପରିଦର୍ଶନରେ ଆସିବ ବୋଲି ଜଣାପଡିଛି। ବ୍ରିଜର ନିର୍ମାଣ ଓ ଡିଜାଇନ ଉପରେ ସେମାନେ ଅନୁଧ୍ୟାନ କରିବେ ବୋଲି ଜଣାପଡିଛି।

ସୂଚନାଯୋଗ୍ୟ, ଗତ ୧ ତାରିଖରେ ୧୪ ଚକିଆ ଟ୍ରକ(ନଂ.ଓଡି ୦୭ ଜେଡ ୭୨୫୯)ଟି ହଳଦିଆପଦର ଓଭରବ୍ରିଜ୍‌ରେ ୩ଟି ବାଇକକୁ ସମ୍ମୁଖପଟୁ ଧକ୍କା ଦେବାରୁ ୫ ଜଣଙ୍କ ମୃତ୍ୟୁ ହୋଇଥିଲା। ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଓ ଅନ୍ୟାନ୍ୟ ଅଧିକାରୀ ପରିଦର୍ଶନ କରି ମୃତକଙ୍କ ପରିବାରକୁ ରେଡ୍‌କ୍ରସ୍ ପାଣ୍ଠିରୁ ୩୦ ହଜାର ଟଙ୍କା ଲେଖାଏ ପ୍ରଦାନ କରିଥିଲେ। ସରକାରଙ୍କ ପକ୍ଷରୁ ପ୍ରତି ମୃତକଙ୍କ ପରିବାରକୁ ୪ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ କରାଯାଇଥିଲା। ଏ ସମ୍ପର୍କରେ ଏସ୍‌ପି ଡା. ସର୍ବଣା ବିବେକ ଏମ୍.ଙ୍କୁ ପଚାରିବାରୁ ସେ କହିଛନ୍ତି, ଉକ୍ତ ବ୍ରିଜରେ ୨୦୧୯ରୁ ଏ ପର୍ଯ୍ୟନ୍ତ ୧୭ ଜଣଙ୍କ ମୃତ୍ୟୁ ହୋଇଛି। ୨୭ ଜଣ ଗୁରୁତର ହୋଇଛନ୍ତି। ବ୍ରିଜ ତ୍ରୁଟି ନେଇ ଅନେକ ଥର ରାଜପଥ ସୁରକ୍ଷା ବୈଠକରେ ଆଲୋଚନା ହୋଇଛି। ଏପରିକି ଜିଲାପାଳ, ପରିବହନ କମିଶନର ଓ ଅନ୍ୟାନ୍ୟ ବିଭାଗକୁ ଚିଠି କରାଯାଇଛି। ସୋମବାର କିମ୍ବା ମଙ୍ଗଳବାର ସୁଦ୍ଧା ରାଜ୍ୟ ପୋଲିସ ମହାନିର୍ଦ୍ଦେଶକଙ୍କ ନିକଟକୁ ଦୁର୍ଘଟଣା ସମ୍ପର୍କିତ ସମସ୍ତ ତଥ୍ୟ ପଠାଇ ଦିଆଯିବ ବୋଲି ଏସ୍‌ପି କହିଛନ୍ତି।

## ହୀରାକୁଦ ହାଫ୍ ମାରାଥନ

# ଦୌଡ଼ିଲେ ୧୦ହଜାରରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ



ହୀରାକୁଦ ମାରାଥନରେ ଅତିଥିଙ୍କ ସହ ପୁରସ୍କୃତ ପ୍ରତିଯୋଗୀମାନେ।

ସମ୍ବଲପୁର,୧୫ା୨
(ପ୍ରମୋଦ ବହିଦାର)

ମହାନଦୀ କୋଲ୍ ଫିଲ୍‌ଡ୍ସ ଲିମିଟେଡ୍(ଏମ୍‌ସିଏଲ୍) ଓ ସମ୍ବଲପୁର ଜିଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ରବିବାର ହୀରାକୁଦ ଅନ୍ତର୍ଜାତୀୟ ହାଫ୍ ମାରାଥନ ଆୟୋଜିତ ହୋଇଯାଇଛି। ହୀରାକୁଦ ବନ୍ଧର ବାମ ଡାଇକ୍‌ରେ ଆୟୋଜିତ ମାରାଥନକୁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ବକ୍ତବ୍ୟ ରଖି ପ୍ରଧାନ କହିଥିଲେ, ୨୦୩୬ ଅଲିମ୍ପିକ୍ସ ପାଇଁ ୨୦୨୬ରୁ ପ୍ରୟାସର ଅୟମାରମ୍ଭ ହୋଇଛି। ଏଥିସହ ହୀରାକୁଦର ପ୍ରାକୃତିକ ସୌନ୍ଦର୍ଯ୍ୟଭରା ପର୍ଯ୍ୟଟନ କ୍ଷେତ୍ର ସହିତ ଜିଲାର ଅନ୍ୟ ପର୍ଯ୍ୟଟନସ୍ଥଳୀ, ଐତିହ୍ୟକୁ ବିଶ୍ୱ ମାନଚିତ୍ରରେ ସମ୍ବଲପୁରର ଏକ ନୂଆ ପରିଚୟ ସୃଷ୍ଟି ଏହି ମାରାଥର ମୂଳ ଲକ୍ଷ୍ୟ। ସମ୍ବଲପୁରର କ୍ରୀଡ଼ା ସଂସ୍କୃତି ଓ ଖେଳୁଆଡ଼ ମନୋବୃତ୍ତିକୁ ଉତ୍ସାହିତ କରିବା ପାଇଁ ଆଗାମୀ ଦିନରେ ହୀରାକୁଦ ଅନ୍ତର୍ଜାତୀୟ ହାଫ୍ ମାରାଥନ ପ୍ରତିବର୍ଷ ଆୟୋଜନ କରାଯିବ। ତେବେ ଏଥିରେ କେବଳ ଓଡ଼ିଶା କିମ୍ବା ଭାରତ ନୁହେଁ, ବରଂ ଇଥିଓପିଆ ଓ ନାଇଜେରିଆ ଭଳି ଦେଶର ଦୌଡ଼ାଳିମାନେ ଯୋଗଦେଇଛନ୍ତି। ଏଥିପାଇଁ ସେ ମାରାଥନର ଆୟୋଜକ ଏମ୍‌ସିଏଲ୍, ଜିଲା ପ୍ରଶାସନ ଏବଂ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ କୃତଜ୍ଞତା ଜଣାଇବା ସହ ମାରାଥନରେ ଭାଗ ନେଇଥିବା ସମସ୍ତ କ୍ରୀଡ଼ାବିତ୍ ଓ ଯୁବସାଥୀଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଏଥିରେ ଯୋଗଦେଇ ରାଜ୍ୟ ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ବକ୍ତବ୍ୟ ରଖି କେନ୍ଦ୍ରମନ୍ତ୍ରୀ ପ୍ରଧାନଙ୍କ ପରିକଳ୍ପନାରେ ଆରମ୍ଭ ହୋଇଥିବା ଏହି ମାରାଥନ ପ୍ରଧାନମନ୍ତ୍ରୀଙ୍କ ଫିଟ୍ ଇଣ୍ଡିଆ ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଫିଟ୍ ଓଡ଼ିଶା ଅଭିଯାନକୁ ଏକ ନୂଆ ଗତି ପ୍ରଦାନ କରିଛି ବୋଲି କହିଥିଲେ।

ପରେ ଆୟୋଜିତ ମାରାଥନରେ ଓଡ଼ିଶା ସହ ଭାରତର ବିଭିନ୍ନ ରାଜ୍ୟ ଏବଂ ଇଥିଓପିଆ, ନାଇଜେରିଆ, କେନିଆ, ଶ୍ରୀଲଙ୍କା, ନେପାଳ, ଭୁଟାନ, ଜାମ୍ବିଆ, କଙ୍ଗୋ, ୟେମେନ ଓ ସିରିଆ ଭଳି ବିଦେଶୀ ରାଷ୍ଟ୍ରର ୧୦ହଜାରରୁ ଊର୍ଦ୍ଧ୍ୱ ଧାବକ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ସହ କେନ୍ଦ୍ରମନ୍ତ୍ରୀ ପ୍ରଧାନ ଓ ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀ ସୂରଜ ସାମିଲ ହୋଇ ଉତ୍ସାହିତ କରିଥିଲେ। ମାରାଥନ ତିନୋଟି ବର୍ଗ ଓ ପର୍ଯ୍ୟାୟରେ ଅନୁଷ୍ଠିତ ହୋଇଥିଲା। ସେଥିମଧ୍ୟରେ ୨୧ କିଲୋମିଟର୍, ୧୦ କିଲୋମିଟର ଓ ୫ କିଲୋମିଟର ଆଦି ବର୍ଗରେ ଦୌଡ଼ାଳିମାନେ ଭାଗ ନେଇଥିଲେ। ବିଜେତାମାନଙ୍କୁ ମୋଟ ୫୫ ଲକ୍ଷ ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯାଇଛି। ସେଥିମଧ୍ୟରେ ପ୍ରତିବର୍ଗରୁ ୫ଜଣ ମହିଳା ଓ ୫ଜଣ ପୁରୁଷଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ୫ଲକ୍ଷ, ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ୪ଲକ୍ଷ, ତୃତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ୩ ଲକ୍ଷ, ଚତୁର୍ଥ ଏବଂ ପଞ୍ଚମ ସ୍ଥାନରେ ରହିଥିବା ପ୍ରତିଯୋଗୀଙ୍କୁ ଯଥାକ୍ରମେ ୨ ଓ ୧ ଲକ୍ଷ ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯାଇଛି। ବିଜୟୀ ପ୍ରତିଯୋଗୀମାନଙ୍କୁ କେନ୍ଦ୍ରମନ୍ତ୍ରୀ ପ୍ରଧାନ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମରେ ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ଗ୍ରାମୀଣ ଉନ୍ନୟନ ମନ୍ତ୍ରୀ ରବିନାରାୟଣ ନାଏକ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ବରଗଡ଼ ଏମ୍‌ପି ପ୍ରଦୀପ ପୁରୋହିତ, ସମ୍ବଲପୁର ବିଧାୟକ ଜୟ ନାରାୟଣ ମିଶ୍ର, ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି, ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ, ଏମ୍‌ସିଏଲ ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଉଦୟ ଅନନ୍ତ କାଉଲେଙ୍କ ସମେତ ପଦ୍ମଶ୍ରୀ ବିଜେତା, ଜିଲାର ଅନେକ ପ୍ରଶାସନିକ ଅଧିକାରୀ ଯୋଗଦେଇଥିଲେ।

# ଗୋଟିଏ ଦିନରେ ୪୭ ଟ୍ରେନ୍‌ରୁ ତାପଜ କୋଇଲା ଖଲାସ ରେକର୍ଡ

## ପାରାଦୀପ ବନ୍ଦର


ଯାନ୍ତ୍ରିକୀକରଣ ବ୍ୟବସ୍ଥାରେ ପାରାଦୀପ ବନ୍ଦରକୁ ଆସିଥିବା ଟ୍ରେନ୍‌ରୁ ପଣ୍ୟ ଖଲାସ କରାଯାଉଛି।

ପାରାଦୀପ,୧୫ା୨(ଶରତ ରାଉତ)

ପାରାଦୀପ ବନ୍ଦର ଚଳିତ ବର୍ଷ ଶନିବାର ଗୋଟିଏ ଦିନରେ ଟ୍ରେନ୍‌ରୁ ରେକର୍ଡ ପଣ୍ୟ ଖଲାସ କରିଛି। ରପ୍ତାନି ହେବାକୁ ପାରାଦୀପ ବନ୍ଦର ଆସିଥିବା ୪୭ଟି ଟ୍ରେନ୍‌ରୁ (ରେକ)ତାପଜ କୋଇଲା ଖଲାସ କରାଯାଇଛି। ଏହା ଦେଶର ଯେକୌଣସି ବୃହତ ବନ୍ଦର କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ବୋଲି ବନ୍ଦର ପ୍ରଶାସନ ପକ୍ଷରୁ କୁହାଯାଇଛି। ବଗି ଓପନ ବଟମ୍ ରାପିଡ୍ ଡିସଚାର୍ଜ ପଦ୍ଧତିରେ ଏହି କାର୍ଯ୍ୟ କରାଯାଇଛି। ଏହାଦ୍ୱାରା ଟ୍ରେନ୍‌ରୁ ପଣ୍ୟ ଖଲାସ ବୋଝେଇ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇଛି। ଏହି ସଫଳତା ପାଇଁ ବନ୍ଦର ଅଧ୍ୟକ୍ଷ ପି.ଏଲ.ହାରାନ୍ଧ ଉକ୍ତ ଟ୍ରେନ ଖଲାସ ପଦ୍ଧତିରେ ସାମିଲ ସମସ୍ତ ସହଭାଗୀ ସଂସ୍ଥା, କର୍ମଚାରୀ ଶ୍ରମିକଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ଶିବ ଦର୍ଶନ ପରେ ଟଳିପଡ଼ିଲେ ଶ୍ରଦ୍ଧାଳୁ

ନାକଟିଦେଉଳ, ୧୫ା୨(ବୈକୁଣ୍ଠନାଥ ସାହୁ)

ପବିତ୍ର ଶିବରାତ୍ରି ହେଲା ଶ୍ରଦ୍ଧାଳୁଙ୍କ ଶେଷରାତ୍ରି। ଶିବରାତ୍ରି ଅବସରରେ ମହାଦେବଙ୍କୁ ଦର୍ଶନ କରି ବାହାରକୁ ବାହାରିବା ପରେ ଚାଲିଗଲା ଶ୍ରଦ୍ଧାଳୁଙ୍କ ଜୀବନ। ଏପରି ଏକ ଘଟଣା ଘଟିଛି ସମ୍ବଲପୁର ଜିଲା ନାକଟିଦେଉଳ ଅଞ୍ଚଳରେ। ମୃତ ଶ୍ରଦ୍ଧାଳୁ ସମ୍ବଲପୁର ହୀରାକୁଦ କଲୋନୀର ବାସିନ୍ଦା ଅନିଲ ମିଶ୍ର(୬୦)। ରବିବାର ମହାଶିବରାତ୍ରି ପାଇଁ ଅନିଲ ପରିବାର ସହ ନାକଟିଦେଉଳ ବ୍ଲକ ବାଟଗାଁ ପଞ୍ଚାୟତ ଅନ୍ତର୍ଗତ କୁଞ୍ଜାମୁରାସ୍ଥିତ ପୁରାତନ ଶୈବପୀଠ ବାବା ବିନ୍ଧେଶ୍ୱର ଶିବମନ୍ଦିରକୁ ଦର୍ଶନ କରିବାକୁ ଆସିଥିଲେ। ପୂଜାର୍ଚ୍ଚନା ପରେ ପୂର୍ବାହ୍ନ ପ୍ରାୟ ସାଢେ ୧୧ଟାରେ ପରିବାର ସହ ମନ୍ଦିରରୁ ବାହାରକୁ ଆସିବା ପରେ ହଠାତ ଅନୀଲ ଅସୁସ୍ଥ ହୋଇପଡିଥିଲେ। ମନ୍ଦିର ପରିସରରେ ତାଙ୍କର ପ୍ରବଳ ବାନ୍ତି ହୋଇଥିଲା ଓ ସେ ମୂର୍ଚ୍ଛାପ୍ରାୟ ହୋଇଯାଇଥିଲେ। ତୁରନ୍ତ ତାଙ୍କୁ ନିକଟସ୍ଥ ବାଟଗାଁ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ନାକଟିଦେଉଳ ଡାକ୍ତରଖାନା ନିଆଯାଇଥିଲା। ହେଲେ ସେଠାରେ ପହଞ୍ଚିବା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅନିଲ ଉପବାସ ରହିଥିଲେ। ହୃଦ୍‌ଘାତ ଯୋଗୁ ତାଙ୍କର ମୃତ୍ୟୁ ଘଟିଥିବା ଅନୁମାନ କରାଯାଉଛି।

# Classified Everyday
0674-2580101, 9692975378


REAL ESTATE
SALE

ଭୁବନେଶ୍ୱର ଫୁଲନଖରା DADHICHI COLLEGE ପାଖରେ ସରକାରୀ ରାସ୍ତାକୁଲାଗି 51ଗୁଣ୍ଠ ଘରବାଡି ପ୍ଲଟ୍ ଗୁଣ୍ଠକୁ- 6,30,000/- ବିକ୍ରିହେବ- 8093465134, 9668194157. D-3348

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।




All types of physiotherapy and massage contact 9556924059/ 7656969134. D-3339

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

## AFFIDAVIT

By virtue of an affidavit sworn before the Executive Magistrate, Jatni, vide affidavit No.- 424, dtd.- 23.12.25, I, Tuni Pradhan, W/o.- Late Bagha @ Bagha Pradhan, R/o. Village- Tirimal, P.S.- Jatni, Dist.- Khordha, Odisha declare that Bagha and Bagha Pradhan refer to one and the same person (my deceased husband). I further declare that my correct date of birth is 06.07.1948, the DOB 01.01.1955 mentioned in Aadhaar is incorrect and my actual name as per my deceased husband's P.P.O book bearing No.- 20037310200284 is recorded as Tuni Pradhan. This notice is issued for all official purposes. D-3400

I, Narayan Nayak, S/o.- Late Ananda Pattnaik, Resident of Ward No.16, Block Colony, P.O./P.S.- Kabisuryanagar, Ganjam, 761104, Odisha declare by this affidavit Sl. No. 4, Dtd.- 12.12.2005 that I have changed my surname from Narayan Nayak to Narayan Pattnaik. Henceforth, I shall be known as Narayan Pattnaik for all future purposes. D-3397

By virtue of an affidavit sworn before the Executive Magistrate, Sohela, date 11.02.2026, I, Saroj Kumar Nayak, R/o. At/P.O./P.S.- Sohela, Dist.- Bargarh, Odisha, PIN- 768033 declare that I have changed the name of my son from Chandan Naik, S/o.- Saroj Naik to Chandan Nayak, S/o.- Saroj Kumar Nayak for all purposes.
Saroj Kumar Nayak
D-3396

I, Anil Kumar Sodavarapu, S/o.- Sudhakararao, resident of Bhavani talkies street, P.O./P.S.- Paralakhemundi, Dist.- Gajapati, PIN- 761200, Odisha declare by this affidavit No. A28 dtd.- 14.02.2026 that now onwards I shall be known as Anil Kumar Sodavarapu, S/o.- Sudhakara Rao Sodavarapu for all future purpose. D-3395

## ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


## ମନେ ପଡ଼ନ୍ତି

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି



ଐ କବିରାଜ ପ୍ରଭାତ କୁମାର କର
ସ୍ୱର୍ଣ୍ଣନିଳୟ ବାସଭବନ, ବାଲିଅନ୍ତା (ପାଟଣା)
ଆବିର୍ଭାବ- ୧୫।୦୫।୧୯୪୭
ତିରୋଧାନ- ୨୬।୦୨।୨୦୨୫
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣରେ ବିନମ୍ର ପ୍ରାର୍ଥନା।
-:ଶୋକସନ୍ତପ୍ତ:-
ହତଭାଗ୍ୟ ପୁତ୍ର- ସୁଧିରଞ୍ଜନ (ଗୁଲୁଲ), ପୁତ୍ରବଧୂ, ଝିଅ-ଜ୍ୱାଇଁ, ଭଣଜା, ନାତୁଣୀ, ନାତି, ବନ୍ଧୁ ଓ ପରିବାରବର୍ଗ।
ଧ-୭୧୨୪୯

ଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ପଦ୍ମନାଭ ରଥ
ନବକଳେବର ରୋଡ, ପୁରୀ
ଆବିର୍ଭାବ : ୧୮।୦୧।୧୯୪୬
ତିରୋଧାନ : ୦୭।୦୨।୨୦୨୬
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ଆମର ବିନମ୍ର ପ୍ରାର୍ଥନା।
-:ଶୋକସନ୍ତପ୍ତ:-
ଆପଣଙ୍କର ପୁଅ, ଝିଅ, ଜ୍ୱାଇଁ, ନାତି ଓ ଶୋକସନ୍ତପ୍ତ ପରିବାରବର୍ଗ।
ଧ-୭୩୫୯୭

# ଗ୍ରହାଣୁରୁ ଖଣିଜ ଉତ୍ତୋଳନ



ଇଂ.ମାୟାଧର ସ୍ୱାଇଁ

''ଭବିଷ୍ୟତରେ ଅନେକ ଗଭୀର ମହାକାଶ ଅଭିଯାନ ଯୋଜନା କରାଯାଇଛି। ମହାକାଶଚାରୀମାନେ ମଙ୍ଗଳ ଓ କେତୋଟି ଉପଗ୍ରହରେ ଅବତରଣ କରିବା ପାଇଁ ଯୋଜନା କରିଛନ୍ତି। ଏହିସବୁ ଅଭିଯାନ ପାଇଁ ପୃଥିବୀପୃଷ୍ଠରୁ ବିଭିନ୍ନ ବସ୍ତୁ ଉତ୍ତୋଳନ କରିବାରେ ଅନେକ ଜଟିଳତା ଅଛି। ଏଣୁ ଗ୍ରହାଣରୁ ଖଣିଜ ଉତ୍ତୋଳନ କରି ତାକୁ ମହାକାଶ ଅଭିଯାନରେ ବ୍ୟବହାର କରିବା ପାଇଁ ବୈଜ୍ଞାନିକମାନେ ଚିନ୍ତା କରିଛନ୍ତି। ପୁନଶ୍ଚ ସୁନା ଓ ପ୍ଲାଟିନମ୍ ଧାତୁକୁ ପୃଥିବୀକୁ ଆଣିବା ଅର୍ଥନୈତିକ ଦୃଷ୍ଟିରୁ ଲାଭଜନକ ହେବ।''

ସୌରଜଗତର ମଙ୍ଗଳ ଏବଂ ବୃହସ୍ପତି ଗ୍ରହ କକ୍ଷ ମଝିରେ ଅନେକ କ୍ଷୁଦ୍ର ବସ୍ତୁପିଣ୍ଡ ସୂର୍ଯ୍ୟକୁ ପରିକ୍ରମଣ କରୁଛି। ଏଗୁଡ଼ିକୁ ଗ୍ରହାଣୁ ବା ଗୌଣ ଗ୍ରହ କୁହାଯାଏ ଏବଂ ଯେଉଁ ଅଞ୍ଚଳରେ ଏଗୁଡ଼ିକ ସୂର୍ଯ୍ୟକୁ ପରିକ୍ରମଣ କରିଥାଆନ୍ତି, ତାକୁ ଗ୍ରହାଣୁ ବଳୟ କୁହାଯାଏ। ଯେଉଁ ଆଦିବସ୍ତୁରୁ ସୂର୍ଯ୍ୟ, ଗ୍ରହ, ଉପଗ୍ରହଗୁଡିକ ସୃଷ୍ଟି ହୋଇଛି, ସେଥିରୁ ଗ୍ରହାଣୁଗୁଡ଼ିକୁ ସୃଷ୍ଟି ହୋଇଥିବାର ବିଶ୍ୱାସ କରାଯାଏ। କେତେକ ଜ୍ୟୋତିର୍ବିଦ ମତ ଦେଇଥାଆନ୍ତି ଯେ ପୂର୍ବରୁ ଏହି ଅଞ୍ଚଳରେ ଗୋଟିଏ ଗ୍ରହ ଥିଲା ଏବଂ କୌଣସି କାରଣରୁ ଏହା ଭାଙ୍ଗି ଯାଇ ଅନେକ ଖଣ୍ଡରେ ପରିଣତ ହୋଇଛି। ଏଗୁଡିକର ସଂଖ୍ୟା ହେଉଛି ଅନେକ ଏବଂ ଏକ କିମି ବ୍ୟାସରୁ ବଡ଼ ଗ୍ରହାଣୁ ସଂଖ୍ୟା ଦଶ ଲକ୍ଷରୁ ଅଧିକ ହେବ।



ଗ୍ରହାଣୁଗୁଡ଼ିକ ବର୍ତ୍ତମାନ ବୈଜ୍ଞାନିକମାନଙ୍କର ଦୃଷ୍ଟି ଆକର୍ଷଣ କରିବାର ଏକ ମୁଖ୍ୟ କାରଣ ହେଉଛି ଏଥିରେ ଥିବା ଖଣିଜ ସମ୍ପଦ। ବର୍ଣ୍ଣାଳି ଅଭିଲକ୍ଷଣରୁ ଗ୍ରହାଣୁଗୁଡ଼ିକୁ ତିନୋଟି ଶ୍ରେଣୀରେ ବର୍ଗୀକରଣ କରାଯାଇଛି। ଅଧିକ କାର୍ବନ ଥିବା ଗ୍ରହାଣୁକୁ 'ସି' (କାର୍ବନ), ଅଧିକ ଧାତୁ ଥିବା ଗ୍ରହାଣୁକୁ 'ଏମ୍' (ମେଟାଲ୍) ଏବଂ ଅଧିକ ଧାତୁ ଥିବା ଗ୍ରହାଣୁକୁ 'ଏସ୍' (ସିଲକା) କୁହାଯାଏ। ଗ୍ରହାଣୁଗୁଡ଼ିକରୁ ଆସି ପୃଥିବୀରେ ପଡ଼ିଥିବା କେତେକ ଉଲ୍କାପିଣ୍ଡକୁ ପରୀକ୍ଷା କରି ବୈଜ୍ଞାନିକମାନେ ସେଥିରେ କେତେକ ମୂଲ୍ୟବାନ ଖଣିଜ ପଦାର୍ଥ ଥିବାର ଜାଣି ପାରିଛନ୍ତି। ପୁନଶ୍ଚ ବୈଜ୍ଞାନିକମାନେ ଟେଲିସ୍କୋପିକ୍ ସ୍ପେକ୍ଟ୍ରୋସ୍କୋପି ବା ଦୂରବୀକ୍ଷଣୀୟ ବର୍ଣ୍ଣାଳୀ ବିଜ୍ଞାନ ପଦ୍ଧତି ସାହାଯ୍ୟରେ ଗ୍ରହାଣୁପୃଷ୍ଠରୁ ପ୍ରତିଫଳିତ ଆଲୋକର ବିଶ୍ଳେଷଣ କରି ସେଠାରେ ଥିବା ଧାତବ ଉପାଦାନଗୁଡ଼ିକୁ ଚିହ୍ନଟ କରିଛନ୍ତି। ଖଣିଜ ମଧ୍ୟରେ ଲୌହ, ନିକେଲ, ମ୍ୟାଗ୍ନେସିୟମ ଏବଂ ଏପରିକି ସୁନା ଓ ପ୍ଲାଟିନମ୍ ଭଳି ଅତ୍ୟନ୍ତ ମୂଲ୍ୟବାନ ଧାତୁ ଅନ୍ତର୍ଗତ।

ଭବିଷ୍ୟତରେ ଅନେକ ଗଭୀର ମହାକାଶ ଅଭିଯାନ ଯୋଜନା କରାଯାଇଛି। ମହାକାଶଚାରୀମାନେ ମଙ୍ଗଳ ଓ କେତୋଟି ଉପଗ୍ରହରେ ଅବତରଣ କରିବା ପାଇଁ ଯୋଜନା କରିଛନ୍ତି। ଏହିସବୁ ଅଭିଯାନ ପାଇଁ ପୃଥିବୀପୃଷ୍ଠରୁ ବିଭିନ୍ନ ବସ୍ତୁ ଉତ୍ତୋଳନ କରିବାରେ ଅନେକ ଜଟିଳତା ଅଛି। ଏଣୁ ଗ୍ରହାଣୁରୁ ଖଣିଜ ଉତ୍ତୋଳନ କରି ତାକୁ ମହାକାଶ ଅଭିଯାନରେ ବ୍ୟବହାର କରିବା ପାଇଁ ବୈଜ୍ଞାନିକମାନେ ଚିନ୍ତା କରିଛନ୍ତି। ପୁନଶ୍ଚ ସୁନା ଓ ପ୍ଲାଟିନମ୍ ଧାତୁକୁ ପୃଥିବୀକୁ ଆଣିବା ଅର୍ଥନୈତିକ ଦୃଷ୍ଟିରୁ ଲାଭଜନକ ହେବ।

ଗ୍ରହାଣୁରୁ ଖଣିଜ ଉତ୍ତୋଳନ କରିବା ପାଇଁ ମହାକାଶ ବିଜ୍ଞାନ କେତେଗୁଡ଼ିଏ ପ୍ରଯୁକ୍ତି ବିଦ୍ୟାକୁ ପ୍ରମାଣ କରିସାରିଛି। ଅନେକ ଅଭିଯାନରେ କେତୋଟି ଗ୍ରହାଣୁରେ ମହାକାଶଯାନ ଅବତରଣ କରିଛି। ଆମେରିକାର ମହାକାଶ ସଂସ୍ଥା 'ନାସା' ପଠାଇଥିବା ନିୟର-ସୁମେକେର ଯାନ ଇରୋସ ଗ୍ରହାଣୁ କକ୍ଷରେ ପରିକ୍ରମଣ କରିବା ପରେ ୨୦୦୧ ମସିହାରେ ଏହା ପୃଷ୍ଠରେ ଅବତରଣ କରିଥିଲା। ଜାପାନର ହୟାବୁସା ଯାନ ୨୦୦୫ ମସିହାରେ ଇତୋକାଓ୍ୱା ନାମକ ଗ୍ରହାଣୁରେ ଅବତରଣ କରି ସେଥିରୁ ନମୁନା ସଂଗ୍ରହ କରିଥିଲା ଏବଂ ୨୦୧୦ ମସିହାରେ ଏହାକୁ ନେଇ ପୃଥିବୀକୁ ପ୍ରତ୍ୟାବର୍ତ୍ତନ କରିଥିଲା। ୟୁରୋପୀୟ ମହାକାଶ ସଂସ୍ଥାର ଫିଲେ ଯାନ ୨୦୧୪ ମସିହାରେ ଚୁରୁୟୁମୋଭ-ଗେରାସିମେଙ୍କୋ ଧୂମକେତୁରେ ଅବତରଣ କରିଥିଲା। ଜାପାନର ହୟାବୁସା-୨ଯାନ ରୁୟଗୁ ଗ୍ରହାଣୁ ପୃଷ୍ଠରେ ଦୁଇଟି ପ୍ରୋବ୍ ଅବତରଣ କରାଇଥିଲା ଏବଂ ସେଠାରୁ ନମୁନା ନେଇ ୨୦୨୦ ମସିହାରେ ଫେରିଥିଲା। 'ନାସା'ର ଓସିରିସ୍-ରେକ୍ସ ଯାନ ୨୦୨୦ ମସିହାରେ ବେନୁ ଗ୍ରହାଣୁରେ ଅବତରଣ କରି ସେଠାରୁ ୨୦୨୩ ମସିହାରେ ପୃଥିବୀକୁ ନମୁନା ଆଣିଥିଲା ଏବଂ ଏହାପରେ ଏହା ଅନ୍ୟ ଏକ ଗ୍ରହାଣୁ ଆପୋଫିସ୍ ଅଭିମୁଖେ ବର୍ତ୍ତମାନ ଗତି କରୁଛି। ଚାଇନାର ତିଆନଓ୍ୱେନ୍ -୨ ଯାନକୁ କାମୁଏଲେଓ୍ୱା ଗ୍ରହାଣୁ ଅଭିମୁଖେ ୨୦୨୫ ମସିହା ମେ' ମାସରେ ଉତ୍କ୍ଷେପଣ କରାଯାଇଛି। ଏହା ୨୦୨୭ ମସିହାରେ ସେଠାରୁ ନମୁନା ନେଇ ଫେରିବ। ପୃଥିବୀପୃଷ୍ଠରେ ନମୁନାକୁ ପକାଇ ଏହା ପୁନଶ୍ଚ ଧୂମକେତୁ ପାନ୍ଷ୍ଟାର୍ସ ଅଭିମୁଖେ ଗତି କରିବ।

'ନାସା'ର ଡାର୍ଟ ଅଭିଯାନରେ ୨୦୨୨ ମସିହାରେ ଏକ ଯାନକୁ ଉଦ୍ଦେଶ୍ୟମୂଳକ ଭାବରେ ଡିମୋର୍ଫୋସ୍ ଗ୍ରହାଣୁ ସହିତ ସଂଘର୍ଷ କରାଯାଇଥିଲା। ପୃଥିବୀ ସହିତ ଗୋଟିଏ ଗ୍ରହାଣୁ ସଂଘର୍ଷ କରିବାକୁ ଆସିଲେ ତାକୁ କିପରି ପଥଚ୍ୟୁତ କରାଯାଇପାରିବ, ତାହାର ଏକ ପରୀକ୍ଷା ଡାର୍ଟ ଅଭିଯାନ ଥିଲା। ଖଣିଜ ସମ୍ପଦ ଉତ୍ତୋଳନର ଅନ୍ୟ ଏକ ପ୍ରୟୋଗ ହେଉଛି ପୃଥିବୀକୁ ସୁରକ୍ଷା ଦେବା ପାଇଁ ପ୍ରଯୁକ୍ତିବିଦ୍ୟାର ବିକାଶ କରିବା। ଏହାଫଳରେ ପୃଥିବୀ ଆଡକୁ ଆସୁଥିବା ଗ୍ରହାଣୁକୁ ଧରି ତାକୁ ଚନ୍ଦ୍ର କକ୍ଷରେ ଅବସ୍ଥାପନ କରି ଅଧ୍ୟୟନ କରିହେବ।

ନିକଟରେ ସ୍ପେନର ବାର୍ସିଲୋନା ବିଶ୍ୱବିଦ୍ୟାଳୟର ଏକ ଗବେଷଣା ଦଳ କେତୋଟି ଉଲ୍କାପିଣ୍ଡରୁ କାର୍ବୋନିୟସ୍ କୋଣ୍ଡ୍ରାଇଟ୍ସ ନମୁନା ଆବିଷ୍କାର କରି ଅଧ୍ୟୟନରୁ ଜାଣିପାରିଛନ୍ତି ଯେ, ଏଗୁଡିକ 'ସି' ପ୍ରକାର ଗ୍ରହାଣୁରୁ ଆସିଛି। ଏଥିରୁ ସେମାନେ ଅନୁମାନ କରିଛନ୍ତି ଯେ, ଏହି ପ୍ରକାର ଗ୍ରହାଣୁରେ ବିଭିନ୍ନ ପ୍ରକାର ଖଣିଜ ସମ୍ପଦ ଅଛି। ସେମାନେ ସେମାନଙ୍କର ନିଷ୍କର୍ଷକୁ ରୟାଲ ଆଷ୍ଟ୍ରୋନୋମିକାଲ ସୋସାଇଟିର ପତ୍ରିକାରେ ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ ଯେ ପ୍ରାୟ ୭୫ ପ୍ରତିଶତ ଗ୍ରହାଣୁ ହେଉଛି 'ସି' ଶ୍ରେଣୀର।

ଖଣିଜ ସମ୍ପଦ ସନ୍ଧାନ ଓ ଉତ୍ତୋଳନ ପାଇଁ ଉପଯୁକ୍ତ ଗ୍ରହାଣୁ ଚୟନ ହେଉଛି ଜରୁରୀ। କାରଣ ପ୍ରତ୍ୟେକ ଗ୍ରହାଣୁରେ ଆମର ବାଞ୍ଛିତ ଖଣିଜ ନାହିଁ। ଏଥିପାଇଁ ଯାନ ସାହାଯ୍ୟରେ ପ୍ରଥମେ ସେଠାରୁ ନମୁନା ଆଣି ପରୀକ୍ଷା କରାଯିବା ସହିତ ଦୂରବୀକ୍ଷଣୀୟ ବର୍ଣ୍ଣାଳୀ ପଦ୍ଧତି ବ୍ୟବହାର କରି ରାସାୟନିକ ବିଶ୍ଳେଷଣ କରାଯିବା ଆବଶ୍ୟକ। ପୁନଶ୍ଚ ଗ୍ରହାଣରୁ ଖଣିଜ ଉତ୍ତୋଳନ କରିବା ଓ ସଂଗ୍ରହ କରି ଆଣିବାର କାରିଗରି ବିଦ୍ୟାର ବିକାଶ ଜରୁରୀ। ଖଣିଜ ପଦାର୍ଥର ପ୍ରକ୍ରିୟାକରଣ ମଧ୍ୟ ଏକ ମୁଖ୍ୟ ବିଷୟ। ଗ୍ରହାଣୁ ପୃଷ୍ଠରେ ସେଥିରୁ ଧାତୁକୁ ନିଷ୍କାସନ କରି କେବଳ ଧାତୁକୁ ଆଣିବା ଏବଂ ଅବଶେଷକୁ ସେଠାରେ ଛାଡିଦେଇ ଆସିବା ସୁବିଧାଜନକ ହେବ। ଗ୍ରହାଣୁରୁ ଖଣିଜ ସମ୍ପଦ ଆଣିବାରେ ମହାକାଶ ଅଭିଯାନର ଖର୍ଚ୍ଚ ବହୁଳତା, ଖଣିଜ ସମ୍ପଦ ଥିବା ଗ୍ରହାଣୁର ଠିକ୍ ଚୟନ ଏବଂ ମହାକାଶୀୟ ପରିବେଶରେ ଖଣିଜ ଉତ୍ତୋଳନ ଆଦି ଅନେକ ଆହ୍ୱାନମୂଳକ ସମସ୍ୟା ରହିଛି।

ଗ୍ରହାଣୁରୁ ଖଣିଜ ଉତ୍ତୋଳନ ଯୋଜନା ବର୍ତ୍ତମାନ ପ୍ରାରମ୍ଭିକ ସ୍ତରରେ ଅଛି। ଯଦିଓ ଅନେକ ବର୍ଷ ପୂର୍ବରୁ ଏହା ଚିନ୍ତା କରାଯାଇଛି ଏବଂ କେତୋଟି ମହାକାଶ ଅଭିଯାନରେ ଏସବୁ ସଂଶ୍ଲିଷ୍ଟ କରାଯାଇଛି, ଏହାକୁ ସଫଳ ଭାବେ କାର୍ଯ୍ୟକାରୀ କରିବା ପାଇଁ ଆହୁରି ଅନେକ ବର୍ଷ ଲାଗିଯାଇପାରେ।

-ସମ୍ପାଦକ, ସାଇନ୍ସ ହୋରିଜନ୍
୭୦, ଲକ୍ଷ୍ମୀବିହାର, ଫେଜ୍-୧, ଭୁବନେଶ୍ୱର
ମୋ : ୯୪୩୮୬୯୩୭୨୪

## ଜାଣିରଖନ୍ତୁ

ଶରୀରକୁ ସୁସ୍ଥ ରଖିବାକୁ କେତୋଟି ବିଷୟ ପ୍ରତି ସ୍ୱତନ୍ତ୍ର ଭାବରେ ନଜର ଦେବାକୁ ପଡିଥାଏ। ପ୍ରଥମ ହେଲା, ଖାଦ୍ୟପେୟ। ସବୁବେଳେ ସୁଷମ ତଥା ଭିଟାମିନ୍‌ଯୁକ୍ତ ଖାଦ୍ୟ ଖାଆନ୍ତୁ। ଆବଶ୍ୟକତାଠାରୁ ଅଧିକ ଖାଦ୍ୟ ଖାଇଲେ ତାହା ପାଚନ କ୍ରିୟାକୁ ପ୍ରଭାବିତ କରିଥାଏ। ଆଉ ଏକ କଥା ହେଲା ଏକ ନିୟନ୍ତ୍ରିତ ଜୀବନଶୈଳୀ। ନିଜର ଖାଦ୍ୟପେୟ ବ୍ୟତୀତ ବିଶ୍ରାମ ପ୍ରତି ଦୃଷ୍ଟି ଦିଅନ୍ତୁ। ରାତିରେ ଅତିକମ୍‌ରେ ୭-୮ଘଣ୍ଟା ଶୁଅନ୍ତୁ। ଏହାଦ୍ୱାରା ଦିନତମାମ ବ୍ୟସ୍ତ ଥିବା ମସ୍ତିଷ୍କ ଏବଂ ଶରୀର ବିଶ୍ରାମ ପାଇଥାଏ। ଆଉ ଏକ କଥା ହେଲା ବ୍ୟାୟାମ ଏବଂ ଯୋଗ। ଯୋଗ କରିବା ଦ୍ୱାରା ଆମ ଶରୀରର ଅଙ୍ଗପ୍ରତ୍ୟଙ୍ଗଗୁଡ଼ିକ ମଜଭୁତ ହୋଇଥାଏ। ଶରୀରରେ ରକ୍ତ ସଂଚାଳନ ମଧ୍ୟ ଠିକ୍ ଭାବେ ହୁଏ, ଯାହା ଆମ ଅଭ୍ୟନ୍ତରୀଣ ଅଙ୍ଗଗୁଡ଼ିକୁ ଶକ୍ତ କରିଥାଏ। ରକ୍ତ ଚାପକୁ ବି ଏହା ସନ୍ତୁଳିତ ଅବସ୍ଥାରେ ରଖେ। ଅନେକ ସମୟରେ ଅଧିକାଂଶ ଲୋକ ଚାପରେ ରହିବା ଯୋଗୁ ଠିକ୍ ଭାବେ ଶୋଇ ପାରନ୍ତି ନାହିଁ। ସେଥିପାଇଁ ସେମାନେ ନିଦ୍ରାହୀନତାର ଶିକାର ହୁଅନ୍ତି। ତେଣୁ ସୁନିଦ୍ରା ପାଇଁ ଯୋଗକୁ ନିଜର ଦୈନନ୍ଦିନ ଜୀବନ ତାଲିକାରେ ସାମିଲ କରନ୍ତୁ।



## କିଡ୍‌ନୀ ଡାୟାଲିସିସ୍

କିଡ୍‌ନୀ ଡାୟାଲିସିସ୍ ହେଉଛି ରାସାୟନିକ ଉପାଦାନଗୁଡ଼ିକର ଏକ ପୃଥକୀକରଣ ପଦ୍ଧତି। କିଡ୍‌ନୀ ଦ୍ୱୟ କାମ କରିବା ପାଇଁ ଅକ୍ଷମ ହୋଇପଡ଼ିଲେ ଡାୟାଲିସିସ୍ ପଦ୍ଧତିଟି କିଡ୍‌ନୀ ଭଳି ରକ୍ତ ଛାଣିବା କାମ ତୁଲେଇଥାଏ। ଡାୟାଲିସିସ୍‌ରେ ବ୍ୟବହୃତ ହୋଇଥାଏ ସେମିଘର୍‌ମିଏବଲ୍ ପରଦା। ପରଦାଟିରେ ଥିବା ବିଭିନ୍ନ ଆକାର ବିଶିଷ୍ଟ ସୂକ୍ଷ୍ମ ଛିଦ୍ରମାନ ଦେଇ ରକ୍ତରେ ଜମି ଥିବା କ୍ଷତିକାରୀ ବର୍ଜ୍ୟ ଉପାଦାନମାନ ରକ୍ତ ଭିତରୁ ପରଦାର ଅନ୍ୟପଟେ ରହିଥିବା ଡାୟାଲିସିସ୍ ଦ୍ରବଣ ବା ଡାୟାଲାଇସେଟ୍ ଭିତରକୁ ସ୍ଥାନାନ୍ତରିତ ହୋଇଯାଏ ଏବଂ ରକ୍ତରେ ସେହି ସବୁ ବର୍ଜ୍ୟର ପରିମାଣ ହ୍ରାସ ପାଇଥାଏ ।ଆକ୍ୟୁଟ୍‌ରେନାଲ୍‌ଫେଲ୍ୟୁଓର୍‌ରେ ରୋଗୀ ଓ ଟ୍ରାନ୍ସପ୍ଲାଣ୍ଟେସନ୍ ପାଇଁ ଅପେକ୍ଷା କରିଥିବା କ୍ରନିକ୍ ରେନାଲ୍ ଫେଲ୍ୟୁଓର୍ ରୋଗୀ ଓ ଟ୍ରାନ୍ସପ୍ଲାଣ୍ଟେସନ୍ ସମ୍ଭବ ହୋଇପାରୁ ନଥିବା ରୋଗୀମାନଙ୍କ ପାଇଁ ଡାୟାଲିସିସ୍ ହିଁ ଏକମାତ୍ର ସନ୍ତୋଷଜନକ ପନ୍ଥା।



## ମାନସିକ ରୋଗ: କିଛି କଥା



ପ୍ରାରମ୍ଭିକ ଅବସ୍ଥାରେ ଲୋକେ ମାନସିକ ରୋଗଗୁଡ଼ିକର ଲକ୍ଷଣକୁ ଚିହ୍ନିବାରେ ସାଧାରଣତଃ ବିଳମ୍ବ କରିଥାଆନ୍ତି। କେତେଜଣ ଲୋକ ମାନସିକ ସମସ୍ୟାଗୁଡ଼ିକୁ କୌଣସି ରୋଗର ଲକ୍ଷଣ ବୋଲି ନ ମାନି, ଆମ ସମାଜରେ ପ୍ରଚଳିତ ଅନ୍ଧବିଶ୍ୱାସ ଯୋଗୁ ରୋଗୀକୁ ଗୁଣିଆ ପାଖକୁ ନେଇ ଅଯଥା ସମୟ ନଷ୍ଟ କରିଥାଆନ୍ତି। ଏହାଦ୍ୱାରା ରୋଗର ପ୍ରକୋପ ବଢ଼େ ଓ ଡେରିରେ ଚିକିତ୍ସା ଆରମ୍ଭକଲେ ବେଶି ଦିନ ଔଷଧ ସେବନ କରିବାକୁ ପଡ଼ିଥାଏ କିମ୍ବା ରୋଗ ସମ୍ପୂର୍ଣ୍ଣ ଭାବେ ଠିକ୍ ହେବା ସମ୍ଭାବନା କମି ଯାଇଥାଏ। ବିଭିନ୍ନ ମାନସିକ ସମସ୍ୟାର ଚିକିତ୍ସା ନିମନ୍ତେ ଉଦ୍ଦିଷ୍ଟ ଔଷଧର ଏକ ନିର୍ଦ୍ଦିଷ୍ଟ କୋର୍ସ ରହିଥାଏ, ଯାହା କି ସାଧାରଣତଃ ରୋଗର ତୀବ୍ରତା ଉପରେ ନିର୍ଭର କରିଥାଏ। ଏହି କୋର୍ସ ଅନୁସାରେ ଔଷଧ ଖାଇଲେ ଆଉ ରୋଗର ଲକ୍ଷଣ ଦେଖାଯାଇ ନ ଥାଏ। ରୋଗର ତୀବ୍ରତା କମିଲେ ଔଷଧଗୁଡ଼ିକର ମାତ୍ରା ମଧ୍ୟ ଧୀରେ ଧୀରେ କମାଇ ଦିଆଯାଏ। ମାନସିକ ରୋଗ ବିଶେଷଜ୍ଞଙ୍କ ବିନା ପରାମର୍ଶରେ ଔଷଧ ବନ୍ଦ କରିଦେଲେ ରୋଗ ପୁନର୍ବାର ଦେଖାଯିବା ଆଶଙ୍କା ରହିଛି। ବର୍ତ୍ତମାନର ଆଧୁନିକ ଚିକିତ୍ସା ଯୁଗରେ ମାନସିକ ରୋଗଗୁଡ଼ିକର ଚିକିତ୍ସା ପାଇଁ ବ୍ୟବହାର କରାଯାଉଥିବା ଔଷଧଗୁଡ଼ିକ ସମ୍ପୂର୍ଣ୍ଣ ରୂପେ ସୁରକ୍ଷିତ ଓ ଏଗୁଡ଼ିକର କୌଣସି ବଡ଼ ପାର୍ଶ୍ୱ ପ୍ରତିକ୍ରିୟା ନାହିଁ। ଆମ ସମାଜରେ ଲୋକମାନଙ୍କ ମଧ୍ୟରେ ଧାରଣା ଅଛି ଯେ ବିବାହ ଦ୍ୱାରା ବିଭିନ୍ନ ମାନସିକ ରୋଗ ଠିକ୍ ହୋଇଯାଏ। ମାତ୍ର ଏହି ଧାରଣା ସମ୍ପୂର୍ଣ୍ଣ ଭୁଲ୍। ବିବାହ ପୂର୍ବରୁ ରୋଗର ଅବସ୍ଥା ତଥା ଔଷଧ ପ୍ରକ୍ରିୟା ସମ୍ପର୍କରେ ରୋଗୀ ଓ ତା'ର ଜୀବନସାଥୀ ଡାକ୍ତରଙ୍କଠାରୁ ପରାମର୍ଶ ନେବା ଉଚିତ।

## ସ୍ୱାସ୍ଥ୍ୟ ସୂଚନା

➤ନିଜକୁ ଯେତେ ସମ୍ଭବ ନିଶାଦ୍ରବ୍ୟ ସେବନଠାରୁ ଦୂରେଇ ରଖନ୍ତୁ। ଏହା ମନକୁ ସାମୟିକ ଆନନ୍ଦ ଦେଇପାରେ, ହେଲେ ପରୋକ୍ଷରେ କେତେକ ମାରାତ୍ମକ ରୋଗକୁ ଡାକିଆଣିଥାଏ।

➤ଅଧିକ ଲୁଣ କିମ୍ବା ଚର୍ବିଜାତୀୟ ଖାଦ୍ୟ ଯେତେ କମ୍ ଖାଇବେ ତାହା ସେତେ ଭଲ।

➤ନିୟମିତ ଅଙ୍ଗୁର ଖାଇଲେ ତାହା ଦୃଷ୍ଟିଶକ୍ତିକୁ ଆହୁରି ପ୍ରଖର କରାଇଥାଏ। ତା'ସହ ସ୍ମରଣ ଶକ୍ତି ବୃଦ୍ଧି କରିବାରେ ମଧ୍ୟ ସାହାଯ୍ୟ କରିଥାଏ।

➤ପ୍ରତିଦିନ ରାତିରେ କ୍ଷୀର ପିଅନ୍ତୁ। ଏଥିରେ ଥିବା ଉପକାରୀ ତତ୍ତ୍ୱ ଦାନ୍ତ ଏବଂ ଅସ୍ଥିକୁ ମଜଭୁତ ରଖିଥାଏ।

➤କୌଣସି ସ୍ୱାସ୍ଥ୍ୟଜନିତ ସମସ୍ୟାର ଲକ୍ଷଣ ବିଷୟରେ ଅବଗତ ହେଲେ ବିଳମ୍ବ ନ କରି ଚିକିତ୍ସା କରାଇ ନିଅନ୍ତୁ।

➤ଖାଇବା ପରେ ଥଣ୍ଡାଜାତୀୟ ପାନୀୟ ପିଅନ୍ତୁ ନାହିଁ। କାରଣ ଏହାଦ୍ୱାରା ପାଚନ କ୍ରିୟା ପ୍ରଭାବିତ ହୋଇଥାଏ।

➤ଯଦି କୌଣସି ରୋଗରେ ଆପଣ ପୀଡ଼ିତ, ତେବେ ମନଇଚ୍ଛା ଔଷଧ ଖାଆନ୍ତୁ ନାହିଁ। ଅଭିଜ୍ଞ ଡାକ୍ତରଙ୍କ ସହ ଦେଖା କରନ୍ତୁ ଏବଂ ରୋଗ ବିଷୟରେ ଆଲୋଚନା କରି ତାଙ୍କ ପରାମର୍ଶକ୍ରମେ ମେଡ଼ିସିନ୍ ଖାଆନ୍ତୁ।



## ଉପକାରୀ ମିଶ୍ରି




ମିଶ୍ରିରେ ଅନେକ ପ୍ରକାର ସ୍ୱାସ୍ଥ୍ୟୋପକାରୀ ଗୁଣ ଭରି ରହିଛି। ଏଥିରେ ବିଭିନ୍ନ ପ୍ରକାର ଭିଟାମିନ୍ ଏବଂ ଆମିନୋ ଏସିଡ ରହିଛି। ଯଦି ଆପଣଙ୍କର ଲଗାତର କାଶ ହେଉଛି କିମ୍ବା ତଣ୍ଟି ଦରଜ ହେଉଛି ତେବେ ତେଜପତ୍ର ଏବଂ ଅଦା ମିଶ୍ରିତ ପାଣିରେ କିଛି ମିଶ୍ରି ପକାଇ ତାହାକୁ ଫୁଟାଇ ପିଅନ୍ତୁ। ଆମ ଶରୀରରେ ହିମୋଗ୍ଲୋବିନ ସ୍ତର ସନ୍ତୁଳିତ ରହିବା ନିହାତି ଜରୁରୀ। ନିୟମିତ ମିଶ୍ରି ଖାଇଲେ ଏହି ସ୍ତର କତେକାଂଶରେ ଠିକ୍ ରହିଥାଏ। ମିଶ୍ରିର ଆଉ ଏକ ଉପକାରୀ ଗୁଣ ରହିଛି। ଏହା ହଜମ ପ୍ରକ୍ରିୟାକୁ ଆହୁରି ଦୃଢ଼ କରିଥାଏ। ଏହା ସହିତ କିଛି ପାନମଧୁରୀ ମିଶାଇ ଖାଇପାରନ୍ତି। ଆପଣଙ୍କର ଲୋ ବ୍ଲଡପ୍ରେସର ସମସ୍ୟା ଅଛି କି ? ଯଦି ହଁ, ତେବେ ନିୟମିତ ମିଶ୍ରି ଖାଇଲେ ତାହା ଏହାକୁ ନିୟନ୍ତ୍ରଣରେ ରଖିଥାଏ। ଚାପର ବଶବର୍ତ୍ତୀ ହୋଇଥିଲେ କିମ୍ବା ଥକା ଲାଗୁଥିଲେ ଏଥିରୁ ମୁକୁଳିବା ପାଇଁ ମିଶ୍ରି କେତେକାଂଶରେ ସାହାଯ୍ୟ କରିଥାଏ। ଏଥିଲାଗି ଶୋଇବା ପୂର୍ବରୁ ଉଷୁମ କ୍ଷୀରରେ ମିଶ୍ରି ମିଶାଇ ତାହାକୁ ପିଅନ୍ତୁ। ଏହା ମଧ୍ୟ ସ୍ମରଣ ଶକ୍ତିକୁ ବୃଦ୍ଧି କରିବାରେ ସହାୟକ ହୋଇଥାଏ। ଆଉ ଏକ ଖାସ୍ କଥା ହେଲା ନିୟମିତ ମିଶ୍ରି ଖାଇବା ଦ୍ୱାରା ଦୃଷ୍ଟିଶକ୍ତିଜନିତ ସମସ୍ୟା କେତେକାଂଶରେ କମ୍ ରହିଥାଏ।

## ଆଲଜିମର୍ସ ସମସ୍ୟା ଥିଲେ...



ଆଲଜିମର୍ସ ରୋଗ ପ୍ରାୟ ୫୦ ବର୍ଷ ବୟସ ପରେ ପ୍ରକାଶ ପାଇଥାଏ। ଏହି ରୋଗ ହେଲେ ମସ୍ତିଷ୍କର ସ୍ନାୟୁ କୋଷଗୁଡିକରେ ବିଟା-ଆମିଲଏଡ୍ ନାମକ ଏକ ପ୍ରୋଟିନ୍ ଖଣ୍ଡମାନ ଜମିଯାଏ। ଏହି ବିଟା-ଆମିଲଏଡ୍ ଜମିବା ଫଳରେ ସ୍ମୃତିହାନି ଜାତ ହେବା ସ୍ୱାଭାବିକ। ରୋଗୀ ମସ୍ତିଷ୍କରେ ସ୍ନାୟୁକୋଷମାନ ମରିଯାଆନ୍ତି। ସ୍ନାୟୁକୋଷ-ସ୍ନାୟୁକୋଷ ମଧ୍ୟରେ ଥିବା ସଂଯୋଗ ଛିନ୍ନ ହୋଇଯାଏ। ଏହାଫଳରେ ସ୍ନାୟୁକୋଷ ଏବଂ ସ୍ନାୟୁ ସଂଯୋଗ ବାଧାପ୍ରାପ୍ତ ହୋଇଥାଏ। ତେବେ ମସ୍ତିଷ୍କର ସବୁ ଅଞ୍ଚଳରେ ଏଭଳି ପରିବର୍ତ୍ତନ ପରିଲକ୍ଷିତ ନ ହୋଇ କେତେକ ନିର୍ଦ୍ଦିଷ୍ଟ ଅଞ୍ଚଳରେ ସ୍ନାୟୁକୋଷରେ ପରିବର୍ତ୍ତନ ଦେଖାଯାଇଥାଏ। ହେଲେ ସ୍ନାୟୁକୋଷଗୁଡିକରେ ଜାତ ଅସ୍ୱାଭାବିକତାକୁ ପ୍ରଭାବିତ କରିଥାଏ ରୋଗୀର ଜିନ୍, ପରିବେଶ ଓ ତାହାର ଜୀବନଶୈଳୀ। ରୋଗୀ ଅନେକ କଥା ସହଜରେ ମନେ ପକେଇ ପାରେନି। ଘର ଛାଡି ବାହାରକୁ ଯାଇଥିଲେ ଫେରିବା ରାସ୍ତାକୁ ଠଉରେଇ ନ ପାରି ଘରକୁ ଫେରିପାରେନି। କଥାବାର୍ତ୍ତା କରିବା ସମୟରେ ଠିକ୍ ଶବ୍ଦ ଠିକ୍ ଜାଗାରେ ମୁଣ୍ଡକୁ ତୁକି ନ ଥାଏ।

## ଥାଲାସିମିଆ ରୋଗର ଚିକିତ୍ସା



ଥାଲାସିମିଆ ମେଜର ବା ବିଟା ଥାଲାସିମିଆ ରୋଗୀଙ୍କୁ ବାରମ୍ବାର ରକ୍ତ ଦେବାକୁ ପଡେ। ବାରମ୍ବାର ରକ୍ତ ନେବା ଫଳରେ ରୋଗୀଙ୍କ ରକ୍ତରେ ଲୌହର ପରିମାଣ ବଢ଼ିଯାଇ ତାହା ଯକୃତ, ହୃତ୍‌ପିଣ୍ଡ, ଅଗ୍ନ୍ୟାଶୟ ଇତ୍ୟାଦି ଅଙ୍ଗରେ ଜମିଯାଏ। ଫଳରେ ହୃଦ୍‌ରୋଗ ଓ ଡାଇବେଟିସ୍ ଇତ୍ୟାଦି ଆଶଙ୍କା ଅଧିକ ଥାଏ। ପ୍ଲୀହାର ଆକାର ବେଶି ବଢ଼ିଗଲେ ଓ ବାରମ୍ବାର ରକ୍ତ ନେବା ଦରକାର ପଡୁଥିଲେ ରୋଗୀର ପ୍ଲୀହାଟିକୁ କାଟି ବାହାର କରିଦିଆଯାଇଥାଏ। ଏହାବ୍ୟତୀତ ଅସ୍ଥିମଜ୍ଜା ପ୍ରତିରୋପଣ ବା ଷ୍ଟେମ୍ ସେଲ୍ ପ୍ରତିରୋପଣ ମଧ୍ୟ କରାଯାଇଥାଏ। ଥାଲାସିମିଆ ଏକ ବଂଶଗତ ରୋଗ ହୋଇଥିଲେ ମଧ୍ୟ ଏହାର ନିବାରଣ ସମ୍ଭବ। ସ୍ୱାମୀ ଓ ସ୍ତ୍ରୀ ଉଭୟ ଥାଲାସିମିଆ ଟ୍ରିଟ୍ ହୋଇଥିଲେ ଏବଂ ସ୍ତ୍ରୀ ଗର୍ଭବତୀ ହେଲେ ଗର୍ଭ ହେବାର ଅଢ଼େଇରୁ ତିନି ମାସ ଭିତରେ ଗର୍ଭସ୍ଥ ଭ୍ରୁଣଠାରୁ ରକ୍ତ ସଂଗ୍ରହ କରି କିମ୍ବା ଗର୍ଭାଶୟରୁ ସଂଗୃହୀତ ଜଳରୁ ଜୀବକୋଷ ସଂଗ୍ରହ କରି ତାହାର ଜିନ୍ ପରୀକ୍ଷା କରାଯାଇଥାଏ। ଥାଲାସିମିଆ ରୋଗୀଙ୍କ ଚିକିତ୍ସା ପାଇଁ ବିଭିନ୍ନ ରକ୍ତ ଭଣ୍ଡାରରେ ସ୍ୱତନ୍ତ୍ର ବ୍ୟବସ୍ଥାମାନ ଉପଲବ୍ଧ। ତେବେ ଥାଲାସିମିଆ ରୋଗଟି ସମ୍ବନ୍ଧରେ ଜନସଚେତନା ବୃଦ୍ଧିର ଆବଶ୍ୟକତା ରହିଛି।

## ସୁସ୍ଥ ହୃତ୍‌ପିଣ୍ଡ ଓ ରକ୍ତଚାପ



ମନୁଷ୍ୟ ଶରୀରରେ ମସ୍ତିଷ୍କ ପରେ ହୃତ୍‌ପିଣ୍ଡ ବା ହାର୍ଟ ହେଉଛି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ। କହିବାକୁ ଗଲେ ହୃଦ୍‌ଯନ୍ତ୍ର ଦ୍ୱାରା ମସ୍ତିଷ୍କକୁ ରକ୍ତ ସଞ୍ଚାଳନ ନ ହେଲେ କେବଳ ମସ୍ତିଷ୍କକୁ କ'ଣ ଶରୀରର କୌଣସି ଅଙ୍ଗ କାର୍ଯ୍ୟକ୍ଷମ ହୋଇପାରିବ ନାହିଁ। ମାତ୍ର ୩୦୦-୪୦୦ ଗ୍ରାମ୍ ଓଜନ ବିଶିଷ୍ଟ ତିନିଗୋଟି ସ୍ତରର ଗୋଟିଏ ଛୋଟିଆ ରକ୍ତ ସଞ୍ଚାଳନ ପମ୍ପ ହେଉଛି ହୃତ୍‌ପିଣ୍ଡ। ଏହା ଗର୍ଭ ସଞ୍ଚାରଣର ମାତ୍ର ୪-୫ ସପ୍ତାହରୁ ନିରବଚ୍ଛିନ ଭାବେ ମଣିଷ ବଞ୍ଚିଥିବା ଯାଏ କାର୍ଯ୍ୟ କରୁଥାଏ। ପ୍ରକାରାନ୍ତେ ହୃଦ୍‌ଯନ୍ତ୍ର ବନ୍ଦ ହେଲେ ଲୋକଟି ମୃତ୍ୟୁମୁଖରେ ପଡ଼ିଥାଏ। ଏହାଦ୍ୱାରା ଶରୀରର ସମସ୍ତ ଅଙ୍ଗକୁ ରକ୍ତ ସଞ୍ଚାଳନ ହୋଇଥାଏ। ଏହା ଧମନୀରେ ରକ୍ତଚାପ ସୃଷ୍ଟି କରିଥାଏ, ଯାହା ସାଧାରଣତଃ ୧୨୦ ମିମି ପାରଦର ଚାପ ସହ ସମାନ। ସେହିପରି ଡାଇଷ୍ଟୋଲ୍ ସମୟରେ ରକ୍ତଚାପ ସାଧାରଣତଃ ୮୦ ମିମି ପାରଦ ହୋଇଥାଏ। ଏହି ସମୟରେ ପଲସ୍ ପ୍ରେସର (ନାଡି ଚାପ) ଏହି ଦୁଇ ଚାପର ତଫାତ ଅର୍ଥାତ୍ ୪୦ ମିମି ପାରଦ ହୋଇଥାଏ। ରକ୍ତଚାପ ବୃଦ୍ଧି ହେଲେ ଏହା ମଧ୍ୟ ଅସୁବିଧା ହୋଇଥାଏ। ମେଦବହୁଳତା, ଶାରୀରିକ ପରିଶ୍ରମର ଅଭାବ, ଆପେକ୍ଷିକ ଲବଣ, ଧୂମପାନ, ମାନସିକ ଚାପ, ବିଷାଦ ଏହାର ପ୍ରମୁଖ କାରଣ। ଏହାକୁ ନିୟନ୍ତ୍ରଣରେ ରଖିବା ପାଇଁ ନିୟମିତ ଔଷଧ ସେବନ ଓ ଡାକ୍ତରୀ ପରାମର୍ଶର ଆବଶ୍ୟକ ପଡ଼ିଥାଏ।

ଧରିତ୍ରୀ 52 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ସୋମବାର, ଫେବୃଆରୀ ୧୬/୨୦୨୬ Bhubaneswar, Monday, February 16/ 2026


ଭାରତ-ପାକିସ୍ତାନ ଟି୨୦ କ୍ରିକେଟ ବିଶ୍ୱକପ୍ ମ୍ୟାଚ ପୂର୍ବରୁ କଲମ୍ବୋର ଆର. ପ୍ରେମଦାସା ଷ୍ଟାଡିୟମ ବାହାରେ ଉଭୟ ଦଳର ପ୍ରଶଂସକ।

# ଭାରତ-ପାକିସ୍ତାନ ଟି୨୦ରେ ୩ୟ ଦ୍ରୁତତମ ଅର୍ଦ୍ଧଶତକ

**କଲମ୍ବୋ,୧୫।୨**

ପାକିସ୍ତାନ ବିପକ୍ଷ ହାଇଭୋଲ୍ଟେଜ ଟି୨୦ ବିଶ୍ୱକପ୍ ମ୍ୟାଚ୍‌ରେ ଭାରତୀୟ ଓପନର ଇଶାନ କିଶନ ୪୦ ବଲରେ ବିସ୍ଫୋରକ ୭୭ ରନର ପାଳି ଖେଳିଥିଲେ। ତାଙ୍କର ଏହି ପାଳିରେ ୧୦ ଚୌକା ଓ ୩ ଛକା ସାମିଲ ଥିଲା। ସେ ଏହି ଇନିଂସରେ ୨୭ ବଲରେ ଅର୍ଦ୍ଧଶତକ ପୂରଣ କରିଥିଲେ। ଏହା ଭାରତ ଓ ପାକିସ୍ତାନ ମଧ୍ୟରେ ଏପର୍ଯ୍ୟନ୍ତ ଖେଳାଯାଇଥିବା ଅନ୍ତର୍ଜାତୀୟ ଟି୨୦ ମ୍ୟାଚ୍‌ରେ ତୃତୀୟ ଦ୍ରୁତତମ ଅର୍ଦ୍ଧଶତକ। ତେବେ ଭାରତ ଓ ପାକିସ୍ତାନ ମଧ୍ୟରେ ଖେଳାଯାଇଥିବା ଟି୨୦ ମ୍ୟାଚ୍‌ରେ ଦ୍ରୁତତମ ଅର୍ଦ୍ଧଶତକ କରିବାର ରେକର୍ଡ ମହମ୍ମଦ ହାଫିଜଙ୍କ ନାମରେ ରହିଛି। ସେ ୨୦୧୨ରେ ୨୩ ବଲରେ ୫୦ କରିଥିଲେ। ସେହିଭଳି ଗତବର୍ଷ ଅଭିଷେକ ଶର୍ମା ଏସିଆ କପ୍‌ରେ ୨୪ ବଲରେ ୫୦ କରିଥିଲେ, ଯାହାକି ଦ୍ୱିତୀୟ ଦ୍ରୁତତମ ଅର୍ଦ୍ଧଶତକ ଥିଲା। ଏହି ତାଲିକାରେ ପଞ୍ଚମ ସ୍ଥାନରେ ଯୁବରାଜ ସିଂ (୨୯ ବଲ) ରହିଛନ୍ତି। ତେବେ ଭାରତ-ପାକ୍ ଟି୨୦ ମ୍ୟାଚ୍‌ରେ ସବୁଠୁ ବଡ଼ ଇନିଂସ ଖେଳିବାର ରେକର୍ଡ ବିରାଟ କୋହଲି (୨୦୨୨ରେ ୮୨*)ଙ୍କ ନାମରେ ରହିଛି। ଏହି ତାଲିକାରେ ଇଶାନ ଚତୁର୍ଥ ସ୍ଥାନରେ ରହିଛନ୍ତି। ପାକିସ୍ତାନ ବିପକ୍ଷ ୨୦୦୭ ଟି୨୦ ବିଶ୍ୱକପ୍ ଫାଇନାଲରେ ଗୌତମ ଗମ୍ଭୀର ଖେଳିଥିବା ୭୫ ରନର ଇନିଂସ ଯାହାକି ପଞ୍ଚମ ସର୍ବାଧିକ।

### ହାତ ମିଳାଇଲେ ନାହିଁ

ଭାରତ ଓ ପାକିସ୍ତାନ ମଧ୍ୟରେ ରବିବାର ଖେଳାଯାଇଥିବା ହାଇଭୋଲ୍ଟେଜ ଟି୨୦ ବିଶ୍ୱକପ୍ ମ୍ୟାଚ୍‌ରେ ଦୁଇ ଦଳର ଅଧିନାୟକ ପରସ୍ପର ସହ ହାତ ମିଳାଇ ନ ଥିଲେ। ଟସ୍ ପୂର୍ବରୁ ଅଧିନାୟକ ସୂର୍ଯ୍ୟକୁମାର ଯାଦବ ଭାରତୀୟ ଦଳ ମ୍ୟାଚ୍‌ରେ ନୋ ହ୍ୟାଣ୍ଡଶେକ ନୀତି ଜାରି ରଖିବ ବୋଲି ମ୍ୟାଚ୍ ରେଫରିଙ୍କୁ ଜଣାଇଥିଲେ। ଏଥିଯୋଗୁ ଟସ୍ ବେଳେ ସୂର୍ଯ୍ୟକୁମାର ଓ ପାକିସ୍ତାନ ଅଧିନାୟକ ସଲମାନ ଅଲୀ ଆଘା ପରସ୍ପର ସହ ହାତ ମିଳାଇ ନ ଥିଲେ। ଏହି ଧାରା ଗତ ବର୍ଷ ଏସିଆ କପ୍‌ରୁ ଜାରି ରହିଛି। ପହଲଗାମ ଗଣହତ୍ୟା ଓ ଭାରତୀୟ ସେନା ଦ୍ୱାରା କରାଯାଇଥିବା ଅପରେଶନ ସିନ୍ଦୂର ପରେ ଭାରତୀୟ ଦଳର ଖେଳାଳିମାନେ ପ୍ରତିପକ୍ଷ ପାକିସ୍ତାନ ଦଳର ଖେଳାଳିଙ୍କ ସହ ହାତ ମିଳାଇବାକୁ ମନା କରିଥିଲେ।


ପାକିସ୍ତାନ ବିପକ୍ଷ ଟି୨୦ କ୍ରିକେଟ ବିଶ୍ୱକପ୍‌ରେ ରବିବାର ଅନୁଷ୍ଠିତ ମ୍ୟାଚରେ ମୂଲ୍ୟବାନ ଭାଗୀଦାରି ଅବସରରେ ଭାରତର ଇଶାନ କିଶନ ଓ ତିଳକ ବର୍ମା।

## ଭାରତ-ପାକିସ୍ତାନ ସ୍କୋରବୋର୍ଡ

**ଭାରତ ଇନିଂସ**
ଇଶାନ କିଶନ-ବୋ-ସଇମ ଆୟୁବ-୭୭
ଅଭିଷେକ ଶର୍ମା-କ-ଶାହିନ ଆଫ୍ରିଦି-ବୋ ସଲମନ ଆଘା-୦
ତିଳକ ବର୍ମା-ଏଲ୍‌ବିଡବ୍ଲ୍ୟୁ-ସାଇମ ଆୟୁବ-୨୫
ସୂର୍ଯ୍ୟକୁମାର -କ-ସଇମ ଆୟୁବ-ବୋ-ଉସ୍‌ମାନ ତାରିକ୍-୩୨
ହାର୍ଦ୍ଦିକ ପାଣ୍ଡ୍ୟା-କ-ବାବର ଆଜାମ-ବୋ-ସଇମ ଆୟୁବ-୦
ଶିବମ ଦୁବେ-ରନ ଆଉଟ-୨୭
ରିଙ୍କୁ ସିଂ- ନଟ୍ ଆଉଟ୍-୧୧
ଅକ୍ଷର ପଟେଲ-ସଇମ ଆୟୁବ-ବୋ-ଶାହିନ ଆଫ୍ରିଦି-୦
**ଅତିରିକ୍ତ**-୩
**ମୋଟ** : (୨୦ ଓଭର/୭ଉଇକେଟ) ୧୭୫।
**ଉଇକେଟ ପତନ:** ୧/୧, ୨/୮୮, ୩/୧୨୬, ୪/୧୨୬, ୫/୧୫୯, ୬/୧୭୫, ୭/୧୭୫।
**ବୋଲିଂ (ପାକିସ୍ତାନ)**
ସଲମନ ଆଘା ୨-୦-୧୦-୧
ଶାହିନ ଆଫ୍ରିଦୀ ୨-୦-୩୧-୧
ସଇମ ଆୟୁବ ୪-୦-୨୫-୩
ଆବ୍ରାର ଅହମଦ ୩-୦-୩୮-୦
ସଦାବ ଖାନ୍ ୧-୦-୧୭-୦
ମହମ୍ମଦ ନୱାଜ ୪-୦-୨୮-୦
ଉସ୍‌ମାନ ତାରିକ୍ ୪-୦-୨୪-୧।
**ପାକିସ୍ତାନ ଇନିଂସ**
ସାହିବଜାଦା ଫରହାନ-କ-ରିଙ୍କୁ ସିଂ-ବୋ-ହାର୍ଦ୍ଦିକ-୦
ସଇମ ଆୟୁବ-ଏଲବିଡବ୍ଲ୍ୟୁ-ବୁମ୍‌ରା-୬
ସଲମନ ଆଘା-କ-ହାର୍ଦ୍ଦିକ-ବୋ-ଯଶପ୍ରୀତ୍-୪
ବାବର ଆଜାମ-ବୋ-ଅକ୍ଷର ପଟେଲ-୫
ଉସ୍‌ମାନ ଖାନ୍-ଷ୍ଟମ୍ପ-ଇଶାନ କିଶନ-ବୋ-ଅକ୍ଷର-୪୪
ଶଦାବ ଖାନ୍-କ-ଦୁବେ-ବୋ-ତିଳକ ବର୍ମା-୧୪
ମହମଦ ନୱାଜ-କ-ଦୁବେ-ବୋ-କୁଲଦୀପ-୪
ଫହିମ୍ ଅଶ୍ରଫ-କ-ରିଙ୍କୁ-ବୋ-ବରୁଣ-୧୦
ଶାହିନ ଆଫ୍ରିଦି-ନଟଆଉଟ-୨୩
ଆବ୍ରାର ଅହମଦ-ଏଲ୍‌ବିଡବ୍ଲ୍ୟୁ-ବରୁଣ-୦
ଉସ୍‌ମାନ ତାରିକ-ବୋ-ହାର୍ଦ୍ଦିକ-୦।
ଅତିରିକ୍ତ:-୪
ମୋଟ: (୧୮ ଓଭର/ଅଲ୍‌ଆଉଟ) ୧୧୪।
ଉଇକେଟ ପତନ: ୧/୦, ୨/୬, ୩/୧୩, ୪/୩୪, ୫/୭୩, ୬/୭୮, ୭/୭୮, ୮/୯୭, ୯/୯୭, ୧୦/୧୧୪।
**ବୋଲିଂ (ଭାରତ)**
ହାର୍ଦ୍ଦିକ ପାଣ୍ଡ୍ୟା ୩-୧-୧୬-୨
ଯଶପ୍ରୀତ ବୁମ୍‌ରା ୨-୦-୧୭-୨
ଅକ୍ଷର ପଟେଲ ୪-୦-୨୯-୨
ବରୁଣ ଚକ୍ରବର୍ତ୍ତୀ ୩-୦-୧୭-୨
କୁଲଦୀପ ଯାଦବ ୩-୦-୧୪-୧
ତିଳକ ବର୍ମା ୨-୦-୧୧-୧
ରିଙ୍କୁ ସିଂ ୧-୦-୯-୦।

# ୱେଷ୍ଟଇଣ୍ଡିଜ ସୁପର-୮ରେ


ଉଇକେଟ ନେବାପରେ ଉଲ୍ଲସିତ ୱେଷ୍ଟଇଣ୍ଡିଜର ମାଥ୍ୟୁ ଫୋର୍ଡ।

**ମୁମ୍ବାଇ, ୧୫।୨ (ପି.ଟି.)**

ଚଳିତ ଆଇସିସି ଟି୨୦ କ୍ରିକେଟ ବିଶ୍ୱକପ୍‌ରେ ରବିବାର ଖେଳାଯାଇଥିବା ଏକ ଗ୍ରୁପ୍ 'ସି' ମ୍ୟାଚରେ ୱେଷ୍ଟଇଣ୍ଡିଜ ୯ ଉଇକେଟରେ ନେପାଳକୁ ପରାସ୍ତ କରି ପ୍ରଥମ ଦଳ ଭାବେ ପ୍ରତିଯୋଗିତାର ସୁପର-୮ ପର୍ଯ୍ୟାୟକୁ ଉନ୍ନୀତ ହୋଇଛି। ଦଳ ଏପର୍ଯ୍ୟନ୍ତ ଖେଳିଥିବା ଏହାର ସମସ୍ତ ୩ଟି ମ୍ୟାଚରେ ବିଜୟ ଲାଭ କରି ନିଜ ଗ୍ରୁପ୍ ପଏଣ୍ଟ ଟେବୁଲର ଶୀର୍ଷରେ ରହିଛି। ସ୍ଥାନୀୟ ୱାଙ୍ଖେଡେ ଷ୍ଟାଡିୟମରେ ରବିବାର ଖେଳାଯାଇଥିବା ମ୍ୟାଚ୍‌ରେ ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ନେପାଳ ନିର୍ଦ୍ଧାରିତ ୨୦ ଓଭରରେ ୮ ଉଇକେଟ ବିନିମୟରେ ୧୩୩ ରନ କରିଥିଲା। ଦଳର ଟପ୍ ସ୍କୋରର ଦୀପେନ୍ଦ୍ର ସିଂ ଏରି ୫୮ରନ କରି ଅପରାଜିତ ରହିଥିଲେ। ସୋମପାଲ କାମି ୨୬ ରନ କରି ଅପରାଜିତ ରହିଥିଲେ। ଦୁଇ ଖେଳାଳିଙ୍କ ମଧ୍ୟରେ ୫୪ରନର ପାର୍ଟନରଶିପ୍ ହୋଇଥିଲା। ୱେଷ୍ଟଇଣ୍ଡିଜ ତରଫରୁ ସଫଳ ବୋଲର ଜାସନ ହୋଲ୍ଡର ୨୭ ରନ ବିନିମୟରେ ୪ ଉଇକେଟ ଅକ୍ତିଆର କରିଥିଲେ। ୧୩୪ ରନର ବିଜୟ ଲକ୍ଷ୍ୟକୁ ୱେଷ୍ଟଇଣ୍ଡିଜ ୧୫.୨ ଓଭରରେ ଗୋଟିଏ ଉଇକେଟ ବିନିମୟରେ ହାସଲ କରି ନେଇଥିଲା। ଦଳ ପକ୍ଷରୁ ଅଧିନାୟକ ସାଇ ହୋପ୍ ୪୪ ବଲ୍‌ରେ ୫ ଚୌକା ଓ ୩ ଛକା ସହାୟତାରେ ୬୧ ରନ ଏବଂ ଫର୍ମରେ ଥିବା ଶିମରନ ହେଟମେର ୪୬ରନ (୩୨ ବଲ୍; ୪ ଚୌକା, ୨ ଛକା)କରି ଅପରାଜିତ ରହିଥିଲେ। ଜାସନ ହୋଲ୍ଡର ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ।

**ସଂକ୍ଷିପ୍ତ ସ୍କୋର**

ନେପାଳ : ୨୦ ଓଭରରେ ୧୩୩/୮ (ଦୀପେନ୍ଦ୍ର ସିଂ ଏରି-୫୮, ସାମପାଲ କାମି-୨୬*; ଜାସନ ହୋଲ୍ଡର-୪/୨୭)। ୱେଷ୍ଟଇଣ୍ଡିଜ: ୧୫.୨ ଓଭରରେ ୧୩୪/୧ (ସାଇ ହୋପ୍-୬୧*, ଶିମରନ ହେଟ୍‌ମେର୍- ୪୬*; ନନ୍ଦନ ଯାଦବ-୧/୨୪)।

### ଟି୨୦ ବିଶ୍ୱକପ୍

(ଆଜିର ମ୍ୟାଚ୍)

**ଆଫଗାନିସ୍ତାନ ବନାମ ୟୁଏଇ**
ସ୍ଥାନ: ଦିଲ୍ଲୀ
ସମୟ: ପୂର୍ବାହ୍ନ ୧୧ଟା,

**ଇଂଲଣ୍ଡ ବନାମ ଇଟାଲୀ**
ସ୍ଥାନ: କୋଲକାତା
ସମୟ: ଅପରାହ୍ନ ୩ଟା

**ଅଷ୍ଟ୍ରେଲିଆ ବନାମ ଶ୍ରୀଲଙ୍କା**
ସ୍ଥାନ: ପାଲିକେଲ
ସମୟ: ସନ୍ଧ୍ୟା ୭ଟା

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ/ଜିଓ ହଟ୍‌ଷ୍ଟାର

# ଭାରତକୁ ୪-୨ରେ ହରାଇଲା ଆର୍ଜେଣ୍ଟିନା

### ରାଉରକେଲାରେ ଏଫ୍‌ଆଇଏଚ୍ ପ୍ରୋ-ଲିଗ୍ ଶେଷ

**ରାଉରକେଲା, ୧୫।୨ (ଦିନେଶ ମିଶ୍ର)**

ଛେଣ୍ଡସ୍ଥିତ ବିର୍ସାମୁଣ୍ଡା ଆନ୍ତର୍ଜାତୀୟ ହକି ଷ୍ଟାଡିୟମରେ ଚାଲିଥିବା ଏଫ୍‌ଆଇଏଚ୍ ପ୍ରୋ-ଲିଗ୍‌ରେ ରବିବାର ଖେଳାଯାଇଥିବା ଅନ୍ତିମ ମ୍ୟାଚରେ ଆର୍ଜେଣ୍ଟିନା ୪-୨ ଗୋଲରେ ଭାରତକୁ ପରାସ୍ତ କରିଛି। ଏହି ପରାଜୟ ସହ ଭାରତୀୟ ଦଳ ପ୍ରୋ ଲିଗ୍‌ର ଚଳିତ ଚରଣ ବିନା ବିଜୟରେ ଶେଷ କରିଛି। ମ୍ୟାଚରେ ସୁନ୍ଦରଗଡ଼ ଜିଲ୍ଲାପାଳ ଶୁଭଙ୍କର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ରାଉରକେଲା ଇସ୍ପାତ କାରଖାନାର ଭାରପ୍ରାପ୍ତ ନିର୍ଦ୍ଦେଶକ ଆଲୋକ ବର୍ମା, ରାଉରକେଲା ଡିଏଫଓ ଯଶୋବନ୍ତ ସେଠୀ, ହକି ଇଣ୍ଡିଆର ସଭାପତି ଦିଲୀପ ତିର୍କୀ, ବିଜୟ କୁମାର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

ମ୍ୟାଚ ଆରମ୍ଭରୁ ଆର୍ଜେଣ୍ଟିନା ଦଳ ଆକ୍ରମଣାତ୍ମକ ଖେଳ ପ୍ରଦର୍ଶନ କରି ୩ଟି ପେନାଲ୍ଟି କର୍ଣ୍ଣର (ପିସି) ହାସଲ କରିଥିଲା। ହେଲେ ଦଳକୁ ଏଥିରୁ କୌଣସି ଫାଇଦା ମିଳି ନ ଥିଲା। ଫଳରେ ପ୍ରଥମ କ୍ୱାର୍ଟର ବିନା ଗୋଲରେ ଶେଷ ହୋଇଥିଲା। ମାତ୍ର ମ୍ୟାଚର ଦ୍ୱିତୀୟ କ୍ୱାର୍ଟର ୨୧ତମ ମିନିଟ୍‌ରେ ଆର୍ଜେଣ୍ଟିନା ପାଇଁ ଟୋମାସ୍ ଡୋମିନୀ ପ୍ରଥମ ଗୋଲ ଦେଇଥିଲେ। ଏହାର ୬ ମିନିଟ୍ ତଥା ୨୭ତମ ମିନିଟ୍‌ରେ ଟେଡିଓ ମାରସୁସିଙ୍କ ଫିଲ୍ଡ ଗୋଲ ଯୋଗୁ ଆର୍ଜେଣ୍ଟିନା ପ୍ରଥମାର୍ଦ୍ଧ ସୁଦ୍ଧା ୨-୦ ଗୋଲରେ ଆଗରେ ରହିଥିଲା। ତୃତୀୟ କ୍ୱାର୍ଟରରେ ଲୁସିଓ ମେଣ୍ଡେଜ୍ (୪୨ତମ ମିନିଟ୍) ଦଳ ପାଇଁ ତୃତୀୟ ଗୋଲ କରିଥିଲେ। ମ୍ୟାଚର ଶେଷ ତଥା ଚତୁର୍ଥ କ୍ୱାର୍ଟରରେ ୪୯ତମ ମିନିଟ୍‌ରେ ଆର୍ଜେଣ୍ଟିନା ହାସଲ କରିଥିବା ପିସିକୁ ଟାଡେଓ ମାରସୁସି ଗୋଲରେ କନଭର୍ଟ କରିଥିଲେ। ଏହା ତାଙ୍କର ମ୍ୟାଚ୍‌ରେ ଦ୍ୱିତୀୟ ଗୋଲ ଥିଲା। ଏହାର ପରବର୍ତ୍ତୀ ମିନିଟ୍‌ରେ ଅର୍ଜୁନ ଅଦିତ୍ୟ ଲାଲାଗେ ଭାରତ ପାଇଁ ପ୍ରଥମ ଗୋଲ ପରିଶୋଧ କରିଥିଲେ। ୫୯ତମ ମିନିଟ୍‌ରେ ଭାରତକୁ ଏକ ପିସି ମିଳିଥିଲା, ଯାହାକୁ ସଞ୍ଜୟ ଗୋଲରେ ପରିଣତ କରିଥିଲେ। ମ୍ୟାଚରେ ୨ଟି ଗୋଲ ସ୍କୋର ଦେଇଥିବା ଟେଡିଓ ମାରସୁସିଙ୍କୁ ପ୍ଲେୟର ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା। ଏଥିପୂର୍ବରୁ ଗତ ମ୍ୟାଚ୍‌ରେ ଭାରତ ୦-୮ ଗୋଲରେ ଆର୍ଜେଣ୍ଟିନାଠାରୁ ପରାସ୍ତ ହୋଇଥିଲା।


ରାଉରକେଲାର ବିର୍ସା ମୁଣ୍ଡା ଷ୍ଟାଡିୟମରେ ଶନିବାର ଅନୁଷ୍ଠିତ ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ହକି ମ୍ୟାଚରେ ଭାରତ ଓ ଆର୍ଜେଣ୍ଟିନା ମଧ୍ୟରେ ମୁକାବିଲା। ଏହି ମ୍ୟାଚରେ ଆର୍ଜେଣ୍ଟିନା ୪-୨ ଗୋଲରେ ବିଜୟୀ ହୋଇଛି।

## ଆମେରିକା ବିଜୟୀ

**ଚେନ୍ନାଇ,୧୫।୨:** ଚଳିତ ଟି୨୦ ବିଶ୍ୱକପ୍‌ରେ ରବିବାର ଅପରାହ୍ନରେ ଖେଳାଯାଇଥିବା ମ୍ୟାଚ୍‌ରେ ଆମେରିକା ୩୧ ରନରେ ନାମ୍ବିୟାକୁ ପରାସ୍ତ କରିଛି। ଏହା ଆମେରିକାର ଲଗାତର ଦ୍ୱିତୀୟ ବିଜୟ। ପ୍ରଥମେ ବ୍ୟାଟିଂ କରିଥିବା ଆମେରିକା ୨୦ ଓଭରରେ ୪ ଉଇକେଟ ହରାଇ ୧୯୯ ରନ କରିଥିଲା। ସଞ୍ଜୟ କ୍ରିଷ୍ଣମୂର୍ତ୍ତି ୩୩ ବଲରେ ୬୮ (୪ ଚୌକା ଓ ୬ ଛକା) ଓ ଅଧିନାୟକ ମୋନାଙ୍କ ପଟେଲ ୩୦ ବଲରେ ୫୨ (୩ ଲେଖାଏ ଚୌକା ଓ ଛକା) ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ଜବାବରେ ଲୌରେନ ଷ୍ଟିନକାମ୍ପଙ୍କ ୩୯ ବଲରେ ୫୮ (୫ ଚୌକା ଓ ୩ ଛକା) ରନର ପାଳି ସତ୍ତ୍ୱେ ନାମ୍ବିଆ ୨୦ ଓଭରରେ ୬ ଉଇକେଟ ହରାଇ ୧୬୮ ରନ କରିପାରିଥିଲା। ଅନ୍ୟମାନଙ୍କ ମଧ୍ୟରେ ଜେଜେ ସ୍ମିଟ୍ ୩୧ ଓ ଜାନ ନିକୋଲ ଲଫ୍ଟି-ଏଟନ ୨୮ ରନ କରିଥିଲେ।




4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ